ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଡିସେମ୍ବର ୧୫/୨୦୨୧ (୮+୮=୧୬ ପୃଷ୍ଠା) | Berhampur, Wednesday, December 15/2021 | ★★★

୧୭ଶ ଭାଗ ୩୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଗାଭାସ୍କର ସମ୍ମାନିତ ହେବେ**

କିମ୍ବଦନ୍ତୀ କ୍ରିକେଟର ସୁନିଲ ଗାଭାସ୍କରଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ଏସ୍‌ଜେଏଫ୍‌ଆଇ ପଦକରେ ସମ୍ମାନିତ କରାଯିବ।

୦୮

୦୭

**ଆଇଫା-୨୦୨୨ ହୋଷ୍ଟ କରିବେ ସଲମାନ**

ଚଳିତ ବର୍ଷ ୟୁଏଇରେ ହେବାକୁ ଥିବା ଅନ୍ତର୍ଜାତୀୟ ଭାରତୀୟ ଫିଲ୍ମ ଏକାଡେମୀ ଆୱାର୍ଡସ୍(ଆଇଆଇଏଫ୍ଏ)ର ହୋଷ୍ଟ କରିବେ ଅଭିନେତା ସଲମାନ ଖାନ୍।



## ନକାରାତ୍ମକ ସିବିଏସ୍‌ଇ

ନିକଟରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀର ଟର୍ମ -୧ର ଇଂଲିଶ୍ ଭାଷା ପରୀକ୍ଷାରେ ନାରୀ ସ୍ୱାଧୀନତା ବିରୋଧୀ ଏକ ବିଚିତ୍ର ବିଷୟ ପଚରାଯାଇଛି। ସବୁ ଗଣମାଧ୍ୟମରେ କୁହାଯାଇଛି ଯେ, ଏହି ନାରୀ ବିରୋଧୀ ଚିନ୍ତା ପ୍ରଶ୍ନରେ ଆସିଛି। କିନ୍ତୁ ଏହାକୁ ମନଦେଇ ପଢ଼ିଲେ ଅନ୍ୟ ଏକ ମାରାତ୍ମକ ଦିଗ ଜଣାପଡୁଛି। ଏଥିରେ ମୂଳ ଲକ୍ଷ୍ୟ ଭାବେ କୁହାଯାଇଛି ଯେ ପିଲାମାନେ କୌଣସି ଭଲ କାମ କରନ୍ତି ନାହିଁ ଏବଂ ସେମାନଙ୍କୁ ଶାସନ କରିବା ହେଉଛି ଏକ ମାତ୍ର ବାଟ। ଯେଉଁ ମୂଳ ଲେଖା ଉପରେ କେତୋଟି ପ୍ରଶ୍ନ ପଚରାଯାଇଛି, ସେହି ଲେଖାରେ ମହିଳାମାନଙ୍କୁ ଉପଦେଶ ଦିଆଯାଇଛି ଯେ ସ୍ୱାମୀଙ୍କ ଚରଣ ସ୍ପର୍ଶ ହୋଇ ରହିପାରିଲେ ପିଲାଙ୍କୁ ଆୟତ୍ତ କରି ରଖିହେବ। ଏହି ଲେଖାର ବିକୃତ ମନୋଭାବ ଦ୍ୱାରା କେବଳ ମହିଳାମାନଙ୍କୁ ନ୍ୟୂନ କରାଯାଇଛି ତାହା ନୁହେଁ, ଭାରତର ପ୍ରତ୍ୟେକ ପରିବାରରେ ଥିବା ପିଲାଙ୍କୁ କିଭଳି ଭାବେ ଲଗାମ ଲଗାଇ ରଖାଯିବ ତାହାର ବାଟ ଦେଖାଇଦିଆଯାଇଛି। ଏହାର ମୂଳ ଲକ୍ଷ୍ୟ ଭାବେ ଆସନ୍ତାକାଲିର ପିଢ଼ିକୁ ମଧ୍ୟ ଆଦିମ ଯୁଗର ଚିନ୍ତାଧାରାରେ ଗଢ଼ିତୋଳିବାର ଏକ ମାରାତ୍ମକ ପ୍ରଚେଷ୍ଟା କରାଯାଇଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଆଜିର ସମୟରେ ତଥାକଥିତ 'ନୂଆ ଭାରତ' ଗଠନର ଯେଉଁ ପ୍ରୟାସ ଚାଲିଛି, ଏହି ଲେଖା ସେହି ଦିଗକୁ ସ୍ପଷ୍ଟଭାବେ ଇଙ୍ଗିତ କରୁଛି। ଉଦାହରଣ ସ୍ୱରୂପ ଏଥିରେ ଥିବା ଦୁଇଟି ପ୍ରଶ୍ନକୁ ଦେଖାଯାଉ। ପ୍ରଥମଟି ହେଲା-' ଏହି ଲେଖାର ଉଚିତ ଶୀର୍ଷକ କ'ଣ ହେବା ଦରକାର'। ଦିଆଯାଇଥିବା ଇଚ୍ଛାଧୀନ ଉତ୍ତର ହେଲା (କ) ପିଲାଙ୍କ ମଧ୍ୟରେ ବିଶୃଙ୍ଖଳା ପାଇଁ କିଏ ଦାୟୀ, (ଖ) ଘରେ ଶୃଙ୍ଖଳାଭଙ୍ଗ, (ଗ) ଘରେ ପିଲା ଓ ଚାକରଙ୍କ ସ୍ଥାନ କେଉଁଠି, (ଘ) ପିଲାର ମନସ୍ତତ୍ତ୍ୱ। ଅନ୍ୟ ଏକ ପ୍ରଶ୍ନ ହେଲା- 'ଏହି ପାଠର ଲେଖକ କିଏ'। ଏହାର ଉତ୍ତର (କ) ମହିଳା ଦମନକାରୀ ଚିନ୍ତାଧାରା ପୋଷଣ କରୁଥିବା ପୁରୁଷ, (ଖ) ଜୀବନକୁ ଅତି ହାଲୁକା ଭାବେ ଦେଖୁଥିବା ବ୍ୟକ୍ତି, (ଗ) ଅସନ୍ତୁଷ୍ଟ ସ୍ୱାମୀ, (ଘ) ପରିବାରର ଶୁଭଚିନ୍ତକ।

**ତଥାଗତ ସତପଥୀ**

ଉଭୟ ପ୍ରଶ୍ନରେ ଦିଆଯାଇଥିବା ବିଭିନ୍ନ ଉତ୍ତର ଦେଖିଲେ ସବୁଗୁଡ଼ିକ ବିକୃତ ଓ ଅବାସ୍ତବ ବୋଲି ବୁଝାପଡୁଛି। ଏହା କେବଳ ମହିଳାଙ୍କୁ ହୀନ ଭାବେ ଦର୍ଶାଇବା ସହିତ ପିଲାଙ୍କୁ ମଧ୍ୟ ଅତ୍ୟନ୍ତ ନ୍ୟୂନ ଦୃଷ୍ଟିରେ ଦର୍ଶାଯାଉଛି। କୁହାଯାଉଛି ପିଲାମାନେ ହେଉଛନ୍ତି ଆସନ୍ତାକାଲିର ପିଢ଼ି। ସେମାନେ ହେଲେ ଭବିଷ୍ୟତର ଏହି ଦେଶର ମଙ୍ଗଧାରୀ। କିନ୍ତୁ ଏହିଭଳି ଲେଖାକୁ ବିଧିବଦ୍ଧ ଭାବେ ପାଠ୍ୟକ୍ରମରେ ପ୍ରବେଶ କରାଇ ଯେଉଁ ବାର୍ତ୍ତା ଦିଆଯିବାର ପ୍ରଚେଷ୍ଟା ଆରମ୍ଭ ହୋଇଛି, ତାହା ଏକ ଆଧୁନିକ ସମାଜ ଗଢ଼ିବା ପରିବର୍ତ୍ତେ ଧ୍ୱଂସ କରୁଛି। ଏହା ମନେରଖିବାକୁ ହେବ ଯେ, ଏଭଳି ପ୍ରଶ୍ନପତ୍ର ପ୍ରସ୍ତୁତି ଅନେକ ସ୍ତର ଦେଇ ଯାଇଥାଏ। କେଉଁ ଗୋଟିଏ ଗ୍ରାମାଞ୍ଚଳର ଶିକ୍ଷକ ଏହାକୁ ପ୍ରସ୍ତୁତ କରିନାହିଁ। ଖୋଦ୍ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟନ୍ତ୍ରଣାଧୀନ ସିବିଏସ୍‌ଇ ସଂସ୍ଥା ପାଇଁ କରଦାତାଙ୍କର ଅନେକ ଶହ କୋଟି ଟଙ୍କା ପ୍ରତିବର୍ଷ ଖର୍ଚ୍ଚ କରାଯାଉଛି। ସେଥିରେ କାର୍ଯ୍ୟରତ ଶିକ୍ଷାବିତ୍‌ମାନେ ଅତ୍ୟନ୍ତ ଉଚ୍ଚକୋଟୀର ବୋଲି ବାରମ୍ବାର ଦେଶବାସୀଙ୍କୁ ଧାରଣା ଦିଆଯାଉଛି।

ପ୍ରତିବାଦ ହେବା ପରେ ସିବିଏସ୍‌ଇ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରି କହିଛନ୍ତି ଯେ, ଏଭଳି ତ୍ରୁଟି ଭବିଷ୍ୟତରେ କେବେ ଘଟିବ ନାହିଁ। ଏଥିସହିତ ଆହୁରି ମଧ୍ୟ କହିଛନ୍ତି ଯେ, ଉକ୍ତ ପ୍ରଶ୍ନକୁ ବାତିଲ କରିବା ସହ ପରୀକ୍ଷାର୍ଥୀଙ୍କୁ ଏହି ପ୍ରଶ୍ନଗୁଡ଼ିକ ପାଇଁ ପୂର୍ଣ୍ଣ ନମ୍ବର ମିଳିବ। ଯିଏ ବୁଝିବାକୁ ଇଚ୍ଛୁକ ନୁହେଁ ସେଭଳି ବ୍ୟକ୍ତି ଏହି ପଶ୍ଚାତ୍‌ପଦ (ରିଗ୍ରେସିଭ୍) ଚିନ୍ତାଧାରାକୁ ସ୍ୱୀକାର କରୁଥାଇପାରନ୍ତି। ବିପଦଟି ହେଲା ଯେ ସବୁ ପରୀକ୍ଷାର୍ଥୀ ଏହି ଲେଖାକୁ ପଢ଼ି, ବୁଝି ତାହାର ଉତ୍ତର ଦେବାକୁ ଚେଷ୍ଟା କରି ସାରିଛନ୍ତି। ଅର୍ଥାତ୍ ଏଭଳି ମାରାତ୍ମକ ଓ ନକାରାତ୍ମକ ଚିନ୍ତାଧାରାକୁ ପିଲାଙ୍କ ମୁଣ୍ଡରେ ପୂରାଇ ଦିଆଯାଇ ସାରିଲାଣି।

ଅନ୍ୟପଟେ ଏକ ସକାରାତ୍ମକ ଚିନ୍ତା ମଧ୍ୟ ଗଢ଼ିଉଠିଛି। ପରୀକ୍ଷା ଦେଇ ଫେରୁଥିବା ପିଲାମାନଙ୍କଠାରୁ ଏହି ଲେଖା ସମ୍ପର୍କରେ ସୋସିଆଲ ମିଡିଆରେ ଖବର ବ୍ୟାପିଗଲା। ସ୍ୱଳ୍ପ ସମୟ ମଧ୍ୟରେ ପ୍ରତିକ୍ରିୟା ଅତ୍ୟନ୍ତ ତୀବ୍ର ହେବା ଫଳରେ ସିବିଏସ୍‌ଇ ତୁରନ୍ତ ପଛଘୁଞ୍ଚା ଦେବାକୁ ବାଧ୍ୟ ହେଲା। ଏଥିରୁ ଜଣାପଡୁଛି ଯେ, ଭାରତରେ ଏହିଭଳି ପୁରାତନ ଚିନ୍ତାଧାରା ପୂରାଇବା ଗୋଷ୍ଠୀ କ୍ଷମତାକୁ ଅପବ୍ୟବହାର କରୁଥିବାବେଳେ ଆଧୁନିକ ଚିନ୍ତାଧାରା ପୋଷଣ କରୁଥିବା ଦେଶବାସୀ ତୁରନ୍ତ ବିରୋଧ କରିବାକୁ ପଛାଉନାହାନ୍ତି। ଏଥିରୁ ବୁଝିବାକୁ ହେବ ଯେ, ସାମାଜିକ ପରିସ୍ଥିତିରେ ଅନେକ ପରିବର୍ତ୍ତନ ଘଟିଲାଣି। ଅନ୍ୟ ଭାଷାରେ କହିଲେ କୌଣସି ଗୋଟିଏ ନକାରାତ୍ମକ ଚିନ୍ତାଧାରା ଏହି ଦେଶକୁ କବଳିତ କରିପାରିବ ନାହିଁ। ଏବେ ମଧ୍ୟ ଆଧୁନିକ ଚିନ୍ତାଧାରା ଜାଗ୍ରତ ଅଛି।

# ଚାଷୀଙ୍କୁ ହତ୍ୟା ଯୋଜନାବଦ୍ଧ ଷଡ଼ଯନ୍ତ୍ର

## ଲଖିମପୁର ହିଂସା ନେଇ ଏସ୍‌ଆଇଟି ତଦନ୍ତ

ଲଖିମପୁର,୧୪।୧୨




ଉତ୍ତର ପ୍ରଦେଶର ବହୁଚର୍ଚ୍ଚିତ ଲଖିମପୁର ଖେରି ହିଂସାରେ କେବଳ ଅବହେଳା ଯୋଗୁ ୮ ଜଣଙ୍କ ମୃତ୍ୟୁ ଘଟି ନ ଥିଲା। ଏହି ହତ୍ୟାକାଣ୍ଡ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା ବୋଲି ସୁପ୍ରିମ୍‌କୋର୍ଟଙ୍କ ତତ୍ତ୍ୱାବଧାନରେ ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ମଙ୍ଗଳବାର ସ୍ପଷ୍ଟ କରିଛି। ଏସ୍‌ଆଇଟି ପକ୍ଷରୁ ଏନେଇ ବିଚାରବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍ (ସିଜେଏମ୍) କୋର୍ଟରେ ତଦନ୍ତ ରିପୋର୍ଟ ଦାଖଲ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ଓ ଅନ୍ୟ ୧୩ ଅଭିଯୁକ୍ତଙ୍କ ବିରୋଧରେ ମାମୁଲି ଦଫା ଲଗାଇବା ପରିବର୍ତ୍ତେ ହତ୍ୟା ଉଦ୍ୟମ ମାମଲା ରୁଜୁ କରିବାକୁ ଅଦାଲତଙ୍କୁ ଏଥିରେ ଅନୁରୋଧ କରାଯାଇଛି।

ଗତ ଅକ୍ଟୋବର ୩ରେ ଲଖିମପୁର ଖେରିର ତିକୁନିଆରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଏବଂ ୟୁପି ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଯୋଗଦେଇଥିବାବେଳେ କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ। ବିକ୍ଷୋଭବେଳେ ଅଜୟଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ଚାଷୀଙ୍କ ଉପରେ ମାଡ଼ିଯାଇଥିଲା। ଏଥିରେ ୪ କୃଷକଙ୍କ ସହ ସ୍ଥାନୀୟ ଖବରଦାତା ରମଣ କଶ୍ୟପଙ୍କ ମୃତ୍ୟୁ ଘଟିଥିଲା ଏବଂ ଅନେକେ ଆହତ ହୋଇଥିଲେ। ଏହା ପରେ ଘଟିଥିବା ହିଂସାରେ ୨ ଭାଜପା କର୍ମୀ ଓ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଚାରିଆଡୁ ଚାପ ପଡ଼ିବା ପରେ ୟୁପି ପୋଲିସ ଆଶିଷ ମିଶ୍ରାଙ୍କୁ ଗିରଫ କରିଥିଲା। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ୯ ଜଣିଆ ଏସ୍‌ଆଇଟି ଗଠନ କରାଯାଇଥିଲା। ଗତମାସରେ ସୁପ୍ରିମକୋର୍ଟ ଏସ୍‌ଆଇଟିର ପୁନର୍ଗଠନ ସହ ତ୍ୱରିତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ☞ପୃଷ୍ଠା-୪

## ଅଜୟ ମିଶ୍ରାଙ୍କୁ ବହିଷ୍କାର କର: କଂଗ୍ରେସ

୨୦୨୨ ୟୁପି ବିଧାନସଭା ନିର୍ବାଚନ ପାଇଁ ଭାଜପା ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଥିବାବେଳେ ସଦ୍ୟ ଘଟଣାକ୍ରମ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପାଇଁ ନୂଆ ଅଡୁଆ ଆଣିଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ର କ୍ୟାବିନେଟରୁ ଅଜୟଙ୍କୁ ତୁରନ୍ତ ବହିଷ୍କାର କରନ୍ତୁ ବୋଲି ଦାବି ଜୋର୍ ଧରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲଖିମପୁର ହିଂସା ଘଟଣାରେ ଅଜୟଙ୍କ ବହିଷ୍କାର ସହ ପ୍ରଧାନମନ୍ତ୍ରୀ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। ମୋଦିଜୀ, ଏହା ପୁଣି ଥରେ କ୍ଷମା ମାଗିବାର ସମୟ। କିନ୍ତୁ ପ୍ରଥମେ ଅଭିଯୁକ୍ତଙ୍କ ବାପାଙ୍କୁ ମନ୍ତ୍ରୀପଦରୁ ହଟାନ୍ତୁ। ସତ ଆପଣଙ୍କ ଆଗରେ ରହିଛି ବୋଲି ହ୍ୟାଶ୍‌ଟ୍ୟାଗ୍ 'ଲଖିମପୁର' 'ମର୍ଡର' ବ୍ୟବହାର କରି ରାହୁଲ ଟୁଇଟ୍ କରିଛନ୍ତି। ରାହୁଲ ଆହୁରି କହିଛନ୍ତି, ଜଣେ ମନ୍ତ୍ରୀ ଚାଷୀମାନଙ୍କୁ ହତ୍ୟା ପାଇଁ ଉଦ୍ୟମ କରିଥିଲେ। ପ୍ରଧାନମନ୍ତ୍ରୀ ଜାଣିଥିଲେ ଯେ ସେ ତାଙ୍କ ଟିମ୍‌ର ସଦସ୍ୟ। ପାର୍ଲାମେଣ୍ଟରେ ଆମେ ଏହି ପ୍ରସଙ୍ଗ ଉଠାଇଥିଲୁ। କିନ୍ତୁ ଆମକୁ ଆଲୋଚନା ପାଇଁ ଅନୁମତି ଦିଆଯାଇ ନ ଥିଲା ବୋଲି ରାହୁଲ ଗଣମାଧ୍ୟମକୁ କହିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ପ୍ରଧାନମନ୍ତ୍ରୀ ନିଜ ଚାଷୀ ବିରୋଧୀ ମାନସିକତା ଯୋଗୁ ଅଜୟ ମିଶ୍ରାଙ୍କୁ ଏଯାଏ ହଟାଇନାହାନ୍ତି। ଏହି ଷଡ଼ଯନ୍ତ୍ରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କ ଭୂମିକା ମଧ୍ୟ ତଦନ୍ତ କରାଯାଉ ବୋଲି ପ୍ରିୟଙ୍କା ଦାବି କରିଛନ୍ତି।

### ମମତା କହିଲେ ଶାହା ବି ଇସ୍ତଫା ଦିଅନ୍ତୁ

ଅନ୍ୟପକ୍ଷେ ଲଖିମପୁର ଖେରି ହିଂସା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା ବୋଲି କୋର୍ଟରେ ଏସ୍‌ଆଇଟି ରିପୋର୍ଟ ଦାଖଲ ହେବା ପରେ ଗୋଆ ଗସ୍ତରେ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶାସକ ଭାଜପାକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଇସ୍ତଫା ଦେବା ଉଚିତ ନୁହେଁ କି? ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରେ ଆଲୋଚନା କରିବେ ନାହିଁ କି?

## ଆଜିଠୁ ୩ଦିନିଆ ଓଡ଼ିଶା ଗସ୍ତରେ ନୀତି ଆୟୋଗ ଉପାଧ୍ୟକ୍ଷ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ବୁଧବାରଠାରୁ ୩ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଲୋକସେବା ଭବନରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସହ ସେ ଆଲୋଚନା କରିବେ। ଉକ୍ତ ବୈଠକରେ ରାଜ୍ୟ ସରକାର କେତେକ ପ୍ରମୁଖ ଦାବି ଉପସ୍ଥାପନା କରିବେ। ଏଥିପୂର୍ବରୁ ନୀତି ଆୟୋଗର କେତେଜଣ ସଦସ୍ୟ ମଙ୍ଗଳବାର ☞ପୃଷ୍ଠା-୪




## ରାଜ୍ୟରେ ୧୧ ସାଇବର ଅପରାଧ ଥାନା ଖୋଲିବ

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

**୧୫୪ ପୋଲିସ କର୍ମଚାରୀ, ୯୦ ବିଶେଷଜ୍ଞ ନିୟୋଜିତ ହେବେ**

ସାଇବର ଅପରାଧ ଏବେ ସାରା ବିଶ୍ୱରେ ଚିନ୍ତାର କାରଣ ହୋଇଛି। ଦେଶ ତଥା ଓଡ଼ିଶାରେ ମଧ୍ୟ ସାଇବର ଅପରାଧର ଅନେକ ଘଟଣା ଦୃଷ୍ଟିକୁ ଆସୁଛି। ବ୍ୟାଙ୍କ ଦେଣନେଣ ତଥା ଜଟିଳ ଡିଜିଟାଲ ଦେଣନେଣରେ ସାଇବର ଅପରାଧ ଅଧିକ ଭାବରେ ସମ୍ପୃକ୍ତ। ଏସବୁ ଅପରାଧର ଯଥାର୍ଥ ଅନୁସନ୍ଧାନ ଓ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଜ୍ଞାନ ଓ ଦକ୍ଷତା ଆବଶ୍ୟକ। ତେଣୁ ସାଇବର ଅପରାଧ ତଥା ତଜ୍ଜନିତ ଆର୍ଥିକ ଅପରାଧକୁ ରୋକିବା ତଥା ଏଭଳି ଅପରାଧର ଶିକାର ହୋଇଥିବା ଲୋକମାନେ ଯେପରି ଉପଯୁକ୍ତ ନ୍ୟାୟ ପାଇପାରିବେ, ତାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏଥିପାଇଁ ୧୧ଟି ସ୍ୱତନ୍ତ୍ର ଥାନା ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ବର୍ତ୍ତମାନ ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ କାର୍ଯ୍ୟ କରୁଥିବା ୩ ସାଇବର ଓ ଅର୍ଥନୈତିକ ଅପରାଧ ଥାନାକୁ ମିଶାଇ ମୋଟ ସାଇବର ଅପରାଧ ଥାନା ସଂଖ୍ୟା ୧୪ରେ ପହଞ୍ଚିଛି। ଏହି ୧୪ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନାଗୁଡ଼ିକ ହେଲା- କଟକ, ଭୁବନେଶ୍ୱର, କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ଅନୁଗୋଳ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, ☞ପୃଷ୍ଠା-୪

## ୩ ବର୍ଷରେ କେନ୍ଦ୍ର ପାଇଛି ୮ ଲକ୍ଷ କୋଟିର ତୈଳ ଟିକସ

ନୂଆଦିଲ୍ଲୀ,୧୪।୧୨




କେନ୍ଦ୍ର ସରକାର ଗତ ୩ ଆର୍ଥିକ ବର୍ଷରେ ପେଟ୍ରୋଲ ଏବଂ ଡିଜେଲରୁ ଟିକସ ଆକାରରେ ୮.୦୨ ଲକ୍ଷ କୋଟି ଟଙ୍କା ପାଇଛନ୍ତି। କେବଳ ୨୦୨୦-୨୧ ଆର୍ଥିକ ବର୍ଷରେ ୩.୭୧ ଲକ୍ଷ କୋଟି ଟଙ୍କା ଆଦାୟ କରାଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ ମଙ୍ଗଳବାର ରାଜ୍ୟ ସଭାରେ ଉତ୍ତର ଦେଇଛନ୍ତି। ଉପରୋକ୍ତ ସମୟ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଉପରେ ସୀମା ଶୁଳ୍କ କେତେ ବୃଦ୍ଧି ପାଇଛି ଏବଂ ବିଭିନ୍ନ ଟିକସ ମାଧ୍ୟମରେ କେତେ ରାଜସ୍ୱ ସଂଗ୍ରହ ହୋଇଛି ସେନେଇ ପ୍ରଶ୍ନ ହୋଇଥିଲା। ଏହାର ଲିଖିତ ଉତ୍ତର ଦେଇ ସୀତାରମନ ଦର୍ଶାଇଛନ୍ତି ଯେ, ୨୦୧୮ ଅକ୍ଟୋବର ୫ରେ ପେଟ୍ରୋଲ ଲିଟର ପିଛା ସୀମା ଶୁଳ୍କ ୧୯.୪୮ଟଙ୍କା ଥିଲା। ତାହା ୨୦୨୧ ନଭେମ୍ବର ୪ ସୁଦ୍ଧା ୨୭.୯ ଟଙ୍କାକୁ ବୃଦ୍ଧିପାଇଛି। ସେହିପରି ସମାନ ସମୟ ମଧ୍ୟରେ ଡିଜେଲ ଲିଟର ପିଛା ସୀମା ଶୁଳ୍କ ୧୫.୩୩ ଟଙ୍କାରୁ ୨୧.୮ ଟଙ୍କାକୁ ବୃଦ୍ଧିପାଇଛି। ହେଲେ ୨୦୧୮ ଅକ୍ଟୋବର ୫ ତୁଳନାରେ ୨୦୧୯ ଜୁଲାଇ ୬ରେ ପେଟ୍ରୋଲ ଏବଂ ଡିଜେଲର ସୀମାଶୁଳ୍କ ଯଥାକ୍ରମେ ୧୭.୯୮ ଟଙ୍କା ଓ ୧୩.୮୩କୁ ହ୍ରାସ ପାଇଥିଲା। ଏହାପରେ ୨୦୨୧ ଫେବୃୟାରୀ ୨ ସୁଦ୍ଧା ସୀମାଶୁଳ୍କ ଯଥାକ୍ରମେ ୩୨.୯୮ ଟଙ୍କା ଏବଂ ୩୧.୮୩ ଟଙ୍କାକୁ ବୃଦ୍ଧିପାଇଥିବାବେଳେ ଗତ ନଭେମ୍ବର ୪ରେ ୨୭.୯ ଟଙ୍କା(ପେଟ୍ରୋଲ) ଏବଂ ୨୧.୮ ଟଙ୍କା (ଡିଜେଲ)କୁ ହ୍ରାସ ପାଇଥିଲା। ସୀତାରମନଙ୍କ ସୂଚନା ଅନୁଯାୟୀ ପେଟ୍ରୋଲ ଏବଂ ଡିଜେଲରୁ ଟିକସ ଭାବେ ୨୦୧୮-୧୯ରେ ୨ ଲକ୍ଷ ୧୦ ହଜାର ୨୮୨ କୋଟି, ୨୦୧୯-୨୦ରେ ୨ ଲକ୍ଷ ୧୯ ହଜାର ୭୫୦ କୋଟି ଏବଂ ୨୦୨୦-୨୧ରେ ୩ ଲକ୍ଷ ୭୧ ହଜାର ୯୦୮ କୋଟି କେନ୍ଦ୍ର ସରକାର ସଂଗ୍ରହ କରିଛନ୍ତି। ଗତ ଦୀପାବଳି ପୂର୍ବରୁ ଅର୍ଥାତ୍ ନଭେମ୍ବର ୪ରେ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରୁ ଯଥାକ୍ରମେ ୫ ଟଙ୍କା ଓ ୧୦ ଟଙ୍କାର ସୀମାଶୁଳ୍କ ହ୍ରାସ କରିଥିଲେ। ଏହାପରେ କେତେକ ରାଜ୍ୟ ସରକାର ୨ ଇନ୍ଧନ ଉପରୁ ଭାଟ୍ କମାଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୧୩,୬୨,୪୭୭ | ୫୩,୩୨,୬୪୯ | ୨୪,୩୯,୯୪,୩୩୮ |
| ଭାରତ | ୩,୪୭,୦୩,୬୪୪ | ୪,୭୫,୮୮୮ | ୩,୪୧,୩୮,୭୬୩ |
| ଓଡ଼ିଶା | ୧୦,୫୧,୯୨୭ | ୮୪୩୭(+୫୩) | ୧୦,୪୧,୭୨୮ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କିରୋସିନ ପିଇ ଶିଶୁ ମୃତ

ସୋର, ୧୪।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ମୁଳିସିଂ ପଞ୍ଚାୟତ ତେନ୍ତୁଳିଗଛି ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁପ୍ରସାଦ ପୋଥାଲଙ୍କ ଦେଢ଼ବର୍ଷର ପୁଅ ଦେବାଶିଷ ଅପରାହ୍ନ ସମୟରେ ଖେଳୁଥିବା ବେଳେ କିରୋସିନ ପିଇଦେଇଥିଲେ। ଏହାପରେ ତାଙ୍କର ପ୍ରବଳ ବାନ୍ତି ହୋଇଥିଲା। ବାନ୍ତିରେ ରକ୍ତ ପଡିବାରୁ ଘର ଲୋକେ ସନ୍ଦେହ କରି ତାଙ୍କୁ ତୁରନ୍ତ ସୋର ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁଟିର ମୃତ୍ୟୁ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ଜେଲରୁ ଫେରାର କଏଦୀଙ୍କ ସୁରାକ ମିଳୁନି

ଫୁଲବାଣୀ ଅଫିସ,୧୪।୧୨: କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଜେଲରୁ ସୋମବାର ସନ୍ଧ୍ୟାରୁ କଏଦୀ ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଅଞ୍ଚଳର ଟୁକୁନା ମାଲି ଝରକା ଗ୍ରୀଲ ଭାଙ୍ଗି ଫେରାର ହୋଇଯାଇଛନ୍ତି। ଏହି ଘଟଣାର ୨୪ ଘଣ୍ଟା ବିତିଯାଇଥିଲେ ବି ପୋଲିସକୁ କୌଣସି ସୁରାକ ମିଳୁନାହିଁ । ଜେଲ କର୍ତ୍ତୃପକ୍ଷଙ୍କ ଏତଲା ଆଧାରରେ ଏ ନେଇ ବାଲିଗୁଡା ଥାନାରେ ନଂ.୨୬୯/୨୧ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି। ବାଲିଗୁଡା ଏସ୍‌ଡିପିଓ ଦାୟିତ୍ୱରେ ଥିବା ଅଧିକାରୀ କୃଷ୍ଣପ୍ରସାଦ ପଟ୍ଟନାୟକ ଜେଲକୁ ଯାଇ ଘଟଣାର ତଦନ୍ତ କରିଛନ୍ତି। କଏଦୀ ଟୁକୁନା ଏକ ହତ୍ୟା ମାମଲାରେ ଅଭିଯୁକ୍ତ ହୋଇ ବାଲିଗୁଡ଼ା ଜେଲରେ ପ୍ରାୟ ଦେଢ ବର୍ଷ ହେଲା ସଜା କାଟୁଥିଲେ । ସୋମବାର ସେ ଜେଲରୁ ଫେରାର ଘଟଣାକୁ ନେଇ ଜେଲର ପାଟି ଫିଟାଉ ନଥିବା ବେଳେ ପୋଲିସର ତଦନ୍ତ ମଧ ବିଶେଷ ଆଗେଇ ପାରିନାହିଁ । କଡା ସୁରକ୍ଷା ମଧ୍ୟରେ ରହିଥିବା ଏହି ଜେଲରୁ ଜଣେ କଏଦୀ କିପରି ଫେରାର ହୋଇପାରିଲା ତାହା ଏବେ ଏକ ପ୍ରଶ୍ନବାଚୀ ହୋଇଛି। କଏଦୀ ଜଣକ ଝରକା ଗ୍ରୀଲ କାଟିବା ପାଇଁ ଯନ୍ତ୍ରପାତି କେଉଁଠୁ ପାଇଲେ ତାହା ମଧ ପ୍ରଶ୍ନ ସୃଷ୍ଟି କରୁଛି । ଏ ସମସ୍ତ ଘଟଣା ଜେଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ସଚ୍ଚୋଟତାକୁ ସନ୍ଦେହଘେରକୁ ଆଣିଛି ।

### ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

ବାରିପଦା ଅଫିସ,୧୪।୧୨: ମୟୂରଭଞ୍ଜ ଜିଲା ବାରିପଦା ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ଶିଶୁ କନ୍ୟା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଯାମଦା ଥାନା ଅଧୀନ ଖଇରପାଳ ଗ୍ରାମର ଦରଘା ବରଦା(୬୨)। ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ମାର୍ଚ୍ଚ ୧୪ରେ ମା’ ବାପା ଏକ ବିବାହ ଭୋଜିକୁ ଯାଇଥିଲା ବେଳେ ଅଭିଯୁକ୍ତ ଦରଘା ତାଙ୍କର ଅଢ଼େଇବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରି ଏକ ନିଛାଟିଆ ସ୍ଥାନରେ ଛାଡ଼ି ଦେଇ ପଳାଇ ଆସିଥିଲେ। ଏନେଇ ପରିବାର ଲୋକଙ୍କ ଲିଖିତ ଅଭିଯୋଗକୁ ଭିତିକରି ପୋଲିସ ଏକ ମାମଲା(ନଂ.୯/୨୦୧୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଭାବେ ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବନ୍ୟପ୍ରାଣୀଙ୍କୁ ବିପଦ କୃତ୍ରିମ ଜଳଧାରଣ ଗାତ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)



କାମାକ୍ଷାନଗର ପଶ୍ଚିମ ବନାଞ୍ଚଳ ଶାଳ ଜଙ୍ଗଲରେ କୃତ୍ରିମ ଗାତ।

ପ୍ରାକୃତିକ ଜଙ୍ଗଲରେ ଆର୍ଦ୍ରତା ସଂରକ୍ଷଣରେ ଉନ୍ନତି ଆଣିବା ପାଇଁ ଓଡ଼ିଶା ବନ ବିଭାଗ କୃତ୍ରିମ ଗାତ ଖୋଳୁଛି। ଗତ ୪-୫ ବର୍ଷ ହେଲା ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଏଭଳି ଗାତ ସବୁ ରହିଛି। ଏହି ଗାତଗୁଡ଼ିକ ସ୍ଥାନୀୟ ଉଦ୍ଭିଦ ଏବଂ ଜୀବଜନ୍ତୁ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ସମ୍ଭାବନା ଯଥେଷ୍ଟ ଅଧିକ ରହିଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ତେଣୁ ଏହାକୁ ବନ୍ଦ କରିବା ପାଇଁ ଦାବି ଉଠିଲାଣି। ଏ ନେଇ ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା (ଡବ୍ଲ୍ୟୁଏସ୍‌ଓ) ତରଫରୁ ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ନିକଟକୁ ତଥ୍ୟଭିତ୍ତିକ ଅଭିଯୋଗପତ୍ର ଦିଆଯାଇଛି।

ଏହି ଅଭିଯୋଗପତ୍ରରେ ଡବ୍ଲ୍ୟୁଏସ୍‌ଓ ସମ୍ପାଦକ ବିଶ୍ୱଜିତ୍ ମହାନ୍ତି ଢେଙ୍କାନାଳ ଡିଭିଜନ ଅନ୍ତର୍ଗତ କାମାକ୍ଷାନଗର ଅଞ୍ଚଳର ଶାଳ ଜଙ୍ଗଲରେ ଗଛମୂଳରେ ଗାତ ଖୋଳା ଯାଇଥିବା କିଛି ଫଟୋ ସଂଲଗ୍ନ କରିଛନ୍ତି। ସେ କହିଛନ୍ତି, ଯଦିଓ ବୃକ୍ଷର ମଙ୍ଗଳ ଓ ଜଳ ରଖିବା ନିମନ୍ତେ ବନ ବିଭାଗ ପକ୍ଷରୁ ଜଙ୍ଗଲ ଅଞ୍ଚଳରେ ଗାତ ଖୋଳାଯାଉଛି, କିନ୍ତୁ ସେଗୁଡ଼ିକ ବନ୍ୟପ୍ରାଣୀଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିବ। ଫରେଷ୍ଟ ଫ୍ଲୋର ବା ଜଙ୍ଗଲ ଚଟାଣ ପ୍ରକୃତ ପକ୍ଷେ ବହୁତ ମହତ୍ତ୍ୱପୂର୍ଣ୍ଣ। କାରଣ ଏହା ଜୀବଜନ୍ତୁ ସଂରକ୍ଷଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କୌଣସି କୃତ୍ରିମ ହସ୍ତକ୍ଷେପ ବିନା ଏହା ହଜାର ହଜାର ବର୍ଷ ଧରି ପ୍ରାକୃତିକ ଭୂଗୋଳ ଓ ପରିବେଶକୁ ବଜାୟ ରଖିପାରିଛି। ଗଛ ମୂଳରେ ଗାତ ଖୋଳିଲେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯିବ। ଗଛ ପାଖରେ ଗାତ ଖୋଳାଯିବାବେଳେ ଚେର ମଧ କିଛି ମାତ୍ରାରେ କଟିଯାଉଛି। ବନ୍ୟପ୍ରାଣୀ ଓ ଗୋରୁ ଏହି ସମତଳ ଚଟାଣରେ ଚାଲିବା ବେଳେ ହଠାତ୍ ଏପରି କୃତ୍ରିମ ଗାତ (୧୮ ଇଞ୍ଚ ଗଭୀର)ରେ ପଡ଼ିଲେ ଆଘାତ ପାଇବେ। ଶିକାରୀ ଓ ବନ୍ୟଜନ୍ତୁଙ୍କଠାରୁ ରକ୍ଷା ପାଇବା ପାଇଁ ହରିଣ, କୁଟୁରା କିମ୍ବା ବାରହା ଆଦି ବନ୍ୟପ୍ରାଣୀ ଦୌଡ଼ିବା ବେଳେ ସେହି ଗାତରେ ପଡ଼ି ଗୋଡ଼ ଭାଙ୍ଗିବା ଆଶଙ୍କା ରହିଛି। ସେହିପରି କିଛି ଦିନ ପରେ ସେହି ଗାତଗୁଡ଼ିକ ଉପରେ ଘାସ ବା ଲତା ମାଡ଼ିଯାଇ ଲୁଚିଯିବ ଏବଂ ଅଜାଣତରେ ସେଥିରେ କେହି ପଡ଼ିଯିବାର ସମ୍ଭାବନା ରହିଛି। ଗାତ ଖୋଳିବା ସମୟରେ ମାଟି ଚଟାଣରେ ଗଛରୁ ପଡ଼ିଥିବା ମଞ୍ଜି ନଷ୍ଟ ହୋଇ ଜଙ୍ଗଲର ପ୍ରାକୃତିକ ପୁନଃ ନିର୍ମାଣ ଉପରେ ମଧ ପ୍ରଭାବ ପକାଇଥାଏ। ଅଧିକାଂଶ ସରୀସୃପ ଜଙ୍ଗଲ ଚଟାଣ ଭୂମିରେ ହିଁ ବାସ କରନ୍ତି। ତେଣୁ ସରୀସୃପଙ୍କ ଛୁଆମାନଙ୍କ ପାଇଁ ଏହି କୃତ୍ରିମ ଗାତଗୁଡ଼ିକ ଘାତକ ସାବ୍ୟସ୍ତ ହେବ। ଗଛ ମୂଳରୁ ବୁଦା ସଫା କରି ଗାତ ଖୋଳିବା ଦ୍ୱାରା ସରୀସୃପଙ୍କ ପ୍ରଜନନ ଏବଂ ଅଣ୍ଡା ଦେବା ପ୍ରକ୍ରିୟା ପାଇଁ ସମସ୍ୟା ସୃଷ୍ଟି ହେବ ବୋଲି ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି। ଏ ନେଇ ଡବ୍ଲ୍ୟୁଏସ୍‌ଓ ସମ୍ପାଦକ ମହାନ୍ତି କହିଛନ୍ତି, ଜଳଧାରଣ କ୍ଷମତା ବଢ଼ାଇବା ପାଇଁ ଜଙ୍ଗଲରେ ଗଛମୂଳରେ ଏଭଳି କୃତ୍ରିମ ଗାତ ଖୋଳିବା ବନ୍ୟପ୍ରାଣୀଙ୍କ ପାଇଁ ଆଦୌ ମଙ୍ଗଳକାରକ ନୁହେଁ। ଆମ ଜଙ୍ଗଲର ଗଛ ଏବଂ ଅନ୍ୟାନ୍ୟ ଉଦ୍ଭିଦ ହଜାର ହଜାର ବର୍ଷ ଧରି ମଣିଷର ହସ୍ତକ୍ଷେପ ବିନା ମଧ ବଞ୍ଚି ଆସିଛନ୍ତି। ତେଣୁ ବନ୍ୟପ୍ରାଣୀଙ୍କର କ୍ଷତି କରୁଥିବା କୃତ୍ରିମ ଜଳଧାରଣ ଗାତ ଖୋଳା ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରାଯିବା ଉଚିତ।

## ଅସୁସ୍ଥତା କାରଣ ଦର୍ଶାଇଲେ ସୁମିତ

### ୧୭ ଯାଏ ଅତିଥି ଭବନରେ ରହିବେ ତପସ୍ୱିନୀ

ଆସିକା,୧୪।୧୨(ଡି.ଏନ.ଏ.)

ଡାକ୍ତର ସୁମିତ ସାହୁ ଓ ସ୍ତ୍ରୀ ତପସ୍ୱିନୀ ଦାଶଙ୍କ ମଧ୍ୟରେ ଲାଗି ରହିଥିବା ପାରିବାରିକ ବିବାଦର କୌଣସି ସମାଧାନ ହୋଇପାରିନାହିଁ। ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ୩ ତାରିଖରୁ ଉଭୟେ ଆସିକା ଚିନିଶିଳ୍ପ ଅତିଥି ଭବନରେ ରହୁଥିଲେ। ୧୦ତାରିଖ ପୂର୍ବାହ୍ନରୁ ଡା. ସୁମିତ ନିଜ କାର୍ଯ୍ୟସ୍ଥଳ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଆଉ ଫେରିନାହାନ୍ତି । ଶାରୀରିକ ଅସୁସ୍ଥତା ଦର୍ଶାଇ ସେ ୪ ଦିନ ଛୁଟି ନେଇଥିଲେ ମଧ ତପସ୍ୱିନୀଙ୍କ ସହ କୌଣସି ଯୋଗାଯୋଗ ରଖିନାହାନ୍ତି। ସୁମିତ ବୁଧବାର କାର୍ଯ୍ୟରେ ଯୋଗଦେବାର ଥିଲା। ଏହା ପୂର୍ବରୁ ସୋମବାର ରାତିରେ ସେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ହୋଇ ନ ଥିବାରୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ଯାଉଥିବା ଇ-ମେଲ ଯୋଗେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିକଟକୁ ଜଣାଇଛନ୍ତି । ତେବେ ସେଥିରେ ଛୁଟି ସମ୍ପର୍କରେ କିଛି ଉଲ୍ଲେଖ କରିନାହାନ୍ତି। ଅନ୍ୟପକ୍ଷରେ ତପସ୍ୱିନୀ ଗତ ସୋମବାର ବ୍ରହ୍ମପୁରସ୍ଥିତ ପରିବାର ଅଦାଲତରେ ହାଜର ହେବା ସହ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିଶନ ଦାଖଲ କରି ପୁଣି ଅତିଥି ଭବନକୁ ଫେରିଛନ୍ତି । ସେଠାରେ ସେ ତାଙ୍କ ଭାଇଙ୍କ ସହ ରହୁଛନ୍ତି। ପୂର୍ବଭଳି ଆଉ ପୋଲିସ ପହରା ଦିଆଯାଉନାହିଁ। ସୁମିତ ଯିବା ପରଠାରୁ ଅତିଥି ଭବନର ଭଡା ଓ ଖାଇବା ଖର୍ଚ୍ଚ ତପସ୍ୱିନୀ ନିଜେ ବହନ କରୁଥିବା ପ୍ରକାଶ କରିଛନ୍ତି। ଆସନ୍ତା ୧୭ ତାରିଖରେ ପୁଣି ଅଦାଲତରେ ହାଜର ହେବା ଲାଗି ଧାର୍ଯ୍ୟ ହୋଇଥିବାରୁ ସେ ପର୍ଯ୍ୟନ୍ତ ଅତିଥି ଭବନରେ ରହିବେ । ଅଦାଲତଙ୍କ ନିର୍ଦ୍ଦେଶ ପ୍ରକାରେ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ତପସ୍ୱିନୀ ପ୍ରକାଶ କରିଛନ୍ତି।

## ଲାଞ୍ଚ ନେଇ ଧରାପଡ଼ିଲେ କନିଷ୍ଠଯନ୍ତ୍ରୀ

ନବରଙ୍ଗପୁର,/ପାପଡ଼ାହାଣ୍ଡି,୧୪।୧୨ (ବି.ପ୍ର./ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କନିଷ୍ଠ ଯନ୍ତ୍ରୀ ବୀଣାପାଣି ବେହେରାଙ୍କ ବାସଭବନରେ ମଙ୍ଗଳବାର ଅପରାହ୍ନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୁଦୁଲିଗୁଡ଼ା ଗାଁର ମନ୍ଧାର ଦିସାରିଙ୍କ ରିପୋର୍ଟ ଆଧାରରେ କୋରାପୁଟ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ୭ଲକ୍ଷ ୨୫ହଜାର ଟଙ୍କା ବ୍ୟୟରେ କାର୍ତ୍ତିଆଗୁଡ଼ାରୁ ମୁଦୁଲିଗୁଡ଼ା କଲଭର୍ଟ ନିର୍ମାଣ ଏବଂ ଏକ ଗାର୍ଡୱାଲ କାମ ମନ୍ଧାରଙ୍କୁ ମିଳିଥିଲା। ଏହି କାମ ବାବଦକୁ ବକେୟା ୨ଲକ୍ଷ ୨୫ ହଜାର ଟଙ୍କା ରହିଥିଲା। ଉକ୍ତ ବିଲ୍ କରିବାକୁ କନିଷ୍ଠ ଯନ୍ତ୍ରୀ ବୀଣାପାଣି ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ମନ୍ଧାର ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇ ଭିଜିଲାନ୍ସ ଟିମ୍ ପାପଡ଼ାହାଣ୍ଡି ବ୍ଲକ ଅଫିସ ନିକଟରେ ଥିବା ତାଙ୍କ ଆବାସିକ ସରକାରୀ କ୍ୱାର୍ଟର୍ସରେ ଅପରାହ୍ନ ୪ଟା ୪୫ ମିନିଟରେ ଚଢ଼ାଉ କରିଥିଲେ। ସେଠାରୁ ଲାଞ୍ଚ ୨୦ ହଜାର ଟଙ୍କା ବ୍ୟତୀତ ୩ଲକ୍ଷ ୨୭ ହଜାର ଟଙ୍କା ମିଳିଥିଲା। ଟଙ୍କା ସମ୍ପର୍କରେ ପଚାରିବାରୁ କନିଷ୍ଠଯନ୍ତ୍ରୀ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ବୀଣାପାଣିଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଗାଡ଼ିରେ ବସାଇ ଅଧିକ ତଦନ୍ତ ପାଇଁ କାର୍ଯ୍ୟାଳୟକୁ ନେବାଲାଗି ବାହାରିବା ସମୟରେ ସ୍ଥାନୀୟ ଲୋକେ ଓ କେତେଜଣ ଠିକାଦାର ଗାଡ଼ିକୁ ଘେରିଥିଲେ। କନିଷ୍ଠ ଯନ୍ତ୍ରୀଙ୍କୁ ଛାଡ଼ିଦେବାକୁ ସେମାନେ ଜିଦ୍ ଧରିଥିଲେ। ମିଛରେ ତାଙ୍କୁ ଫସାଯାଇଥିବା ଠିକାଦାରମାନେ କହିଥିଲେ। ଯେଉଁ ଲୋକ ଅଭିଯୋଗ କରିଛନ୍ତି ତାଙ୍କୁ ଦେଖାଅ ବୋଲି ସେମାନେ କହିଥିଲେ। ପାପଡାହାଣ୍ଡି ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ଭିଜିଲାନ୍ସ ଅଧିକାରୀଙ୍କ ଗାଡ଼ିକୁ ଛାଡ଼ିଥିଲେ। ଏହି ଚଢ଼ାଉରେ ମାଲକାନଗିରି ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ, ନବରଙ୍ଗପୁର ଇନ୍‌ସ୍ପେକ୍ଟର କଳାବତୀ ବାଗ, ଜୟପୁର ଇନ୍‌ସ୍ପେକ୍ଟର ସୂର୍ଯ୍ୟକାନ୍ତି ଟାକରି ଉପସ୍ଥିତ ଥିଲେ।

## ‘ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ପ୍ରେରଣାର ଉତ୍ସ’

### ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)




ସୂଚନା ଭବନରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମଞ୍ଚାସୀନ ଅତିଥି।

ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଥିଲେ ଓଡ଼ିଆ ଭାଷା-ସାହିତ୍ୟର ପୃଷ୍ଠପୋଷକ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର। ସମ୍ବାଦପତ୍ର ସମ୍ପାଦନା, ଭାଷା ଆନ୍ଦୋଳନ, ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ବିଦ୍ୟାରତ୍ନଙ୍କ ଯୋଗଦାନ ଅତୁଳନୀୟ। ଓଡ଼ିଆ ଜାତି ଏବଂ ଓଡ଼ିଆ ଭାଷାର ଶ୍ରୀ ବୃଦ୍ଧିରେ ତାଙ୍କର ନିରନ୍ତର ପ୍ରୟାସ ପାଇଁ ସେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ମତ ପ୍ରକାଶ ପାଇଛି। ମଙ୍ଗଳବାର ସୂଚନା ଭବନଠାରେ ଉଭୟ ପ୍ରତ୍ୟକ୍ଷ ଓ ଆଭାସୀ ମାଧ୍ୟମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବାର୍ତ୍ତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ ଯେ, ଓଡ଼ିଆ ଭାଷାର ପ୍ରସାର ସହ ସମ୍ବାଦପତ୍ର ସମ୍ପାଦନା, ଭାଷା ଆନ୍ଦୋଳନ ଏବଂ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ନୀଳମଣି ବିଦ୍ୟାରତ୍ନଙ୍କ ଉତ୍ସର୍ଗୀକୃତ ଉଦ୍ୟମ ସର୍ବଦା ପ୍ରେରଣାଦାୟୀ। ମୁଖ୍ୟ ବକ୍ତା ଭାବେ ସଂସ୍କୃତିବିତ୍ ନିଳାଦ୍ରି ମୋହନ ଶତପଥୀ ଯୋଗଦେଇ କହିଲେ, ଓଡ଼ିଆ ଜାତିର ସ୍ୱାଭିମାନ ପୁନଃ ପ୍ରତିଷ୍ଠା ନିମନ୍ତେ ଆତ୍ମବିଶ୍ୱାସର ସହ ଯେଉଁ କେତେଜଣ ମହାମନୀଷୀ ଚେଷ୍ଟିତ ଥିଲେ ସେମାନଙ୍କ ମଧ୍ୟରେ ବିଦ୍ୟାରତ୍ନଙ୍କ ନାମ ଅଗ୍ରପୂଜ୍ୟ। ସେ ବିଦ୍ୟାରତ୍ନଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ସଭାପତିତ୍ୱ କରି ଓଡ଼ିଆ ଭାଷାର ସୁରକ୍ଷା ଓ ସାମ୍ବାଦିକତା କ୍ଷେତ୍ରରେ ପଣ୍ଡିତ ନୀଳମଣିଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ। ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗଦେଇ ପଣ୍ଡିତ ନୀଳମଣି ଓଡ଼ିଆ ଅସ୍ମିତାର ପ୍ରତୀକ ଏବଂ ଏ ଜାତି ତାଙ୍କୁ କାଳ କାଳ ଧରି ସ୍ମରଣ କରୁଥିବ ବୋଲି କହିଥିଲେ। ସଂସ୍କୃତି ତଥା ସାହିତ୍ୟର ଉନ୍ନତି ପାଇଁ ନୀଳମଣି ସଦା ସମର୍ପିତ ଥିଲେ ବୋଲି ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ମତ ଦେଇଥିଲେ। ସୂଚନା ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସ୍ମୃତି ସଂସଦ ସମ୍ପାଦକ ଡ. କୃଷ୍ଣ କେଶବ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। ସକାଳେ ଜୟଦେବବିହାରସ୍ଥିତ ପଣ୍ଡିତ ନୀଳମଣିଙ୍କ ପ୍ରତିମୂର୍ତ୍ତିରେ ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

## କନ୍ୟାଯାତ୍ରୀ ବସ୍ ଓଲଟି ୨୫ ଆହତ

ପାରଳାଖେମୁଣ୍ଡି/ରାୟଗଡ଼(ଗଜପତି), ୧୪।୧୨(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ଼ ଥାନା ଅନ୍ତର୍ଗତ ସେବକପୁର ଗ୍ରାମ ନିକଟରେ ସୋମବାର ରାତି ପ୍ରାୟ ୩ଟାରେ ଏକ କନ୍ୟାଯାତ୍ରୀ ବସ୍ ଓଲଟି ପ୍ରାୟ ୨୫ ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗଞ୍ଜାମ ଜିଲା ପୋଲସରା ନିକଟସ୍ଥ ରୁମାଗୁଡାରୁ ୩୦ରୁ ଊର୍ଦ୍ଧ୍ୱ କନ୍ୟାଯାତ୍ରୀ ଏକ ବସ୍‌ରେ ପାରଳାଖେମୁଣ୍ଡି ଚିତ୍ରକାର ସାହିକୁ ଆସିଥିଲେ। ବିବାହ କାର୍ଯ୍ୟକ୍ରମ ପରେ ରାତିରେ ସେମାନେ ଫେରୁଥିବା ବେଳେ ସେବକପୁର ଗ୍ରାମ ନିକଟରେ ବସଟି ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ବସ୍‌ରୁ ଆହତ ଲୋକଙ୍କୁ ଉଦ୍ଧାର କରିଥିଲେ। ପରେ ସମସ୍ତ ଆହତଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ୪ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ରାୟଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଏଏସ୍‌ଆଇ ମନୋଜ କୁମାର ପାଢୀ ସୂଚନା ଦେଇଛନ୍ତି। ସମସ୍ତ ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

## ୫ ଦଫା ଦାବିରେ ଗାଁ ସାଥୀଙ୍କ ବିକ୍ଷୋଭ



ଲୋୟର ପିଏମ୍‌ଜିରେ ଗାଁ ସାଥୀ ସଂଘ ପକ୍ଷରୁ ଅଭିନବ ପ୍ରତିବାଦ।

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ୫ଦଫା ଦାବି ନେଇ ମଙ୍ଗଳବାର ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ରାଜ୍ୟ ସଙ୍ଗଠକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ସଭାପତି ସୌଭାଗ୍ୟ ମିଶ୍ର ଏବଂ ସଦସ୍ୟମାନେ ବ୍ୟାନର ଓ ପ୍ଲାକାର୍ଡ଼ ଧରି ରାମମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ନବୀନ ନିବାସ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଧାରଣା ଦେବା ସହ ଦାବି ଉପସ୍ଥାପନ କରିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ମାସିକ ୮୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ଓ ସ୍ଥାୟୀ ନିଯୁକ୍ତି ସମେତ ୫ଦଫା ଦାବି ପୂରଣ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## କିଟ୍‌କୁ ଟାଇମ୍ସ ଆୱାର୍ଡ୍ସ ଏସିଆ-୨୦୨୧ ପୁରସ୍କାର

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ବିଶ୍ୱସ୍ତରରେ କିଟ୍ ବିଶ୍ୱବିଦ୍ୟାଳୟକୁ ଆଉ ଏକ ସମ୍ମାନଜନକ ପୁରସ୍କାର ମିଳିଛି। ଟାଇମ୍ସ ହାୟର୍ ଏଜୁକେଶନ୍ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ ‘ଲିଡରଶିପ୍ ଆଣ୍ଡ ମ୍ୟାନେଜମେଣ୍ଟ ଟିମ୍ ଅଫ୍ ଦି ଇଅର୍’ ଭାବେ ପୁରସ୍କୃତ କରାଯାଇଛି। ମଙ୍ଗଳବାର ଟାଇମ୍ସ ହାୟର୍ ଏଜୁକେଶନ୍ ପକ୍ଷରୁ ‘ଆୱାର୍ଡ୍ସ ଏସିଆ-୨୦୨୧’ ପୁରସ୍କାର ଘୋଷଣା କରାଯାଇଥିବାବେଳେ ସମଗ୍ର ଭାରତ ତଥା ଏସିଆରେ ଏକମାତ୍ର ଅନୁଷ୍ଠାନ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଏହି ପୁରସ୍କାର ପାଇଛି। ଯେ କୌଣସି ଆପତକାଳୀନ ପରିସ୍ଥିତିରେ ସାମ୍ନା କରିବା, ଅପହଞ୍ଚଙ୍କ ନିକଟରେ ପହଞ୍ଚିବା ଏବଂ ସମାଜସେବା ବିଶେଷକରି କୋଭିଡ୍ ମହାମାରୀ ସମୟରେ କୋଭିଡ୍ ଡାକ୍ତରଖାନା ପ୍ରତିଷ୍ଠା, ଲୋକଙ୍କୁ ମାସ୍କ, ସାନିଟାଇଜର, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ବଣ୍ଟନ, ଓଡ଼ିଶାରେ କୋଭିଡ୍‌ରେ ମୃତକଙ୍କ ପିଲାଙ୍କୁ ମାଗଣାରେ କିଟ୍‌ରେ ଉଚ୍ଚଶିକ୍ଷା ପ୍ରଦାନ କରିବା, କରୋନାରେ ମା’ ଓ ବାପାଙ୍କୁ ହରାଇ ଅନାଥ ହୋଇଥିବା ପିଲାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବା ଆଦି କାର୍ଯ୍ୟକୁ ଦେଖି ଚଳିତବର୍ଷ ଟାଇମ୍ସ ହାୟର ଏଜୁକେଶନ୍ ପକ୍ଷରୁ କିଟ୍‌କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏ ନେଇ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରି କହିଛନ୍ତି, ଏସିଆ ମହାଦେଶରୁ କିଟ୍ ଏକମାତ୍ର ବିଶ୍ୱବିଦ୍ୟାଳୟ ଭାବେ ଏହି ପୁରସ୍କାର ପାଇଥିବାରୁ ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକ, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ପାଇଁ ଏସବୁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଲଗାତର ଦ୍ୱିତୀୟ ବର୍ଷ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଟାଇମ୍ସ ଆୱାର୍ଡ୍ସ ଏସିଆ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛି।

## ମାଓବାଦୀଙ୍କ ବର୍ବରତା, ଜଣଙ୍କୁ ଗଳା କାଟି ହତ୍ୟା

ମାଲକାନଗିରି,୧୪।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୁଣି ମାଓବାଦୀଙ୍କ ବର୍ବରତା ଦେଖିବାକୁ ମିଳିଛି। ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଜଣଙ୍କ ଗଳା କାଟି ହତ୍ୟା କରିଛନ୍ତି। ଏପରି ଘଟଣା ଛତିଶଗଡ଼ ସୁକ୍‌ମା ଜିଲାର ଏରାବର ଗ୍ରାମରେ ଦେଖିବାକୁ ମିଳିଛି। ମୃତକ ହେଲେ ଦାରେ ନବୀନ। ଖବରରୁ ଜଣାପଡିଛି ସୋମବାର ବିଳମ୍ବିତ ରାତିରେ ୧୦ ରୁ ୧୫ ଜଣ ମାଓବାଦୀ ଦାରେଙ୍କ ଘରକୁ ଯାଇ ତାଙ୍କୁ ଡାକି ନେଇ ଗ୍ରାମର ଶେଷ ମୁଣ୍ଡରେ ଗଳାକାଟି ହତ୍ୟା କରିଥିଲେ । ପରେ ମାଓବାଦୀମାନେ ତାଙ୍କ ମୃତଦେହ ନିକଟରେ ଏକ ଚିଠି ଛାଡ଼ିଯାଇଥିଲେ। ଦାରେ ଅନେକ ସମୟରେ ପୋଲିସ ପାଇଁ ଗୋଇନ୍ଦା କାମ କରିବା, ଜଙ୍ଗଲ ନଷ୍ଟ କରିବା ଓ ବେଆଇନ ଭାବେ ଜଙ୍ଗଲ ଜମିକୁ ଅଧିଗ୍ରହଣ କରିବା କାମରେ ଲିପ୍ତଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ମିଳିଛି ବୋଲି ମାଓବାଦୀମାନେ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଘଟଣା ନେଇ ଅଧିକ ତଦନ୍ତ ଜାରି ରହିଥିବା ସୁକ୍‌ମା ଏସ୍‌ପି ସୁନୀଲ ଶର୍ମା କହିଛନ୍ତି।

## ‘ଗ୍ରୀଷ୍ମଋତୁରେ ବିଦ୍ୟୁତ୍ କାଟ ସମସ୍ୟା ନ ହେବା ନିଶ୍ଚିତ କର’

### ମୁଖ୍ୟ ଶାସନ ସଚିବଙ୍କ ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ନେଇ ପ୍ରସ୍ତୁତି

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ଆଗାମୀ ଗ୍ରୀଷ୍ମଋତୁରେ ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ରଖିବା ପାଇଁ ଆଗୁଆ ପ୍ରସ୍ତୁତି ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମଙ୍ଗଳବାର ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ଓ ଯୋଗାଣ ସ୍ଥିତିର ସମୀକ୍ଷା କରିଛନ୍ତି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସମସ୍ତ ତଥ୍ୟ ଉପସ୍ଥାପନ କରିଛନ୍ତି।

ବର୍ତ୍ତମାନ ବିଦ୍ୟୁତ୍ ଉତ୍ପାଦନ ଓ ଚାହିଦା ସ୍ଥିତିର ସମୀକ୍ଷା କରି ରାଜ୍ୟରେ ଯେପରି ବିଦ୍ୟୁତ୍ କାଟ(ଲୋଡ୍ ସେଡିଂ) ସମସ୍ୟା ସୃଷ୍ଟି ନ ହୁଏ ତାହା ନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଗ୍ରୀଡ୍‌କୋ ଏବଂ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍ ଉତ୍ପାଦନକାରୀ କମ୍ପାନୀଗୁଡିକ ନିଜ ନିଜର ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍‌ଗୁଡିକର ରକ୍ଷଣାବେକ୍ଷଣ ଓ ନବୀକରଣ ସହ ସେଗୁଡ଼ିକୁ ପୂର୍ଣ୍ଣ କ୍ଷମତାସମ୍ପନ୍ନ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୟୁନିଟ୍‌ଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ନିରାପତ୍ତା ଆଦି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ମୁଖ୍ୟ ଶାସନ ସଚିବ ଗ୍ରୀଡ୍‌କୋ ଏବଂ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସୌର, ତାପଜ ଓ ଅନ୍ୟାନ୍ୟ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ ବଢ଼ାଇ ଦିନର ହାରାହାରି ଆବଶ୍ୟକତା ମେଣ୍ଟାଇବା ସହ ଜଳଭଣ୍ଡାରଗୁଡିକୁ ଗ୍ରୀଷ୍ମଋତୁ ନିମନ୍ତେ ସଂରକ୍ଷିତ ରଖିବା ଲାଗି ସେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ବର୍ଷାଋତୁରେ କମ୍ ବୃଷ୍ଟିପାତ ହାର ଯୋଗୁ ବିଦ୍ୟୁତ୍ ଉତ୍ପାଦନକାରୀ ଜଳଭଣ୍ଡାରରେ ଅପେକ୍ଷାକୃତ କମ୍ ଜଳ ଅଛି। ଏହାକୁ ଠିକ୍ ଭାବେ ସଂରକ୍ଷଣ ଓ ପରିଚାଳନା କରି ଆସନ୍ତା ବର୍ଷାଋତୁ ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ରଖିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା କହିଛନ୍ତି, ବିଭିନ୍ନ ବିଦ୍ୟୁତ୍ ଉତ୍ପାଦନକାରୀ ଶିଳ୍ପସଂସ୍ଥା ସହ ହୋଇଥିବା ଚୁକ୍ତିନାମା ଅନୁସାରେ ଗ୍ରୀଡ୍‌କୋ ପାଖରେ ବଣ୍ଟନ ପାଇଁ ପ୍ରାୟ ୭, ୬୫୧ ମେଗାୱାଟ୍ ବିଦ୍ୟୁତ୍ ଅଛି। ଏଥିରୁ ପ୍ରାୟ ୧୨୯୫ ମେଗାୱାଟ୍ ଅଣ ପାରମ୍ପରିକ ଉତ୍ସରୁ ଉତ୍ପାଦିତ ହେଉଛି। କେତେକ ତାପଜ ଏବଂ ଜଳଜ ବିଦ୍ୟୁତ୍ ଉତ୍ପାଦନକାରୀ ସଂସ୍ଥାରେ ଯାନ୍ତ୍ରିକ ତ୍ରୁଟି ହେତୁ ଚଳିତ ମାସ ପ୍ରାୟ ୧୭୦୦ ମେଗାୱାଟ୍ ଉତ୍ପାଦନ କମିଛି। ଚଳିତ ଋତୁରେ ଦୈନିକ ପ୍ରାୟ ୩୩୫୦ ମେଗାୱାଟ୍ ଅଛି। ବିଭିନ୍ନ ଉତ୍ସରୁ ବିଦ୍ୟୁତ୍ ସଂଗ୍ରହକରି ଗ୍ରୀଡ୍‌କୋ ଏହି ଚାହିଦା ପୂରଣ କରୁଛି। ଗ୍ରୀଷ୍ମଋତୁରେ ସର୍ବାଧିକ ଆବଶ୍ୟକତା ସମୟରେ ଏହି ଚାହିଦା ୪ ହଜାର ମେଗାୱାଟ୍‌ରୁ ଅଧିକ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ତାପଜ ଓ ସୌରସ୍ରୋତ ବିଦ୍ୟୁତ୍ ଉତ୍ପାଦନକାରୀ ଶିଳ୍ପସଂସ୍ଥାଗୁଡିକ ନିଜର ପୂର୍ଣ୍ଣ କ୍ଷମତା ଅନୁସାରେ ଉତ୍ପାଦନ ବଢାଇବା ସକାଶେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

## ପାଚିକା, ସହାୟିକାଙ୍କ ଆନ୍ଦୋଳନ

### ୧୦ ଦଫା ଦାବିରେ ବିକ୍ଷୋଭ

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ମହାସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ମଙ୍ଗଳବାର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ପାଚିକାମାନଙ୍କ ନିର୍ଭୁଲ ତାଲିକା ପ୍ରସ୍ତୁତ କରି ୨୮ ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ ଦେବା, ସରକାରଙ୍କ ଦ୍ୱାରା ଘୋଷିତ ୧୪,୩୭୯ ସରକାରୀ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା, ସ୍କୁଲ ବନ୍ଦ, ମିଶ୍ରଣ ଓ ପିଲା ସଂଖ୍ୟା କମ୍ ପାଇଁ ବାଦ୍ ପଡ଼ିଥିବା ସମସ୍ତ ପାଚିକାଙ୍କୁ ଅନ୍ୟତ୍ର ନିଯୁକ୍ତି ଦେବା, ସରକାରୀ ମାନ୍ୟତା ଓ ସର୍ବନିମ୍ନ ମାସିକ ମଜୁରି ୨୧ ହଜାର ଟଙ୍କା ଦେବା ସମେତ ଅନ୍ୟାନ୍ୟ ୬ଦଫା ଦାବି କରାଯାଇଛି। ପାଚିକାମାନେ କରୋନା ଭଳି ସ୍ଥିତିରେ ବିଦ୍ୟାଳୟ ବନ୍ଦ ଯୋଗୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେଣୁ ସରକାର ତୁରନ୍ତ ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ସଙ୍ଗଠନର ସଭାପତି ବିଷ୍ଣୁପଦ ଦାସ ଦାବି କରିଛନ୍ତି।




ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ କରାଯାଉଛି।

## ସଂକ୍ଷେପରେ

### ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଅସୁସ୍ଥ

**ସମ୍ବଲପୁର,୧୪।୧୨(ବ୍ୟୁରୋ):** ସମ୍ବଲପୁରୀ ରଙ୍ଗବତୀ ଗୀତର ରଚୟିତା କୁଚିଣ୍ଡା ଉପଖଣ୍ଡ ରଙ୍ଗବତୀ ବିଲୁଙ୍ଗ ଗ୍ରାମର ପ୍ରଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଅସୁସ୍ଥ ହୋଇପଡିଛନ୍ତି। ମଙ୍ଗଳବାର ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବୁର୍ଲା ଭିମ୍ସାରରେ ଭର୍ତ୍ତି କରାଯାଇଛି।



ଭିମ୍ସାର ଅଧୀକ୍ଷକ ପ୍ରଫେସର ଲାଲମୋହନ ନାଏକଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଛନ୍ତି। ସୂଚନା ଅନୁସାରେ ସନ୍ଧ୍ୟାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ବର୍ଗ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ରାତି ୧୦ଟାରେ ତାଙ୍କୁ ଭିମ୍ସାରକୁ ସ୍ଥାନାନ୍ତର କରାଯାଇଛି। ବୁର୍ଲାରେ ପହଞ୍ଚିବା ପରେ ପୂର୍ବରୁ ଅପେକ୍ଷା କରିଥିବା ଡାକ୍ତରୀ ଟିମ୍ ଚିକିତ୍ସା ଆରମ୍ଭ କରିଥିଲେ। ରଙ୍ଗବତୀ ଗୀତ ରଚନା ପାଇଁ ତାଙ୍କୁ ଚଳିତବର୍ଷ ପଦ୍ମଶ୍ରୀ ସମ୍ମାନ ଦିଆଯାଇଥିଲା।

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକଲେ ପରିବାର

## ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ମୃତ୍ୟୁ ଘଟଣା

ପୁରୀ ଅଫିସ,୧୪।୧୨

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ ଚିତ୍ତରଞ୍ଜନ ପଲାଇଙ୍କ ମୃତ୍ୟୁ ଘଟଣାକୁ ୩ଦିନ ବିତିଯାଇଥିବାବେଳେ ପୋଲିସ ହାତ ବର୍ତ୍ତମାନ ସୁଦ୍ଧା ଖାଲି ରହିଛି। ଫଳରେ ଚିତ୍ତରଞ୍ଜନଙ୍କ ମୃତ୍ୟୁ ଦୁର୍ଘଟଣା ନା ହତ୍ୟା ତାହା ଏଯାବତ୍ ସ୍ପଷ୍ଟ ହୋଇପାରୁ ନାହିଁ। ଅପରପକ୍ଷେ ମଙ୍ଗଳବାର ଚିତ୍ତରଞ୍ଜନଙ୍କ ପରିବାର ଲୋକେ ଏସ୍‌ପି କେ.ବିଶାଲ ସିଂଙ୍କୁ ଭେଟି ପୁଅକୁ ନ୍ୟାୟ ସହ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି। ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ମଧ୍ୟ ଏସ୍‌ପି ସିଂଙ୍କୁ ସାକ୍ଷାତ କରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

### ପରିବାର ସହ ଏସ୍‌ପିଙ୍କୁ ଭେଟି ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ସଞ୍ଜୟ

ସୂଚନାଯୋଗ୍ୟ, ଚିତ୍ତରଞ୍ଜନ ସାଙ୍ଗମାନଙ୍କ ସହ ଶନିବାର ଭୋଜିଭାତ ପାଇଁ ଆସି ଆଉ ଘରକୁ ଫେରି ନ ଥିଲେ। ସେ ନିଖୋଜ ଥିବା ନେଇ ରବିବାର ପରିବାର ପକ୍ଷରୁ ପ୍ରଥମେ ଅଭିଯୋଗ ହୋଇଥିଲା। ସେହିଦିନ ଅପରାହ୍ନରେ ତାଙ୍କର ବାଇକ୍, ପର୍ସ ଓ ମୋବାଇଲ ଗଡ଼ମୃଗଶୀରାସ୍ଥିତ ଭାର୍ଗବୀ ନଦୀ ନିକଟରୁ ମିଳିଥିଲା। ପରେ ସୋମବାର ସକାଳେ ନଦୀ ମଧ୍ୟରୁ ଚିତ୍ତରଞ୍ଜନଙ୍କ ମୃତଶରୀରକୁ ପୋଲିସ



ଚିତ୍ତରଞ୍ଜନ ପଲାଇ

ଉଦ୍ଧାର କରିଥିଲା। ଚିତ୍ତରଞ୍ଜନଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହେବା ସହ ଏଥିରେ ସଞ୍ଜୟଙ୍କ ହାତଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। କିନ୍ତୁ ମଙ୍ଗଳବାର ଚିତ୍ତରଞ୍ଜନଙ୍କ ବାପା, ବଡ଼ବାପା, ଭାଇ ଓ ଭଉଣୀ ଯୋଜନାବୋର୍ଡ ଉପାଧ୍ୟକ୍ଷ ସଞ୍ଜୟଙ୍କ ସହ ମିଶି ଏସ୍‌ପିଙ୍କୁ ସାକ୍ଷାତ କରି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି। ଏଥିସହ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡ ଦାବି କରିଛନ୍ତି। ସେହିପରି ଘଟଣାକୁ ୩ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ମୃତ୍ୟୁର କାରଣ ଜାଣି ପାରିନାହିଁ। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଯଥାଶୀଘ୍ର ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରିବାକୁ ରାଜ୍ୟ ଉପାଧ୍ୟକ୍ଷ ସଞ୍ଜୟ ଏସ୍‌ପିଙ୍କୁ କହିଛନ୍ତି। ବର୍ତ୍ତମାନ ତଦନ୍ତ ଚାଲିଥିବାରୁ ଘଟଣା ସମ୍ପର୍କରେ ଅଧିକ ମତ ଦେବା ଠିକ୍ ହେବ ନାହିଁ ବୋଲି ସଞ୍ଜୟ କହିଛନ୍ତି। ସେହିପରି ମୃତ ଚିତ୍ତରଞ୍ଜନଙ୍କ ବଡ଼ବାପା ପୂର୍ଣ୍ଣଚନ୍ଦ୍ର ପଲେଇ ଘଟଣା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପୋଲିସ ପ୍ରଶାସନ ପକ୍ଷରୁ ତଦନ୍ତ ଚାଲିଛି। ଚିତ୍ତରଞ୍ଜନଙ୍କ ହତ୍ୟା ପଛରେ ସାଙ୍ଗ ଜଗନ୍ନାଥ ଷଡ଼ଙ୍ଗୀଙ୍କ ହାତ ରହିଥିବା ନେଇ ସେ ସନ୍ଦେହ କରୁଛନ୍ତି। ମୁଖ୍ୟତଃ ଟଙ୍କା ଧାର ନେବାକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଚିତ୍ତରଞ୍ଜନଙ୍କ ଭଉଣୀ ମିଲିଙ୍କ କହିବା ଅନୁଯାୟୀ, ଏସ୍‌ପିଙ୍କୁ ଭେଟିଛୁ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ଆଶ୍ୱାସନା ଦେଇଥିବା ମିଲି କହିଛନ୍ତି। ଏପରି କି ଏହି ଘଟଣାରେ ସଞ୍ଜୟଙ୍କ ସମ୍ପୃକ୍ତି ନେଇ ଚିତ୍ତରଞ୍ଜନଙ୍କ ପରିବାର ପକ୍ଷରୁ ପ୍ରଥମରୁ କରାଯାଇଥିବା ଅଭିଯୋଗକୁ ମିଲି ଖଣ୍ଡନ କରିଛନ୍ତି। ଅପରପକ୍ଷରେ ଘଟଣାର ସବୁଦିଗକୁ ନେଇ ତଦନ୍ତ ଚାଲିଛି। ପରିବାର ଲୋକ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଉପରେ ମଧ୍ୟ ତର୍ଜମା କରାଯାଉଛି ବୋଲି ସିଂ ସୂଚନା ଦେଇଛନ୍ତି।

### ‘ଦାସବର୍ମାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ’

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ ଚିତ୍ତରଞ୍ଜନ ପଲେଇଙ୍କ ନିଖୋଜ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ପୋଲିସ ୨ ଦିନ ଧରି କାହିଁକି କୌଣସି ଖୋଜ ଖବର କରି ନ ଥିଲା ବୋଲି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଏହି ଘଟଣାରେ ସଞ୍ଜୟ ଦାସବର୍ମାଙ୍କ ବିରୋଧରେ ଅଭିଯୋଗ କରାଯାଇଛି। ସେହି ଆଧାରରେ କାହିଁକି ତଦନ୍ତ କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାର ତଦନ୍ତ ନିରପେକ୍ଷ ହେବା ଉଚିତ। ଚିତ୍ତରଞ୍ଜନଙ୍କ ମୋବାଇଲ କଲ୍ ରେକର୍ଡ ଯାଞ୍ଚ କରାଯାଇ ଦାସବର୍ମାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଦାସବର୍ମାଙ୍କୁ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦରୁ ପ୍ରଥମ ହଟାଯାଉ ବୋଲି ଲଳିତେନ୍ଦୁ ଦାବି କରିଛନ୍ତି।




### ଘର ଜାଳିଦେଲେ ସ୍ୱାମୀ, ସ୍ତ୍ରୀ ଥାନାର ଦ୍ୱାରସ୍ଥ

କାମାକ୍ଷାନଗର, ୧୪।୧୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ନୂଆ ଆଳତୁମା ଗ୍ରାମରେ ମଙ୍ଗଳବାର ଅଭାବନୀୟ ଘଟଣା ଘଟିଛି। ଘରୋଇ କଳିରୁ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ପ୍ରସନ୍ନ ସାମଲ ନିଜ ଘର ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ଅଗ୍ନିକାଣ୍ଡରେ ୨ବଖରା ଛାରଖାର ହୋଇଯାଇଛି। କାମାକ୍ଷାନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପଟେ ସ୍ୱାମୀଙ୍କ ଏଭଳି କାର୍ଯ୍ୟ ବିରୋଧରେ ସ୍ତ୍ରୀ ରୁଦନା ସାମଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୌଣସି କାରଣରୁ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରୁଦନା ଘରେ ନ ଥିବାବେଳେ ପ୍ରସନ୍ନ ନିଆଁ ଲଗାଇ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ଚିଲିକାରୁ ୩୦ଏକର ସରୁ ଜାଲ ଉଚ୍ଛେଦ

ବାଲୁଗାଁ,୧୪।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ବାଲୁଗାଁ ଚିଲିକା ତଟାଞ୍ଚଳରେ ବେଆଇନଭାବେ ଗଢ଼ି ଉଠିଥିବା ୩ଟି ମାଛ ଚାଷ ପୋଖରୀ ତଥା ୧ଏକର ମାଟି ବନ୍ଧ ଘେରି ସହ ନିଷିଦ୍ଧ ୩୦ଏକର ପରିବ୍ୟାପ୍ତ ସରୁ ଆଲିମ ଜାଲକୁ ଉଚ୍ଛେଦ କରାଯାଇଛି। ପ୍ରକାଶ ଯେ, ଚିଲିକାରେ ସରୁ ଆଲିମ ଜାଲ ବ୍ୟବହାର ଦ୍ୱାରା ଛୋଟଛୋଟ ମାଛ ଏଥିରେ ପଡ଼ି ମୃତ୍ୟୁବରଣ କରିବା ଯୋଗୁ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ବାଧା ଉପୁଜୁଛି। କେତେଜଣ ଅଣମତ୍ସ୍ୟଜୀବୀ ବେଆଇନ ଭାବେ ଏହି ସରୁଜାଲ ବ୍ୟବହାର କରିବା ଫଳରେ ମତ୍ସ୍ୟଜୀବୀଙ୍କ ପରିବାର ପ୍ରତିପୋଷଣରେ ସମସ୍ୟା ସୃଷ୍ଟି ହୋଇଥିଲା। ଏହି ସରୁଜାଲକୁ ଚିଲିକା ଜଳରାଶିରୁ ଉଚ୍ଛେଦ ନିମନ୍ତେ ମତ୍ସ୍ୟଜୀବୀଙ୍କ ପକ୍ଷରୁ ଦାବି ହେଉଥିଲା। ଏଥିସହ ବାଲୁଗାଁ ଚିଲିକା କୂଳ ଜେଟିଠାରୁ ରାହାଣବେଲୀ ଗ୍ରାମ ମଧ୍ୟରେ ବେଆଇନ ଭାବେ ଚିଲିକା ସଂଲଗ୍ନ ସରକାରୀ ଜମିରେ ଶହ ଶହ ଏକର ଘେରି ବନ୍ଧ କରି ମାଛଚାଷ ହେଉଥିବା ଯୋଗୁ ମତ୍ସ୍ୟଜୀବୀଙ୍କ ଜୀବିକା କ୍ଷେତ୍ରରେ ମଧ୍ୟ ଏହା ସମସ୍ୟା ସୃଷ୍ଟି କରିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଉଚ୍ଚ ନ୍ୟାୟାଳୟ ଚିଲିକାରୁ ସମ୍ପୂର୍ଣ୍ଣ ସରୁଜାଲକୁ ନିଷିଦ୍ଧ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚିଲିକା ତହସିଲଦାର ପୁନମ୍ ମହାପାତ୍ର, ବାଲୁଗାଁ ମତ୍ସ୍ୟ ସମ୍ପଦ ଅଧିକାରୀ ଶଶାଙ୍କ ଶେଖର ସାହୁ ଓ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ମିଳିତଭାବେ ଏକ ଟାସ୍କଫୋର୍ସ ଟିମ୍ ମଙ୍ଗଳବାର ପୂର୍ବାହ୍ନରେ ବାଲୁଗାଁ ଚିଲିକା ତଟାଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ସ୍ଥାନୀୟ ରଘୁନାଥପୁର ସଂଲଗ୍ନ ଚିଲିକା ତଟରେ ବେଆଇନ ଭାବେ ସରକାରୀ ଜାଗାରେ ଗଢ଼ି ଉଠିଥିବା ୧ଏକର ମାଛ ଚାଷ ଘେରି ବନ୍ଧକୁ ଉଚ୍ଛେଦ କରିଥିଲେ। ଏଥିସହ ବାଲୁଗାଁ ନୂତନ ଜେଟିଠାରୁ କଳିଯୁଗେଶ୍ୱର ପାହାଡ଼ ମଧ୍ୟରେ ଚିଲିକା ହ୍ରଦରେ ମାଛ ମାରିବା ପାଇଁ ପଡ଼ିଥିବା ୩୦ଏକର ପରିବ୍ୟାପ୍ତ ଅଞ୍ଚଳରୁ ସରୁଜାଲକୁ ଜବତ କରିଥିଲେ। ଏହି ଉଚ୍ଛେଦ କାର୍ଯ୍ୟରେ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ନିୟୋଜିତ କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ଦୁଇ ସେକ୍ସନ ଫୋର୍ସ ମୁତୟନ ହୋଇଥିଲେ।

### ଗରମ ଡାଲି ପଡ଼ି ସେବାୟତ ଆହତ

**ପୁରୀ ଅଫିସ,୧୪।୨୧:** ଶ୍ରୀମନ୍ଦିରରେ ମଙ୍ଗଳବାର ଏକ ଅଘଟଣ ଦେଖିବାକୁ ମିଳିଛି। ଭୋଗମଣ୍ଡପ ଘରୁ ଆନନ୍ଦ ବଜାରକୁ ମହାପ୍ରସାଦ ନେଉଥିବା ବେଳେ ଜଣେ ସୁଆର ସେବାୟତଙ୍କ ଦେହରେ ଗରମ ଡାଲି ପଡି ଆହତ ହୋଇଛନ୍ତି। ଆହାତ ସୁଆର ସେବାୟତ ଜଣଙ୍କ ହେଉଛନ୍ତି ହରଚଣ୍ଡୀ ସାହିର ନରସିଂହ ମହାପାତ୍ର। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ପ୍ରଥମ ଭୋଗ ମଣ୍ଡପ ସମ୍ପନ୍ନ ହେବା ପରେ ସୁଆର ମହାପାତ୍ର ଭୋଗମଣ୍ଡପ ଘରୁ ମହାପ୍ରସାଦ ଓ ଗରମ ଡାଲି ନେଇ ଆନନ୍ଦ ବଜାରକୁ ଯାଉଥିଲେ। ଏହି ସମୟରେ ସେ ହଠାତ୍ ଭାରସାମ୍ୟ ହରାଇ ଥିଲେ। ଫଳରେ ଗୋଡ଼ ଖସିଯିବାରୁ ତଳେ ପଡ଼ିବା ସହ ଡାଲି କୁଡିଆଟି ପଡ଼ି ଭାଙ୍ଗି ତାଙ୍କ ଶରୀରରେ ପଡ଼ିଥିଲା। ଡାଲି ତାଙ୍କ ବାମ ହାତ ଏବଂ ଗୋଡରେ ପଡିଯିବାରୁ ଚାରିଆଡ଼େ ଫୋଟକା ହୋଇଯାଇଥିଲା। ଅନ୍ୟ ସେବାୟତମାନେ ତାଙ୍କ ଉଦ୍ଧାର କରି ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କର ଚିକିତ୍ସା କରିବା ପରେ ଏବେ ସେ ସୁସ୍ଥ ଅଛନ୍ତି।

# ୧୨୬ ବସ୍‌ରେ ଆସିବେ ୬,୧୩୧ ଚୁକ୍ତିଭିତ୍ତିକ ଶିକ୍ଷକ

## ୧୬ରେ କଳିଙ୍ଗ ଷ୍ଟାଡିୟମ୍‌ରେ ବିଶାଳ କର୍ମଶାଳା

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ଚଳିତ ମାସଶେଷ ସପ୍ତାହରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାର ସମ୍ଭାବନା ରହିଛି। ଏହା ପୂର୍ବରୁ ଅର୍ଥାତ୍ ଆସନ୍ତା ୧୬ ତାରିଖରେ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନେଇ ଏକ ବିଶାଳ ପ୍ରଶିକ୍ଷଣ କର୍ମଶାଳା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏଥିରେ ୩୦ ଜିଲାରୁ ବଛାବଛା ୬ ହଜାର ୧୩୧ ଶିକ୍ଷକ ଭାଗନେବେ। ସେମାନଙ୍କୁ ନିଯୁକ୍ତିପତ୍ର ଦିଆଯିବ। ଦିନତମାମ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ। ତେବେ ଚୁକ୍ତିଭିତ୍ତିକ ଶିକ୍ଷକମାନେ ନିଜ ଖର୍ଚ୍ଚରେ ଆସିବେ ନାହିଁ। ସେମାନଙ୍କୁ ବିଭାଗ ପକ୍ଷରୁ ବସ୍ ଭଡ଼ା କରି ଷ୍ଟାଡିୟମ ପରିସରକୁ ଅଣାଯିବ। କାର୍ଯ୍ୟକ୍ରମ ଶେଷ ହେବା ପରେ ପୁଣି ସେମାନଙ୍କ ଜିଲାରେ ଛାଡ଼ିବା ବ୍ୟବସ୍ଥା ହୋଇଛି। ଏଥିପାଇଁ ମୋଟ୍ ୧୨୬ଟି ସରକାରୀ ଓ ବେସରକାରୀ ଗାଡ଼ି ଯୋଗାଇ ଦେବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀଙ୍କୁ ଚିଠି ଲେଖିଛନ୍ତି। ଆର୍‌ଟିଓମାନେ ବସ୍ ଯୋଗାଇବା ନେଇ ଜିଲା ଶିକ୍ଷା ଅଧିକାରୀମାନଙ୍କୁ ଯୋଗାଯୋଗ କରିବେ। ବୁଧବାରଠାରୁ ଶିକ୍ଷକମାନଙ୍କୁ ଆଣିବା ପ୍ରକ୍ରିୟା ଆରମ୍ଭ ହେବ। ପ୍ରତ୍ୟେକ ବସ୍‌କୁ ଜଣେ ଶିକ୍ଷକ ଗାଇଡ୍ କରି ଆଣିବେ। ସାଧାରଣ ନିର୍ବାଚନ ବେଳେ ସରକାର ବସ୍‌ଗୁଡ଼ିକୁ ଯେଉଁ ଖର୍ଚ୍ଚରେ ଭଡ଼ାରେ ଆଣନ୍ତି ସେହି ଅନୁଯାୟୀ ଦେବାକୁ ଚିଠିରେ କୁହାଯାଇଛି।

ପରିବହନ ବିଭାଗକୁ ଲେଖାଯାଇଥିବା ଚିଠି ଅନୁଯାୟୀ, ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ଆଣିବା ଲାଗି ଅନୁଗୋଳ ଜିଲା ପାଇଁ ୨, ବାଲେଶ୍ୱର ୩, ବରଗଡ଼ ୩, ଭଦ୍ରକ ୪, ବଲାଙ୍ଗୀର ୬, ବୌଦ୍ଧ ୨, କଟକ ୯, ଦେବଗଡ଼ ୧, ଢେଙ୍କାନାଳ ୩, ଗଜପତି ୨, ଗଞ୍ଜାମ ୮, ଜଗତ୍‌ସିଂହପୁର ୫, ଯାଜପୁର ୫, ଝାରସୁଗୁଡା ୩, କଳାହାଣ୍ଡି ୫, କନ୍ଧମାଳ ୩, କେନ୍ଦ୍ରାପଡ଼ା ୫, କେନ୍ଦୁଝର ୮, ଖୋର୍ଦ୍ଧା ୪, କୋରାପୁଟ ୪, ମାଲକାନଗିରି ୨, ମୟୂରଭଞ୍ଜ ୮, ନବରଙ୍ଗପୁର ୪, ନୟାଗଡ଼ ୪, ନୂଆପଡ଼ା ୨, ପୁରୀ ୪, ରାୟଗଡ଼ା ୩, ସମ୍ବଲପୁର ୪, ସୋନପୁର ୨ ଏବଂ ସୁନ୍ଦରଗଡ଼ ଜିଲା ପାଇଁ ୮ଟି ବସ୍ ଯୋଗାଇବାକୁ କୁହାଯାଇଛି। କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, କଳାହାଣ୍ଡି, ନୂଆପଡ଼ା ଓ ବଲାଙ୍ଗୀର ଜିଲାରୁ ଶିକ୍ଷକମାନେ ୧୫ ତାରିଖରୁ ଆସି ୧୬ ତାରିଖ ସକାଳେ କଳିଙ୍ଗ ଷ୍ଟାଡିୟମରେ ପହଞ୍ଚିବେ। ଅନ୍ୟ ୧୯ ଜିଲାର ଶିକ୍ଷକମାନେ ସେହିଦିନ ଆସିବେ ଓ କାର୍ଯ୍ୟକ୍ରମ ଶେଷ ହେବା ପରେ ସନ୍ଧ୍ୟାରେ ଫେରିଯିବେ ବୋଲି ନିଷ୍ପତ୍ତି ହୋଇଛି।







ମିସ୍ ୟୁନିଭର୍ସ-୨୦୨୧ ବିଜେତା ଭାରତର ହରନାଜ ସାନ୍ଧୁଙ୍କୁ ଶୁଭେଚ୍ଛା ଜଣାଇ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

**ଆଜିର ମନ୍ତବ୍ୟ**
"କେନ୍ଦ୍ର ଓ ଉତ୍ତର ପ୍ରଦେଶ ସରକାର କେବଳ ଘୋଷଣା, ଭିତ୍ତିପ୍ରସ୍ତର ସ୍ଥାପନ ଓ ଅର୍ଦ୍ଧନିର୍ମିତ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିବା ଦ୍ୱାରା ଶାସକ ଭାଜପାର ମୂଳଦୁଆ ସଶକ୍ତ ହେବ ନାହିଁ।
–ମାୟାବତୀ, ବିଏସ୍‌ପି ସୁପ୍ରିମୋ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


କିଶାନ୍
ପରିବାରବର୍ଗ


ସୁଜି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାତୀ ସୁରକ୍ଷା ପାଇଁ ବିଦ୍ୟୁତ୍ କାଟ
## ପ୍ରଭାବିତ ହେବେ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ

**ସମ୍ବଲପୁର,୧୪।୧୨(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଉପକଣ୍ଠ ଅଞ୍ଚଳରେ କିଛିଦିନ ହେବ ହାତୀ ଚଳାଚଳ ବୃଦ୍ଧି ପାଇଛି। ହାତୀଙ୍କ ସୁରକ୍ଷା ପାଇଁ ବନ ବିଭାଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ କାଟ କରାଯିବ ବୋଲି ଟାଟା ପାୱାର ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ ଡିସେମ୍ବର ୩ରେ ଧମା ରେଞ୍ଜ ଜଙ୍ଗଲରୁ ୧୪ରୁ ଅଧିକ ହାତୀ କୌଣସିମତେ ମହାନଦୀ ପାର ହୋଇ ଚାଆଁରପୁର ଅଞ୍ଚଳକୁ ଆସିଥିଲେ। ଖାଦ୍ୟ ଅନ୍ୱେଷଣରେ ସେମାନେ ଗୋଶାଳା, ବ୍ରହ୍ମପୁରା ଗ୍ରାମକୁ ଆସି ଫସଲ ନଷ୍ଟ କରିଥିଲେ। ହାତୀପଲ ଲମ୍ଫେଇ ଡୁଙ୍ଗୁରି ଅଞ୍ଚଳରେ ଯାତାୟାତ କରୁଥିବା ନଜର ରହିଛି। ନିକଟରେ ୧୨ ବର୍ଗ କିମି ଜଙ୍ଗଲ ରହିଥିଲେ ବି ହାତୀମାନେ ଗାଁ ମୁହାଁ ହେଉଛନ୍ତି। ଧାନ ଓ ପନିପରିବା ଫସଲ ଖାଇବା ପାଇଁ ସନ୍ଧ୍ୟା ହେଲେ ଗ୍ରାମ ନିକଟରେ ପହଞ୍ଚି ଯାଉଛନ୍ତି। ବନ ବିଭାଗ ଅଧିକାରୀ ଏମାନଙ୍କ ଉପରେ ନଜର ରଖିଛନ୍ତି। ଜଙ୍ଗଲ ଓ ଗ୍ରାମ ଗୁଡିକରେ ବିଦ୍ୟୁତ୍ ତାର ଲାଗି କାଳେ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ ସେଥିପାଇଁ ବିଦ୍ୟୁତ୍ କାଟ କରିବାକୁ ସ୍ଥିର କରାଯାଇଛି। ହୀରାକୁଦ୍ ଓ ସମ୍ବଲପୁର ସବ୍‌ଡିଭିଜନ୍‌ରେ ଥିବା ରକ୍ଷଣାବେକ୍ଷଣ ଟିମ୍ ଏବଂ ବନ ବିଭାଗ ମିଳିତ ଭାବେ ଆଲୋଚନା କରି ଏହି ନିଷ୍ପତ୍ତି ନେଇଛନ୍ତି। ଏହା ଦ୍ୱାରା କଟପାଲି ଓ ଚାଉଁରପୁର ପାୱାର ସବ୍‌ଷ୍ଟେଶନର ୩୩କେଭି ଗ୍ରୀଡ୍‌ରେ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହେବ। ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଟାଟା ପାୱାର ପ୍ରାଥମିକତା ଦେଇ ଏହି ନିଷ୍ପତ୍ତି ନେଇଛି। ବିଦ୍ୟୁତ ଆଘାତରେ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା ଲାଗି ବନ ବିଭାଗଙ୍କ ପରାମର୍ଶ ନିଆଯାଇଛି। ଅନିଚ୍ଛାକୃତ ବିଦ୍ୟୁତ୍ କାଟ ଯୋଗୁ ଗ୍ରାହକ, ସାଧାରଣ ଜନତା ଓ ଅଞ୍ଚଳରେ ଥିବା କିଛି ଶିଳ୍ପ ସଂସ୍ଥା ସମସ୍ୟାର ସମ୍ମୁଖୀନ ହେବେ। ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଏ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଏହା ସହ ହାତୀମାନଙ୍କୁ ଘଉଡ଼ାଇବା ଲାଗି ସମ୍ବଲପୁର ସର୍କଲ୍‌ର ପଦାଧିକାରୀ, କ୍ଷେତ୍ରରେ କାର୍ଯ୍ୟ କରୁଥିବା ବନ ବିଭାଗ ଅଧିକାରୀଙ୍କ ସହ ସମ୍ପର୍କରେ ରହିଛନ୍ତି। ହାତୀମାନଙ୍କୁ ମହାନଦୀ ଅପରପାର୍ଶ୍ୱ ଧମା ଜଙ୍ଗଲକୁ ପୁଣି ପଠାଇବା ଲାଗି ଉଦ୍ୟମ କରାଯାଉଛି। ମଙ୍ଗଳବାର ସନ୍ଧ୍ୟାରେ ହାତୀପଲ ଚାଉଁରପୁର ଅଞ୍ଚଳରେ ରହିଛନ୍ତି। ବିଦ୍ୟୁତ୍ କାଟ ଯୋଗୁ ପ୍ରଭାବିତ ଗ୍ରାମଗୁଡ଼ିକ ହେଲା ଚାଉଁରପୁର, ବଡ଼ସିଙ୍ଗାରୀ, ମୁଣ୍ଡାଘାଟ, ପିତାପାଲୀ, ଝରାପାଲୀ, ବ୍ରହ୍ମପୁରା, ସିନାପାଲି, ଟିଙ୍କିପାଲି ଓ ବଗବୀରା। ଏ ସମ୍ପର୍କରେ ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବରମ କହିଛନ୍ତି, ହାତୀଙ୍କ ସୁରକ୍ଷା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ବାରମ୍ବାର ବିଭିନ୍ନ ବୈଠକରେ ବିଦ୍ୟୁତ୍ ଆଘାତରେ ହାତୀ ତଥା ଅନ୍ୟ ବନ୍ୟପ୍ରାଣୀ ଅସୁରକ୍ଷିତ ବୋଲି ଦାବି କରାଯାଇଥାଏ। ଯେଉଁ ଅଞ୍ଚଳରେ ହାତୀପଲ ଯାତାୟାତ କରିବେ ସେ ଅଞ୍ଚଳର ବିଦ୍ୟୁତ୍ କାଟ କରିବାକୁ ସ୍ଥିର ହୋଇଛି ବୋଲି କହିଥିଲେ।


ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ହାତୀପଲ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନକୁ ଆସେ**
**କଥା ପଦିକରେ ଛ' ଥର ରୁଷେ**
**ଅଘଷା ପାଟିରେ ପାନ**
**ସବୁବେଳେ ହୁଏ ଚବର ଚବର**
**ନ ମାନଇ ବଡ଼ ସାନ।**

କିଛି ବ୍ୟକ୍ତି ନ ଡାକିଲେ ମଧ୍ୟ ମନକୁ ମନ ଆସି ନିଜ ଉପସ୍ଥିତି ଜାହିର କରିଥାନ୍ତି। ସାମାନ୍ୟ କଥାରେ ଅଭିମାନ କରିବସିଥାନ୍ତି। ସେଭଳି କିଛି କଥା ନ ଥିଲେ ମଧ୍ୟ ଅଯଥାରେ ବକର ବକର ହେଉଥାନ୍ତି, ଏପରି କି ବଡ଼ ସାନ କିଛି ମାନି ନ ଥାନ୍ତି। ବଦପ୍ରକୃତି ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନେ ମନେ ହୁଅ ଦରିଆ ପାର**
**ମନ ମରିଗଲେ ସବୁ ଅସାର।**

କିଛି ବ୍ୟକ୍ତି ମନେମନେ ଅନେକ ଯୋଜନା କରିବସନ୍ତି। ତେବେ ପରିକଳ୍ପନା କରିବା ଏବଂ ତାକୁ ବାସ୍ତବରେ କାର୍ଯ୍ୟକାରିତା କରାଇବାରେ ଅନେକ ଫରକ ରହିଥାଏ। କିଛି ଉଦ୍ୟମ ନ କରି ମନେମନେ ଖାଲି ଭାବିବସିଲେ କିଛି ହାସଲ କରିହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ବଳାତ୍କାରୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ଭବାନୀପାଟଣା,୧୪।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅଞ୍ଚଳର ଜଣେ ୭୫ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର ଘଟଣାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଏହି ଘଟଣାରେ ଧର୍ମଗଡ ଅତିରିକ୍ତ ଜିଲା ଦୌରାଜଜ୍ ବନ୍ଦନା କର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ଭଗବତିଆ ଭୋଇ ଓରଫ ସାଗର (୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦୟେ ଅଭିଯୁକ୍ତଙ୍କୁ ଅଧିକ ବର୍ଷେ ଜେଲ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, ୨୦୧୯ ମାର୍ଚ୍ଚ ୧୯ରେ ବୃଦ୍ଧା ଜଣକ କ୍ୱାଇଁ ଘରେ ଏକୁଟିଆ ଥିବାବେଳେ ଭଗବତିଆ ତାଙ୍କୁ ବଳାତ୍କାର କରିଥିଲେ। ଏହି ବିଷୟରେ ତାଙ୍କ ପୁଅ ଗୋଲାମୁଣ୍ଡା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ପିପି ପୂର୍ଣ୍ଣଚନ୍ଦ୍ର ନାଗ ପରିଚାଳନା କରିଥିଲେ।

# ୭ ମୃତ ବିଦେଶୀ ପକ୍ଷୀ ଜବତ, ୨ ଶିକାରୀ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୧୪।୧୨(ଡି.ଏନ୍.ଏ.):** ଟାଙ୍ଗୀ ରେଞ୍ଜ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ମଙ୍ଗଳବାର ମଙ୍ଗଳାଯୋଡ଼ି ଅଞ୍ଚଳରେ ଚଢ଼ାଉ କରି ୭ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ୨ଜଣ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମଙ୍ଗଳାଯୋଡ଼ି ଗ୍ରାମର ବାହୁଡ଼ା ବେହେରା ଓ ଭାଗବତ ବେହେରା। ଏମାନଙ୍କ ନିକଟରୁ ଏକ ଡଙ୍ଗା ଜବତ କରାଯାଇଛି। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ରେଞ୍ଜର ଚୁଡ଼ାମଣି ମୁର୍ମୁ କହିଛନ୍ତି।

# ୮ ଘଣ୍ଟା ବୈଠକ, ମାନିଲେନି ମିଲର୍ସ
## ରାସ୍ତାରେ ଧାନବସ୍ତା ରଖି ଆନ୍ଦୋଳନ ଯୋଜନା



**ସମ୍ବଲପୁର,୧୪।୧୨(ବ୍ୟୁରୋ)**

ସମ୍ବଲପୁର ଜିଲାର ଶାସନ ଓ ତାଲବ ଧାନ ମଣ୍ଡିରେ ମଙ୍ଗଳବାର ମଧ୍ୟ ଧାନ ସଂଗ୍ରହ ହେଲା ନାହିଁ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବୈଠକ ହେବା ସତ୍ତ୍ୱେ ସମାଧାନ ହୋଇପାରି ନାହିଁ। ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଗୁଡୁ, ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକ, ଚାଷୀ ଓ ମିଲର୍ସମାନେ ଆଲୋଚନା କରିଥିଲେ। ଚାଷୀମାନେ କଟ୍‌ନୀଛଟ୍‌ନୀ ବନ୍ଦ କରିବାକୁ ଦାବି କରିଥିଲେ। ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ମିଲର୍ସମାନେ କଟ୍‌ନୀଛଟ୍‌ନୀ ଉପରେ ରୋକ ଲଗାଯିବ ନାହିଁ ବୋଲି କହି ପ୍ରଶାସନର ତାଗିଦ୍ ଓ ଚାଷୀଙ୍କ ଦାବି ଗ୍ରହଣ କରି ନ ଥିଲେ। ତେଣୁ ମଣ୍ଡିଗୁଡିକରେ ମିଲର୍ସଙ୍କ ରାଜ କିଭଳି ଚାଲୁଛି ତାହା ଅନୁମେୟ କରି ହେଉଛି। ଆଲୋଚନା ବିଫଳ ହେବା ପରେ ଦୁଇମଣ୍ଡିରେ ଅଚଳାବସ୍ଥା ପୂର୍ବଭଳି ଜାରି ରହିଛି। ଶାସନରେ ୨୫ ଜଣ ଓ ତାଲବରେ ୪୦ ଜଣ ଚାଷୀ ବିକ୍ରି କରିବାକୁ ଆଣିଥିବା ଧାନ ମଣ୍ଡିରେ ପଡିରହିଛି। ଚାଷୀମାନେ ନିଜର ହକ ପାଇଁ ଲଢେଇ ଜାରି ରଖିବେ ବୋଲି କହିଛନ୍ତି। ସେମାନେ ଜାତୀୟ ରାଜପଥରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିବାକୁ ଯୋଜନା କରୁଥିବା ଜଣାପଡିଛି। ଏ ସମ୍ପର୍କରେ ଚାଷୀ ଦେବେନ୍ଦ୍ର ପ୍ରଧାନ କହିଛନ୍ତି, ଦୁଇଦିନ ହେଲା ପ୍ରଶାସନ ଧାନ କିଣିପାରିଲା ନାହିଁ। ମିଲର୍ସମାନେ ନିଜ ଜିଦ୍‌ରେ ଅଟଳ ରହିଲେ। ତେଣୁ ଚାଷୀମାନେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ରାସ୍ତାରୋକୋ ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ବୁଧବାର ୧୦ଟାରେ ବୈଠକ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ।

ପ୍ରଥମ ପୃଷ୍ଠାରୁ...

## ଚାଷୀଙ୍କୁ ହତ୍ୟା...

ଉକ୍ତ ଏସ୍‌ଆଇଟି ସିଜେଏମ୍ କୋର୍ଟରେ ତଦନ୍ତ ରିପୋର୍ଟ ଦାଖଲ କରିଛି। ଏଥିରେ ଅଦାଲତଙ୍କୁ ସ୍ପଷ୍ଟ ଭାବେ ଅନୁରୋଧ କରାଯାଇଛି ଯେ, ଆଶିଷଙ୍କ ସମେତ ୧୨ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୨୭୯(ଦ୍ରୁତଗତିରେ ଗାଡ଼ି ଚଳାଇବା), ୩୩୮ (ଅବହେଳା ଯୋଗୁ ଗଭୀର କ୍ଷତ), ୩୦୪ଏ(ଅବହେଳା ଯୋଗୁ ମୃତ୍ୟୁ) ଏବଂ ୩୦୭(ହତ୍ୟା ଉଦ୍ୟମ)ରେ ମାମଲା ଚାଲିବା ଉଚିତ। ସେହିପରି ୩୦୨ (ହତ୍ୟା), ୧୪୭ (ଦଙ୍ଗା), ୧୪୮ (ଘାତକ ଅସ୍ତ୍ର ଧରି ଦଙ୍ଗା), ୧୪୯ (ବେଆଇନ ଭାବେ ଏକତ୍ରିତ ହୋଇଥିବା ପ୍ରତ୍ୟେକ ସଦସ୍ୟ ସମାନ ଉଦ୍ଦେଶ୍ୟ ରଖି ଅପରାଧ ଭିଆଇବା) ଏବଂ ୧୨୦ବି (ଆପରାଧିକ ଷଡ଼ଯନ୍ତ୍ର) ଭଳି ଦଫାଗୁଡ଼ିକୁ ମଧ୍ୟ ଏସ୍‌ଆଇଟି ବଳବତ୍ତର ରଖିଛି। ଦଫା ୩୨୬(ସ୍ୱେଚ୍ଛାକୃତ ଭାବେ ବିପଜ୍ଜନକ ଅସ୍ତ୍ରରେ ଆଘାତ), ୩୪ (ଅନେକ ଲୋକ ସମାନ ଉଦ୍ଦେଶ୍ୟ ରଖି କାର୍ଯ୍ୟ) ଏବଂ ଅସ୍ତ୍ରଶସ୍ତ୍ର ଆଇନ ଧାରା ୩/୧୨/୩୦ ଲଗାଇବାକୁ ମଧ୍ୟ ଏସ୍‌ଆଇଟି ସୁପାରିସ କରିଛି।

ସିନିୟର ପ୍ରସିକ୍ୟୁଶନ ଅଫିସର (ଏସ୍‌ପିଓ) ଏସ୍.ପି. ଯାଦବ ମଙ୍ଗଳବାର କହିଛନ୍ତି, ଏସ୍‌ଆଇଟିର ମୁଖ୍ୟ ତଦନ୍ତକାରୀ ବିଦ୍ୟାରାମ ଦିବାକର ସିଜେଏମ୍ ଚିନ୍ତାରାମଙ୍କ କୋର୍ଟରେ ଏକ ଆବେଦନ କରିଛନ୍ତି। ଅବହେଳା ଯୋଗୁ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇ ନ ଥିଲେ। ଏହା ଏକ ସୁନିୟୋଜିତ ଷଡ଼ଯନ୍ତ୍ର ଥିଲା ବୋଲି ବର୍ତ୍ତମାନ ଯାଏ ସଂଗୃହୀତ ତଥ୍ୟ ଓ ପ୍ରମାଣରୁ ଜଣାପଡ଼ିଛି। ତେଣୁ ଅଭିଯୁକ୍ତମାନଙ୍କ ବିରୋଧରେ ୩୦୭,୩୨୬,୩୪ ଓ ଅସ୍ତ୍ରଶସ୍ତ୍ର ଆଇନର ଧାରା ୩/୧୨/୩୦ ଲଗାଯାଇଥିବା ଏସ୍.ପି. ଯାଦବ କହିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଅଭିଯୁକ୍ତମାନଙ୍କୁ ବ୍ୟକ୍ତିଗତ ଭାବେ ହାଜର କରାଯାଇଛି। ଇତିମଧ୍ୟରେ ଅଜୟ ମଙ୍ଗଳବାର ଜେଲକୁ ଯାଇ ତାଙ୍କ ପୁଅଙ୍କୁ ଭେଟିଛନ୍ତି।

## ରାଜ୍ୟରେ ୧୧...

କୋରାପୁଟ, ଭବାନୀପାଟଣା, ବଲାଙ୍ଗୀର ଓ କନ୍ଧମାଳ। ଏହି ଥାନାଗୁଡ଼ିକରେ ନିଯୁକ୍ତି ପାଇଁ ପୋଲିସ ବିଭାଗରେ ୧୫୪ଟି ପଦବୀ ସୃଷ୍ଟି କରାଯାଇଛି। ସେମାନଙ୍କ ମଧ୍ୟରେ ୧୪ ଇନ୍ସପେକ୍ଟର, ୨୮ଟି ସବ୍‌ଇନ୍ସପେକ୍ଟର, ୨୮ ଏଏସ୍‌ଆଇ (ଯୋଗାଯୋଗ), ୨୮ କନଷ୍ଟେବଳ (ଯୋଗାଯୋଗ) ଓ ୫୬ କନଷ୍ଟେବଳ ପଦବୀ ଅନ୍ତର୍ଭୁକ୍ତ। ଏମାନଙ୍କ ବ୍ୟତୀତ ଫାଇନାନ୍ସ ଓ ଆକାଉଣ୍ଟ ଆନାଲିଷ୍ଟ, ଆଇଟି ଏକ୍ସପର୍ଟ ଓ ସାଇବର ଫରେନସିକ ଏକ୍ସପର୍ଟ ଭଳି ୯୦ ବିଶେଷଜ୍ଞଙ୍କୁ ମଧ୍ୟ ଏହି ଥାନାଗୁଡ଼ିକରେ ନିୟୋଜିତ କରାଯିବ ବୋଲି ଜଣାଯାଇଛି। ରାଜ୍ୟ ସାଇବର ତଥା ଆର୍ଥିକ ଅପରାଧ ରୋକିବାରେ ଏହା ସହାୟକ ହେବା ସହିତ ଲୋକଙ୍କୁ ଶୀଘ୍ର ନ୍ୟାୟ ଦେବା ଦିଗରେ ଫଳପ୍ରଦ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

## ଆଜିଠୁ ୩ଦିନିଆ...

ରାତିରେ ଆସି ପହଞ୍ଚିଛନ୍ତି। ନୀତି ଆୟୋଗ ଉପାଧ୍ୟକ୍ଷ ବୁଧବାର ପୂର୍ବାହ୍ନ ୯ଟା ୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ସେଠାରୁ ରାଜ୍ୟ ଅତିଥି ଭବନ ଯିବେ। ପୂର୍ବାହ୍ନ ୧୧ଟାରେ ଲୋକସେବା ଭବନର ନୂତନ କନଭେନଶନ ହଲ୍‌ରେ ଅପରାହ୍ନ ସାଢ଼େ ୧ଟା ଯାଏ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଯୋଗଦେବେ। ମଧ୍ୟାହ୍ନ ଭୋଜନ ସାରି ପୁଣି ଏମ୍‌ଏସ୍‌ଏମ୍‌ଇ ବିଭାଗ ସହ ବୈଠକ କରିବେ। ନୀତି ଆୟୋଗ ଉପାଧ୍ୟକ୍ଷ ରାତିରେ ପୁରୀ ଗସ୍ତ କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ଟିକିଏ ବିଳମ୍ବ ଓ ଝମେଲା ଭିତରେ ହିଁ ହେବ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ** ଚାହୁଁଥିବା ଜିନିଷ ପାଇବା ଓ ଆଶା କରୁଥିବା କାମରେ ସଫଳତା ହେତୁ ମାନସିକ ସ୍ଥିତି ଭଲ ରହିବ। ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଆଲୋଚନା ସମୟରେ ବନ୍ଧୁମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ବଳାଇ କର୍ମମୁଖର ହେବେ। ଲକ୍ଷ୍ୟ ହାସଲରେ ସମର୍ଥ ହେବେ ଓ ସଫଳତା ମଧ୍ୟ ପାଇବେ।

**କର୍କଟ** ଆଗାମୀ ସମୟର ପରିସ୍ଥିତି ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ଅର୍ଥ ସଂକଟ ହେତୁ ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଅଫିସରେ ବାଧ୍ୟତାମୂଳକ ଭାବେ କେତେକ କାମ କରିବାକୁ ବାଧ୍ୟ ହେବେ।

**ସିଂହ** ପ୍ରତ୍ୟୁଷରୁ ହଠାତ୍ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମ କିମ୍ବା ବିଶେଷ ଭ୍ରମଣ ଜନିତ କ୍ଳାନ୍ତିବୋଧ କରିବେ। ବନ୍ଧୁଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଓ ସ୍ଥଗିତ କାମଗୁଡ଼ିକୁ ଆରମ୍ଭ କରିବାକୁ ମନ ବଳାଇବେ। ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା** ବନ୍ଧୁଙ୍କ ଅନୁରୋଧରେ କୌଣସି କାମ ସକାଶେ ନିଜକୁ ପ୍ରସ୍ତୁତ କରିପାରନ୍ତି। ଖଳ ଲୋକଙ୍କ କଥାରେ ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବେ। ଅବହେଳା ଯୋଗୁ କେତେକ କାମ ଲାଗି ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ, ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ସାଧାରଣ କଥାରେ ରାଗିଯିବେ ଓ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଯୋଗୁ ଆଶ୍ୱସ୍ତି ଲାଭ କରିବେ । ନିଜ ଦୋଷରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ମାନସିକ ଅସୁସ୍ଥତା କାରଣରୁ ମନ ଉଦାସ ରହିବ। ଅଫିସ୍‌ରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସହକର୍ମୀଙ୍କ ବଦାନ୍ୟତାରୁ ଅପରାହ୍ନେ ଅର୍ଥ ଓ ସମ୍ମାନ ପାଇ ମନ ଖୁସି ହୋଇଯିବ। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଂଗଠନରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ କୌଣସି ଖବର ପାଇ ନିଜକୁ ପ୍ରସ୍ତୁତ ରଖିବାକୁ ଚେଷ୍ଟା କରିବେ । ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବା ସକାଶେ ଉଦ୍ୟମ ଚଳାଇପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନେ ସହି ନ ପାରି ବାଧିଲାଭଳି ଅପଶବ୍ଦ କହିବାର ସୂଚନା ରହିଛି । ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବନାହିଁ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନତୁବା କଳହର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ମାତ୍ର ତରବରିଆ ଭାବେ ଯାଆନ୍ତୁ ନାହିଁ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ ଲଘୁକ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** କର୍ମକ୍ଷେତ୍ରର ସମସ୍ୟା ସମାଧାନ ସକାଶେ ଚେଷ୍ଟା କରି ସଫଳତା ପାଇବେ। ଆର୍ଥିକ ଉନ୍ନତି ଘଟିବ ଯଦିଓ ଏଥିପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବାଣିଜ୍ୟ, ବ୍ୟବସାୟ, ପରିବହନରୁ ବହୁତ ଲାଭ ପାଇବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହେବ। ଆତ୍ମୀୟଙ୍କ ସହଯୋଗରୁ ପ୍ରାପ୍ୟ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ।


# classifieds Everyday
0674-2580101, 2549302




## BRIDE WANTED

Bride wanted for 41years groom 5'4" business consultant in Mumbai own house in BBSR. 8763301611. D-71829

32 ବର୍ଷ ସୁନ୍ଦର ବ୍ରାହ୍ମଣ IIT Delhi ରୁ M.Tech କରିଥିବା height-5.10" ଉଚ୍ଚ ଦରମାରେ ଅବସ୍ଥାପିତ ପାତ୍ରଙ୍କ ପାଇଁ ସୁନ୍ଦର ଗୌରବର୍ଣ୍ଣ ଚାକିରି କରିଥିବା ପାତ୍ରୀ ଆବଶ୍ୟକ। Contact Phone No.- 7735580114, 9650493259. D-22502

ଗରିବ ଜ୍ୟୋତିଷ ପାତ୍ରୀ ଅବିବାହିତ ଆବଶ୍ୟକ। ଜ୍ୟୋତିଷ ପାତ୍ର never married, professional Librarian. Contact:9237210331. D-22509

Divorcee issueless boy 36/5'11" Assistant Professor requires beautiful bride educated family settled Bhubaneswar. Contact directly 8328814414. D-22528

Brahmin Boy/ Railway Engineer/ 32/ SBI Manager, Bhubaneswar. 7978399083, 9090486408. D-22526

## GROOM WANTED

Beautiful Christian 43 aged unmarried Central Government ଚାକିରିଆ ଝିଅଙ୍କୁ ଯେ କୌଣସି ଜାତିର married/ unmarried ପୁଅ ଦରକାର। 7381366103. D-22525

36ବୟସ୍କା Government ଚାକିରିଆ ଖଣ୍ଡାୟତ Caste Handicap ଝିଅଙ୍କୁ ଯେ କୌଣସି ଜାତିର married/ unmarried ପୁଅ ଦରକାର। 7008080967. D-22550




## SALE

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542.** D-71742

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

**ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952.** D-71746

ରବିଟକିଜ ଛକଠାରୁ 6 କିଲୋମିଟର ଦୂର ବାଙ୍କୁଆଳରେ ଅତିଶୀଘ୍ର ଘର କରିବା ଯୋଗ୍ୟ **2000** ବର୍ଗଫୁଟ ପାଚେରି ହୋଇଥିବା ଘରବାଡ଼ି ପ୍ଲଟ୍ ବିକ୍ରୟ ହେବ। ବର୍ଗଫୁଟକୁ **1450/** ଟଙ୍କା। **Call: 6372897984, 8658289289.** D-22547

Bhubaneswar CRP ଛକରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 1500/-, 950/-, 400/-, 650/- କିଣି ଘର କରନ୍ତୁ। Pinky. 6370476317. D-71751

**Residential gharabari plot near English Medium School, Brahmanjharilo with boundarywall 7km. from Nakhara, Cuttack and 12km. to BBSR. Contact No.- 7809525452.** D-71825

## PURCHASE

ମୋର ଦରକାର ରାସ୍ତା କଡ଼ ଜାଗା ନଖରା ଠାରୁ ଅଡଶପୁର ପର୍ଯ୍ୟନ୍ତ। **Only owners to Contact: 7978991126.** D-71826

## ACCOMMODATION

**Wanted on rent 4/5 room premium flat or independent Bungalow (furnished or semi-furnished) with 2/3 Car Parking for residence in BBSR. Preferred area Patia, Chandrasekharpur, Saheed Nagar, Forest Park, IRC Village. Contact 7064416915.** D-22548




@999 refreshing your mind, body with the best therapy - 7873794731. D-71918

Newly Open Saikrupa Panchakarma Spa positively health benefits with Expert. 8984068077. D-22470

Newly open full body massage ladies and gents. 8327740003. D-71828

One hour any therapy by expert therapist @800 only. 9078484455. D-71449




୨ ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ଗୁରୁ ରହେମତ ଅଲି ବଶୀକରଣ ସ୍ପେଶାଲିଷ୍ଟ ବେପାରବୃଦ୍ଧି, ଗୃହ ସମସ୍ୟା, ପ୍ରେମ ବିବାହ, ସଉତୁଣୀ, ଶତ୍ରୁଦମନ। 8114984446. D-71452

## LOST

ମୁଁ ଜ୍ୟୋସ୍ନାମୟୀ ବର, ପି- ଟୁକୁ ବର, ଗ୍ରାମ- ବାରଘରିଆସାହି, ପୋଷ୍ଟ- ନୂଆସୋମେଶ୍ୱରପୁର, ଥାନା- ସତ୍ୟବାଦୀ, ଭାୟା- ସାକ୍ଷୀଗୋପାଳ, ଜିଲ୍ଲା- ପୁରୀ। ମୁଁ ସାକ୍ଷୀଗୋପାଳରୁ ବସ୍‌ରେ ଭୁବନେଶ୍ୱର ଯିବା ସମୟରେ ମୋର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ସାର୍ଟିଫିକେଟ୍ ହଜିଯାଇଛି। କେହି ସହୃଦୟ ବ୍ୟକ୍ତି ପାଇଲେ ମୋବାଇଲ 9861880078/ 9437860434/ 8328904063ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୬୭୬୩୯

## AFFIDAVIT

By virtue of an affidavit as sworn before Notary Public, Cuttack, on 13.12.2021, I Jagannath Sahoo, S/o- Bira Kishore Sahoo, At- Junuspatana, Cuttack, do hereby declare that Jagannath Sahoo and Jagannath Sahu is one and the same person and I shall be known as Jagannath Sahoo for all purposes. D-22549

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ବିଚାର ବିଭାଗୀୟ ତଦନ୍ତ ଦାବିକଲା କଂଗ୍ରେସ

## କଂଗ୍ରେସ ଭବନ ଭିତରେ କର୍ମୀଙ୍କୁ ପୋଲିସର ଆକ୍ରମଣ ପ୍ରସଙ୍ଗ

■ରାଜ୍ୟବ୍ୟାପୀ ଦଳ ତରଫରୁ ଏସ୍‌ପି ଅଫିସ୍ ଘେରାଉ

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)



ଭୁବନେଶ୍ୱରସ୍ଥିତ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର କଂଗ୍ରେସ ନେତା ଓ କର୍ମୀମାନେ ଧାରଣା ଦେଇଛନ୍ତି।

ନିକଟରେ ଛାତ୍ର କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ଉଦ୍ୟମ କରାଯାଇଥିଲା। ଏହି ସମୟରେ ପୋଲିସ ଏବଂ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପକ୍ଷରୁ ଲାଠିଚାର୍ଜ ମଧ୍ୟ କରାଯାଇଥିଲା। ଛାତ୍ର କଂଗ୍ରେସ କର୍ମୀ ଜୀବନ ବିକଳରେ କଂଗ୍ରେସ ଭବନରେ ପଶିଯାଇଥିଲେ। ଏହାପରେ ପୋଲିସ ମଧ୍ୟ କାର୍ଯ୍ୟାଳୟ ମଧ୍ୟରେ ପଶି ପିଟିଥିଲା। ପୋଲିସ କଂଗ୍ରେସ ଭବନରେ ପଶିବା ଘଟଣାକୁ ଦଳୀୟ ନେତା ଓ କର୍ମୀ ବିରୋଧ କରି ତଦନ୍ତ ଦାବିରେ ମଙ୍ଗଳବାର ଡିସିପି ଅଫିସ ଘେରାଉ କରିଛନ୍ତି। ଏହାସହ ରାଜ୍ୟବ୍ୟାପୀ ଏସ୍‌ପି ଅଫିସ୍ ଘେରାଉ କରାଯାଇ ଘଟଣାକୁ ତୀବ୍ର ବିରୋଧ କରାଯାଇଛି। ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଚାଲିଥିବା ଆନ୍ଦୋଳନରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ପୋଲିସ ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି, ଛାତ୍ର କଂଗ୍ରେସ କର୍ମୀଙ୍କୁ କଂଗ୍ରେସ ଭବନ ପରିସରରେ ପୋଲିସର ଅମାନୁଷିକ ଓ ବର୍ବରୋଚିତ ଆକ୍ରମଣ ନିନ୍ଦନୀୟ। ଡିସିପି ଏହି ଘଟଣା ସମ୍ପର୍କରେ ଅବଗତ ନ ଥିବା କହିବା ଲଜ୍ଜାଜନକ ବିଷୟ ବୋଲି ନିରଞ୍ଜନ କହିଛନ୍ତି।

ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ କହିଛନ୍ତି, ପୋଲିସ ଯେଉଁଭଳି ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀଙ୍କୁ ଆକ୍ରମଣ କରୁଛି ସେଥିରୁ ସ୍ପଷ୍ଟ ବୁଝାପଡୁଛି ସେମାନେ ଶାସକ ଦଳର ହାତବାରିସି ସାଜି କାମ କରୁଛନ୍ତି। ବିଜେଡି ନେତାଙ୍କୁ ସୁରକ୍ଷା ଦେବାକୁ ପୋଲିସ ଏଭଳି କାର୍ଯ୍ୟକଳାପ ଜାରି ରଖିଛି ବୋଲି ସେ କହିଛନ୍ତି। ସେହିପରି ମୟୂରଭଞ୍ଜ, ଜୟପୁର, ବାଲେଶ୍ୱର ଆଦି ଜିଲାରେ କଂଗ୍ରେସ କର୍ମୀମାନେ ଏସ୍‌ପି ଅଫିସ ଆଗରେ ପ୍ରତିବାଦ କରିଥିବା ବେଳେ ପୋଲିସ ସହ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଅବସରରେ କଂଗ୍ରେସ ୪ଟି ପ୍ରମୁଖ ଦାବି ରଖିଛି। ହାଇକୋର୍ଟରେ କାର୍ଯ୍ୟରତ ଜଜ୍‌ଙ୍କ ତତ୍ତ୍ୱାବଧାନରେ ମମିତା ମେହେର ହତ୍ୟାକାଣ୍ଡର ଏସ୍‌ଆଇଟି ତଦନ୍ତ କରାଯାଉ, ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ସହ ଗିରଫ କରାଯାଉ, କଂଗ୍ରେସ ଭବନରେ ପୋଲିସର ଅନୈତିକ ପ୍ରବେଶ, ଭଙ୍ଗାରୁଜା, ଛାତ୍ର କଂଗ୍ରେସ କର୍ମୀଙ୍କୁ ନିର୍ମମ ଆକ୍ରମଣର ବିଚାର ବିଭାଗୀୟ ତଦନ୍ତ ହେଉ ଏବଂ ଆନ୍ଦୋଳନ ସମୟରେ କାର୍ଯ୍ୟରତ ପୋଲିସ ଅଫିସରମାନେ ଇଚ୍ଛାକୃତ ଅବହେଳା ପାଇଁ ସେମାନଙ୍କ ଉପରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି କଂଗ୍ରେସ ଦାବି କରିଛି। ଅନ୍ୟପଟେ ୧୧ ଜଣିଆ ପ୍ରତିନିଧି ଦଳ ଡିସିପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## କ୍ଲିନ୍ ଏନର୍ଜି ସେସ୍‌ରୁ ୬୦% ରାଜ୍ୟକୁ ଦିଆଯାଉ: ଅଚ୍ୟୁତ

**ନୂଆଦିଲ୍ଲୀ,୧୪।୧୨:** ଓଡ଼ିଶାରୁ କ୍ଲିନ୍ ଏନର୍ଜି ବାବଦକୁ ସଂଗୃହୀତ ସେସ୍‌ରୁ ୬୦% ଅର୍ଥାତ୍ ୩୦ହଜାର କୋଟି ଟଙ୍କା ରାଜ୍ୟକୁ ଦେବା ଲାଗି ବିଜେଡି ଏମ୍‌ପି ଅଚ୍ୟୁତ ସାମନ୍ତ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଏନେଇ ବିଚାର କରିବାକୁ କନ୍ଧମାଳ ଏମ୍‌ପି ଅଚ୍ୟୁତ ଅନୁରୋଧ କରିଛନ୍ତି। ୨୦୨୧ରେ ଓଡ଼ିଶାରୁ ୧୫୩.୮୫ନିୟୁତ ଟନ୍ କୋଇଲା ଉତ୍ପାଦନ ହୋଇଛି, ଯାହାକି ଦେଶର ମୋଟ ଉତ୍ପାଦନର ୨୫%। ସଂଗୃହୀତ କ୍ଲିନ୍ ଏନର୍ଜି ସେସ୍ ୫୦ହଜାର କୋଟି ଟଙ୍କାରୁ ଅଧିକ ହେବ। ତେଣୁ ଏହାର ୬୦% ରାଜ୍ୟକୁ ଦିଆଗଲେ ଏହା ଖଣି ଅଞ୍ଚଳର ଅର୍ଥନୈତିକ ବିକାଶରେ ଖର୍ଚ୍ଚ କରାଯାଇପାରିବ ବୋଲି ଅଚ୍ୟୁତ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Required Odisha Airport male / female (8th-graduate) for Air-hostess, Ground Staff, I.T.I Diploma-Eng, Ex-man, Computer Operator, Data Entry, Air-ticketing, Driver. Salary-28k-85k Send C.V: interglobe62@gmail.com. 9711809424, 7052138505

Urgently Required
(PERMANENT JOB)ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper, Supervisors, Checkers, Loaders, Drivers, Guards and Helpers.
Qualification: ପାଠ ପଢିନଥିବା + Graduate
Salary: Rs 25000 - 75000 + Bonus + Cab ( ରହିବା + ଖାଇବା Free )
9536644810, 7351122597

ତୁରନ୍ତ ଆବଶ୍ୟକ
ଭୁବନେଶ୍ୱରସ୍ଥିତ ଏକ ଗେଷ୍ଟ ହାଉସ୍ ପାଇଁ ଅଭିଜ୍ଞ କର୍ମଚାରୀ ଆବଶ୍ୟକ।
● TOURIST CAR DRIVER- 5 Nos. (with badge and heavy licence)
●ହାଉସ୍‌କିପର (ଅଭିଜ୍ଞ ମହିଳା/ ପୁରୁଷ)–5 ଜଣ
Residency 24x7, 13 West, Ashok Nagar, [Behind Khadi Niketan], BBSR (10 A.M. to 5 P.M.)
9938329002
ଯୋଗ୍ୟ ପ୍ରାର୍ଥୀଙ୍କୁ ଉତ୍ତମ ଦରମା ଦିଆଯିବ।

MACHINO MOTORS
HYUNDAI AUTHORISED SINCE 2000
REQUIRE: Asst. Dentor, Asst. Painter, Washerman, Mechanics, Spare Parts Manager. Min. 5 years experience in Hyundai / other dealer.
Apply: machinohyundaiservice@gmail.com
Berhampur, Odisha, Contact / Whatsapp:
9338090533, 9337888024

See Career Appointment on every Wednesday & Saturday

APPOINTMENT
SP Academy, Bhubaneswar required MARKETING MANAGER- 2 Nos. OFFICE PERSONNEL: 1 No.
RP-14, Pandav Nagar
9556101210, 9337505150
Interview date & time: 12.12.2021 & 19.12.2021 at 11 A.M. to 1 P.M.

# ପିଏମ୍‌ଏୱାଇରେ ପକ୍କାଘର ଯୋଗାଇଦେବାକୁ ଦାବି

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

### କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ଏମ୍‌ପି

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ)ରେ ଓଡ଼ିଶାକୁ ପକ୍କାଘର ଯୋଗାଇ ଦେବାକୁ ଦାବି କରାଯାଇଛି। ମଙ୍ଗଳବାର ଏ ନେଇ ବିଜେଡି ଏମ୍‌ପିମାନେ କେନ୍ଦ୍ର ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏଥିସହ ବାସହରାଙ୍କୁ ଖୁବ୍‌ଶୀଘ୍ର ଘର ଦିଆଯାଉ ବୋଲି ଦାବି କରିଛନ୍ତି। ଫନୀ ବାତ୍ୟାରେ ୧ ଲକ୍ଷ ୮୪ ହଜାର ପରିବାର ଘର ହରାଇଥିଲେ। ୨୦୧୯ରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ଫନୀ ପ୍ରଭାବିତ ୫ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ)ରେ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ସୁଦ୍ଧା ୧ .୮୪ ଲକ୍ଷ ପରିବାରକୁ ଯୋଜନାରେ ସାମିଲ କରାଯାଇପାରି ନାହିଁ। ଆହୁରି ମଧ୍ୟ କିଛି ପରିବାରଙ୍କୁ ଅଜାଣତରେ ସାମିଲ କରାଯାଇପାରିନାହିଁ। ରାଜ୍ୟ ସରକାରଙ୍କ ଦ୍ୱାରା ଆରଏଚ୍ ପୋର୍ଟାଲ ସର୍ଭେ ବେଳେ ଏହା ଜଣାପଡ଼ିଛି।

ସେହିପରି ଅଣଫନୀ ପ୍ରଭାବିତ ୧୬ ଜିଲାର ୫.୦୯ ଲକ୍ଷ ଯୋଗ୍ୟ ପରିବାରକୁ ମଧ୍ୟ ଚିହ୍ନଟ କରାଯାଇଥିଲା। ଏମାନେ ଆଦିବାସୀବହୁଳ ପଶ୍ଚିମ ଓଡ଼ିଶା, ଅନୁସୂଚିତ ଅଞ୍ଚଳ ଓ କେବିକେ ଅଞ୍ଚଳର। ତେଣୁ ଏବେ ଆବାସ ପ୍ଲସ ପୋର୍ଟାଲ ମାସକ ପାଇଁ ଖୋଲିଲେ ବଳକା ପରିବାରଙ୍କ ତଥ୍ୟ ଏଥିରେ ଯୋଡ଼ାଯାଇପାରିବ ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ ଏମ୍‌ପିମାନେ କହିଛନ୍ତି। ଫନୀ ଅଣପ୍ରଭାବିତ ଅଞ୍ଚଳରେ ରହିଯାଇଥିବା ଗରିବ ପରିବାରକୁ ଘର ଶୀଘ୍ର ଯୋଗାଇ ଦେବାକୁ ଦାବି କରାଯାଇଛି। ଆବାସ ଯୋଜନାରେ ଗରିବଙ୍କୁ ଘର ଦେବାକୁ ଡିସେମ୍ବର ୧୧ରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଚିଠି ଲେଖିଥିଲେ। ତେବେ ଏନେଇ ଆଲୋଚନା ସହ ସମାଧାନର ବାଟ ବାହାର କରିବାକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଆବାସ ଯୋଜନା ନେଇ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଫନୀ ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ଘରକୁ ନେଇ ଚିଠିରେ ସେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଓଡ଼ିଶାରେ ୧.୮୪ ଲକ୍ଷ ଘର ପ୍ରଭାବିତ ହୋଇଛି। ଏହା ସହିତ ଫନୀ ଦ୍ୱାରା ପ୍ରଭାବିତ ହୋଇ ନ ଥିବା କେବିକେ ଅଞ୍ଚଳରେ ମଧ୍ୟ ୧୩ ଲକ୍ଷ ଘରର ଆବଶ୍ୟକତା ରହିଥିବା ଚିଠିରେ ଉଲ୍ଲେଖ କରିଥିଲେ ମୁଖ୍ୟମନ୍ତ୍ରୀ। ଫନୀ ବାତ୍ୟା ପାଇଁ ଅନେକ ଲୋକଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏପର୍ଯ୍ୟନ୍ତ ସେମାନଙ୍କୁ ଘର ଖଣ୍ଡିଏ ମିଳିପାରିନାହିଁ। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସେମାନଙ୍କୁ ତୁରନ୍ତ ଘର ଯୋଗାଇ ଦେବାକୁ ନିବେଦନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ୨୦୧୯ ମାର୍ଚ୍ଚ ୭ ସୁଦ୍ଧା ରାଜ୍ୟ ସରକାର ଆବାସ ପ୍ଲସ ମାଧ୍ୟମରେ ୩୫ ହଜାର ପରିବାରକୁ ଚିହ୍ନଟ କରିଥିଲେ ।

# ବିଜେଡି ଏମ୍‌ପିଙ୍କ ଦାବି ଭିତ୍ତିହୀନ: ଭାଜପା

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି, ଅପାରଗତାକୁ ଲୁଚାଇବା ତଥା ଆଗାମୀ ପଞ୍ଚାୟତ ନିର୍ବାଚନରେ ଏନେଇ ଜନ ଆକ୍ରୋଶରୁ ବର୍ତ୍ତିବା ପାଇଁ ବିଜେଡି ବାରମ୍ବାର କେନ୍ଦ୍ର ଉପରେ ଦୋଷ ଦେବା ଭଳି ହୀନ ଉଦ୍ୟମ କରୁଥିବା ଭାଜପା ଅଭିଯୋଗ କରିଛି। ଏକ ପ୍ରେସ୍ ବାର୍ତ୍ତା ଜରିଆରେ ମଙ୍ଗଳବାର ଭାଜପା ବିଧାୟକ ମୋହନ ମାଝି କହିଛନ୍ତି, ବିଜେଡି ପକ୍ଷରୁ ରାଜ୍ୟରେ ଘର ନିର୍ମାଣରେ ହେଉଥିବା ଦୁର୍ନୀତି ବନ୍ଦ କରାଯାଉ। ବିଜେଡି ଏମ୍‌ପିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଧାରରେ କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଯେଉଁ ଦାବି କରିଛନ୍ତି ତାହା ଭିତ୍ତିହୀନ । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନିକଟରେ ମୁଖ୍ୟମନ୍ତ୍ରୀ ଲେଖିଥିବା ଚିଠିରେ ମିଛର ଗୁମର ଖୋଲିଥିଲା। ଉକ୍ତ ଚିଠିରେ ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରିଥିଲେ, ତାଙ୍କ ଯୋଗୁ ହିଁ ଗରିବ ଲୋକମାନେ ପକ୍କାଘର ପାଇବାରୁ ବଞ୍ଚିତ ହୋଇଛନ୍ତି । କେନ୍ଦ୍ର ସରକାର ଆବାସ ପ୍ଲସ୍ ଅଧୀନରେ ଯୋଗ୍ୟ ଆବାସ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ୭ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ସମୟ ଦେଇଥିଲେ। ରାଜ୍ୟ ସରକାର ସେହି ସମୟ ମଧ୍ୟରେ କେବଳ ୩୫ ହଜାର ହିତାଧିକାରୀ ଚିହ୍ନଟ କରିପାରିଥିଲେ। ଲକ୍ଷାଧିକ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ବିଫଳ ହୋଇଥିଲେ। ପୁନର୍ବାର ମଙ୍ଗଳବାର କେନ୍ଦ୍ରମନ୍ତ୍ରୀଙ୍କ ପାଖରେ ଏହି ଦାବି ଜଣାଇ ବିଜେଡି କ'ଣ ପ୍ରମାଣିତ କରିବାକୁ ଚାହୁଁଛି ବୋଲି ମୋହନ ପ୍ରଶ୍ନ କରିଛନ୍ତି।

ODISHA PUBLIC SERVICE COMMISSION
CUTTACK
NOTICE
No. 9091 /P.S.C., Dt.14.12.21
1E-11-2021-22 (DR-III)
**No.D-235:-** It is for information of all concerned that the **Advertisement No.16 of 2021-22** for recruitment of Post Graduate Teachers stands **withdrawn** forthwith as communicated by School & Mass Education, the requisitioning Department, vide its letter No.23269/SME dated 02.12.2021.
Further for general information, if any further advertisement is issued for the same recruitment of Post Graduate Teachers, candidates those who have applied need not apply again.
OIPR-12002/11/0166/2122
Sd./- Secretary

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5086

GOVERNMENT OF ODISHA
OFFICE OF THE SUPERINTENDING ENGINEER
RWS&S DIVISION, RAIRANGPUR
No.O-1331:-
NATIONAL COMPETITIVE BIDDING THROUGH e-Tendering
Corrigendum Notice No.1 to Bid Identification No. 31 of 2021-2022
1. The wording for the Annexure-E of Section-5 (Scope of work) of the DTCN uploaded for all the villages of the work from Package No. 1 to 6 may be read as:
a) Installation of 2 Nos. of pump sets for 02 Nos. sources with 1 standby.
b) Installation of 1 No. of pump sets for 01 No. OGR with 1 standby. Detail installation for 1 No. of pump set (Where there is provision for OGR).
2. The HP of the pump motor in the village No. 02 i.e. Kalakada of Package No. 05 in the Annexure-E of Section -5 (Scope of work) of the DTCN uploaded may be modified as 5 HP.
3. The title of the work in Price Bid of the Package No.04 which was written as under Karanjia block may be modified as under Thakurmunda Block.
Sd./- Superintending Engineer, RWS & S Division, Rairangpur
OIPR-25010/11/0020/2122

PANCHAYAT SAMITI OFFICE, LAHUNIPARA
DISTRICT- SUNDARGARH (ODISHA)
Corrigendum Notice
NOTICE NO.: 2111 DATE: 14.12.2021
In pursuance to this Office Advertisement No. 2044, Dt.04.12.2021, the following correction has been made by the undersigned relating to "Class of Contractor".

| Sl. No. | Name of the work | Class of contractor mentioned previously | Class of contractor now read as |
|---|---|---|---|
| 1 | Gamlei U.G. High School | 'B' & 'C' | 'A' & 'B' |
| 2 | Govt. High School, Haldikudar | 'A' & 'B' | 'A' & 'Super Class' |

The other things mentioned in the Advertisement No. 2044, Dt.04.12.2021 shall remain unchanged.
Sd./-Block Development Officer, Lahunipara Block

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
F.No. J-11087(023)/2021-22/S&P Date: 09-12-2021
E-TENDER & TENDER CALL NOTICE
Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for **"(1) Portable Mobile RO Plant for New Burn Unit at AIIMS, Bhubaneswar in Two Bid System".** The e-tender document along with last date of submission of the tender can be viewed and downloaded from the official website **i.e. www.aiimsbhubaneswar.nic.in / www.tenderwizard.com and CPP Portal www.eprocure.gov.in.** The sealed e-Tender will be received through Speed post/Reg. post/Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.
Director, AIIMS, Bhubaneswar reserves the right to reject any or all the e-tenders & Tender without assigning any reason thereof.
Sd/-
Sr. Procurement-Cum Store Officer
AIIMS, Bhubaneswar

ADMISSION(SUIIT) : 2021-22
Sambalpur University Institute of Information Technology
A Constituent and Autonomous Unit of Sambalpur University
Advt. No.: 1307/ SUIIT Date: 14.12.2021
SPOT ADMISSION

| | |
|---|---|
| • B. Tech Regular (CSE/ECE/EEE) | 20.12.2021 |
| • B. Tech Lateral Entry (CSE/ECE/EEE) | 20.12.2021 |

INSTRUCTIONS
Few seats are left vacant in the above mentioned streams. Candidates interested for Spot Admission in B. Tech (Regular) and Lateral Entry (CSE/ECE/EEE) must report to the Administrative Officer, SUIIT during 10AM to 12:00 Noon on the dates as mentioned above. Selection will be done on the same day based on JEE MAIN/OJEE Rank, as per admission guidelines.
For any queries.: Dr. K. Das -9938983624 (CSE), Mr. P. Mishra -9438312045 (ECE), Dr. A. Panda- 9337347538 (EEE)
EMAIL: admin.office@suiit.ac.in
Sd./-
Director, SUIIT

RAJENDRA UNIVERSITY
PRAJNA VIHAR, BALANGIR-767002
No. 1529/ RU Date: 14.12.2021
NOTICE
Advertisement for engagement of Retired University / College / Government Servants as Office Assistant on contractual basis at Rajendra University, Balagir.
Applications are invited in the prescribed format from the interested Retired University / College / Government servants for consideration of engagement as Office Assistant on contractual basis with consolidated remuneration in Rajendra University, Balangir.
The last date of receipt of application is 24.12.2021 by 5.00 P.M. through Registered Post / Speed Post only. The Applicants / Candidates are requested to refer the University Notice Boards / Balangir District Website: https://balagir.nic.in for detailed terms of reference, guidelines, application procedures and application format etc.
REGISTRAR, Rajendra University, Balangir

GOVERNMENT OF ODISHA
SCIENCE & TECHNOLOGY DEPARTMENT
No.5337/ ST,Bhubaneswar, dated the 10.12.2021
ST-SCST-MISC-0044-2021
No.U-42:-
ADVERTISEMENT
1. Research & Development Project for the year 2021-22
Applications are invited through proper channel from Principal Investigators of Government Universities, Colleges, State funded Research Institutes and Research Institutes of Government of India functioning in Odisha for Research & Development Project in :-
(i) Basic & Applied Science and
(ii) Biotechnology
Applications submitted without the proper channel to the Science & Technology Department shall not be entertained.
The Principal Investigator should clearly mention in their applications the subject area i.e. either in **Basic & Applied Science or in Biotechnology** on the top of the envelope in capital letters, otherwise it will not be considered.
2. Biju Patnaik Research Fellowship for the year 2021-22
Applications are invited through proper channel from the candidates to pursue full time Ph.D. programme in / under any Government University of the State or any State / Central Government institutes established in the State for award of Biju Patnaik Research Fellowship in
(i) Basic & Applied Science
(ii) Biotechnology
The application should be duly sent through the Head of the Institute, otherwise it will not be considered.
The applicant should mention on the envelope in capital letter, in which subject area he / she has applied for either Basic & Applied Science or Biotechnology.
**Applications (R & D and BPRF) in connection with Basic & Applied Science should be reached to the Director, Science & Technology and applications in connection with Biotechnology should be reached to the Director, Biotechnology, Science and Technology Department, Odisha, 7th Floor, Kharavel Bhavan, Bhubaneswar-751001 on or before 15.01.2022. (Applicants desire to apply in both streams pertaining to the above mentioned two schemes i.e. R & D and BPRF and the areas i.e. Basic & Applied Science and Biotechnology should submit their applications separately).**
Application received after due date will not be entertained.
For details advertisement, eligibility and mode of application log on to https://st.odisha.gov.in/publication/advertisement and https://odisha.gov.in/important-links/advertisement
Sd./- Director, Science & Technology
OIPR-28001/11/0009/2122

ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା
ନବରଙ୍ଗପୁର
ODISHA SKILL DEVELOPMENT AUTHORITY
No.K-20:- ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ, ଓଡ଼ିଶାଙ୍କ ତରଫରୁ ଜିଲ୍ଲା ପ୍ରଶାସନ, ନବରଙ୍ଗପୁର ଏକ ନିଯୁକ୍ତି ମେଳା ଆସନ୍ତା ତା୨୦।୧୨।୨୦୨୧ ରିଖ ଦିବା ଘ୧୦.୦୦ମି. ସମୟରେ ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ନବରଙ୍ଗପୁରଠାରେ ଅନୁଷ୍ଠିତ କରୁଅଛି । ଏହି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତିଦାତା ସଂସ୍ଥାମାନଙ୍କରେ ସିଧା ସଳଖ ନିଯୁକ୍ତିର ସୁଯୋଗ ସହ ଜିଲ୍ଲା ଓ ଜିଲ୍ଲା ବାହାରେ ତାଲିମ ନେଇ ମଧ୍ୟ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ । ସୁତରାଂ ଜିଲ୍ଲା ପ୍ରଶାସନ ନବରଙ୍ଗପୁର ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ପ୍ରାର୍ଥୀ / ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଛି କି, ଉକ୍ତ ନିଯୁକ୍ତି ମେଳାରେ ଯୋଗଦେଇ ଏହାର ସୁଯୋଗ ହାସଲ କରନ୍ତୁ ।
ସ୍ୱା./- ଜିଲ୍ଲା ନିୟୋଜନ ଅଧିକାରୀ, ନବରଙ୍ଗପୁର
OIPR-14086/11/0002/2122

Government of Odisha
Higher Education Department No.N-51:-
e-Admission Timeline for PG Vacant Seat Admission (SPOT-II ) into Universities/Colleges coming under Higher Education Department for the Session 2021-22
Following categories of candidates are eligible to apply for the vacant seats:-
1. Candidates who were previously selected, uploaded the graduation marks & taken admission and/ or previously selected & not taken admission during 1st, 2nd, Spot-I or Spot-I Waiting Selection.
2. Candidates who have appeared CPET-2021, uploaded the graduation mark but not selected during 1st, 2nd, Spot-I or Spot-I Waiting Selection.
Candidate has to provide only **01 (One) fresh option** ((University/College + PG Admission Subject), where s/he wants to take admission. S/he can apply for the subject, in which s/he had appeared the entrance examination (CPET-2021).

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the student login for providing only 01(One) fresh option for PG Vacant Seat Admission | 15-Dec-2021 (11:00 AM) |
| 2 | Last date for providing fresh option in CAF at Student login | 19-Dec-2021 (11:45 PM) |
| 3 | Publication of PG Vacant Seat Admission Merit List | 22-Dec-2021 (2:00 PM) |
| 4 | Enabling link for payment of fees at student login for generation of intimation letter | 22-Dec-2021 (2:00 PM) to 24-Dec-2021 (2:00 PM) |
| 5 | After generating the Intimation letter, candidates need to report at the allotted institutions by taking photocopy of CAF and other relevant documents for verification and admission. | 23-Dec-2021 & 24-Dec-2021 (5:00 PM) |
| 6 | Availability of link for admission data updation at University/College level | 23-Dec-2021 (2:00 PM) & 24-Dec-2021 (11:45 PM) |
| 7 | In case the candidates don't turn up for admission within the stipulated time period, Universities and Colleges can select new candidates from the waiting list and updated same in their e-Space. | 27-Dec-2021 (2:00 PM to 5:00 PM) |
| 8 | Availability of payment link in student e-Space to deposit of fees and generation of intimation letter | 28-Dec-2021 (10:00 AM) & 29-Dec-2021 (11:45 PM) |
| 9 | After generating the Intimation letter, candidates need to report at the allotted institutions by taking photocopy of CAF and other relevant documents for verification and admission. | 28-Dec-2021 (10:00 AM) to 30-Dec-2021 (6:00 PM) |
| 10 | Availability of link for admission data updation at University/College level | 28-Dec-2021 (12:00 PM) to 30-Dec-2021 (11:45 PM) |

N.B.: Before selecting option, please visit the SAMS website (www.samsodisha.gov.in) to know details on SPOT-II admission.
Sd./-
Deputy Director, PTC
OIPR-11001/11/0025/2122

ବାହାର ଜଗତରେ ଘୂରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। —ଶ୍ରୀମା

# ସାମ୍ପ୍ରତିକ ସମୟର ବଡ଼ ବିପଦ



ଅନିଲ ବିଶ୍ୱାଳ

ବିଶ୍ୱ ଏବେ ଅନେକ ସମସ୍ୟା ଦେଇ ଗତି କରୁଛି। କରୋନା ମହାମାରୀ, ଆର୍ଥିକ ସଙ୍କଟ, ଗଣତାନ୍ତ୍ରିକ ମୂଲ୍ୟବୋଧରେ ହ୍ରାସ, ଧନୀ-ଗରିବ ତାରତମ୍ୟରେ ବୃଦ୍ଧି, ବିଭିନ୍ନ ଦେଶରେ ଗୃହଯୁଦ୍ଧ, ସାମରିକ ଶାସନ ଆଦି ଏମିତି ଗଣିଲେ ସମସ୍ୟାର ଲମ୍ବା ତାଲିକା। ହେଲେ ଯଦି ପ୍ରଶ୍ନ ଉଠେ କେଉଁ ସମସ୍ୟାଟି ସବୁଠାରୁ ବେଶି ଜଟିଳ ଆଉ ବେଶି ବିପଜ୍ଜନକ ତା'ହେଲେ ହୁଏତ ଏହାର ଉତ୍ତର ହେବ ଅସନ୍ତୁଳିତ ପରିବେଶ ପ୍ରଦୂଷଣ। ବର୍ତ୍ତମାନ ବିଶ୍ୱରେ ଆତଙ୍କ ରଚିଥିବା କରୋନା ମହାମାରୀଠାରୁ ବି କ୍ଷତିକାରକ ହେଉଛି ପରିବେଶ ପ୍ରଦୂଷଣ। ଅନିୟନ୍ତ୍ରିତ ଶିଳ୍ପାୟନ, ଯୋଜନା ବିହିନ ସହରୀକରଣ, ପ୍ରାକୃତିକ ସମ୍ପଦକୁ ଅନିୟନ୍ତ୍ରିତ ଉପଯୋଗ କରି ଭୌତିକ ସୁଖକୁ ଜାବୁଡିବାର ଦୁର୍ବାର ମାନସିକତା, କୃଷିରେ ରାସାୟନିକ ସାର ଓ ବିହନର ବହୁଳ ବ୍ୟବହାର, ନଦୀ ଜଳକୁ ବର୍ଜ୍ୟବସ୍ତୁର ନଳାରେ ପରିଣତ କରିବା ଆଦିର କୁପରିଣାମ ଏତେ ବହୁଳ ହୋଇଗଲାଣି ଯେ ମଣିଷ ବର୍ତ୍ତମାନ ସଭ୍ୟତାର ସବୁଠାରୁ ବେଶି ବିପଦପୂର୍ଣ୍ଣ ଘଡ଼ିସନ୍ଧି ସମୟ ଆଡକୁ ମୁହାଁଉଛି। ଏପରି କହି କାହାକୁ ଡରାଇବାର ପ୍ରୟାସ ଆମେ କରୁନାହୁଁ,କିନ୍ତୁ ଯାହା ବାସ୍ତବତା ତାକୁ ଆମକୁ ସ୍ୱୀକାର କରିବାକୁ ପଡ଼ିବ।

ପରିବେଶ ପ୍ରଦୂଷଣ ହିଁ ବର୍ତ୍ତମାନ ସମୟରେ ଅଧିକାଂଶ ବେମାରି, ରୋଗ ଓ ଅକାଳ ମୃତ୍ୟୁର କାରଣ। ବିଶ୍ୱରେ ବର୍ତ୍ତମାନ ବର୍ଷକୁ ୯୦ ଲକ୍ଷରୁ ଅଧିକ ଲୋକ କେବଳ ପରିବେଶ ଜନିତ କାରଣ ପାଇଁ ବିଭିନ୍ନ ରୋଗରେ ପଡ଼ି ମୃତ୍ୟୁବରଣ କରୁଛନ୍ତି। ଏଡ୍‌ସ, ଯକ୍ଷ୍ମା, ମ୍ୟାଲେରିଆ ତୁଳନାରେ ଏହା ତିନି ଗୁଣ ଅଧିକ ଏବଂ ସମସ୍ତ ଯୁଦ୍ଧ ଓ ହିଂସାରେ ମରୁଥିବା ସଂଖ୍ୟାର ୧୫ ଗୁଣ ଅଧିକ। କୋଭିଡ୍‌ରେ ସମୁଦାୟ ମୃତ୍ୟୁସଂଖ୍ୟା ହେଉଛି ୫୩ଲକ୍ଷ। ପରିବେଶ ପ୍ରଦୂଷଣରେ ପ୍ରତିବର୍ଷ ଏହାଠୁ ଅଧିକ ଲୋକ ମରନ୍ତି। କୋଭିଡ୍ ପାଇଁ ମୃତ୍ୟୁବରଣ ପଛରେ ବାୟୁରେ ଅମ୍ଳଜାନର ମାତ୍ରା କମିବା ଏକ ବଡ଼ କାରଣ ବୋଲି ଜଣାପଡ଼ିଲାଣି। ବିଶ୍ୱ ବ୍ୟାଙ୍କର ତଥ୍ୟାନୁସାରେ ବାୟୁ ପ୍ରଦୂଷଣ ପାଇଁ ବିଶ୍ୱର ଯେଉଁ କ୍ଷତି ହେଉଛି ତାହା ହେଉଛି ବିଶ୍ୱ ଜିଡିପିର ୬%।

ପ୍ରତିବର୍ଷ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଏକ ସାଙ୍ଘାତିକ ସମସ୍ୟା। ଏହାର ସ୍ଥିତି ଏତେ ବିଗିଡିଯାଇଛି ଯେ ବାଧ୍ୟ ହୋଇ ସରକାର ସମସ୍ତ ଅଫିସ, କଳକାରଖାନାକୁ ବନ୍ଦ କରିଥିଲେ। ଚାଇନାର ଅନେକ ସହରରେ ସାଥିରେ ଅମ୍ଳଜାନ ଥଳି ନେଇ ଯିବା ପାଇଁ ପଡ଼ିଲାଣି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁସାରେ ଦେଶରେ ମୋଟ ୧୧୨ଟି ସଂକ୍ରମିତ ଅଞ୍ଚଳ ରହିଛି। ସେଥିରୁ ଓଡ଼ିଶାରେ ବିଷାକ୍ତ ପଦାର୍ଥ ତାଲିକାରେ ସର୍ବାଧିକ ୨୩ ସଂକ୍ରମିତ ସ୍ଥାନ ରହିଛି। ଉପଯୁକ୍ତ ସମୟରେ ପରିବେଶ ଅନୁକୂଳ ରହିତ ପଦ୍ଧତି ଅବଲମ୍ବନ, ପୂର୍ବ ଆଇନ ଗୁଡ଼ିକରେ ଯଥେଷ୍ଟ ଦୂରଦୃଷ୍ଟିର ଅଭାବ, ବର୍ଜ୍ୟବସ୍ତୁ ପୁନଃ ପ୍ରକ୍ରିୟାକରଣ ପଦ୍ଧତିର ଅଭାବ, ଦ୍ରୁତ ଶିଳ୍ପାୟନ ନାଁରେ ପାଣି, ମାଟି, ପବନକୁ ପ୍ରଦୂଷଣ ଆଦି କାରଣରୁ ଏତେ ସବୁ ଅସୁବିଧା।

ଭୋପାଳ ଗ୍ୟାସ ଦୁର୍ଘଟଣା ପରେ ଭାରତରେ ପ୍ରଥମ ଥର ପାଇଁ ପରିବେଶ ସୁରକ୍ଷା ଆଇନ ୧୯୮୬ରେ ପାସ୍ ହୋଇଥିଲା। ନିୟମ ହୋଇଥିଲା ଯେ ଯେକୌଣସି ପ୍ରକଳ୍ପ, ଶିଳ୍ପ, ରାସ୍ତା, ନଦୀବନ୍ଧ କରିବା ପାଇଁ ହେଲେ ପରିବେଶ ଉପରେ ଏହାର କି ପ୍ରଭାବ ପଡିବ ତାହା ଉପରେ ଏକ ପରିବେଶ ଆକଳନ ରିପୋର୍ଟ ପ୍ରସ୍ତୁତ ହେବ। ଏହି ନିୟମଟି ଶୁଣିବାକୁ ବହୁତ ଭଲ କିନ୍ତୁ ବାସ୍ତବରେ ଏହାକୁ କୌଣସି ସରକାର ୧୦୦ ପ୍ରତିଶତ ଭାବରେ ଲାଗୁ କରନ୍ତି ନାହିଁ। ଏବେ ଏବେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନାରେ ଝିଲ୍ଲୀ ନାମକ ଏକ ଗ୍ରାମରେ ଯାହା ଘଟିଛି ସେଥିରୁ ଅନୁମାନ କରାଯାଇପାରେ ସରକାରୀ ବ୍ୟବସ୍ଥା କେତେ ଯତ୍ନବାନ ପରିବେଶକୁ ନେଇ। ପଥର ଖାଦାନ ନିଲାମ ନେଇଥିବା ଏକ ଖଣି କମ୍ପାନୀ ବେଆଇନ ଭାବରେ ବିସ୍ଫୋରଣ କରି, ଗଛ କାଟି ପରିବେଶକୁ କ୍ଷତି ପହଞ୍ଚାଇ ଆସୁଥିଲା। ପରିବେଶ ପ୍ରଦୂଷିତ ହେଲା ଓ ଗ୍ରାମବାସୀ ଧୂଳିଧୂଆଁରେ ଅସ୍ତବ୍ୟସ୍ତ ହେବା ପରେ ଢେଙ୍କାନାଳ ଜିଲାପାଳ, ବନପାଳ ସମସ୍ତଙ୍କୁ ଜଣାଇଥିଲେ। ହେଲେ ସେମାନେ କିଛି ଶୁଣିଲେ ନାହିଁ। ପରେ ସେମାନେ ଜାତୀୟ ସବୁଜ ପ୍ରାଧିକରଣଙ୍କ ପାଖରେ ଆବେଦନ କରିଲେ। କର୍ତ୍ତୃପକ୍ଷ ସେହି ମାମଲାରେ ହସ୍ତକ୍ଷେପ କଲେ ଓ ସମ୍ପୃକ୍ତ ଖଣି କମ୍ପାନୀ ଉପରେ ରୋକ ଲଗାଇବା ସହିତ ୫ କୋଟି ଜରିମାନା ମଧ୍ୟ ଲାଗୁ କରିଛନ୍ତି। ପ୍ରଶ୍ନ ଉଠୁଛି ଯଦି ସରକାରୀ ବ୍ୟବସ୍ଥା ଗ୍ରାମବାସୀଙ୍କ ଅଭିଯୋଗ ଶୁଣିଥାନ୍ତା ତା'ହେଲେ ସେଠାକାର ପରିବେଶ ନଷ୍ଟ ହେବାରୁ ରକ୍ଷା ପାଇପାରିଥାନ୍ତା। ପ୍ରାୟ ଅଧିକାଂଶ କ୍ଷେତ୍ରରେ ପରିବେଶର ପ୍ରଦୂଷଣ ସରକାରୀ ପ୍ରାୟୋଜିତ ହୋଇଥାଏ। ଝିଲ୍ଲୀ ଗାଁ ଭଳି ଏମିତି କେତେ ଗାଁର ଲୋକଙ୍କର ସାହସ ରହିଛି ପରିବେଶ ପ୍ରସଙ୍ଗରେ ସ୍ୱର ଉଠାଇବାକୁ ? ଓଡ଼ିଶାରେ ବେଶି ଦୁର୍ନୀତି ଜଙ୍ଗଲ ଓ ପରିବେଶ ବିଭାଗରେ। ପ୍ରତି ମାସରେ କିଏ ନା କିଏ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଧରାପଡୁଛନ୍ତି। ଏପରି ସ୍ଥିତିରେ ପରିବେଶ ସୁରକ୍ଷା କେମିତି ଚାଲିଥିବ ଅନୁମେୟ।

ପରିବେଶ ସୁରକ୍ଷା କେବଳ ସରକାରଙ୍କ କାମ ବୋଲି ଭାବି ବସିଲେ ପରିବେଶର ସୁରକ୍ଷା ହୋଇପାରିବ ନାହିଁ। ଏଥିପାଇଁ ପ୍ରତିଟି ଲୋକର ଦାୟିତ୍ୱ ରହିଛି ବୋଲି ଆମେମାନେ ହୃଦୟଙ୍ଗମ କରିବା ଉଚିତ। ପ୍ରଥମେ ଲୋକେ ନିଜେ କେମିତି ନିଜ ଚାରିପାଖରେ ଥିବା ପରିବେଶକୁ ସୁରକ୍ଷା କରିପାରିବେ, ଦ୍ୱିତୀୟତଃ ସମାଜ ଭିତରେ କିପରି ପରିବେଶକୁ ନେଇ ଜାଗରୁତା ଆସିବ ଓ ତୃତୀୟତଃ ସରକାର, ଶିଳ୍ପ ସଂସ୍ଥାଙ୍କର ଉପରେ ପରିବେଶର ସୁରକ୍ଷା ପାଇଁ ଚାପ ପକାଇବାକୁ ପଡ଼ିବ ଏପରି ହେଲେ ହିଁ ପରିବେଶର ସୁରକ୍ଷା ହୋଇପାରିବ।

ପୂରା ବିଶ୍ୱରେ ଯେତିକି କାର୍ବନ ନିର୍ଗମନ ହୋଇଥାଏ ତା'ର ୭୧% କାର୍ବନ ଦୁନିଆର ସବୁଠାରୁ ବଡ଼ ୧୦୦ଟି କମ୍ପାନୀ କରିଥାନ୍ତି। ଗବେଷଣାରେ ମିଳିଥିବା ତଥ୍ୟାନୁସାରେ ଏବେ ବିଶ୍ୱର ତାପମାତ୍ରା ହାରାହାରି ଭାବରେ ୦.୮ ଡିଗ୍ରୀ ବଢ଼ିଛି। ୨୧୦୦ ମସିହାରେ ଏହା ୩.୫ % ବଢ଼ିବ। ଗ୍ଲୋବାଲ ଓାର୍ମିଂ ଏମିତି ଏକ ସମସ୍ୟା ଭାବରେ ଉଭା ହେଲାଣି ଯାହାର ପ୍ରଭାବରେ ପାଣିପାଗରେ ଭୟଙ୍କର ପରିବର୍ତ୍ତନ ଦେଖାଦେଲାଣି। ଅକ୍ଟୋବର ୨୦୧୯ରେ ଆମେରିକାରେ ହୋଇଥିବା ହରିକେନ ଏହାର ଜ୍ୱଳନ୍ତ ଉଦାହରଣ। ଡିସେମ୍ବର ମାସରେ ସାମୁଦ୍ରିକ ଝଡ଼କୁ କେବେ ସାମ୍ନା କରି ନ ଥିବା ଓଡ଼ିଶା ଏବେ ଏବେ ଜୱାଦ ବାତ୍ୟା ଦେଖିଲା। ବିଗତ ବର୍ଷଗୁଡ଼ିକର ରେକର୍ଡକୁ ଦେଖିଲେ ଓଡ଼ିଶା ଉପକୂଳରେ ବାତ୍ୟାର ସଂଖ୍ୟା ବଢ଼ିଛି। ଭାରତରେ ପ୍ରାୟତଃ ବନ୍ୟା ଜୁନ୍, ଜୁଲାଇ, ଅଗଷ୍ଟରେ ହେଉଥିଲା। ହେଲେ ଏବେ ଅକ୍ଟୋବର, ନଭେମ୍ବରରେ ବନ୍ୟା ହେଉଛି। ଋତୁଚକ୍ରରେ ଆଉ ବସନ୍ତଋତୁ ନାହିଁ। ଫେବୃୟାରୀ ଆସୁ ଆସୁ ଗରମ ପଡ଼ିଲାଣି। ଏସବୁ ପଛରେ ପରିବେଶର ସନ୍ତୁଳନ ବିଗିଡିବା ହିଁ କାରଣ। ୨୦୫୦ରେ ବିଶ୍ୱରେ ୨୦ କୋଟି ଲୋକ ଜଳବାୟୁ ପରିବର୍ତ୍ତନ ପାଇଁ ନିଜ ବାସସ୍ଥାନ ବଦଳାଇବେ ବୋଲି ଅନୁମାନ କରାଯାଇଛି। ସମୁଦ୍ର ପତ୍ତନରେ ଅନେକ ବୃଦ୍ଧି ଘଟିବ। ମାଳଦ୍ୱୀପ ଭଳି ଦେଶ ୨୧୦୦ ମସିହା ବେଳକୁ ନ ଥିବ ବୋଲି ଆଶଙ୍କା କରାଯାଉଛି। ସେଥିପାଇଁ ମାଳଦ୍ୱୀପ ସରକାର ଏବେ ଅନ୍ୟ ଦେଶରେ ଜମି କିଣିବା ପାଇଁ ଚିନ୍ତା କରୁଛନ୍ତି। ଭାରତରେ ବି ସମୁଦ୍ରର ପାଣି ବଢ଼ିବା କାରଣରୁ ମୁମ୍ବାଇ ଭଳି ସହର ଲାଲ୍ ବଳୟରେ ରହିଛି।

ଜଙ୍ଗଲ ନିଆଁ ବହୁତ ବଢ଼ିଛି। କେବଳ ଚଳିତ ବର୍ଷ ଆମେରିକାରେ ୧୩ଟି ଜଙ୍ଗଲରେ ଓ କାନାଡାରେ ୫୦ଟି ଜଙ୍ଗଲରେ ନିଆଁ ଲାଗି ଦିନ ଦିନ ଧରି ଜଳିଥିଲା। ଜାନୁୟାରୀ ୨୦୧୯ରେ ଆମାଜନ ଜଙ୍ଗଲରେ ନିଆଁ, ଜୁଲାଇ ୨୦୧୯ରେ ଅଷ୍ଟ୍ରେଲିଆ ଜଙ୍ଗଲରେ ନିଆଁ, ଅଗଷ୍ଟ ୨୦୨୧ରେ ଗ୍ରୀସ, ଲେବାନନ, ଜର୍ମାନୀ, ଇଟାଲୀରେ ଜଙ୍ଗଲ ନିଆଁକୁ ନେଇ ପୂରା ବିଶ୍ୱ ଚିନ୍ତିତ। ସେହିପରି ଓଡ଼ିଶାରେ ମୟୂରଭଞ୍ଜ ଜଙ୍ଗଲ ନିଆଁକୁ ବି ଆୟତ୍ତ କରିହେଲା ନାହିଁ, ବର୍ଷା ହେଲା ବୋଲି ନିଆଁ ଲିଭିପାରିଲା। ଜଙ୍ଗଲ ନିଆଁ ଓ ଗରମ ବୋହିବା କାରଣରୁ ଚାଷ କାମ ପ୍ରଭାବିତ ହେବ। ପାଣିର ଉଷ୍ମ ମଧ୍ୟ ଜଙ୍ଗଲରେ କମିଯାଉଛି।

ଶିଳ୍ପ ବିପ୍ଳବ ଯାହା ଇଂଲଣ୍ଡର ମ୍ୟାଞ୍ଚେଷ୍ଟର ୟୁନାଇଟେଡରୁ ୧୭୬୦ରେ ଆରମ୍ଭ ହୋଇଥିଲା ଓ ଧୀରେ ଧୀରେ ସମସ୍ତ ପାଶ୍ଚାତ୍ୟ ଦେଶ ଏହାର ଲାଭ ନେଲେ, ସେହିମାନେ ହିଁ ପରିବେଶ ବିଗାଡ଼ିବାର ପ୍ରଥମ ଧାଡ଼ିର ଖଳନାୟକ। ପରେ ଯେବେ ଏସିଆ, ଆଫ୍ରିକାରେ ଦେଶଗୁଡ଼ିକ ସ୍ୱାଧୀନ ହେଲେ ଓ ନିଜ ନିଜର ଶିଳ୍ପ ପ୍ରତିଷ୍ଠା ପାଇଁ ଚାହିଁଲେ ସେବେ ସେହି ପାଶ୍ଚାତ୍ୟ ଦେଶଗୁଡ଼ିକ ପରିବେଶ ଚିନ୍ତାର ଦାୟିତ୍ୱ ବିକାଶଶୀଳ ଦେଶଗୁଡ଼ିକ ଉପରେ ଥୋପିଲେ। ଯାହାଫଳରେ ପରିବେଶକୁ ନେଇ ବିଶ୍ୱ ଏକ ହୋଇପାରିଲା ନାହିଁ। ସମସ୍ତେ ପ୍ରତିଯୋଗିତା ମୂଳକ ଢଙ୍ଗରେ ପ୍ରଦୂଷଣ କରିଚାଲିଲେ। ଏବେ ପରିବେଶର ହିତ ଦୃଷ୍ଟିରୁ ବିକଶିତ ଦେଶଗୁଡ଼ିକ ସେମାନେ ବିକଶିତ କରିଥିବା ଗ୍ରୀନ୍ ଟେକ୍ନୋଲୋଜି ବିକାଶଶୀଳ ଦେଶଗୁଡ଼ିକୁ ମାଗଣାରେ ଦେବା କଥା। ହେଲେ ସେମାନଙ୍କର ଲାଭଖୋର ମନୋଭାବ ପାଇଁ ତାହା କରୁନାହାନ୍ତି। ପରିବେଶ ପାଇଁ ଏହି ବିଗତ ୨୦୦ ବର୍ଷ ହେଉଛି ସବୁଠାରୁ ବିଡମ୍ବନାର ସମୟ। ଏହି ସମୟରେ ହିଁ ମଣିଷ ବିକାଶକୁ ଛୁଇଁଲା ବୋଲି ଚିତ୍କାର କରି କହିଲା, ହେଲେ ଏପଟେ ପୂରା ଆଗାମୀ ପିଢ଼ିକୁ ପାଣିପାଗ ପରିବର୍ତ୍ତନ ଓ ପ୍ରଦୂଷଣର ମରଣ ମୁହଁକୁ ଠେଲିଦେଲା। କରୋନା ମହାମାରୀ ପାଇଁ ପୂରା ବିଶ୍ୱରେ ଲକ୍‌ଡାଉନ ହେଉଥିଲା। ଏବେ ପରିବେଶ ପାଇଁ ଆଗକୁ ଲକ୍‌ଡାଉନ କରିବା ପାଇଁ ପଡ଼ିପାରେ।

ଭାରତ ପାଇଁ ବଡ଼ ବିପଦ ହେଉଛି, ହିମାଳୟରେ ଥିବା ଚତୁରଙ୍ଗ ଗ୍ଲାସିୟର ଘୁଞ୍ଚିବା। ଗଙ୍ଗୋତ୍ରୀ ଗ୍ଲେସିୟର ଓ ଚତୁରଙ୍ଗ ଗ୍ଲେସିୟର ଯୋଡି ହୋଇଥିଲେ। ବର୍ତ୍ତମାନ ଏହା ଅଲଗା ହୋଇଗଲାଣି। ଗଙ୍ଗା ନଦୀରେ ବନ୍ୟା ଆସିବା, ପାହାଡ଼ ଧସିବା ଭଳି ଘଟଣା ବଢ଼ିପାରେ। ଏ-୭୬ ହେଉଛି ଆଣ୍ଟାର୍କାଟିକାର ସବୁଠାରୁ ବଡ଼ ହିମଖଣ୍ଡ, ଯାହା ସେଠାରୁ ଅଲଗା ହୋଇଯାଇ ଦକ୍ଷିଣ ମହାସାଗରରେ ମିଶିଗଲାଣି। ଗ୍ଲେସିୟର ତରଳିଲେ ପୃଥିବୀର ତାପମାତ୍ରା ବଢ଼ିଯିବ। ପିଇବା ପାଣିର ସମସ୍ୟା ବଢ଼ିଯିବ। ମନୁଷ୍ୟକୃତ ପ୍ରଦୂଷଣ ପାଇଁ ବହୁ ପୂର୍ବରୁ ପରିବେଶ, ପ୍ରକୃତି, ପଶୁପକ୍ଷୀ ସମସ୍ତେ ପ୍ରଭାବିତ ହେଉଥିଲେ। ଏବେ ମଣିଷ ପ୍ରଭାବିତ ହେବାକୁ ଯାଉଛି।

ପ୍ରକୃତି ସହିତ ସୁସମ୍ପର୍କରେ ବଞ୍ଚିବାର ମାନସିକତାକୁ ଆମ ମଣିଷଙ୍କୁ ଗ୍ରହଣ କରିବାକୁ ପଡ଼ିବ। ବୈଜ୍ଞାନିକ ଅନୁସନ୍ଧାନର ଫଳାଫଳକୁ ମାନବଜାତିର କଲ୍ୟାଣ ପାଇଁ ପରିବେଶର ଗୁଣବତ୍ତା ସୁରକ୍ଷାରେ ଲଗାଇବାକୁ ପଡ଼ିବ। ବିଜ୍ଞାନର ଅପବ୍ୟବହାର ପ୍ରକୃତିରେ ଅନେକ ସମସ୍ୟା ସୃଷ୍ଟି କରିବାର କାରଣ ପାଲଟିଛି। ବୈଜ୍ଞାନିକମାନେ ସୃଜନଶୀଳ ଭାବରେ ଚିନ୍ତା କରିବାର ଆବଶ୍ୟକତା ରହିଛି।

**ହରିରାଜପୁର, ପୁରୀ**
**ମୋ-୮୨୪୯୮୬୮୯୬୧**

## ଏଇ ଭାରତରେ

ନାଁ ଦୀପକ। ବୟସ ୧୯। କିନ୍ତୁ ଦୃଷ୍ଟାନ୍ତଯୋଗ୍ୟ କାର୍ଯ୍ୟ ତାଙ୍କୁ ଭିନ୍ନ ପରିଚୟ ପ୍ରଦାନ କରିଛି। ଲକ୍ଷ୍ନୌ ଜିଲା ହେମି ଗାଁରେ ରହନ୍ତି ଦୀପକ। ମହିଳା ବିରୋଧୀ ହିଂସା ଏବଂ ଭେଦଭାବ ଦୂର କରିବା ପାଇଁ ସେ ଅଭିଯାନ ଚଳାଇଛନ୍ତି। ବ୍ରେକ୍ ଥ୍ରୁ ଇଣ୍ଡିଆ ନାମକ ସଂସ୍ଥା ସହ ଜଡ଼ିତ ହେବା ପରେ ସେ ଏହି ପଦକ୍ଷେପ ନେଇଛନ୍ତି ଓ ତାଙ୍କୁ ସଂସ୍ଥା ପକ୍ଷରୁ ଚିଞ୍ଜ ଚେଞ୍ଜ ଲିଡର କରାଯାଇଛି। ଭାରତରେ ଘରୋଇ ହିସା ଅତ୍ୟନ୍ତ ଉଦ୍‌ବେଗଜନକ। ଆହୁରି ଲଜ୍ଜାଜନକ ବିଷୟ ହେଉଛି, ମହିଳାଙ୍କ ପାଇଁ ଭାରତ ସବୁଠୁ ଅସୁରକ୍ଷିତ ଦେଶ। ଏଭଳି ପରିସ୍ଥିତିକୁ ଠିକ୍ ଭାବେ ହୃଦୟଙ୍ଗମ କରିଛନ୍ତି ଦୀପକ, ଯେଉଁଥିପାଇଁ ସେ ଏହି ସମସ୍ୟା ଦୂର କରିବା ଲାଗି ପ୍ରଥମେ ତାଙ୍କ ଗାଁରୁ ଅଭିଯାନ ଆରମ୍ଭ କରିଛନ୍ତି। ଗାଁର ୧୫ ଜଣ ଯୁବତୀଯୁବକଙ୍କୁ ନେଇ ଏକ ଟିମ୍ ଗଠନ କରିଛନ୍ତି। ଗାଁରେ ଘରୋଇ ହିଂସାର ଶିକାର ହେଉଥିବା ମହିଳାମାନଙ୍କ ଘରେ ତାଙ୍କ ଟିମ୍ ସହ ପହଞ୍ଚି ସମସ୍ୟାର ସମାଧାନ କରୁଛନ୍ତି। ନିଜ ଗାଁକୁ ଘରୋଇ ହିଂସା ମୁକ୍ତ କରିବା ପରେ ଅନ୍ୟ ଗାଁଗୁଡ଼ିକରେ ଏହି ଅଭିଯାନ ଚଳାଇଛନ୍ତି। ତେବେ କମ୍ ବୟସରେ ଦୀପକ ଏଭଳି କାର୍ଯ୍ୟ ଅନ୍ୟ କିଶୋରମାନଙ୍କ ପାଇଁ ଏକ ପ୍ରେରଣା ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୧୫ ଡିସେମ୍ବର ୧୯୯୬**

- ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ରୁଷିଆକୁ ପୁନଶ୍ଚ ଋଣ ଅନୁଦାନ ଯୋଗାଇଦେବାକୁ ନିଷ୍ପତ୍ତି ନେଇଛି।
- ବୋଡୋଲ୍ୟାଣ୍ଡ୍ ସ୍ୱୟଂଶାସିତ ପରିଷଦର ପୂର୍ବତନ କାର୍ଯ୍ୟନିର୍ବାହୀ ସଦସ୍ୟ କେଶବ ବସୁମାତାରୀଙ୍କୁ ବୋଡୋ ନିରାପତ୍ତା ବାହିନୀର ଉଗ୍ରବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି।
- ରାଜ୍ୟରେ ଦେଶୀ ମଦର ପୁନଃ ପ୍ରଚଳନ ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | 6 | | | | 5 |
| 2 | | 5 | 4 | | | | 7 | |
| | | | 7 | 9 | | 4 | 8 | |
| | | | | | | | | |
| 9 | | | | 7 | 6 | | | |
| 4 | 5 | | 2 | | | | | 9 |
| 8 | 7 | | | 1 | | | | |
| | | | | | | | 6 | |
| 5 | 6 | | | | | | | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 6 | 1 | 2 | 7 | 4 | 3 | 5 |
| 2 | 3 | 7 | 5 | 4 | 6 | 9 | 8 | 1 |
| 1 | 4 | 5 | 9 | 3 | 8 | 7 | 6 | 2 |
| 6 | 9 | 3 | 7 | 8 | 1 | 2 | 5 | 4 |
| 5 | 1 | 4 | 2 | 6 | 3 | 8 | 9 | 7 |
| 7 | 2 | 8 | 4 | 5 | 9 | 6 | 1 | 3 |
| 3 | 6 | 2 | 8 | 7 | 5 | 1 | 4 | 9 |
| 8 | 7 | 9 | 3 | 1 | 4 | 5 | 2 | 6 |
| 4 | 5 | 1 | 6 | 9 | 2 | 3 | 7 | 8 |

ଗତକାଲିର ଉତ୍ତର

# ଗୁଣ୍ଡା ଗପ



ଡ.କୁଳାଙ୍ଗାର

ସିଏ ସାହିର ଗୋଟେ ଛୋଟକାଟିଆ ବଦମାସ୍ ଥିଲା। ଛକରେ ଛିଡ଼ାହୋଇ ଝିଅ ବୋହୂଙ୍କୁ କମେଣ୍ଟ ମାରିବା, ଦୁର୍ଘଟଣା ହେଲେ ମାହାଳିଆ ମାଡ଼ ମାରିବା ଏବଂ ପେଟି ଦୋକାନୀଙ୍କଠାରୁ ମାଗଣାରେ ଚା, ଜଳଖିଆ, ପାନ, ଗୁଟ୍‌ଖା, ବିଡି/ସିଗାରେଟ ଆଦି ଖାଇବା ତା'ର ଦୈନନ୍ଦିନ ବ୍ୟାପାର ଥିଲା। ଏମିତି କିଛି ଆତ୍ମିକ ଓ ଆହାରଗତ ସୁଖକୁ ଛାଡ଼ିଦେଲେ ତା'ର ଗୁଣ୍ଡାମିରୁ ନଗଦ ଆୟ ଶୂନ ଥିଲା।

ଟିଭି, ସିନେମା, ଖବରକାଗଜ ଓ ମୋବାଇଲ ଜରିଆରେ ସାମାଜିକ ଗଣମାଧ୍ୟମରୁ ଦେଖି ଏବଂ ଗୁଣ୍ଡାମିର ଭବିଷ୍ୟତ ସମ୍ପର୍କରେ ଜାଣି ସିଏ ମଧ୍ୟ ଏ ଦିଗରେ ଆଗକୁ ବଢ଼ିବାକୁ ସ୍ୱପ୍ନ ଦେଖୁଥିଲା। ତେବେ ଏ ଦିଗରେ ବେଶି ଆଗକୁ ଯାଇପାରି ନ ଥିଲା।

ସ୍ୱକୀୟତା ପାଇଁ ଯଦିଓ ସିଏ ସାହିର ବାର୍ଷିକ ନାଟକରେ ଖଳନାୟକ ଭୂମିକାଟି ଜବରଦସ୍ତ ହାତେଇ ନେଉଥିଲା। ସେଥିପାଇଁ ତା' ପାଖରେ ଉପଯୁକ୍ତ ସ୍ୱର ଓ ଶାରୀରିକ ଗଠନ ନଥିଲା। ନିଜକୁ ଭୟାନକ କରିବା ପାଇଁ ଯଦିଓ ସିଏ ଲମ୍ବା ନିଶ ହଳେ ରଖିଥିଲା, ସେ ନିଶ ଦୁର୍ବଳ ରାଜନୈତିକ ଦଳ ପରି ବାରମ୍ବାର ନଇଁ ପଡୁଥିଲା। ଶରୀରଟି ଦେଶର ଅର୍ଥନୈତିକ ଅବସ୍ଥା ସମ ଯଦିଓ ନହନହକା ଆକାରରେ ଦମ୍ଭ ଧରି ଛିଡ଼ା ହେଉଥିଲା, ଯେକୌଣସି ମୁହୂର୍ତ୍ତରେ ଗୋଟିଏ ପଟକୁ ନଇଁ ପଡ଼ିବାର ଆଶଙ୍କା ରହୁଥିଲା। ବିଶିଷ୍ଟ ଗୁଣ୍ଡା, ବଦମାସ୍ ଅବା ଗ୍ୟାଙ୍ଗଷ୍ଟର୍ ହେବା ପାଇଁ ସେଭଳିଆ ଶରୀର ଆବଶ୍ୟକତା ଏବଂ ଏଥିପାଇଁ ନିୟମିତ ଜିମ୍ ଯିବା ପାଇଁ ତାକୁ ଅନେକେ ମାଗଣାରେ ପରାମର୍ଶ ଦେଇଥିଲେ କିନ୍ତୁ ଜିମ୍‌ରେ କସରତ କରିବା ମାଗଣା ହୋଇ ନ ଥିବାରୁ ସିଏ ତାହାକୁ ପାଳନ କରି ପାରୁ ନ ଥିଲା।

ଅତଏବ ମାଲି ମକଦ୍ଦମାରେ ଫସିଥିବା ଲୋକ ସମାଧାନ ଆଦାୟ ପାଇଁ, ଋଣ ମହାଜନମାନେ ନିଜର ବୁଡ଼ି ଯାଉଥିବା ଅର୍ଥ ଆଦାୟ ପାଇଁ ଅବା ସ୍ଥାନୀୟ ନେତାମାନେ ନିଜର ସମର୍ଥନ ଆଦାୟ ପାଇଁ ତା' ଉପରେ ନିର୍ଭରଶୀଳ ନ ଥିଲେ। ସ୍ଥାନୀୟ ଥାନା ରେକର୍ଡରେ ମଧ୍ୟ ସେ ପର୍ଯ୍ୟନ୍ତ ତା'ର ନାମ ଚଢ଼ି ନ ଥିଲା। ତେବେ ଛକ ଉପରେ ତା'ର ଅବସ୍ଥିତି, ସମୟ ଓ ଶବ୍ଦଖର୍ଚ୍ଚ ତାକୁ ଛୋଟମୋଟ ବଦମାସ୍‌ର ଆଖ୍ୟା ପ୍ରଦାନ କରିଥିଲା।

ତେବେ ଗୁଣ୍ଡାମାନଙ୍କୁ ସାବାଡ କରିବା ଉଦ୍ଦେଶ୍ୟରେ ନୂଆ ଗୁଣ୍ଡାନିରୋଧ ଆଇନକୁ ନେଇ ପୋଲିସ ଜାଗ୍ରତ ହୋଇପଡ଼ିଲା। ଏହାର ପ୍ରଭାବ ତାଙ୍କ ଅଞ୍ଚଳରେ ଥିବା ଥାନା ଉପରେ ମଧ୍ୟ ପଡ଼ିଲା। ଥାନା ବାବୁ ଜିଲାସ୍ତରୀୟ ବୈଠକରୁ ଫେରି ତଳିଆ ଅଧିକାରୀମାନଙ୍କୁ ଫଟାଫଟ୍ ଥାନା ଅଧୀନସ୍ଥ ବିଶିଷ୍ଟ ଗୁଣ୍ଡାମାନଙ୍କର ତାଲିକା କରିବାକୁ ନିର୍ଦ୍ଦେଶ ଦେଲେ। ଏହା ଶୁଣି ତଳିଆ ବାବୁବାବୁଆଣୀମାନେ ଚନ୍ତାରେ ପଡ଼ିଲେ।

କଥା କ'ଣ କି ସେ ଅଞ୍ଚଳଟି ଶାନ୍ତିପ୍ରିୟ। ଜଙ୍ଗଲିଆ ଓ ଅନୁନ୍ନତ ହୋଇଥିବାରୁ ଏବଂ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଗୁଣ୍ଡାମିରେ ସେମିତି କିଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହେଉ ନ ଥିଲା। ଯେଉଁ କେତେଜଣ ସାହସୀ ଯୁବତୀଯୁବକ ଥିଲେ, ସେମାନେ ଲାଲ୍ ସଲାମ ଦୀକ୍ଷା ଗ୍ରହଣ କରି ଜଙ୍ଗଲରେ ରହୁଥିଲେ। ତେଣୁ ବିଶିଷ୍ଟ ଗୁଣ୍ଡା ତାଲିକାରେ ସେମିତି କେହି ଆସିଲେ ନାହିଁ।

ସମସ୍ତଙ୍କଠାରୁ ନାସ୍ତିବାକ୍ୟ ଶୁଣି ଥାନାବାବୁ ଖାଣ୍ଟି ଓଡ଼ିଆରେ ଗୁଡ଼ାଏ ବକିଲେ ଏବଂ ଯେମିତି ହେଲେ ବିଶିଷ୍ଟ ଗୁଣ୍ଡାଟିଏ ଖୋଜିବାକୁ ନିର୍ଦ୍ଦେଶ ଦେଲେ। ତାଙ୍କର କହିବା କଥା ଯଦି ଏଠି ଦକ୍ଷ ଗୁଣ୍ଡା ନାହାନ୍ତି ବୋଲି ଉପରକୁ ଜଣାଇବା ତେବେ ଆମେ କାହାକୁ ସାବାଡ କରି ଦକ୍ଷ ପୋଲିସ ବୋଲାଇବା।

ବଡ଼ ସାହେବଙ୍କ ଚାପରେ ପୋଲିସ ଖବରୀଙ୍କ ଜରିଆରେ ଘାଣ୍ଟଚକଟ କଲା ପରେ ତାକୁ ରାତିଅଧିଆ ଉଠେଇ ନେଲା। ସିଏ ତ କେବେ ପୋଲିସ ଥାନା ଯାଇ ନ ଥିଲା ତେଣୁ ଭୟାତୁର ହୋଇ ଜଙ୍ଗଲୀ ବାଘ ସହରରେ ଧରାପଡ଼ି ଯନ୍ତାରେ ରହିବା ପରି ପଡ଼ି ରହିଲା। ତେବେ ପୋଲିସ ତାକୁ ହାଜତରେ ଭର୍ତ୍ତି ନ କରି ଥାନାରେ ପଡ଼ିଥିବା ବେଞ୍ଚ ଉପରେ ରାତିଟା ଶୋଇବା ପାଇଁ ସୁଯୋଗ ଦେଲା। ରାତି ପାହି ସକାଳର କିଛି ସମୟ ଅତିକ୍ରାନ୍ତ ହେବା ପରେ ଦୁମ୍ ଦୁମ୍ ପାଦ ପକେଇ ଥାନାଧିକାରୀ ଆସିଲେ। କାହିଁ କୋଉଠି ଅଛନ୍ତି ସେ, ଗୁଣ୍ଡା ଶୁଣି ତା'ର ନିଦ ଭାଙ୍ଗିଗଲା। ସିଏ ଧଡ୍ କରି ଠିଆହୋଇ ପଡ଼ିଲା। ପାଖରେ ଥିବା ଚଉକିଟିଏକୁ ବଳପୂର୍ବକ ଟାଣିଆଣି ତା' ଉପରେ ଲଥ୍ କରି ବସିପଡ଼ିଲେ ଏବଂ ତାକୁ ନିର୍ଦ୍ଦେଶ ଦେବା ସ୍ୱରରେ ଅନୁରୋଧ କଲେ - ବସନ୍ତୁ ବସନ୍ତୁ !

ପୋଲିସ ବାବୁଙ୍କଠାରୁ ପ୍ରଥମଥର ପାଇଁ ଭଦ୍ର ବ୍ୟବହାର ପାଇ ସିଏ ଚକିତ ହେଲା। ଥାନାବାବୁ ତା' ଚେହେରା ଦେଖି ମୁହଁକୁ ଫୁଲେଇ ନିଶକୁ ହଲେଇ କହିଲେ - ଆରେ ବାଃ... ବଢ଼ିଆ ଫ୍ରେମ୍.. ତ.....। ଆଉ କ'ଣ କହୁଥିଲେ କି ଏଠି ସେମିତି ବଡଗୁଣ୍ଡା ନାହାନ୍ତି? ସିଏ କହିଲା - ସାର୍ ମୁଁ କିଛି ଭୁଲ୍ କରିନାହିଁ। ମୋତେ ଛାଡିଦିଅନ୍ତୁ! ଥାନାବାବୁ ଏଥର ହସିଲେ ଏବଂ କହିଲେ -ଆମେ କ'ଣ ଧରିଚୁ ଯେ ଛାଡ଼ିବୁ...? ସିଏ କହିଲା - ତା' ହେଲେ ମୋତେ ଏଠିକି ଆଣିଲେ କାହିଁକି? ସେଠାରେ ଉପସ୍ଥିତ କନଷ୍ଟେବଳ କହିଲା - ଆରେ... ସାହେବ ତମ ସହିତ ସାକ୍ଷାତ କରିବାକୁ ଚାହୁଁଥିଲେ।

ଥାନାବାବୁ କହିଲେ- ଆପଣ ହେଲେ ଆମ ଅଞ୍ଚଳର ବିଶିଷ୍ଟ ଗୁଣ୍ଡା। ଆଗକୁ ଏମିତି ମଝିରେ ମଝିରେ ଥାନାକୁ ଆସିବେ। ଆପଣ ନ ଆସିଲେ ଆମେ ଆଉ ସାବାଡ କରିବୁ କାହାକୁ? ଆମେ କ'ଣ ଏଠି ମଶା ବାଡେଇବାକୁ ଅଛୁ ନା କ'ଣ? ସିଏ ଥାନାବାବୁଙ୍କ କଥାରୁ କିଛି ବୁଝିପାରିଲା ନାହିଁ। ତେବେ ଥାନାବାବୁ ତାକୁ ଚା ସହିତ ଜଳଖିଆ ଖୁଆଇବାକୁ ବରାଦ ଦେବା ସହିତ ଗାଡ଼ିରେ ବସେଇ ଘରେ ନେଇ ଛାଡ଼ି ଆସିବାକୁ ନିର୍ଦ୍ଦେଶ ଦେଇ ଚାଲିଗଲେ।

ସେୟା ହେଲା। ସିଏ ବାଟରେ ଗଲାବେଳେ ପାଖରେ ବସିଥିବା ପୋଲିସକୁ ଏ ସବୁ ଘଟଣାର କାରଣ ପଚାରିଲେ, ପୋଲିସ କହିଲା - କ'ଣ ବୁଝି ପାରୁନୁ ମ....! ତୋର ପ୍ରମୋଶନ ହେଲା ବୋଲି ଜାଣ....! ଏଥର ଏରିଆକୁ ଯେବେ କେହି ବଡ଼ଲୋକ ଆସିବେ....... ତୋତେ ନେଇ ଆମ ଭାଇମାନେ ଖୁଆଇ ପିଆଇ ଥାନାରେ ବସେଇବେ।

ଏହା ଭିତରେ ତା' ଘର ସାମ୍ନାରେ ଗାଡ଼ି ପହଞ୍ଚିଯାଇଥିଲା। ସେତେବେଳକୁ ତା'ର ବିଶିଷ୍ଟ ଗୁଣ୍ଡା ତାଲିକାରେ ନାମ ଚଢ଼ିବା ଖବରଟି ବିନା ପ୍ରାୟୋଜକରେ ଶ୍ରୋତା ଓ ଦର୍ଶକଙ୍କ ନିକଟରେ ପହଞ୍ଚି ସାରିଥିଲା। ଅତଏବ ତା' ଦୁଆରେ ବଜାର ପରି ଲୋକ ରୁଣ୍ଡ ହୋଇଥିଲେ। ସିଏ ଗାଡ଼ିରୁ ଓହ୍ଲାଉ ଓହ୍ଲାଉ ତାଙ୍କ ସାହିର ବିଶିଷ୍ଟ ରାଜନୈତିକ କର୍ମୀ ଗହଳି ଭିତରୁ ବାହାରି ଆସିଲା ଏବଂ ନିଜର ମୋବାଇଲ ଫୋନ୍‌ଟିକୁ ବଢ଼େଇ ଦେଇ ବିନମ୍ର ସ୍ୱରରେ କହିଲା - ଆଜ୍ଞା.... ଭାଇ କଥା ହେବେ।

ସିଏ ଫୋନ୍‌ଟିକୁ କାନରେ ଦେଇ ହାଲୋ... କହୁକହୁ ସେପଟୁ ଶୁଭିଲା- ଟିକେ ଫୁରସତ୍ ଦେଖି ଆସିବ.... ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିବା.....!

**ଅଲରା, ନରସିଂହପୁର, କଟକ**
**ମୋ-୮୮୯୫୮୨୫୮୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ବୋଉ ଡାକ ଶିଖାନ୍ତୁ

ମହାଶୟ,

ବୋଉ ଡାକରେ ମମତା ସହିତ ସ୍ନେହ, ଶ୍ରଦ୍ଧା ରହିଛି। ଏହା ଏକ ସୁମଧୁର ଡାକ। ଜନ୍ମଦାତ୍ରୀଙ୍କର ପିଲାମାନଙ୍କ ସହିତ ଅନାବିଳ ପ୍ରେମ ଜଡିତ। ସଂସ୍କାରର ପ୍ରଥମ ପାହାଚ ଏହାଦ୍ୱାରା ତିଆରି ହୋଇଥାଏ। ଅଭିଭାବକମାନଙ୍କର କିଛି ଭଲ ଗୁଣ ରହିଲେ ପିଲାମାନେ ଏହା ଦେଖି ଅନୁକରଣ କରିପାରିବେ। ତେଣୁ ସବୁ ଅଭିଭାବକମାନଙ୍କୁ ବିଶେଷ ଅନୁରୋଧ ପିଲାମାନଙ୍କଠାରେ ସଂସ୍କାରର ମୂଳଦୁଆ ପକାଇବାକୁ ହେଲେ ବୋଉ ଡାକ ଶିଖାନ୍ତୁ ଓ ପାଶ୍ଚାତ୍ୟ ଢାଞ୍ଚାରୁ ଦୂରେଇ ରୁହନ୍ତୁ।

**- ଚକ୍ରଧର ରାଉତ, ପଦ୍ମୁଆଁପଦା, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୁବେର ହେବାର ଗଳାବାଟ



ଡ. ଅଜୟ କୁମାର ନନ୍ଦ

ଗଣତନ୍ତ୍ରର ଗରିମାକୁ ଅକ୍ଷୁଣ୍ଣ ରଖିବା ଓ ଏହାର ମହତ୍ ଉଦ୍ଦେଶ୍ୟକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାର ମୁଖ୍ୟ ମାଧମ ହେଉଛି ଶାସନ; ଯାହା ସମ୍ବିଧାନର ଆତ୍ମା କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଶାସନ କଳଟି ପ୍ରଶାସନିକ କ୍ଷମତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ। ସରକାର ଓ ଜନତାଙ୍କ ମଧ୍ୟରେ ଉତ୍ତମ ଯୋଗସୂତ୍ର ସ୍ଥାପନକରି ଉତ୍ତମ ଶାସନର ବାହକ ରୂପେ କାର୍ଯ୍ୟ କରିଥାନ୍ତି। ଫଳରେ ସରକାରଙ୍କ ଉପରେ ସାଧାରଣ ଜନତାଙ୍କର ଅଖଣ୍ଡ ବିଶ୍ୱାସ ରହିଥାଏ କାରଣ ଏହା ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିୟନ୍ତ୍ରିତ ହୁଏ। ନିଯୁକ୍ତି ସମୟରେ ସରକାରୀ ଅମଲାମାନଙ୍କ ସମେତ ପ୍ରଶାସନିକ ଅଧିକାରୀ, ତାଙ୍କର ଚାକିରି ସର୍ତ୍ତାବଳୀର ସମସ୍ତ ନିୟମ ମାନି, ଲୋକଙ୍କ ସେବାରେ ବର୍ତ୍ତି ହେବାପାଇଁ ସହମତି ପ୍ରକାଶ କରିବା ସହିତ ଲିଖିତ ସତ୍ୟପାଠ ଦାଖଲ କରନ୍ତି। ବର୍ତ୍ତମାନ ଘଟୁଥିବା ରୋଚକ ଘଟଣାରେ ବିଶେଷ କରି ସରକାରୀ ବାବୁମାନଙ୍କ ସମ୍ପୃକ୍ତି ସହ କ୍ଷମତା ଲୋଭରେ ବଶବର୍ତ୍ତୀ ହୋଇ, କ୍ଷମତାର ଅପବ୍ୟବହାର କରି ସରକାରୀ ତହବିଲ ହରିଲୁଟ କରି କୁବେର ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ସରକାରୀ ବାବୁଙ୍କ ଏବେ ନିଶାରେ ପରିଣତ ହୋଇଛି। ଦୁର୍ନୀତି ବିଭାଗ ଜାଲରେ ଖୋଦ ପୋଲିସ ବିଭାଗର ମାଳ ମାଳ କୁବେର ଓ ତାଙ୍କ କଳା ସାମ୍ରାଜ୍ୟର ଦସ୍ତାବିଜ, ସବୁ କୋଟିରେ ହିସାବ। ସରକାରୀ ନିୟୋଜନ ସଂସ୍ଥା କିରାଣିଙ୍କ କୋଟି କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠୁଳ ସାଙ୍ଗକୁ ପାଲିସ ବିଭାଗରେ ଚାକିରି କରିଥିବା ଜଣେ କନଷ୍ଟେବଲଙ୍କ ଆଖି ଦୃଶିଆ ସମ୍ପତ୍ତି ତଦନ୍ତକାରୀ ଦଳଙ୍କ ହୋସ୍ ଉଡ଼ାଇଛି। ସେଇଭଳି ଅତୀତରେ ଜଣେ ଅଙ୍ଗନୱାଡି କର୍ମଚାରୀ, କୁନି କୁନି ପିଲାଙ୍କ ପାଇଁ ଆସୁଥିବା ସରକାରୀ ଅନୁଦାନକୁ ହରିଲୁଟ କରି ସମ୍ପତ୍ତି ଠୁଳ କରିବା କ'ଣ ମୌଳିକ କର୍ତ୍ତବ୍ୟ ? ଏ ସବୁ ଆଡୁଆଳରେ ଅନେକ ବଡ଼ ବଡ଼ ବ୍ୟକ୍ତିଙ୍କ ସମ୍ପୃକ୍ତିକୁ ଅସ୍ୱୀକାର କରାଯାଇ ନ ପାରେ।

ଜନତାଙ୍କ ସେବା ପାଇଁ ଉଦ୍ଦିଷ୍ଟ ଶାସନ କଳଟି ଭ୍ରଷ୍ଟାଚାର, ଅପରାଧ, ଲୁଣ୍ଠନ ଓ ଅରାଜକତା ଭଳି ଦୁର୍ନୀତି ଜାଲରେ ଛନ୍ଦି ହୋଇପଡ଼ିଛି। ମନ୍ତ୍ରୀଙ୍କଠାରୁ ଯନ୍ତ୍ରୀ, ଅଫିସରଙ୍କଠାରୁ ଠିକାଦାର, ପ୍ରଶାସନିକ ଅଧିକାରୀଙ୍କଠାରୁ ଅମଲା ପର୍ଯ୍ୟନ୍ତ ଏହି ଦୁର୍ନୀତି ମହାମାରୀରେ ସମସ୍ତେ ଆକ୍ରାନ୍ତ। ବାଡ଼ ଯଦି ଫସଲ ଖାଏ ନ୍ୟାୟରେ ଦେଶ ବା ରାଜ୍ୟର ରାଜକୋଷ ଅବକ୍ଷୟ ହେବାରେ ଲାଗିଛି। ବିଡ଼ମ୍ବନା ହେଉଛି, ଜବତ ହେଉଥିବା ଆୟ ବହିର୍ଭୂତ ସମ୍ପତ୍ତିରୁ କେତେ ବାଜ୍ୟାପ୍ତ ହେଲା ଓ ତହିଁରୁ କେତେ ଜନ ମଙ୍ଗଳ କାର୍ଯ୍ୟରେ ଉପଯୋଗ ହେଲା ତାହା ସାଧାରଣରେ ପ୍ରକାଶ ହେଉନାହିଁ। ଏହା ଜାଣିବା ସାଧାରଣ ଜନତାଙ୍କ ଅଧିକାର, କାରଣ ତାଙ୍କ ପାଇଁ ଆସୁଥିବା ସରକାରୀ ଅନୁଦାନର ଏହା ଏକ ଅଂଶ, ତା' ସହିତ ବିଭିନ୍ନ ଭାବରେ ଟିକସ ଆକାରରେ ଦେଉଥିବା ରାଜସ୍ୱ ଆୟ। ଆଉ ଆଶ୍ୱସ୍ତିକର ଖବରଟି ହେଲା, ଯେଉଁ ଘଟଣାଟି ସରକାରଙ୍କ ଭାବମୂର୍ତ୍ତି ଉପରେ ଆଞ୍ଚ ଆଣୁଛି ସେଠାରେ ସରକାରଙ୍କ 'ଶୂନ୍ୟ ସହନଶୀଳନ' ରୂପକ ଯନ୍ତ୍ରଣା ନିବାରକ ନିଦାନ ଦେଇ ତତ୍କାଳ ତାଙ୍କୁ ଚାକିରିରୁ ଅନ୍ତର କରି ଜେଲକୁ ପଠାଇ କର୍ତ୍ତବ୍ୟ ସମ୍ପାଦନ କରାଯାଉଛି। ପରେ ପରେ ସେମାନେ ଆଇନର ଗଳା ବାଟ ଦେଇ ମୁକୁଳି ସ୍ୱାଧୀନ ଭାବରେ ରହୁଛନ୍ତି, ଯାହା ଦୁର୍ନୀତିର ମୂଳକୁ ଆହୁରି ସଶକ୍ତ ହେବାରେ ସାହାଯ୍ୟ କରୁଛି। ଏସବୁ ଘଟଣାକୁ ତର୍ଜମା କଲେ ଗୋଟିଏ କଥାରେ ନିଶ୍ଚିତ ଯେ, ଯେଉଁମାନେ ଚାକିରି ହରାଉଛନ୍ତି ବା ଜେଲ ଯାଉଛନ୍ତି ସେମାନେ କେବେ ସରକାରୀ କଳକୁ ଉପଯୋଗ କରି ରାତାରାତି କୁବେର ହୋଇନାହାନ୍ତି, ଏଥିପାଇଁ ଦରକାର ହୁଏ ପର୍ଯ୍ୟାପ୍ତ ସମୟ। ଦୁର୍ନୀତି ରୋକିବା ପାଇଁ ସରକାରଙ୍କ ଦ୍ୱାରା ପରିଚାଳିତ ଅନେକ ସଂସ୍ଥା ଯଥା ଆୟକର, ସିବିଆଇ, ଭିଜିଲାନ୍ସ,ଏନ୍‌ସିବି, ଇଓଡବ୍ଲୁ, ଇଡି ଭଳି ସଂସ୍ଥାକୁ ଚକମା ଦେବା ଏତେ ସହଜ ନୁହଁ, ତଥାପି ଲୋକେ ଯଦି ଏହା କରିପାରୁଛନ୍ତି ତେବେ ସରକାରଙ୍କ ଶାସନ ପ୍ରତି ଲୋକଙ୍କର ଅସନ୍ତୋଷ ରହିବା ସହିତ ଗଣତନ୍ତ୍ର ପ୍ରତି ବିମୁଖ ହେବେ।

ରାଜନୀତିରେ ହସ୍ତକ୍ଷେପ ଦୁର୍ନୀତି ବଢ଼ିବାରେ ଅନେକ ସହାୟକ ହେଉଛି। ଦୁର୍ନୀତି ସେତେବେଳେ ରୋକାଯାଇପାରିବ ଯେତେବେଳେ ଜଣେ ଭୋଟର ଚାପ ମୁକ୍ତସହ ବିନା ଉତ୍କୋଚରେ ବଶବର୍ତ୍ତୀ ହୋଇ ନିଜର ମତଦାନ ସାବ୍ୟସ୍ତ କରିପାରିବ। ନିର୍ବାଚନକୁ ବ୍ୟୟମୁକ୍ତ କରାଗଲେ ଅନେକେ ସକାରାତ୍ମକ ଜନ ପ୍ରତିନିଧି ସେବା ପାଇଁ ଆଗେଇ ଆସିବେ। ସରକାରୀ ଚାକିରି କରୁଥିବା ବାବୁମାନେ ନିଜର ସମ୍ପତ୍ତି ତାଲିକା ବାର୍ଷିକଭିତ୍ତିରେ ସରକାରଙ୍କ ପାଖରେ ଉପସ୍ଥାପନ କରନ୍ତୁ ଏବଂ ସରକାର ସେଗୁଡ଼ିକୁ ଯାଞ୍ଚକରି ସଚ୍ଚୋଟ କର୍ମଚାରୀଙ୍କୁ ପଦୋନ୍ନତି କଲେ ଏହା ଦୁର୍ନୀତି ରୋକିବାରେ ସହାୟକ ହୋଇପାରନ୍ତା।

**ବିଶ୍ୱନାଥ କୁଟୀର, ନୀଳକଣ୍ଠପୁର, ପୁରୀ**

## ଚିରନ୍ତନୀ

ନୀରବ ପ୍ରୀତି ଲୁଚାଇ ପ୍ରାଣେ
ନଦୀଟି ବହେ କେତେ ସେ ବାଙ୍କେ,
ସଞ୍ଜ ଆଗମେ ନୀରବ ଧରା !
ପକ୍ଷୀଟି ନାହିଁ ଡାକଇ ଶାଖେ।
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଟିଏସ୍‌ଏଫ୍ ପକ୍ଷରୁ ନଳକୂପ ସ୍ଥାପନ

ଭୁବନେଶ୍ୱର,୧୪।୧୨: କେନ୍ଦୁଝରର ମାଲଦା ଓ ଗୁଆଲି ଗ୍ରାମପଞ୍ଚାୟତର ଆଖପାଖର ଗୋଷ୍ଠୀଙ୍କୁ ବିଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବା ଲକ୍ଷ୍ୟ ନେଇ ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ଉକ୍ତ ଅଞ୍ଚଳରେ ୬ଟି ଗଭୀର ନଳକୂପ ସ୍ଥାପନ କରାଯାଇଛି। ଏହାକୁ ଗୁରୁତ୍ୱର ସହ ନେଇ ଫାଉଣ୍ଡେଶନ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ ୬ଟି ଗଭୀର ନଳକୂପ ସ୍ଥାପନ କରାଯାଉଛି। ସେଥିମଧ୍ୟରୁ ୪ଟି ପ୍ରସ୍ତୁତ ହୋଇଯାଇଥିବା ବେଳେ ବଳକା ନଳକୂପଗୁଡ଼ିକର ସ୍ଥାପନା କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ମାଲଦା ଓ ଗୁଆଲି ଗ୍ରାମପଞ୍ଚାୟତ ଅଧୀନରେ ଥିବା କଳମଙ୍ଗ ଓ ଗନ୍ଧଲପଡ଼ା ଗ୍ରାମରେ ଗଭୀର ନଳକୂପଗୁଡ଼ିକ ସ୍ଥାପନ କରାଯାଇଛି। ଏହି ଗଭୀର ନଳକୂପ ଦ୍ୱାରା ପ୍ରାୟ ୩୨୫ ପରିବାର ବେଶ୍ ଉପକୃତ ହେବେ। ଏହା ବ୍ୟତୀତ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଏହି ଅଞ୍ଚଳରେ ସୋଲାର ଲାଇଟ୍ ମଧ୍ୟ ସ୍ଥାପନ କରାଯାଇଛି। ଏହା ଫଳରେ ଗ୍ରାମବାସୀ ଉକ୍ତ ନଳକୂପଗୁଡ଼ିକରୁ ରାତିରେ ମଧ୍ୟ ସହଜରେ ପାଣି ପାଇପାରିବେ।

### ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଫେଷ୍ଟିଭ ଅଫର

ଭୁବନେଶ୍ୱର,୧୪।୧୨: ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ପକ୍ଷରୁ ୧୩ ଡିସେମ୍ବରରୁ 'ରିଟେଲ ବୋନାଞ୍ଜା ଫେଷ୍ଟିଭ୍ ଧମାକା' ଅଫର ଅନ୍ତର୍ଗତ ଗୃହ ଏବଂ କାର ଋଣ ଉପରେ ସୁଧ ହାରକୁ ହ୍ରାସ କରି କ୍ରମଶଃ ଶତକଡା ୬.୪୦ ଏବଂ ୬.୮୦ ପ୍ରତିଶତ କରି ଦିଆଯାଇଛି। ଏହା ପୂର୍ବରୁ ଶତକଡା ୬.୮୦ ଏବଂ ୭.୦୫ ପ୍ରତିଶତରେ ଥିଲା । ଏହି ଅଫର ଋଣଗ୍ରହୀତାମାନଙ୍କର କ୍ରେଡିଟ୍ ସ୍କୋର ସହ ଜଡ଼ିତ । ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ପୂର୍ବରୁ ମଧ ଏଭଳି ଅଫର ଜରିଆରେ ସ୍ୱର୍ଣ୍ଣ , ଗୃହ ଏବଂ କାର ଋଣ ନିମନ୍ତେ ପ୍ରୋସେସିଂ ଶୁଳ୍କ ଛାଡ଼ କରିଛି । ବ୍ୟାଙ୍କର ଏହି ଅଫର ଗ୍ରାହକମାନଙ୍କୁ ନିଜ ଋଣ ଉପରେ ଅଧିକ ସଞ୍ଚୟ କରିବା ଏବଂ ଋଣଗ୍ରହୀତାମାନଙ୍କର ଜୀବନରେ ଖୁସି ଆଣିବାରେ ସାହାଯ୍ୟ କରିବ ବୋଲି ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଏସ୍. ରାଜୀବ ପ୍ରକାଶ କରିଛନ୍ତି।

# ପହିଲାରୁ ମହଙ୍ଗା ହେବ ଏଟିଏମ୍ ଉଠାଣ

**ଏଟିଏମ୍ ଉଠାଣରେ ଲାଗିବ ଜିଏସ୍ଟି**

**ଖାତାରୁ କଟିବ ୨୦ ବଦଳରେ ୨୧ ଟଙ୍କା**

ନୂଆଦିଲ୍ଲୀ,୧୪।୧୨



ଚଳିତ ବର୍ଷ ଶେଷ ହେବାକୁ ଆଉ ମାତ୍ର ଦୁଇ ସପ୍ତାହ ରହିଛି। ୨୦୨୧ ବର୍ଷ ଅନେକ ଘଟଣଶ ବହୁଳ ସହ ଦରଦାମ ବୃଦ୍ଧି ଆକାଶ ଛୁଆଁ ହୋଇଛି। ୨୦୨୨ରେ ମଧ ଏହି ସମସ୍ୟା ସହ ଦରଦାମ ଉଚ୍ଚ ରହିବ ବୋଲି ଆକଳନ କରାଯାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ର ନୂତନ ମୁଦ୍ରା ନୀତି ଯୋଗୁ ଆସନ୍ତା ବର୍ଷ ଠାରୁ ବ୍ୟାଙ୍କିଙ୍ଗ ସେବା ସହିତ ଏଟିଏମରୁ ଟଙ୍କା ଉଠାଣ ଆହୁରି ବ୍ୟୟ ବହୁଳ ହେବ। ଆସନ୍ତା ଜାନୁଆରି ମାସ ଠାରୁ ଏଟିଏମରେ ମାଗଣା କାରବାର ସମୟସୀମା ଶେଷ ହେବା ପରେ ଏଟିଏମ ବ୍ୟବହାରକାରୀମାନଙ୍କୁ ଅଧିକ ଚାର୍ଜ ଦେବାକୁ ପଡ଼ିବ ବୋଲି ସୂଚନା ମିଳିଛି। କେନ୍ଦ୍ରୀୟ ବ୍ୟାଙ୍କ ଜାନୁଆରୀ ୨୦୨୨ରୁ ଏଟିଏମରେ ମାସିକ ମାଗଣା ଉଠାଣ (ଟ୍ରାଞ୍ଜାକସନ ଓ ନନ କ୍ୟାସ ଟ୍ରାଞ୍ଜାକସନ) ଉପରେ ଅଧିକ ଚାର୍ଜ ଦେବାକୁ ପଡ଼ିବ ବୋଲି ସ୍ପଷ୍ଟ କରିଛି।

କେନ୍ଦ୍ରୀୟ ବ୍ୟାଙ୍କର ଗାଇଡଲାଇନ୍ସ ଅନୁସାରେ ଏକ୍ସିସ ବ୍ୟାଙ୍କ କହିଛି ଏହା ଲାଗୁ ହେବା ପରେ ବ୍ୟାଙ୍କ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ହେବ। ଫଳରେ ଏକ୍ସିସ ବ୍ୟାଙ୍କ ବା ଅନ୍ୟ କୌଣସି ବ୍ୟାଙ୍କର ଏଟିଏମରେ ଫ୍ରି ଲିମିଟ ପରେ ଅର୍ଥ କାରବାର କଲେ ୨୧ଟଙ୍କା ସହିତ ଜିଏସଟି ଶୁଳ୍କ ଲାଗିବ ବୋଲି ଜଣାପଡିଛି। ସେହିଭଳି ଏହି ସଂଶୋଧିତ ନିୟମ ଅନୁଯାୟୀ ୨୦୨୨ ଜାନୁଆରୀ ପହିଲାରୁ ଆରବିଆଇର ନୂତନ ନିୟମ ଲାଗୁ ହେବ ବୋଲି କୁହାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଗ୍ରାହକଙ୍କୁ ମାଗଣାରେ ଏଟିଏମ ସମ୍ପର୍କୀତ ବିଭିନ୍ନ ସେବା ବିଶେଷ କରି ଟଙ୍କା ଉଠାଣର ନିର୍ଦ୍ଦିଷ୍ଟ ସମୟ ସୀମା ସରିବା ପରେ ଗ୍ରାହକଙ୍କୁ ଅଧିକ ୨୦ଟଙ୍କା ଶୁଳ୍କ ଦେବାକୁ ପଡୁଥିଲା କିନ୍ତୁ ଆସନ୍ତା ମାସଠାରୁ ଏହି ଶୁଳ୍କ ୨୧ଟଙ୍କା ହେବ ଓ ତା ସହିତ ଜିଏସଟି ମଧ ଦେବାକୁ ପଡ଼ିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ନିୟମାବଳୀ ଜାରିକରି କହିଛି ଇଣ୍ଟରଚେଞ୍ଜର ଅଧିକ ଫି ହେତୁ ବ୍ୟାଙ୍କଗୁଡ଼ିକର ଭରଣା ପାଇଁ ଏହି ମୂଲ୍ୟରେ ସାମାନ୍ୟ ବୃଦ୍ଧି କରାଯାଇଛି। ସେଥିପାଇଁ ବ୍ୟାଙ୍କମାନଙ୍କୁ ପ୍ରତି ଟ୍ରାଞ୍ଜେକସନରେ ୨୦ ଟଙ୍କା ବଦଳରେ ୨୧ଟଙ୍କା ନେବାପାଇଁ ଅନୁମତି ଦିଆଯାଇଛି। ବର୍ତ୍ତମାନ ବ୍ୟାଙ୍କର ଗ୍ରାହକମାନେ ଏଟିଏମରେ ତିନୋଟି ଫ୍ରି ଟ୍ରାଞ୍ଜେକସନ ବଦଳରେ ମାଗଣାରେ ୫ଟି ଟ୍ରାଞ୍ଜେକସନ କରିପାରିବେ। ଏଥିରେ ଫାଇନାନ୍ସିଆଲ ଓ ନନ୍ ଫାଇନାନ୍ସିଆଲ ଟ୍ରାଞ୍ଜେକସନ କରାଯାଇପାରିବ। ମେଟ୍ରୋ ସିଟିରେ ଗ୍ରାହକ ଅଲଗା ବ୍ୟାଙ୍କ ଏଟିଏମରେ ସର୍ବାଧିକ ୩ଥର ଓ ଅନ୍ୟ ସହରରେ ସର୍ବାଧିକ ୫ଥର ମାଗଣା କାରବାର (ଫ୍ରି ଟ୍ରାଞ୍ଜେକସନ) କରିପାରିବେ ବୋଲି ଆରବିଆଇ ପକ୍ଷରୁ କୁହାଯାଇଛି।

# ଏଲ୍‌ଆଇସିର ନୂତନ ପ୍ଲାନ୍ 'ଧନରେଖା'

ଭୁବନେଶ୍ୱର,୧୪।୧୨

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ନୂତନ ପ୍ଲାନ୍ 'ଧନରେଖା' (ପ୍ଲାନ୍ ୮୬୩) ର ଶୁଭାରମ୍ଭ ହୋଇଯାଇଛି। ନିଗମର ଏହା ହେଉଛି ଏକ ନନ୍ ଲିଙ୍କ୍‌ଡ, ନନ୍ ପାର୍ଟିସିପେଟିଂ, ଇଣ୍ଡିଭିଜୁଆଲ ସେଭିଂ ଲାଇଫ ଇନ୍‌ସୁରାନ୍ସ ପ୍ଲାନ୍ ବୋଲି କୁହାଯାଇଛି। ନିଗମର ଏହି ପ୍ଲାନ୍‌ରେ ଗ୍ରାହକଙ୍କୁ ବିଭିନ୍ନ ସୁବିଧା ପ୍ରଦାନ ସାଙ୍ଗକୁ ମହିଳା ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ପ୍ରିମିୟମ ହାର ସୁବିଧା ଦିଆଯାଉଛି। ସେହିଭଳି ଏହାକୁ ମଧ ତୃତୀୟ ଲିଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ରଖାଯାଇଛି। ଏଥିରେ ପ୍ରଦାନ କରାଯାଉଥିବା ସମସ୍ତ ସୁବିଧା ଉପରେ କମ୍ପାନୀ ଗ୍ରାହକଙ୍କୁ ଗ୍ୟାରେଣ୍ଟି ପ୍ରଦାନ କରୁଛି। ସେହିପରି ବୀମାଧାରୀଙ୍କ ଅକାଳ ବିୟୋଗରେ ବୀମାଧାରୀଙ୍କ ପରିବାରବର୍ଗକୁ ଏହି ପଲିସି ଆର୍ଥିକ ସୁରକ୍ଷା ପ୍ରଦାନ କରିପାରିବ ବୋଲି ଏଲ୍‌ଆଇସି ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ପ୍ରିମିୟମ ସିଙ୍ଗିଲ ପ୍ରିମିୟମ କିମ୍ବା ଲିମିଟେଡ୍ ପ୍ରିମିୟମ ପେମେଣ୍ଟ ଟର୍ମ ଅବଧି ୧୦ ବର୍ଷ, ୧୫ ବର୍ଷ ଏବଂ ୨୦ବର୍ଷ ରହିଛି। ଏହା ଜରିଆରେ ଲୋନ୍ ସୁବିଧା ଲୋକଙ୍କ ନଗଦ ଆବଶ୍ୟକତାକୁ ମଧ ପୂରଣ କରିପାରିବ। କେତେକ କ୍ଷେତ୍ରରେ ଅତିରିକ୍ତ ପ୍ରିମିୟମ ପ୍ରଦାନ ଦ୍ୱାରା ଉକ୍ତ ପ୍ଲାନ୍‌ରେ ବିକଳ୍ପ ରାଇଡର ଉପଲବ୍ଧ ରହିଛି। ଏଥିରେ ସର୍ବନିମ୍ନ ୨ ଲକ୍ଷ ଟଙ୍କାର ସମ୍ ଆସିଓର୍ଡ ସୁବିଧା ଥିବା ବେଳେ ସର୍ବାଧିକ ସମ୍ ଆସିଓର୍ଡର କୌଣସି ସୀମା ରଖାଯାଇନାହିଁ। ପଲିସି ଚୟନ କରିବା ଲାଗି ସର୍ବନିମ୍ନ ବୟସ ୯୦ ଦିନରୁ ୮ ବର୍ଷ ରହିଥିବା ବେଳେ ସର୍ବାଧିକ ବୟସ ୩୫ରୁ ୫୫ ବର୍ଷ ରଖାଯାଇଛି।

# ଉତ୍କଳ ଗ୍ୟାଲେରିଆରେ 'ସୋଚ'ର ଏକ୍ସକ୍ଲୁସିଭ ଷ୍ଟୋର

ଭୁବନେଶ୍ୱର,୧୪।୧୨



ଦେଶର ପ୍ରମୁଖ ଗାର୍ମେଣ୍ଟସ (ପୋଷାକ) ନିର୍ମାତା କମ୍ପାନୀ ସୋଚ ବ୍ୟବସାୟ ସମ୍ପ୍ରସାରଣ ସାଙ୍ଗକୁ ଗ୍ରାହକଙ୍କ ଚାହିଦା ପୂରଣ ପାଇଁ ଭୁବନେଶ୍ୱରରେ ଆଉ ଏକ ଷ୍ଟୋରର ଶୁଭାରମ୍ଭ କରିଛି। ମଙ୍ଗଳବାର ସ୍ଥାନୀୟ କଳ୍ପନା ଛକ ନିକଟବର୍ତ୍ତୀ ଉତ୍କଳ ଗ୍ୟାଲେରିଆ ମଲ୍‌ର ୨ୟ ମହଲାରେ ସୋଚର ଏହି ଏକ୍ସକ୍ଲୁସିଭ ଷ୍ଟୋରକୁ ଅଭିନେତ୍ରୀ ଶୀତଲ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଷ୍ଟୋରର ସ୍ୱତ୍ୱାଧିକାରୀ ସୌରଭ ଜୟସ୍ୱାଲ, ମଲ୍‌ର ସାଧାରଣ ପରିଚାଳକ ତରୁଣ ଭଟ୍ଟ, ମଲ୍‌ର ବାଣିଜ୍ୟିକ ମୁଖ୍ୟ ଦୁଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୧୨୦୦ ବର୍ଗ ଫୁଟ ପରିମିତି ଜମିରେ ଏହି ଷ୍ଟୋର ସ୍ୱତନ୍ତ୍ର ଭାବେ ମହିଳାମାନଙ୍କ ପାଇଁ ଖୋଲାଯାଇଛି। ଷ୍ଟୋରର ଉଦ୍‌ଘାଟନୀ ଅବସରରେ ଗ୍ରାହକଙ୍କୁ ପ୍ରତି କିଣାକିଣିରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ସୋଚର ସମସ୍ତ ପ୍ରଡକ୍ଟ ଉପରେ ୨୦ରୁ ୫୦% ପର୍ଯ୍ୟନ୍ତ ରିହାତି ରହିଛି। ଏଠାରେ ବର୍ତ୍ତମାନ ଶାଢ଼ି, ଶାଲୱାର, କୁର୍ତ୍ତା, ଲେହେଙ୍ଗା ସାଙ୍ଗକୁ ମହିଳାମାନଙ୍କ ବ୍ୟବହାର ଉପଯୋଗୀ ପ୍ରାୟ ପୋଷାକ ଉପଲବ୍ଧ ରହିଛି। ବର୍ତ୍ତମାନ ସୋଚର ଉତ୍ପାଦ ଓ ଡିଜାଇନ ସାଙ୍ଗକୁ ଭିନ୍ନ ଭିନ୍ନ ବର୍ଗର କଲେକ୍ସନ ଯୁବବର୍ଗଙ୍କୁ ଆକୃଷ୍ଟ କରିଛି। ଏହାର ପ୍ରଡକ୍ଟର ମୂଲ୍ୟ ୧୨୦୦ ଟଙ୍କାରୁ ଆରମ୍ଭ ହୋଇ ୧୫୦୦୦ରୁ ଉର୍ଦ୍ଧ୍ୱ ଟଙ୍କାରେ ରହିଥିବା ଜଣାପଡିଛି।

# ଇଣ୍ଡଲଜ୍‌ର ଫେଷ୍ଟିଭ ଅଫର

ଭୁବନେଶ୍ୱର,୧୪।୧୨




ଶରୀରର ସୌନ୍ଦର୍ଯ୍ୟ ବଜାୟ ରଖିବାକୁ ମହିଳାମାନେ ବର୍ତ୍ତମାନ ଗୁରୁତ୍ୱ ଦେଉଛନ୍ତି। ଏହାକୁ ନଜରରେ ରଖି ସ୍ଥାନୀୟ ଶହୀଦନଗରଠାରେ ଇଣ୍ଡଲଜ୍‌ର ଅତ୍ୟାଧୁନିକ ସେଲୁନ୍‌ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଲିୟଡ ଅଭିନେତ୍ରୀ ତମନ୍ନା ଭ୍ୟାସ୍ ଓ ଓଲିଉଡ୍ ଗୀତିକାର ସ୍ୱୟଂ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡଲଜ୍‌ର ପ୍ରତିଷ୍ଠାତା ସୁକୀର୍ତ୍ତି ପଟ୍ଟନାୟକ ଏବଂ ସେଲୁନର ଫ୍ରାଞ୍ଚାଇଜ୍ ଓନର ଶୁଚିସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅତ୍ୟାଧୁନିକ ସେଲୁନରେ ସବୁ ପ୍ରକାର ଗୁଣାତ୍ମକ ସାମଗ୍ରୀ ଓ ପ୍ରଶିକ୍ଷିତ ସଦସ୍ୟମାନଙ୍କ ସହାୟତାରେ ସବୁବର୍ଗର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଆବଶ୍ୟକ ସେବା ଯୋଗାଇବୁ ବୋଲି ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ ଅବସରରେ ଡିସେମ୍ବର ଶେଷ ପର୍ଯ୍ୟନ୍ତ ଇଣ୍ଡଲଜ୍ ଗ୍ରାହକମାନଙ୍କ ନିମନ୍ତେ ୫୦% ରିହାତିରେ ସେବା ଯୋଗାଇବା ସହ ଆଗାମୀ ତିନିବର୍ଷ ମଧ୍ୟରେ ଇଣ୍ଡଲଜ୍ ସାରା ଓଡ଼ିଶାରେ ୧୦୦ଟି ଶାଖା ଖୋଲିବାକୁ ଯାଉଛି ବୋଲି ଜଣାପଡିଛି।

**ଜନ୍ମଦିନ ଶୁଭେଚ୍ଛା**



(ସୁକି)
**ଗାୟତ୍ରୀ ମହାରଣା**
ଜଗନ୍ନାଥପୁର, ବାଲିପାହାଡ଼, କଟକ
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଏବଂ ଖୁସିରେ ରଖନ୍ତୁ। ତୋର ଚଲାପଥ କୁସୁମିତ ହେଉ, ଏତିକି ପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା ।
**ଶୁଭେଚ୍ଛା ସହ:** ବାପା, ବୋଉ, କବିତା ନାନା, ସବିତା ନାନା, ଭାଇ, ଜିଜୁ, ଦାଦା, ପ୍ରକାଶ, ପ୍ରିୟବ୍ରତ, ଫନ, ସିଲା, ମିକି, ସୂର୍ଯ୍ୟକାନ୍ତ, ସାଙ୍ଗମାନେ ଓ ପରିବାରବର୍ଗ ।
ଧ-୨୨୪୯୭

**Happy Birthday**



**Kishan Anand**
Hasanpur, Araria, Bihar
May your life be filled with sweet moments, happy smiles and blissful memories. May this day give you a new beginning in life.
We all are wishing you a great birthday (from family members & friends).
D-22535

ଫୁର୍‌ସତ୍

# ଆଇଫା-୨୦୨୨ ହୋଷ୍ଟ କରିବେ ସଲମାନ



ମୁମ୍ବାଇ: ଅନ୍ତର୍ଜାତୀୟ ଭାରତୀୟ ଫିଲ୍ମ ଏକାଡେମୀ ୱିକେଣ୍ଡ ଆଣ୍ଡ ଆୱାର୍ଡସର ୨୨ତମ ସଂସ୍କରଣ ୧୮ ଓ ୧୯ ମାର୍ଚ୍ଚ ୨୦୨୨ରେ ୟାଶ ଆଇଜଲ୍ୟାଣ୍ଡ ବା ୟାଶ ଦ୍ୱୀପ ଆବୁଧାବିରେ ଏତିହାଦ ଏରିନାରେ ଆୟୋଜିତ ହେବ। ଏହି ଆୱାର୍ଡ ନାଇଟକୁ ସୁପରଷ୍ଟାର ସଲମାନ ଖାଁ ହୋଷ୍ଟ କରିବେ ବୋଲି ସୂଚନା ମିଳିଛି । ଏହି ଉତ୍ସବ ଭାରତ ଓ ୟୁଏଇ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ମଜଭୁତ କରିବ ବୋଲି ସଲମାନ କହିଛନ୍ତି। ଏଥିରେ ସାରା ବିଶ୍ୱର ମାନ୍ୟଗଣ୍ୟ ବ୍ୟକ୍ତି, ପ୍ରଶଂସକ ଓ ଫିଲ୍ମ ପ୍ରତି ଉତ୍ସାହ ରଖୁଥିବା ବ୍ୟକ୍ତି ସାମିଲ ହେବେ। ଏ ନେଇ ଇଭେଣ୍ଟ ହୋଷ୍ଟ ସଲମାନ ଖାନ କହିଛନ୍ତି, ମୁଁ ସବୁବେଳେ ଆଇଫା ପରିବାର ଅଂଶ ହୋଇ ରହିବା ସହ, ଭଲ ଭଲ ସ୍ଥାନ ଯାତ୍ରା କରିବାର ଆନନ୍ଦ ନେଇଛି । ହେଲେ ଏଥର ଖୁସି ଲାଗୁଛି କି ଆମେ ନିଜ ପସନ୍ଦର ଏକ ସ୍ଥାନ ୟାଶ ଦ୍ୱୀପ, ଆବୁଧାବି ଯାଉଛୁ। ସେ ଆହୁରି ମଧ କହିଛନ୍ତି ଆଇଫା ସବୁବେଳେ ଏକ ମନେ ରଖିବା ଭଳି ସମୟ ହୋଇଥାଏ, ଏଥର ଆହୁରି ବଡ ଉତ୍ସବ ହେବ, କାରଣ ଆମେ ଆମ ଦେଶର ୭୫ତମ ସ୍ୱାଧୀନତା ଦିବସ ଓ ସଂଯୁକ୍ତ ଆରବ ଏମିରେଟ୍ସର ୫୦ତମ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରୁଛୁ ।

# ୫ ବର୍ଷରେ ବୁଡ଼ିପାରେ ମୁମ୍ବାଇ ଉପକୂଳ



ୱାଶିଂଟନ: ଆଣ୍ଟାର୍କଟିକାରେ ବିଶାଳକାୟ ହିମପାହାଡ଼ରେ ଫାଟ ଦେଖାଦେଇଛି। ଏହି ହିମ ପାହାଡ଼ର ଲମ୍ବ ୧୭୦,୩୧୨ କିଲୋମିଟର। ଏହାର ଆକାର ଆମେରିକାର ଫ୍ଲୋରିଡା ରାଜ୍ୟ ସହିତ ସମାନ ବୋଲି ପରିବେଶ ବିଜ୍ଞାନୀ କହିଛନ୍ତି। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଏହି ହିମ ପାହାଡ଼ ଆସନ୍ତା ୫ ବର୍ଷ ମଧ୍ୟରେ ଭାଙ୍ଗିଯିବ। ଯାହା ଦ୍ୱାରା ସମୁଦ୍ର ଜଳ ସ୍ତର ୨୫ ଇଞ୍ଚ ବୃଦ୍ଧି ପାଇବ। ଏହି କାରଣରୁ, ମୁମ୍ବାଇ ସମେତ ପୃଥିବୀର ଅନ୍ୟ ଉପକୂଳବର୍ତ୍ତୀ ସହର ବୁଡ଼ିବାର ଆଶଙ୍କା ଦେଖାଦେଇଛି ବୋଲି ପ୍ରଫେସର ଟେଡ୍ ସ୍କାବୋସ କହିଛନ୍ତି। ଆମେରିକୀୟ ଜିଓଫିଜିକାଲ ୟୁନିଅନର ବାର୍ଷିକ ବୈଠକରେ ଏହି ବିଷୟରେ ସାଟେଲାଇଟ ଦ୍ୱାରା ପଠାଯାଇଥିବା ତଥ୍ୟ ଉପସ୍ଥାପିତ ହୋଇଛି। ଓରେଗନ ଷ୍ଟେଟ ୟୁନିଭର୍ସିଟିର ଗବେଷକ ଦଳର ମୁଖ୍ୟ ଇରେନ ପେଟିଟ କହିଛନ୍ତି, ଏହି ବିଶାଳକାୟ ହିମପାହାଡ଼ ଭାଙ୍ଗିବା ଦ୍ୱାରା ବିଶ୍ୱ ସ୍ତରରେ ସମୁଦ୍ର ପତ୍ତନ ତିନି ଗୁଣ ବୃଦ୍ଧି ପାଇବାର ଆଶଙ୍କା ରହିଛି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**୰ପୂର୍ଣ୍ଣିମା ଦୀକ୍ଷିତ୍**
ଆବିର୍ଭାବ: ୦୨।୧୧।୧୯୩୧
ତିରୋଧାନ: ୦୫।୧୨।୨୦୨୧
ଠିକଣା: ଅପର୍ତ୍ତିପୁର , ମାଟିପକା, ଭଦ୍ରକ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁତ୍ର ଓ ପୁତ୍ରବଧୂ, ଝିଅ ଓ ଜ୍ୱାଇଁ, ନାତି ଓ ନାତୁଣୀ, ନାତୁଣୀ ବୋହୂ ଓ ନାତୁଣୀ ଜ୍ୱାଇଁ ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୬୧୯୩୪

**ତୃତୀୟ ଶ୍ରାଦ୍ଧବାର୍ଷିକୀ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବନମାଳୀ ଦାସ**
ସାଧୀନତା ସଂଗ୍ରାମୀ, ବିଶିଷ୍ଟ ଶ୍ରମିକ ନେତା ଓ ସାରସ୍ୱତ ସାଧକ
ଓଟିଏମ୍ କଲୋନୀ, ଚୌଦ୍ୱାର, କଟକ
ଆବିର୍ଭାବ : ୧୮.୦୩.୧୯୨୮
ତିରୋଧାନ : ୨୦.୧୨.୨୦୧୮
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆପଣଙ୍କ ଅମର ଆତ୍ମା ଶାନ୍ତିରେ ଥାଉ । ଆପଣଙ୍କୁ ଆମର ଶ୍ରଦ୍ଧାଗତ ପ୍ରଣାମ ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୧୯୨୦

# ଚା' କିଲୋ ଲକ୍ଷେ ଟଙ୍କା



ଗୁଆହାଟୀ: ଆସାମ ଡିବ୍ରୁଗଡ ଜିଲାର ଏକ ସ୍ୱତନ୍ତ୍ର ଚା' ମଙ୍ଗଳବାର ୯୯,୯୯୯ ଟଙ୍କାରେ ନିଲାମ ହୋଇଛି। ଦେଶର କୌଣସି ଚା' ନିଲାମରେ ଏହା ସର୍ବାଧିକ ମୂଲ୍ୟ ବୋଲି ଜଣାପଡିଛି। ମନୋହରୀ ଚା' ଇଷ୍ଟେଟ ପକ୍ଷରୁ 'ମନୋହରୀ ଗୋଲ୍ଡ' କିସମର ଏକ କିଲୋ ଚା' ସୌରଭ ଟି ଟ୍ରେଡର୍ସଙ୍କୁ ବିକ୍ରି କରିଛି ବୋଲି ଗୌହାଟି ଚା' ନିଲାମ କେନ୍ଦ୍ର (ଜିଟିଏସି) ସଚିବ ପ୍ରିୟାନୁଜ ଦତ୍ତ କହିଛନ୍ତି। ମନୋହରୀ ଚା' ଇଷ୍ଟେଟର ମାଲିକ ରାଜନ ଲୋହିଆ କହିଛନ୍ତି ଯେ, ଏହି ପ୍ରକାରର ପ୍ରିମିୟମ ଗୁଣବତ୍ତା ଚା'। ଅଧିକ ଚାହିଦାକୁ ଆଧାର କରି ଆମେ ଏହାକୁ ପ୍ରସ୍ତୁତ କରୁ। ଏହି ଚା' ସ୍ୱାସ୍ଥ୍ୟ ପାଇଁ ବହୁ ଉପକାରୀ। ଚାହିଦା ଅଧିକ, ଉତ୍ପାଦନ କମ ହେଉଥିବାରୁ ଏହି ଚା'ର ମୂଲ୍ୟ ବଢିବାରେ ଲାଗିଛି। ଗତ ବର୍ଷ 'ମନୋହରୀ ଗୋଲ୍ଡ' ଚା' ୭୫ ହଜାର ଟଙ୍କାରେ ବିକ୍ରି ହୋଇଥିଲା। ସେହିପରି ୨୦୧୮ରେ ୩୯ ହଜାର, ୨୦୧୯ରେ ୫୦ ହଜାରରେ ଟଙ୍କା ଏହି ଚା' ବିକ୍ରି ହୋଇଥିଲା।

# ଜନ୍‌ଙ୍କ ଇନ୍‌ଷ୍ଟା ଆକାଉଣ୍ଟ ହ୍ୟାକ୍



ମୁମ୍ବାଇ: ବଲିଉଡ ଅଭିନେତା ଜନ ଆବ୍ରାହମଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ ହୋଇଛି। କେହି ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟକୁ ହ୍ୟାକ କରିବା ପରେ ସମସ୍ତ ପୋଷ୍ଟକୁ ଡିଲିଟ କରିଦେଇଛି। ତେବେ ତାଙ୍କ ଆକାଉଣ୍ଟକୁ କିଏ ହ୍ୟାକ କରିଛି ତାହା ଜଣାପଡିନାହିଁ। ଜନ ଆବ୍ରାହମଙ୍କ ଇନଷ୍ଟାଗ୍ରାମରେ ପ୍ରାୟ ୯.୩ ମିଲିୟନ ଫଲୋଅର୍ସ ଅଛନ୍ତି। ଏବେ ଆକାଉଣ୍ଟ ହ୍ୟାକ ହେବା ପରେ ତାଙ୍କର ଗୋଟିଏ ବି ପୋଷ୍ଟ ନାହିଁ।

**CLASSIFIED DISPLAY**
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ) ୧୯୮୨ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାଗରିକା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**FINANCE**
ପର୍ସନାଲ, ବିଜନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ବୁଧବାର, ଡିସେମ୍ବର ୧୫/୨୦୨୧ Berhampur, Wednesday, December 15/ 2021

# ପୁଲ୍ ଶୀର୍ଷରେ କିଟ୍, ଉତ୍କଳ ବିଶ୍ୱବିଦ୍ୟାଳୟ

**ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ମହିଳା ଫୁଟ୍‌ବଲ**

ଭୁବନେଶ୍ୱର, ୧୪।୧୨(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗରେ କିସ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କିଟ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରିଛନ୍ତି। ଟୁର୍ନାମେଣ୍ଟରେ ଏହି ଦୁଇ ବିଶ୍ୱବିଦ୍ୟାଳୟର ଏହା ଦ୍ୱିତୀୟ ବିଜୟ। ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ସମସ୍ତ ନକ୍‌ଆଉଟ ମ୍ୟାଚ ଶେଷ ହୋଇଛି। ଭୁବନେଶ୍ୱରର ଉତ୍କଳ ପୁଲ୍ 'ଏ'ରେ ବିବିଏ ବିହାର ବିଶ୍ୱବିଦ୍ୟାଳୟ, କିଟ୍ ପୁଲ୍ 'ବି'ରେ ମିଜୋରାମ ବିଶ୍ୱବିଦ୍ୟାଳୟ, କୋଲକାତାର ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ ପୁଲ୍ 'ସି'ରେ ଦିବ୍ରୁଗଡ଼ ବିଶ୍ୱବିଦ୍ୟାଳୟ ଏବଂ ୟୁନିଭର୍ସିଟି ଅଫ୍ କୋଲକାତା ପୁଲ୍ 'ଡି'ରେ ରାଞ୍ଚି ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ବିଜୟୀ ୪ଟି ଦଳ ନିଜ ପୁଲ୍‌ରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ବୁଧବାର ଅନ୍ତିମ ଦିବସରେ ଦଳ ଗୁଡ଼ିକ ରାଉଣ୍ଡ ରବିନ ମ୍ୟାଚ ଖେଳି ସାରିବାପରେ ଶୀର୍ଷ ୪ ଦଳ ନିର୍ଦ୍ଧାରିତ ହେବ। ୪ ପୁଲ୍‌ର ଶୀର୍ଷ ଦଳ ଉତ୍କଳ, କିଟ୍, ବିଦ୍ୟାସାଗର ଓ କୋଲକାତା ବିଶ୍ୱବିଦ୍ୟାଳୟ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଫୁଟବଲ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଚଳିତ ମାସ ୨୧ରୁ ୨୭ ପର୍ଯ୍ୟନ୍ତ ତାମିଲନାଡୁର ଆନ୍ନାମଲାଇ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।



କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଦଳ।

# ସବ୍‌ଜୁନିୟର ଟେନିସ ବଲ୍ କ୍ରିକେଟ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୪।୧୨ (କ୍ରୀଡ଼ା ପ୍ରତିନିଧି):** ଉତ୍ତର ପ୍ରଦେଶରେ ଲକ୍ଷ୍ନୌଠାରେ ଚଳିତ ମାସ ୧୬ରୁ ହେବାକୁ ଯାଉଥିବା ୨୬ତମ ଜାତୀୟ ସବ ଜୁନିୟର ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିୟନଶିପ୍ ପାଇଁ ମଙ୍ଗଳବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ଦଳର ସଦସ୍ୟମାନେ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଲକ୍ଷ୍ନୌ ଯାତ୍ରା କରିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ୨୮ଟି ରାଜ୍ୟଦଳ ଅଂଶ ଗ୍ରହଣ କରୁଛନ୍ତ। ୫ ଦିନର ପ୍ରଶିକ୍ଷଣ ଶିବିର ପରେ ଓଡ଼ିଶା ଦଳ ଘୋଷଣା କରାଯାଇଥିଲା। ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ସଂଘର ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର, ସଭାପତି ସୁରଜ ମିଶ୍ର, ସମ୍ପାଦକ ଶିଥିଲ୍ କୁମାର ପଣ୍ଡା, ଉପସମ୍ପାଦକ ସୋମନାଥ ପରିଡ଼ା, ବିଜୁଜନତା ଦଳ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ଉପସଭାପତି ମିହିର କୁମାର ରାଉତ, ସମ୍ପାଦକ ହିମାଂଶୁ ଶେଖର ଦାସ ଏବଂ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ମୁଖ୍ୟ କୋଚ୍ ଚକ୍ରଧର ମାଝି ଓଡ଼ିଶା ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। **ଓଡ଼ିଶା ଦଳ:** ଶୁଭଙ୍କର ପାଢ଼ୀ, ସୁଜନ ମହାପାତ୍ର, ଆଲୋକ ମହାରଣା, ନିହାର ରଞ୍ଜନ ପାତ୍ରୀ, ଶୁଭକାନ୍ତ ସ୍ୱାଇଁ, କରଣ କୁମାର ସିଂ, ଆଶିଷ ରଞ୍ଜନ ମଲିକ, ଏସ. ପ୍ରିୟାଂଶୁ ନାଇଡୁ, ତୁଷାର ମାଇତି, ରୁଦ୍ର ପ୍ରସାଦ ନାୟକ, ଟି . ଅମନ କୁମାର, ତୁଷାର କୁମାର ଦାସ, ବୋୟିରି ମନୀଷ, ଦୀପକ ପାଢ଼ୀ। ବୋଲିଂ କୋଚ୍: ଟି ଦିଲେଶ୍ୱର ରାଓ, ଫିଲ୍ଡିଂ କୋଚ୍: ରଞ୍ଜନ କୁମାର ନାୟକ , ମ୍ୟାନେଜର: ସମୀର କାନ୍ତ ମହାପାତ୍ର।



ମଙ୍ଗଳବାର ଲକ୍ଷ୍ନୌ ଯାତ୍ରା ପୂର୍ବରୁ ଅତିଥି ଓ କର୍ମକର୍ତ୍ତାଙ୍କ ସହ ଓଡ଼ିଶା ଦଳ।

# ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୧୪।୧୨ (କ୍ରୀଡ଼ା ପ୍ରତିନିଧି):** ବିଜୟ ହଜାରେ ଟ୍ରଫି ଦିନିକିଆ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ (ଏଲିଟ-ଏ)ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ପ୍ରଥମ ୩ ମ୍ୟାଚରେ ଯଥାକ୍ରମେ ଆନ୍ଧ୍ର ପ୍ରଦେଶକୁ ୬୩ ରନ, ଗୁଜରାଟକୁ ୩ ଉଇକେଟ ଏବଂ ବିଦର୍ଭକୁ ୬ ଉଇକେଟରେ ହରାଇ ଦମ୍‌ଦାର ଆରମ୍ଭ କରିଥିବା ଓଡ଼ିଶା ଦଳ ପରବର୍ତ୍ତୀ ୨ ମ୍ୟାଚରେ ସେହି ପ୍ରଦର୍ଶନ ବଜାୟ ରଖିବାରେ ବିଫଳ ହୋଇଛି। ପୂର୍ବ ମ୍ୟାଚରେ ଟେବୁଲର ସବୁଠାରୁ ନିମ୍ନରେ ଥିବା ଜମ୍ମୁ-କଶ୍ମୀରଠାରୁ ୯୫ ରନରେ ହାରିଥିବା ଓଡ଼ିଶା ମଙ୍ଗଳବାର ମୁମ୍ବାଇର କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ହିମାଚଳ ପ୍ରଦେଶଠାରୁ ୬୩ ରନରେ ପରାଜିତ ହୋଇଛି। ୫ ମ୍ୟାଚରୁ ୩ ବିଜୟ ଓ ୨ ପରାଜୟ ସହ ଦଳ ୧୨ ପଏଣ୍ଟ ପାଇ ଲିଗ୍ ପର୍ଯ୍ୟାୟ ଶେଷ କରିଛି। ପ୍ରଥମ ୩ ସ୍ଥାନରେ ଥିବା ହିମାଚଳ ପ୍ରଦେଶ, ବିଦର୍ଭ ଓ ଆନ୍ଧ୍ର ମଧ୍ୟ ୧୨ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ରନ ହାରରେ ଓଡ଼ିଶା ୪ର୍ଥ ସ୍ଥାନକୁ ଖସି ଆସିଛି। ଫଳରେ ଦଳର ନକ୍‌ଆଉଟ ପ୍ରବେଶ ଆଶା ଶେଷ ହୋଇଛି। ଓଡ଼ିଶାର ରନ୍‌ହାର -୦.୨୦୦ ଥିବାବେଳେ ଆନ୍ଧ୍ର ୦.୦୪୨, ବିଦର୍ଭ ୦.୨୧୦ ଓ ହିମାଚଳ ୦.୫୫୧ ସହିତ ପ୍ରଥମ ୩ ସ୍ଥାନରେ ରହିଛନ୍ତି। ହିମାଚଳ ପ୍ରଦେଶ ୫୦ ଓଭରରେ ୫ ଉଇକେଟ ହରାଇ ୩୬୦ ରନ କରିଥିଲା। ଓଡ଼ିଶା ୪୫.୧ ଓଭରରେ ୨୯୭ ରନକରି ଅଲଆଉଟ ହୋଇଥିଲା। ସନ୍ଦୀପ ପଟ୍ଟନାୟକ ୬୧, ଅନୁରାଗ ଷଡ଼ଙ୍ଗୀ ୬୬ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୮୨ ରନ କରିଥିଲେ ମଧ୍ୟ ପରବର୍ତ୍ତୀ ବ୍ୟାଟରଙ୍କ ବିଫଳତା ଯୋଗୁ ଓଡ଼ିଶା ବିଜୟ ଲକ୍ଷ୍ୟଠାରୁ ଦୂରରେ ରହି ଯାଇଥିଲା।

# ଗାଭାସ୍କରଙ୍କୁ ସମ୍ମାନିତ କରିବ ଏସ୍‌ଜେଏଫ୍‌ଆଇ

**ଭୁବନେଶ୍ୱର, ୧୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ଏସ୍‌ଜେଏଫ୍‌ଆଇ ପଦକରେ ସମ୍ମାନିତ କରାଯିବ। ବୁଧବାର ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)ର ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍)ରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ଏକମାତ୍ର ସ୍ୱର୍ଣ୍ଣ ପଦକ ଜିତିଥିବା ନୀରଜ ଚୋପ୍ରା ଏସ୍‌ଜେଏଫ୍‌ଆଇ ସ୍ପୋର୍ଟ୍ସମ୍ୟାନ ଅଫ୍ ଦି ଇୟର ପୁରସ୍କାର ପାଇବେ। ରୌପ୍ୟ ପଦକ ଲାଭ କରିଥିବା ୱେଟ୍‌ଲିଫ୍ଟର ମୀରାବାଈ ଚାନୁ ଏସ୍‌ଜେଏଫ୍‌ଆଇ ସ୍ପୋର୍ଟ୍ସୱମ୍ୟାନ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଟୋକିଓରେ ହକି ବ୍ରୋଞ୍ଜ୍ ହାସଲ କରିଥିବା ଭାରତୀୟ ପୁରୁଷ ଦଳକୁ ଏସ୍‌ଜେଏଫ୍‌ଆଇ ଟିମ୍ ଅଫ୍ ଦି ଇୟର ଘୋଷଣା କରାଯାଇଛି। ଭାରତର ପାରାଲିମ୍ପିକ୍ସ ଅଭିଯାନରେ ଭାରତର ଷ୍ଟାର ସାଜିଥିବା ସୁମିତ ଅଣ୍ଟିଲ ଓ ପ୍ରମୋଦ ଭଗତ ଉଭୟଙ୍କୁ ପୁରୁଷ ବିଭାଗରେ ଏସ୍‌ଜେଏଫ୍‌ଆଇ ପାରା ଆଥଲେଟ୍ ଅଫ୍ ଦି ଇୟର ବିବେଚନା କରାଯାଇଛି। ଶୁଟର ଅବନୀ ଲେଖରା ଏସ୍‌ଜେଏଫ୍‌ଆଇ ପାରା ଆଥଲେଟ ଅଫ୍ ଇୟର ମହିଳା ପୁରସ୍କାର ପାଇବେ। ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଭାରତୀୟ ଆଥଲେଟ୍ସଙ୍କୁ ଅଲିମ୍ପିକ୍ସରେ ସମର୍ଥନ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସୁଥିବା ଅଲିମ୍ପିକ ଗୋଲ୍ଡ କ୍ୱେଷ୍ଟ (ଓଜିକ୍ୟୁ)କୁ ଏସ୍‌ଜେଏଫ୍‌ଆଇ ସ୍ୱତନ୍ତ୍ର ସ୍ୱୀକୃତି ପୁରସ୍କାର ମିଳିବ। ଏସ୍‌ଜେଏଫ୍‌ଆଇର ବାର୍ଷିକ ସାଧାରଣ ଉତ୍ସବରେ ଏହାର ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କେରଳର ଏ. ବିନୋଦ ଏସ୍‌ଜେଏଫ୍‌ଆଇର ନୂଆ ସଭାପତି ହୋଇଛନ୍ତି। ସେହିପରି ପ୍ରଶାନ୍ତ କେନି (ମୁମ୍ବାଇ) ସମ୍ପାଦକ ଓ ବିଦ୍ୟୁତ କାଲିଟା (ଆସାମ) କୋଷାଧ୍ୟକ୍ଷ ହୋଇଛନ୍ତି। କାର୍ଯ୍ୟନିର୍ବାହୀ କମିଟିର ଅନ୍ୟ ସଦସ୍ୟମାନେ ହେଲେ - **ଉପସଭାପତି:** ଦେବେନ୍ଦ୍ର ପାଣ୍ଡେ (ଇନ୍ଦୋର), ସମ୍ବିତ ମହାପାତ୍ର (ଓଡ଼ିଶା) ଓ ସରଜୁ ଚକ୍ରବର୍ତ୍ତୀ (ତ୍ରିପୁରା)। **ଯୁଗ୍ମ ସମ୍ପାଦକ:** ଅମିତାଭ ଦାସଶର୍ମା (କୋଲକାତା)। **କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ:** ଅମୋଲ କରହାଡ୍‌କର, ସି. ସନ୍ତୋଷ କୁମାର, ସୁପ୍ରଭାତ ଦେବନାଥ, ପାର୍ଥ ଚକ୍ରବର୍ତ୍ତୀ, ସୁଶିମ ଘୋଷ, ନିଲେଶ ଦେଶପାଣ୍ଡେ ଓ ତୁଷାର ତ୍ରିବେଦୀ।



ସୁନୀଲ ଗାଭାସ୍କର

**ସମ୍ବିତ ଉପସଭାପତି ନିର୍ବାଚିତ**

# ଓଡ଼ିଶା-ବେଙ୍ଗଲ ମ୍ୟାଚ ଡ୍ର

**ଜାତୀୟ ସିନିୟର ପୁରୁଷ ହକି**

ପୁଣେ, ୧୪।୧୨

ପୁଣେର ପିମ୍ପ୍ରି ଚିନଚ୍ୱାଡଠାରେ ଚାଲିଥିବା ଜାତୀୟ ସିନିୟର ପୁରୁଷ ହକିରେ ମଙ୍ଗଳବାର ଓଡ଼ିଶା ଓ ବେଙ୍ଗଲ ମ୍ୟାଚ ୩-୩ ଗୋଲରେ ଡ୍ର ରହିଛି। ପୁଲ୍ 'ଏଫ୍'ର ଏହି ମ୍ୟାଚରେ ବେଙ୍ଗଲ ଏକଦା ୦-୩ରେ ପଛୁଆ ଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ପଏଣ୍ଟ ଭାଗ କରିଥିଲା। ଓଡ଼ିଶା ପକ୍ଷରୁ ଅଭିଜିତ ସ୍ୱାଇଁ ୧୨, ସୁଦ୍ରେନ ଲାକ୍ରା ୧୫ ଓ ରାହୁଲ ଏକ୍କା ୨୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୩-୦ରେ ଅଗ୍ରଣୀ କରାଇଥିଲେ। ରାହୁଲ ଟୁର୍ନାମେଣ୍ଟର ୨୦୦ତମ ଗୋଲ ସ୍କୋର କରିଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧରେ ପଟ ପରିବର୍ତ୍ତନ ପରେ ବେଙ୍ଗଲ ସୁଯୋଗର ସଦ୍‌ବ୍ୟବହାର କରି ଫାଇଦାରେ ରହିଥିଲା। ରାଉଶେନ କୁମାର ୩୨ତମ ମିନିଟରେ ଗୋଟିଏ ଏବଂ ନୀତେଶ ନେଉପାନେ ୪୬ ଓ ୫୩ତମ ମିନିଟରେ ପେନାଲ୍ଟି କର୍ନରରୁ ୨ଟି ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଓଡ଼ିଶା ଓ ବେଙ୍ଗଲ ପୁଲ୍‌ରେ ଶୀର୍ଷସ୍ଥାନ ଅଧିକାର କରି କ୍ୱାର୍ଟର ଫାଇନାଲ ଯିବା ଲକ୍ଷ୍ୟରେ ଅଛନ୍ତି। ମାତ୍ର ୨ଟି ମ୍ୟାଚ ପରେ ଉଭୟ ଦଳ ୪ ପଏଣ୍ଟ ପାଇଛନ୍ତି ଏବଂ ଉଭୟଙ୍କର ଗୋଲ ବ୍ୟବଧାନ ୮ ରହିଛି। ତେଣୁ ଏହି ପୁଲ୍‌ର ଶେଷ ଲିଗ୍ ମ୍ୟାଚ କେଉଁ ଦଳ କ୍ୱାର୍ଟର ଫାଇନାଲ ଯିବ ତାହା ନିର୍ଦ୍ଧାରଣ କରିବ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଡିସେମ୍ବର ୧୫/୨୦୨୧ (୮+୮=୧୬ ପୃଷ୍ଠା) | Berhampur, Wednesday, December 15/2021 | ପୃଷ୍ଠା-୧



**ବାଇଲ୍ସ ଆଥଲେଟ ଅଫ୍ ଦି ଇୟର**
ଆମେରିକା ଜିମ୍ନାଷ୍ଟ ସିମୋନ ବାଇଲ୍ସ ଟାଇମ୍ସ ୨୦୨୧ ଆଥଲେଟ୍ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି।

୦୮

୦୨

**ସିନେଟର ପଦ ପାଇଁ ଲଢ଼ିବେନି ଡୁଟେର୍ଟେ**
ଫିଲିପାଇନର ବିଦାୟୀ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ସିନେଟର ପଦବୀ ପାଇଁ ନିର୍ବାଚନ ଲଢ଼ିବେ ନାହିଁ।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ସଂସଦୀୟ ଆସନ ବାରାଣସୀରେ ସୋମବାର ମଧ୍ୟରାତ୍ରିରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ବିକାଶ କାର୍ଯ୍ୟ ବୁଲି ଦେଖୁଛନ୍ତି।

# ଜନ ଆନ୍ଦୋଳନ ହେଉ ନାଚୁରାଲ ଫାର୍ମିଂ

**ବାରାଣସୀରେ ଭାଜପା ଶାସିତ ମୁଖ୍ୟମନ୍ତ୍ରୀଙ୍କ ସହ ମୋଦିଙ୍କ ବୈଠକ**

**ବାରାଣସୀ,୧୪।୧୨**

ନିଜ ସଂସଦୀୟ କ୍ଷେତ୍ର ବାରାଣସୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସ୍ୱରଦେବ ମହାମନ୍ଦିରରେ ସଦ୍‌ଗୁରୁ ସଦାଫଲଦେଓ ବିହଙ୍ଗମ୍ ଯୋଗ ସଂସ୍ଥାନର ୯୮ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରି କହିଛନ୍ତି, ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ସ୍ୱରାଜ ଯେତିକି ଗୁରୁତ୍ୱପୂର୍ଣ୍ଣ ସୁରାଜ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଏଥିଲାଗି ଜିରୋ ବଜେଟ ନେଚୁରାଲ ଫାର୍ମିଂ ଏକ ଜନ ଆନ୍ଦୋଳନରେ ପରିଣତ ହେବା ଉଚିତ। ଏଥିରୁ ମିଳୁଥିବା ସୁବିଧାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ଜରୁରୀ। ଜିରୋ ବଜେଟ ନେଚୁରାଲ ଫାର୍ମିଂରେ ପାରମ୍ପରିକ କୃଷି କୌଶଳ ଆପଣାଇ ଖର୍ଚ୍ଚ ହ୍ରାସ କରାଯାଇଥାଏ। ଏହା ମାଟିର ଉର୍ବରତା ବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ।

ଦୁଇଦିନିଆ ବାରାଣସୀ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ସୋମବାର ୩୩୯ କୋଟି ଟଙ୍କାରେ ☞ପୃଷ୍ଠା-୫

# ଅର୍ଥଚିନ୍ତା କମାଇଛି ସ୍ମାର୍ଟ ହେଲ୍‌ଥ କାର୍ଡ



ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ରେ ବିଏସ୍‌କେୱାଇର ଶୁଭାରମ୍ଭ କରୁଛନ୍ତି। ପାଖରେ ଅଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

- ■ ବିଏସ୍‌କେୱାଇରେ ଯୋଡ଼ିହେଲା ନୟାଗଡ଼,ଜଗତ୍‌ସିଂହପୁର ଜିଲା
- ■ ନୟାଗଡ଼ରେ ୯୯୪ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ
- ■ ଜଗତ୍‌ସିଂହପୁର ଜିଲାରେ ୩୬୨ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟନ

**ନୟାଗଡ଼ ଅଫିସ/ ଜଗତ୍‌ସିଂହପୁର ଅଫିସ, ୧୪।୧୨**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଯୋଡ଼ିହୋଇଛି ନୟାଗଡ଼ ଓ ଜଗତ୍‌ସିଂହପୁର ଜିଲା। ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୧ଟାରେ ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ (ପିଟିଏସ୍) ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରେନ୍ସ(ଭିସି)ରେ ଯୋଜନାର ଶୁଭାରମ୍ଭ କରିଛନ୍ତି। ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ଅବସରରେ ମୁଖ୍ୟମନ୍ତ୍ରୀ ନୟାଗଡ଼ ଜିଲାରେ ୮୫.୩୫କୋଟି ଟଙ୍କାର ବ୍ୟୟରେ ନିର୍ମିତ ୧୫୧ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ପୁଣି ୯୦୯.୧୮ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୧୦୮ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଜିଲାର ୨ ଲକ୍ଷ ୨୩ ହଜାର ୬୦ ପରିବାରର ୭ ଲକ୍ଷ ୭୦ ହଜାର ୭୬୬ ଲୋକ ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଉପକୃତ ହେବେ ବୋଲି ସୂଚନା ମିଳିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୟାଗଡ଼ ମାଟିକୁ ପ୍ରଣାମ କରି କହିଲେ, ଏହି ଭୂମି ହେଉଛି ପଠାଣି ସାମନ୍ତଙ୍କ ଜନ୍ମଭୂମି, ଶହୀଦ ରଘୁ ଦିବାକରଙ୍କ ସଂଗ୍ରାମର ଭୂମି। ଆଜି ଉଦ୍‌ଘାଟିତ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ୨୫୯ଟି ପ୍ରକଳ୍ପ ପାଇଁ ୯୯୪ କୋଟି ୫୩ ଲକ୍ଷ ବିନିଯୋଗ ହୋଇଛି, ଯାହାକି ବିକାଶ ପଥରେ ନୟାଗଡ଼କୁ ଆଗକୁ ବଢ଼ାଇବ। ନୟାଗଡ଼ରେ ୧ ହଜାର କୋଟି ଟଙ୍କା ବ୍ୟୟରେ ମେଗା ପାଇପ ୱାଟର ପ୍ରୋଜେକ୍ଟ କରାଯିବ। ଏଥିରେ ୮ ଲକ୍ଷ ଲୋକ ଉପକୃତ ହେବେ। ନୟାଗଡ଼ ଜିଲାରେ ମିଶନ ଶକ୍ତିର ମା'ମାନେ ଭଲ କାମ କରୁଛନ୍ତି। ସେଥିପାଇଁ ରାଜ୍ୟ ସରକାର ମିଶନ ଶକ୍ତି ପାଇଁ ୧୬୪ କୋଟି ଟଙ୍କା ଋଣ ଯୋଗାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମଧ୍ୟ ଜିଲାରେ ଭଲ କାମ ହେଉଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଲେ, ପ୍ରତ୍ୟେକଙ୍କ ଜୀବନ ମୂଲ୍ୟବାନ୍। ସ୍ୱାସ୍ଥ୍ୟନୀତିକୁ ଆଧାର କରି ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭିତ୍ତିକ ଯୋଜନାର ରୂପରେଖ ପ୍ରସ୍ତୁତ କରୁଛନ୍ତି। ସେପ୍ଟେମ୍ବର ୧ରୁ ସାରା ରାଜ୍ୟରେ ସ୍ମାର୍ଟ ହେଲଥ୍ କାର୍ଡ ସେବା ଆରମ୍ଭ ହୋଇଛି। ସେଦିନଠାରୁ ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ମାର୍ଟ ହେଲ୍‌ଥ କାର୍ଡ ଏକ ମାଇଲଖୁଣ୍ଟ। ଏହି କାର୍ଡ ଲୋକଙ୍କ ଚିକିତ୍ସା ପାଇଁ ଟଙ୍କାର ଟେନସନ୍‌କୁ କମାଇଛି। ଗରିବ ଲୋକଙ୍କ ଚିନ୍ତା ଓ ଦୁଃଖ ଦୂର କରିଛି। ଏହାଦ୍ୱାରା ପରିବାରର ସଞ୍ଚୟ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଭଳି ବ୍ୟବସ୍ଥା କରିବାରେ ସମଗ୍ର ଦେଶରେ ଓଡ଼ିଶା ପ୍ରଥମ। ଏହି କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢ଼େ ୩କୋଟି ଲୋକ ଉପକୃତ ହେବେ। ଲୋକମାନେ ବିନା କୌଣସି ଅସୁବିଧାରେ ସ୍ମାର୍ଟ କାର୍ଡ ଧରି ଦେଶର ୨୦୦ରୁ ଊର୍ଦ୍ଧ୍ୱ ବଡ଼ ☞ପୃଷ୍ଠା-୪

# କୋଟିଆରେ ହେବ ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ

■ **୨୦୨୨ ଶିକ୍ଷାବର୍ଷରୁ ନାମଲେଖା**

**କୋରାପୁଟ,୧୪।୧୨(ସ୍ୱ.ପ୍ର.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆ ଅଞ୍ଚଳରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟ ନେଇ କୋଟିଆରେ ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହେବ ବୋଲି ମଙ୍ଗଳବାର ଜିଲାପାଳ ଅବଦାଲ ମହମ୍ମଦ ଅଖତାର କହିଛନ୍ତି। କୋଟିଆ ପଞ୍ଚାୟତର ଗଞ୍ଜେଇପଦରରେ ଏହି ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟ ଖୋଲାଯିବ। ୨୦୨୨ ଶିକ୍ଷା ବର୍ଷରୁ ଏଥିରେ ନାମଲେଖା ଆରମ୍ଭ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ସରକାର ଏହାକୁ ଗ୍ରହଣ କରି କୋଟିଆରେ ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ☞ପୃଷ୍ଠା-୫

# 'ଓମିକ୍ରନ୍‌ରୁ ସୁରକ୍ଷା ଦେବ କୋଭିଡ୍ ଟିକା'

■ **୧୭୫ କରୋନା ଆକ୍ରାନ୍ତ ଚିହ୍ନଟ, ଜଣେ ମୃତ**

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**



କୋଭିଡ୍ ଟିକା ହିଁ ଓମିକ୍ରନ୍‌ରୁ ସୁରକ୍ଷା ଦେବ। ଶତ ପ୍ରତିଶତ ନ ହେଲେ ବି ଟିକା କ୍ରସ୍ ପ୍ରୋଟେକ୍ସନ ଦେବ। ତେଣୁ ଯେଉଁମାନେ ଆଦୌ ଟିକା ନେଇନାହାନ୍ତି, ସେମାନେ ଯଥାଶୀଘ୍ର ଟିକା ନେବାକୁ ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରିଛି। ଏ ନେଇ ମଙ୍ଗଳବାର ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, କୋଭିଡ୍ ଟିକା ଶତ ପ୍ରତିଶତ ନ ହେଲେ ବି ଓମିକ୍ରନରୁ କିଛି ମାତ୍ରାରେ ସୁରକ୍ଷା ଦେବ। ଟିକା ନେଲେ ଗୁରୁତର ହେବା, ହସ୍ପିଟାଲରେ ଭର୍ତ୍ତି ହେବା ଏବଂ ମୃତ୍ୟୁ ମୁଖରେ ପଡ଼ିବାର ଆଶଙ୍କା କମ୍ ରହିବ। ଲୋକଙ୍କୁ ଟିକା ନେବା ପାଇଁ ପ୍ରୋତ୍ସାହିତ କରିବାକୁ ପ୍ରତି ଗାଁର ସାମାଜିକ କର୍ମୀମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରିଛି। ଅନ୍ୟ ରାଜ୍ୟରେ ଓମିକ୍ରନ ଚିହ୍ନଟ ହେବା ସହ ସଂକ୍ରମଣ ବଢୁଛି। ତେଣୁ କୌଣସି ମୁହୂର୍ତ୍ତରେ ଓଡ଼ିଶାରେ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇପାରେ। ସେଥିଲାଗି ଏହା ପୂର୍ବରୁ ସମସ୍ତେ ସତର୍କ ରହିବା ଜରୁରୀ। ସମସ୍ତେ ଯେଭଳି ଡିସେମ୍ବର ଶେଷ ସୁଦ୍ଧା ଟିକା ନେବେ, ସେଥିପ୍ରତି ଗୁରୁତ୍ୱ ଦେବା ଉଚିତ୍। ଏଥିସହ କୋଭିଡ୍ ନିୟମକୁ ପାଳନ କରିବା ଆବଶ୍ୟକ। ସେହିପରି ସମସ୍ତ ଜିଲାରେ ଟାସ୍କଫୋର୍ସ ରହିଛି। କେଉଁ ବ୍ଲକରେ ଲୋକେ ଟିକା ନେଇନାହାନ୍ତି ସେନେଇ ☞ପୃଷ୍ଠା-୫



ଲଣ୍ଡନରେ ଥିବା ରୟାଲ ଲିଭର ବିଲ୍ଡିଂ ଚାରିପଟରେ ଘନ କୁହୁଡ଼ିର ଆସ୍ତରଣ।

# ଡିବିରି ନିଆଁରେ ଜଳିଗଲେ ଛାତ୍ରୀ

**ବଣାଇଁ,୧୪।୧୨(ସ୍ୱ.ପ୍ର )**

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ଭାଲୁଡୁଙ୍ଗୁରି ଗ୍ରାମରେ ସୋମବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଡିବିରିରୁ ନିଆଁ ଲାଗିଯିବାରୁ ଯୁକ୍ତ ତିନି ପଢୁଥିବା ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ୱପ୍ନେଶ୍ୱରୀ ମୁଣ୍ଡା। ଖବର ପାଇ ବଣାଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୧।୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୋମବାର ରାତିରେ ସ୍ୱପ୍ନେଶ୍ୱରୀ ଘରେ ଜଳୁଥିବା ଏକ ଡିବିରି ଧରି ଗୋଟିଏ କୋଠରୀରୁ ଅନ୍ୟ ଏକ କୋଠରୀକୁ ଯାଉଥିଲେ। ଏହି ସମୟରେ ଅସାବଧାନତା ବଶତଃ ତାଙ୍କ ଉପରେ ଡିବିରିରୁ କିରୋସିନ ଢାଳି ହୋଇ ଡ୍ରେସରେ ନିଆଁ ଲାଗିଯାଇଥିଲା। ସେ ସିନ୍ଥେଟିକ ବସ୍ତ୍ର ପରିଧାନ କରିଥିବାରୁ ନିଆଁ ଶୀଘ୍ର ଦେହସାରା ବ୍ୟାପିଯାଇଥିଲା। ଚିତ୍କାର ଶୁଣି ତାଙ୍କ ମା' ଚନ୍ଦ୍ରାବତୀ ମୁଣ୍ଡା ଗାଁ ଲୋକଙ୍କ ସହାୟତା ଲୋଡିଥିଲେ। ଗ୍ରାମବାସୀ ସ୍ୱପ୍ନେଶ୍ୱରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଜମି କିଣାବିକାରେ ରାଜକୋଷକୁ ଚୂନ

**ସିଏଜି ରିପୋର୍ଟ**

■ **ଅବମୂଲ୍ୟାୟନ, ସରକାରୀ ନିୟମକୁ ବେଖାତିର**

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଜମିବାଡ଼ି, କୋଠାବାଡ଼ିଗୁଡ଼ିକରେ ହେଉଥିବା ହେରଫେର ଏବଂ ବିଲ୍‌ଡର ପ୍ରୀତି ଯୋଗୁ ରାଜ୍ୟ ରାଜକୋଷକୁ ବଡ଼ଧରଣର ଚୂନ ଲାଗିଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ବହୁ କୋଟି ଟଙ୍କାର ରାଜସ୍ୱ ହାନୀ ହେଉଛି। ନିବନ୍ଧନ ଅଧିକାରୀମାନେ ଖରିଦ, ବିକ୍ରି ସମୟରେ ଜମିବାଡ଼ି ଓ କୋଠାଘରଗୁଡ଼ିକର ଅବମୂଲ୍ୟାୟନ ଏବଂ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରିବା ଯୋଗୁ ପ୍ରତ୍ୟେକ ବର୍ଷ ସରକାରଙ୍କୁ କ୍ଷତି ସହିବାକୁ ପଡୁଛି। ଜମି କିଣାବିକାରେ ହୋଇଥିବା ଅନିୟମିତତା ଯୋଗୁ ସରକାରୀ ତହବିଲ୍‌କୁ ୧୬.୫୭ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିଛି। ଅଧିକାରୀମାନଙ୍କ ଏଭଳି ଅପାରଗତାର ରହସ୍ୟ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଉନ୍ମୋଚନ କରିଛନ୍ତି।

ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି ଯେ ୨୦୧୯-୨୦ରେ ରାଜସ୍ୱ ବିଭାଗ ଅଧୀନରେ ଥିବା ୧୯୧ ୟୁନିଟ୍‌ର ସମୀକ୍ଷା କରାଯାଇଥିଲା। ୨୦୧୮-୧୯ରେ ରାଜସ୍ୱ ପ୍ରାପ୍ତିର ୪୧ଟି ୟୁନିଟ୍‌ର ସଂଗୃହୀତ ରାଜସ୍ୱ ୮୩୪.୩୭ କୋଟି ଟଙ୍କା ଥିଲା, ଯାହାକି ୧୯୧ ୟୁନିଟ୍ ଦ୍ୱାରା ସଂଗୃହୀତ ମୋଟ ରାଜସ୍ୱ ୧,୨୩୭.୪୬ କୋଟି ଟଙ୍କାର ୬୭.୪୩ %। ମୂଲ୍ୟ ନିର୍ଦ୍ଧାରଣ ଓ ଅନ୍ୟାନ୍ୟ ନଥିପତ୍ର ଯାଞ୍ଚ କରିବା ପରେ ୧୪,୫୦୭ ମାମଲାରେ ଜମି ଓ କୋଠାବାଡ଼ିର ବଜାର ଦର ଭୁଲ ନିର୍ଦ୍ଧାରଣ ହୋଇଥିବା ସିଏଜି ଜାଣିବାକୁ ପାଇଛନ୍ତି। ଏଥିଯୋଗୁ ସରକାରଙ୍କୁ ସିଧାସଳଖ ୯.୩୫ କୋଟି ଟଙ୍କାର କ୍ଷତି ହୋଇଛି। ସେହିପରି ୨୦୧୯-୨୦ରେ ବିଭାଗର ୧୪,୩୨୪ଟି ମାମଲାରେ ମଧ୍ୟ ନିବନ୍ଧନ ଅଧିକାରୀମାନେ ଅବମୂଲ୍ୟାୟନ ଓ ଅନ୍ୟାନ୍ୟ ତ୍ରୁଟି କରିବା ଯୋଗୁ ସରକାରଙ୍କୁ ୬.୧୮ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ସିଏଜି ଉଲ୍ଲେଖ କରିଛନ୍ତି ଯେ ଷ୍ଟାମ୍ପ ଡ୍ୟୁଟି ଓ ରେଜିଷ୍ଟ୍ରେଶନ ଫି' ଆଦାୟ ବେଳେ ଅଧିକାରୀମାନେ ଭାରତୀୟ ଷ୍ଟାମ୍ପ ଶୁଳ୍କ ଅଧିନିୟମ ୧୮୯୯ ଏବଂ ନିବନ୍ଧନ ଅଧିନିୟମ ୧୯୦୮ ଏବଂ ଓଡ଼ିଶା ସରକାରଙ୍କ ବେଞ୍ଚମାର୍କ ମୂଲ୍ୟକୁ ଦୃଷ୍ଟି ନ ଦେଇ ସମ୍ପତ୍ତିଗୁଡ଼ିକୁ ଜାଣିଶୁଣି କମ୍ ମୂଲ୍ୟ ଦର୍ଶାଇ ବିକ୍ରିବଟା କରାଯିବାରୁ ସରକାରଙ୍କୁ ଏଭଳି କ୍ଷତି ସହିବାକୁ ପଡ଼ିଛି। କେବଳ ସେତିକି ନୁହେଁ, ନିବନ୍ଧନ ଅଧିକାରୀ ଏବଂ ବିଲ୍‌ଡରଙ୍କ ମଧ୍ୟରେ ସଲାସୁତରା ଯୋଗୁ ସରକାରଙ୍କୁ ମଧ୍ୟ ରାଜସ୍ୱ ହାନି ହୋଇଛି। ଜମି ମାଲିକ ଏବଂ ବିଲ୍‌ଡରଙ୍କ ମଧ୍ୟରେ ହେଉଥିବା ରାଜିନାମା ଓ ବିକ୍ରୟ ରାଜିନାମାରେ ମଧ୍ୟ ବିରାଟ ଅନିୟମିତତା ହେଉଥିବା ସିଏଜି ଜାଣିବାକୁ ପାଇଛନ୍ତି। ଖୋର୍ଦ୍ଧା ଜିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ୨୦୨୦ ଫେବୃୟାରୀରେ ୨ ଦସ୍ତାବିଜ ଉପରେ ଜମି ମାଲିକ ଏବଂ ବିଲ୍‌ଡରଙ୍କ ଦ୍ୱାରା ୦.୬୭୧ ଏକର ଜମି ଉପରେ ବିକ୍ରି କବଲା ଉପରେ ରାଜିନାମା ନିବନ୍ଧିତ ହୋଇଥିଲା। ଜମି ଦସ୍ତାବିଜ ତଥ୍ୟାନୁଯାୟୀ ୪୫.୧୦ଲକ୍ଷ ଟଙ୍କା ଉପରେ ଷ୍ଟାମ୍ପ ଶୁଳ୍କ ୨୦୦ଟଙ୍କା ଏବଂ ରେଜିଷ୍ଟ୍ରେଶନ ଫି' ୯୦,୨୦୦ ଟଙ୍କା ଖୋର୍ଦ୍ଧା ଜିଲା ଉପନିବନ୍ଧକ ଆଦାୟ କରିଥିଲେ, ଯାହାକି ଜମିର ବଜାର ମୂଲ୍ୟକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିଲା। ସେହିପରି ୨୦୧୭ରୁ ୨,୦୧,୯୧୮.୪୪ ଏକର ଜମି ୪ଟି ଜିଲା ଉପନିବନ୍ଧକ ପୁରୀ, ବାଲେଶ୍ୱର, ଖୋର୍ଦ୍ଧା ଏବଂ ସମ୍ବଲପୁର ଏବଂ ୪ଟି ସବ୍‌ରେଜିଷ୍ଟ୍ରାର କୁଜଙ୍ଗ, ଜଗତପୁର, ବ୍ରହ୍ମଗିରି ଏବଂ ପାନପୋଷରେ ବିକ୍ରୟ ରାଜିନାମା ହୋଇଥିଲା। ଠିକ୍ ରୂପେ ଜମିର ଶ୍ରେଣୀଭୁକ୍ତ କରା ନ ଯିବାରୁ ସରକାରଙ୍କୁ ୫.୧୭କୋଟି ଟଙ୍କାର ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେଶନ ଫି' ହରାଇବାକୁ ପଡ଼ିଛି। ନିବନ୍ଧନ ଅଧିକାରୀ କୋଠାବାଡ଼ି, ଜମିର ବେଞ୍ଚମାର୍କ ମୂଲ୍ୟକୁ ତର୍ଜମା ନ କରିବାରୁ ୧.୦୪ କୋଟି ଟଙ୍କାର ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେଶନ ଫି' ମିଳି ନ ଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ସେହିପରି ବାର୍ଷିକ ହାରାହାରି ଭଡ଼ାକୁ ହିସାବ ବେଳେ ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି)କୁ ଯୋଗ ନ କରିବାରୁ ୧୯୧ ଜିଲା ଉପନିବନ୍ଧନ କାର୍ଯ୍ୟାଳୟରେ ୮୭.୦୨ଲକ୍ଷ ଟଙ୍କା ଅନାଦାୟ ହୋଇଥିଲା। ନିବନ୍ଧନ ଅଧିକାରୀମାନ ଜମି ହସ୍ତାନ୍ତରଣ କରିବା ପରିବର୍ତ୍ତେ ଆର୍ଟର୍ନି କ୍ଷମତା ଦ୍ୱାରା ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେଶନ ଫି' ଆଦାୟ କରି ନ ଥିଲେ। ଫଳରେ ସରକାରଙ୍କୁ ୪୪.୮୩ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏହି ଅନିୟମିତତା ନେଇ ଖୋର୍ଦ୍ଧା ସମେତ ବିଭିନ୍ନ ଜିଲା ଉପନିବନ୍ଧକଙ୍କ ପକ୍ଷରୁ ଦିଆଯାଇଥିବା ଉତ୍ତରକୁ ସିଏଜି ପ୍ରତ୍ୟାଖ୍ୟାନ କରିଛନ୍ତି। ସରକାରୀ ଅଧିକାରୀମାନଙ୍କ ଖାମଖିଆଲ ମନୋଭାବ, ସରକାରୀ ନିୟମର ଉଲ୍ଲଂଘନ ଏବଂ ବିଲ୍‌ଡରଙ୍କୁ ଅନୁକମ୍ପା ଯୋଗୁ ସରକାରଙ୍କୁ ବଡ଼ ରାଜସ୍ୱ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଛି ବୋଲି ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

# ୧୫ ଡିଗ୍ରୀ ତଳେ ୧୨ ସହର ତାପମାତ୍ରା

■ **ଦାରିଙ୍ଗବାଡ଼ିରେ ୭.୫ ଡିଗ୍ରୀ**

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

ସାରା ରାଜ୍ୟରେ ଏବେ ଥଣ୍ଡା ଅନୁଭୂତ ହେଉଛି। ସକାଳ ପ୍ରାୟ ୮ଟା ପର୍ଯ୍ୟନ୍ତ କୋହଲା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ମଙ୍ଗଳବାର ରାଜ୍ୟର ୧୨ଟି ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୭.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଟିଟିଲାଗଡ଼ ୧୧.୮, ଫୁଲବାଣୀ ୧୨, କେନ୍ଦୁଝର ୧୨, ବଲାଙ୍ଗୀର ୧୨.୫, ଝାରସୁଗୁଡ଼ା ୧୨.୬, ଭବାନୀପାଟଣା ୧୩, ସୋନପୁର ୧୩.୫, କୋରାପୁଟ ୧୪, ହୀରାକୁଦ ୧୪.୨, ବାରିପଦା ୧୪.୫ ଏବଂ ଚାନ୍ଦବାଲିରେ ୧୪.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଅନୁଗୋଳରେ ୧୫, ନୟାଗଡ଼ ୧୫, ତାଳଚେର ୧୫, କଟକ ୧୫, ଭୁବନେଶ୍ୱର ୧୫.୬, ସମ୍ବଲପୁର ୧୫.୨ ଏବଂ ବାଲେଶ୍ୱରରେ ୧୫.୨ ଡିଗ୍ରୀ ତାପମାତ୍ରା ରହିଥିଲା।

## ସଂକ୍ଷେପରେ

### ଫାଇଜର ଔଷଧ ୯୦% ପ୍ରଭାବୀ




**ନୂଆଦିଲ୍ଲୀ ୧୪।୧୨:** କୋଭିଡ୍ ଭାରିଆଣ୍ଟ ଓମିକ୍ରନ୍ ବିରୋଧରେ ଫାଇଜର ଆଣ୍ଟିଭାଇରାଲ ଡ୍ରଗ୍ ୯୦% ପ୍ରଭାବୀ ବୋଲି କମ୍ପାନୀ ଦାବି କରିଛି। ଓମିକ୍ରନ ସଂକ୍ରମିତଙ୍କୁ ଏହି ଔଷଧ ଦିଆଗଲେ ସେମାନେ କରୋନାରେ ଗୁରୁତର ହେବା କିମ୍ବା ହସ୍ପିଟାଲରେ ଭର୍ତ୍ତି ହେବା ଆଶଙ୍କା ୯୦ ପ୍ରତିଶତ କମ୍। ଏହି ଓରାଲ ଡ୍ରଗ୍ ସଂକ୍ରମିତଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବା ଆଶଙ୍କା ୮୯% କମ୍ ଥିବା ମାସେ ପୂର୍ବରୁ ଆମେରିକୀୟ ଔଷଧ କମ୍ପାନୀ ଫାଇଜର ଦାବି କରିଥିଲା। ତେବେ ପରୀକ୍ଷଣ ବଢ଼ାଇବା ପରେ ଏହି ଆଣ୍ଟିଭାଇରାଲ ଡ୍ରଗ୍ ୯୦% ଫଳପ୍ରଦ ବୋଲି ମଙ୍ଗଳବାର ଫାଇଜର ପକ୍ଷରୁ କୁହାଯାଇଛି। ଆଣ୍ଟିଭାଇରାଲ ରିଟୋନାଭିର ସହ ପ୍ରତି ୧୨ ଘଣ୍ଟାରେ ଥରେ ୫ ଦିନ ପାଇଁ ଏହି ଔଷଧ ନିଆଯାଇପାରିବ। ଅନୁମତି ମିଳିବା ପରେ ତାହା ପାକ୍ସଲୋଭିଡ୍ ନାମରେ ବିକ୍ରି ହେବ ବୋଲି କମ୍ପାନୀ କହିଛି।

### ପୁଞ୍ଚ୍‌ରେ ପାକ୍ ଆତଙ୍କବାଦୀ ନିହତ

**ପୁଞ୍ଚ, ୧୪।୧୨:** ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ମଙ୍ଗଳବାର ଲସ୍କର-ଇ-ତୋଇବା(ଏଲ୍ଇଟି)ର ଜଣେ ୱାଣ୍ଟେଡ୍ ଆତଙ୍କବାଦୀ ଅବୁ ଜରାର ନିହତ ହୋଇଛନ୍ତି। ବାଫ୍ଲିୟାଜ ଗ୍ରାମରେ ଘଞ୍ଚ ଜଙ୍ଗଲ ମଧ୍ୟରେ ସେ ଲୁଚି ରହିଥିଲେ। ସର୍ଚ୍ଚ ଅପରେଶନ ବେଳେ ଏନ୍‌କାଉଣ୍ଟରରେ ଅବୁ ଜରାରଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ସେ ରଜୌରି ଏବଂ ପୁଞ୍ଚ ଜିଲାରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିଲେ। ତାଙ୍କ ନିକଟରୁ ଏକ ଏକେ-୪୭ ରାଇଫଲ, ୪ ମାଗାଜିନ୍, ଏକ ଗ୍ରେନେଡ ଏବଂ କିଛି ଭାରତୀୟ ଟଙ୍କା ଜବତ ହୋଇଛି। ଉଭୟ ପୋଲିସ ଏବଂ ସେନା ସୁରକ୍ଷାବଳ ପକ୍ଷରୁ ମିଳିତ ଭାବେ ଏହି ଅପରେଶନ କରାଯାଇଥିଲା।

### ବିଦେଶରେ ଗଚ୍ଛିତ କଳାଧନ: କେନ୍ଦ୍ର ପାଖରେ ହିସାବ ନାହିଁ

**ନୂଆଦିଲ୍ଲୀ,୧୪।୧୨:** ବିଦେଶୀ ଆକାଉଣ୍ଟଗୁଡ଼ିକରେ ବିଗତ ୫ ବର୍ଷରେ କେତେ କଳାଧନ ଜମା ହୋଇଛି ତା'ର ହିସାବ କେନ୍ଦ୍ର ସରକାରଙ୍କ ନିକଟରେ ନାହିଁ। ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ ମଙ୍ଗଳବାର ପାର୍ଲାମେଣ୍ଟକୁ ଏହି ବିଷୟ ଅବଗତ କରାଇଛନ୍ତି। ତେବେ କଳାଧନ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ସେ ସୂଚନା ଦେଇଛନ୍ତି। ବିଦେଶରୁ କେତେ କଳାଧନ ଭାରତକୁ ଅଣାଯାଇଛି ବୋଲି ସମାଜବାଦୀ ପାର୍ଟିର ରାଜ୍ୟ ସଭା ସଦସ୍ୟ ସୁଖରାମ ସିଂ ଯାଦବ ଓ ବିଶ୍ୱମ୍ଭର ପ୍ରସାଦ ନିଷାଦଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପଙ୍କଜ ଚୌଧରୀ କହିଥିଲେ, ବିଦେଶରେ ୫ ବର୍ଷରେ କେତେ କଳାଧନ ଜମା ହୋଇଛି ସେନେଇ ସରକାର ହିସାବ କରିନାହାନ୍ତି। ତେବେ ୨୦୧୫ରେ କମ୍ପ୍ଲିଆନ୍ସ ୱିଣ୍ଡୋରେ ୬୪୮ଟି ଘୋଷଣାରେ ବିଦେଶରେ ୪,୧୬୪ କୋଟି ଟଙ୍କାର ସମ୍ପତ୍ତି ଥିବା ଜଣାପଡ଼ିଥିଲା। ସେଥିରୁ ୨,୪୭୬ କୋଟି ଟଙ୍କା ଟିକସ ଓ ପେନାଲ୍ଟି ବାବଦରେ ଆଦାୟ କରାଯାଇଛି।

# ବ୍ରିଟେନରେ ୨ ଦିନରେ ଓମିକ୍ରନ୍ ଦ୍ୱିଗୁଣିତ

■ଡେଲ୍ଟାକୁ ଲାଗୁଥିଲା ୪ ଦିନ
■ଦୈନିକ ସଂକ୍ରମଣ ୨ ଲକ୍ଷ

**ଲଣ୍ଡନ, ୧୪।୧୨**

କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ୬୦ରୁ ଅଧିକ ଦେଶରେ ତୀବ୍ର ଗତିରେ ମାଡ଼ିଚାଲିଛି। ବିଶେଷ କରି ବ୍ରିଟେନରେ ଦୈନିକ ସଂକ୍ରମଣ ବଢ଼ିବାରେ ଲାଗିଛି। ସୋମବାର ସେଠାରେ ଜଣେ ଓମିକ୍ରନ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବା ଜଣାପଡ଼ିବା ପରେ ଏବେ ଚିନ୍ତା ବଢ଼ିଛି। ବ୍ରିଟେନ ବିଶେଷଜ୍ଞଙ୍କ ରିପୋର୍ଟ ଅନୁସାରେ, ଘାତକ ଡେଲ୍ଟା ସଂକ୍ରମଣ ଦୁଇଗୁଣ ହେବାକୁ ୪ ଦିନ ଲାଗୁଥିବାବେଳେ ଓମିକ୍ରନ ମାମଲା ମାତ୍ର ୨ ଦିନରେ ଦ୍ୱିଗୁଣିତ ହେଉଛି।

ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ, ବ୍ରିଟେନର ଗବେଷକମାନେ ଓମିକ୍ରନ୍ ଦ୍ୱାରା ସଂକ୍ରମିତ ହୋଇଥିବା ୧୨୧ ପରିବାର ଉପରେ ଅଧ୍ୟୟନ କରିଥିଲେ। ଡେଲ୍ଟା ଅପେକ୍ଷା ଓମିକ୍ରନ ସଂକ୍ରମଣ ୩.୨ ଗୁଣା ଅଧିକ ଥିବା ସେମାନେ ଜାଣିବାକୁ ପାଇଥିଲେ। ଅନ୍ୟପକ୍ଷରେ ଏହି ନୂଆ ଭାରିଆଣ୍ଟ ଯୋଗୁ ବ୍ରିଟେନରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ୧୫୭୬ ମାମଲା ସାମ୍ନାକୁ ଆସିବା ପରେ ମୋଟ ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା ୪,୭୧୩ରେ ପହଞ୍ଚିଛି। ଏଥିଯୋଗୁ ଦୈନିକ ସଂକ୍ରମଣ ପ୍ରାୟ ୨ ଲକ୍ଷ ରହିଥିବା ବ୍ରିଟେନ୍ ହେଲ୍‌ଥ ସିକ୍ୟୁରିଟି ଏଜେନ୍ସି କହିଛି। ଏବେ ସେଠାରେ ୧୦ ଓମିକ୍ରନ ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ସେମାନେ




ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ବୟସ ୧୮ରୁ ୮୫ ବର୍ଷ ମଧ୍ୟରେ। ବଡ଼କଥା ହେଲା ସମସ୍ତ ସଂକ୍ରମିତ ପୂର୍ବରୁ କୋଭିଡ୍ ଟିକାର ସମ୍ପୂର୍ଣ୍ଣ ଡୋଜ୍ ନେଇସାରିଛନ୍ତି। କେବଳ ଇଂଲଣ୍ଡରେ ମୋଟ ସଂକ୍ରମଣର ୨୦% ହେଉଛି ଓମିକ୍ରନ ମାମଲା। ଲଣ୍ଡନରେ ତାହା ୪୪%ରୁ ଅଧିକ ରହିଥିବା ସ୍ୱାସ୍ଥ୍ୟ ସଚିବ ସାଜିଦ୍ ଜାଭିଦ୍ ହାଉସ୍ ଅଫ୍ କମନ୍ସରେ କହିଛନ୍ତି। ଆଉ ୨ରୁ ୩ ଦିନ ମଧ୍ୟରେ ଲଣ୍ଡନରେ ଓମିକ୍ରନ ଅନ୍ୟ ଭାରିଆଣ୍ଟ ମାମଲାକୁ ଟପିଯାଇପାରେ ବୋଲି ସେ ଆଶଙ୍କା କରିଛନ୍ତି।

### ଦିଲ୍ଲୀରେ ୪ ଚିହ୍ନଟ

**ନୂଆଦିଲ୍ଲୀ ୧୪।୧୨:** ଭାରତରେ ମଧ ଓମିକ୍ରନ କାୟା ବିସ୍ତାର କରିବାରେ ଲାଗିଛି। ମଙ୍ଗଳବାର ଦିଲ୍ଲୀରେ ୪ ଜଣ ଏହି ଭାରିଆଣ୍ଟରେ ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛନ୍ତି। ଦିଲ୍ଲୀରେ ଓମିକ୍ରନ ମାମଲା ୬ରେ ପହଞ୍ଚିଥିବାବେଳେ ଦେଶରେ ଏହି ସଂଖ୍ୟା ୪୫କୁ ବୃଦ୍ଧି ପାଇଛି। ଦିଲ୍ଲୀରେ ଚିହ୍ନଟ ହୋଇଥିବା ସମସ୍ତ ସଂକ୍ରମିତ ବିଦେଶ ଯାତ୍ରା କରିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଡିସ୍‌ଚାର୍ଜ କରିଦିଆଯାଇଛି। ତେବେ ଏ ପର୍ଯ୍ୟନ୍ତ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜେନ୍ କହିଛନ୍ତି। ଗତ ୫ ତାରିଖରେ ଦିଲ୍ଲୀରେ ପ୍ରଥମେ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇଥିଲେ। ମହାରାଷ୍ଟ୍ରରେ ୨୦ ଓମିକ୍ରନ ମାମଲା ରହିଥିବାବେଳେ ରାଜସ୍ଥାନରେ ୯, କର୍ଣାଟକ ୩, ଗୁଜରାଟରେ ୪, କେରଳରେ ୧, ଆନ୍ଧ୍ରପ୍ରଦେଶରେ ୧, ଚଣ୍ଡିଗଡ଼ରେ ଜଣେ ଏଥିରେ ସଂକ୍ରମିତ ହୋଇଛନ୍ତି।

### ମୃତ୍ୟୁସଂଖ୍ୟା ବଢ଼ିବ: ଡବ୍ଲ୍ୟୁଏଚ୍‌ଓ

**ଜେନେଭା, ୧୪।୧୨**

ଓମିକ୍ରନ ଭାରିଆଣ୍ଟ ଯୋଗୁ କରୋନାଜନିତ ମୃତ୍ୟୁସଂଖ୍ୟା ଆଗକୁ ବଢ଼ିବ। ବିଶ୍ୱବ୍ୟାପୀ ଏହି ସଂକ୍ରମଣ ବଢୁଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପାରେ ଏବଂ ଏଥିଯୋଗୁ ଡାକ୍ତରଖାନାରେ ଭର୍ତ୍ତି ସଂଖ୍ୟା ମଧ ବୃଦ୍ଧି ପାଇବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଓମିକ୍ରନ୍‌ରେ ସଂକ୍ରମଣ ଯୋଗୁ ଆକ୍ରାନ୍ତଙ୍କ ଶରୀର କିପରି ପ୍ରଭାବିତ ହେଉଛି ତାହାର ଏକ ସ୍ପଷ୍ଟ ଛବି ପାଇବା ନିମନ୍ତେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଏଥିପାଇଁ ଦେଶଗୁଡ଼ିକ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବ୍ୟକ୍ତିଙ୍କ ତଥ୍ୟ ଡବ୍ଲ୍ୟୁଏଚ୍‌ଓ କୋଭିଡ୍-୧୯ କ୍ଲିନିକାଲ ଡାଟା

#### ସ୍ୱାସ୍ଥ୍ୟକ୍ଷେତ୍ରରେ ଅଧିକ ନିବେଶ ଜରୁରୀ

ପ୍ଲାଟଫର୍ମରେ ଅପ୍‌ଲୋଡ୍ କରନ୍ତୁ ବୋଲି ଏହି ବିବୃତିରେ କୁହାଯାଇଛି। ଏହାବାଦ୍ ପ୍ରାଥମିକ ସ୍ୱାସ୍ଥ୍ୟ ସେବାକୁ ମଜଭୁତ କରିବା ପାଇଁ ପ୍ରତ୍ୟେକ ଦେଶ ଏ ଦିଗରେ ଅଧିକ ଅର୍ଥ ବିନିଯୋଗ କରନ୍ତୁ ବୋଲି ଡବ୍ଲ୍ୟୁଏଚ୍‌ଓ କହିଛି। ବିଶେଷ କରି ଦକ୍ଷିଣ-ପୂର୍ବାଞ୍ଚଳ ଦେଶଗୁଡ଼ିକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ। ମହାମାରୀ ମୁକାବିଲାରେ ତାହା ବିଶେଷ ସହାୟକ ହେବ ବୋଲି ଡବ୍ଲ୍ୟୁଏଚ୍‌ଓ ଦକ୍ଷିଣ-ପୂର୍ବ ଅଞ୍ଚଳର ଆଞ୍ଚଳିକ ନିର୍ଦ୍ଦେଶକ ଡା. ପୁନମ କ୍ଷେତ୍ରପାଳ ସିଂ ଏକ ଉଚ୍ଚସ୍ତରୀୟ ବୈଠକରେ କହିଛନ୍ତି।

### ୨୦ରୁ ଆର୍‌ଟି-ପିସିଆର୍ ପ୍ରି ବୁକିଂ ବାଧ୍ୟତାମୂଳକ

**ନୂଆଦିଲ୍ଲୀ ୧୪।୧୨**

ଓମିକ୍ରନ୍ ସଂକ୍ରମଣ ବ୍ୟାପିଥିବା ସମ୍ବେଦନଶୀଳ ଦେଶଗୁଡ଼ିକରୁ ଭାରତ ଆସୁଥିବା ଯାତ୍ରୀ ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ପ୍ରି-ବୁକିଂ କରିବା ବାଧ୍ୟତାମୂଳକ। ଆସନ୍ତା ୨୦ ତାରିଖରୁ ଏହା ଲାଗୁ ହେବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ରହିଛି। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଚେନ୍ନାଇ ବିମାନବନ୍ଦର ପାଇଁ ଏହି ନିୟମ ଲାଗୁ ହେବ। ବିପଜ୍ଜନକ ଦେଶରୁ ଆସୁଥିବା ଯାତ୍ରୀମାନେ ଉପରୋକ୍ତ ୬ ମେଟ୍ରୋ ସହର ଅଭିମୁଖେ ଯାଉଛନ୍ତି କି ନା ତାହା ବୁଝିବା ସହ ସେମାନଙ୍କୁ ଆର୍‌ଟି-ପିସିଆର୍ ଟେଷ୍ଟ ପାଇଁ ବୁକିଂ କରିବା ନିମନ୍ତେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ(ଡିଜିସିଏ) ଏୟାରଲାଇନ୍ସକୁ ପରାମର୍ଶ ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି।

## ୬ ମାସରେ ପିଲାଙ୍କ ପାଇଁ କୋଭାଭାକ୍ସ

**ନୂଆଦିଲ୍ଲୀ ୧୪।୧୨**

ପୁଣେସ୍ଥିତ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍ଆଇଆଇ) ଆସନ୍ତା ୬ ମାସ ମଧ୍ୟରେ ୩ ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କ ପାଇଁ କରୋନା ଟିକା କୋଭାଭାକ୍ସ ଆଣିବ ବୋଲି ଏହାର ସିଇଓ ଅଦାର ପୁନାୱାଲା ମଙ୍ଗଳବାର କହିଛନ୍ତି। ଏବେ କୋଭାଭାକ୍ସର ପରୀକ୍ଷଣ ଚାଲିଛି। ଉକ୍ତ ବୟସ ବର୍ଗର ପିଲାଙ୍କ ନିମନ୍ତେ ଏହା ଫଳପ୍ରଦ ବୋଲି ଟ୍ରାଏଲରୁ ଜଣାପଡ଼ିଥିବା କନଫେଡେରେଶନ ଅଫ୍ ଇଣ୍ଡିଆ(ସିଆଇଆଇ)ର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପୁନାୱାଲା ପ୍ରକାଶ କରିଛନ୍ତି। କୋଭାଭାକ୍ସ ଆମେରିକୀୟ କମ୍ପାନୀ ନୋଭାଭାକ୍ସ କୋଭିଡ୍ ଭାକ୍ସିନର ଏକ ଭର୍ସନ। ପିଲାଙ୍କୁ କରୋନା କବଳରୁ ସୁରକ୍ଷା ଦେବାରେ ଏହି ଟିକା ବେଶ୍ ପ୍ରଭାବୀ ବୋଲି ଯଥେଷ୍ଟ ପ୍ରମାଣ ରହିଥିବା ସେ କହିଛନ୍ତି। ଏବେ ସୁଦ୍ଧା ଭାରତରେ କେବଳ ୧୨ ବର୍ଷରୁ ଉର୍ଦ୍ଧ୍ୱ ବୟସର ପିଲାଙ୍କ ନିମନ୍ତେ ଜାଇଡସ୍ ହେଲ୍‌ଥକେୟାର ଦ୍ୱାରା ପ୍ରସ୍ତୁତ ଭାକ୍ସିନକୁ ଜରୁରିକାଳୀନ ବ୍ୟବହାର ନିମନ୍ତେ ଅନୁମତି ମିଳିଛି। ଓମିକ୍ରନ ସଂକ୍ରମଣକୁ ଦୃଷ୍ଟିରେ ରଖି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଧିକ ପ୍ରଭାବୀ ବୁଷ୍ଟର ଡୋଜ୍ ପ୍ରସ୍ତୁତିରେ ଲାଗିଛି ବୋଲି ପୁନାୱାଲା ସୂଚନା ଦେଇଛନ୍ତି।

## ସିନେଟର ପଦ ପାଇଁ ଲଢ଼ିବେନି ଡୁଟେର୍ଟେ



**ମାନିଲା, ୧୪।୧୨**

ଫିଲିପାଇନର ବିଦାୟୀ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ୨୦୨୨ ମେ' ନିର୍ବାଚନରେ ସିନେଟର ପଦପାଇଁ ଲଢ଼ିବେନାହିଁ। ସେ ନିର୍ବାଚନ କମିଶନଙ୍କ ନିକଟକୁ ଯାଇ ବିଧିବଦ୍ଧ ଭାବେ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଥିବା ମଙ୍ଗଳବାର ଘୋଷଣା କରିଥିବା ରିପୋର୍ଟ ପ୍ରକାଶ ପାଇଛି। ନାମାଙ୍କନ ପ୍ରତ୍ୟାହାର କରୁଥିବା ବେଳର ଫଟୋ ଡୁଟେର୍ଟେଙ୍କ ମୁଖପାତ୍ର ରିଲିଜ କରିଛନ୍ତି। ତେବେ ରାଷ୍ଟ୍ରପତିଙ୍କ ଅଫିସ୍ ତରଫରୁ ଏ ନେଇ କୌଣସି ପ୍ରତିକ୍ରିୟା ରଖାଯାଇନାହିଁ। ଗତ ଅକ୍ଟୋବରରେ ସେ ରାଜନୀତିରୁ ସନ୍ନ୍ୟାସ ନେବା ପାଇଁ ଘୋଷଣା କରିଥିଲେ। ପ୍ରାର୍ଥିପତ୍ର ଦାଖଲର ଶେଷଦିନ ଗତ ନଭେମ୍ବର ୧୫ରେ ୭୬ ବର୍ଷୀୟ ଡୁଟେର୍ଟେ ସିନେଟର ପଦ ପାଇଁ ନାଟକୀୟ ଢଙ୍ଗରେ ନାମାଙ୍କନ ଦାଖଲ କରିଥିଲେ।

## ସିବିଆଇଠାରୁ ସମ୍ମତି ପ୍ରତ୍ୟାହାର କରିଥିବା ରାଜ୍ୟ ପୁନର୍ବିଚାର କରନ୍ତୁ: ଜିତେନ୍ଦ୍ର ସିଂ

**ନୂଆଦିଲ୍ଲୀ,୧୪।୧୨**



କୌଣସି ରାଜ୍ୟରେ ତଦନ୍ତ କରିବାକୁ ହେଲେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଅନୁମତି ନେବାକୁ ପଡ଼ିଥାଏ। ଏହାକୁ ଜେନେରାଲ କନ୍‌ସେଣ୍ଟ ବା ସାଧାରଣ ସମ୍ମତି କୁହାଯାଏ। କେନ୍ଦ୍ର ସରକାର ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରିବା ପାଇଁ ସିବିଆଇକୁ ବ୍ୟବହାର କରୁଥିବା ଅଭିଯୋଗ ଆଣି ଗତ କିଛିବର୍ଷ ମଧ୍ୟରେ ୮ ରାଜ୍ୟ (ମିଜୋରାମ, ପଶ୍ଚିମବଙ୍ଗ, ଛତିଶଗଡ଼, ରାଜସ୍ଥାନ, ମହାରାଷ୍ଟ୍ର, କେରଳ, ଝାଡ଼ଖଣ୍ଡ ଓ ପଞ୍ଜାବ) ସରକାର ଏହି ଜେନେରାଲ କନ୍‌ସେଣ୍ଟ ପ୍ରତ୍ୟାହାର କରିଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ବିରୋଧୀ ଦଳ ଶାସିତ ରାଜ୍ୟ। ଏହି ରାଜ୍ୟ ସରକାରମାନେ ବାଛି ବାଛି କେତେକ ନିର୍ଦ୍ଦିଷ୍ଟ ମାମଲାରେ ହିଁ ତଦନ୍ତ ପାଇଁ ସିବିଆଇକୁ ସାଧାରଣ ସମ୍ମତି ପ୍ରଦାନ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ରବିବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏକ ବିବୃତିରେ କହିଛନ୍ତି, ସେମାନେ ସାଧାରଣ ସମ୍ମତି ପ୍ରତ୍ୟାହାର କରିଥିବା ରାଜ୍ୟଗୁଡ଼ିକ ଏହାର ପୁନର୍ବିଚାର କରନ୍ତୁ। ଏଭଳି ବାଛବିଚାର କରିବା କେତେ ଯୁକ୍ତିଯୁକ୍ତ ତାହା ସେମାନେ ଶାସନତନ୍ତ୍ର, ସମାଜ ଏବଂ ସର୍ବୋପରି ରାଷ୍ଟ୍ରକୁ ଦୃଷ୍ଟିରେ ରଖି ବିଚାର କରନ୍ତୁ। ତଦନ୍ତକାରୀ ସଂସ୍ଥାର ଇନ୍‌ଭେଷ୍ଟିଚ୍ୟୁର୍ ସେରେମନିରେ କେନ୍ଦ୍ରମନ୍ତ୍ରୀ ୪୭ ଜଣ ସିବିଆଇ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପୋଲିସ ପଦକ ମେଡାଲ ପ୍ରଦାନ ଅବସରରେ ସେ ଏହି ମନ୍ତବ୍ୟ ଦେଇଥିଲେ।




କଶ୍ମୀରର ଜିୱାନଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୩ ପୋଲିସ କର୍ମୀଙ୍କୁ ମଙ୍ଗଳବାର କ୍ୟାଣ୍ଡେଲ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ଆକ୍ଟିଭିଷ୍ଟମାନେ।

## ପାୱାର, ଅବ୍‌ଦୁଲ୍ଲାଙ୍କ ସହ ସୋନିଆଙ୍କ ମନ୍ତ୍ରଣା

**ନୂଆଦିଲ୍ଲୀ,୧୪।୧୨**



ସୋନିଆ ଗାନ୍ଧୀ

କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ମଙ୍ଗଳବାର କେତେଜଣ ବରିଷ୍ଠ ବିରୋଧୀ ନେତାଙ୍କୁ ଭେଟି ପାର୍ଲାମେଣ୍ଟର ଶୀତ ଅଧିବେଶନ ଲାଗି ମିଳିତ ରଣନୀତି ବାହାର କରିବା ଉପରେ ଆଲୋଚନା କରିଛନ୍ତି। ସୋନିଆଙ୍କୁ ୧୦ ଜନପଥ ବାସଭବନରେ ସାକ୍ଷାତ୍ କରିଥିବା ନେତାମାନେ ହେଲେ ଏନ୍‌ସିପି ମୁଖ୍ୟ ଶରଦ ପାୱାର, ନ୍ୟାଶନାଲ କନ୍‌ଫରେନ୍ସ ଅଧକ୍ଷ ଫାରୁକ୍ ଅବ୍‌ଦୁଲ୍ଲା, ଶିବସେନାର ରାଜ୍ୟ ସଭା ସଦସ୍ୟ ସଞ୍ଜୟ ରାଉତ୍ ଏବଂ ଡିଏମ୍‌କେ ନେତା ଟି.ଆର୍. ବାଲୁ। ବିରୋଧୀ ଦଳଗୁଡ଼ିକର ନେତାମାନଙ୍କୁ ଏକାଠି କରିବା ଲାଗି ଆଗକୁ ଏପରି ଅନେକ ବୈଠକ ବସିପାରେ ବୋଲି କୁହାଯାଉଛି।

## ଲୋକ ସଭାରୁ ଅଫିସ ଚଳାଅନି

**ନୂଆଦିଲ୍ଲୀ,୧୪।୧୨**

#### ମନ୍ତ୍ରୀମାନଙ୍କୁ ବାଚସ୍ପତି କହିଲେ

ଲୋକ ସଭାରେ ବିଭିନ୍ନ ପ୍ରସଙ୍ଗରେ ସଦସ୍ୟମାନଙ୍କ ସହ କେନ୍ଦ୍ରମନ୍ତ୍ରୀମାନେ ଆଲୋଚନା କରୁଥିବାରୁ ମଙ୍ଗଳବାର ବାଚସ୍ପତି ଓମ୍ ବିର୍ଲା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବାଚସ୍ପତି କହିଛନ୍ତି, ଗୃହରୁ ମନ୍ତ୍ରୀମାନେ ଅଫିସ ଚଳାନ୍ତୁ ନାହିଁ। ଶୂନ୍ୟକାଳରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ତାଙ୍କ ପାଖକୁ ଆସିଥିବା ଜଣେ ସଦସ୍ୟଙ୍କ ସହ ଆଲୋଚନା କରୁଥିବା ବାଚସ୍ପତି ଦେଖିଥିଲେ। ଏହାକୁ ନେଇ ବାଚସ୍ପତି କହିଥିଲେ, ମନ୍ତ୍ରୀ ଓ ସଦସ୍ୟମାନେ ଲୋକ ସଭାରୁ ନିଜ ଅଫିସ ଚଳାଇବା ଅନୁଚିତ। ସେମାନେ ଗୃହର ମର୍ଯ୍ୟାଦା ପ୍ରତି ଧ୍ୟାନ ଦିଅନ୍ତୁ। ପ୍ରକାଶ ଯେ, ଅନେକ ସମୟରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ମନ୍ତ୍ରୀମାନଙ୍କ ଆସନନ ପାଖକୁ ଯାଉଥିବା ଦେଖିବାକୁ ମିଳିଥାଏ। ଏପରି କି ଗୃହକାର୍ଯ୍ୟ ଚାଲିଥିଲେ ବି ସେମାନେ ଏପରି କରିଥାଆନ୍ତି।

## ସେନା ହେଲିକପ୍ଟର ଦୁର୍ଘଟଣା: ୨ ମୃତ

**ବ୍ୟାଙ୍କକ୍, ୧୪।୧୨**

ଥାଇଲାଣ୍ଡରେ ଏକ ସେନା ହେଲିକପ୍ଟର ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ କ୍ରିଉ ମେମ୍ବରଙ୍କ ମୃତ୍ୟୁ ଘଟିଛି। ଲୋପବୁରୀ ପ୍ରଦେଶର ଆର୍ମି ଏଭିଏଶନ ସେଣ୍ଟରରୁ କେତେକ ସେନା ହେଲିକପ୍ଟର ଟ୍ରେନିଂରେ ସାମିଲ ହୋଇଥିଲା। ସେଥିମଧ୍ୟରୁ ଗୋଟିଏରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା।



ପ୍ରୟାଗରାଜରେ ମାଘମେଳା ପୂର୍ବରୁ ମଙ୍ଗଳବାର ଆଖଡ଼ା ପରିଷଦ ମହନ୍ତ ରବୀନ୍ଦ୍ର ପୁରୀ ଓ ଅନ୍ୟ ସାଧୁମାନେ ଗଙ୍ଗା ପୂଜନ ନୀତି ପାଳନ କରୁଛନ୍ତି।

# ଚଉଡ଼ା ହେବ ଚାର୍ ଧାମ୍ ରାସ୍ତା

**ନୂଆଦିଲ୍ଲୀ ୧୪।୧୨**

ଚାର୍ ଧାମ ରାଜପଥର ପ୍ରଶସ୍ତୀକରଣ ନିମନ୍ତେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ମଞ୍ଜୁରୀ ଦେଇଛନ୍ତି। ଜାତୀୟ ସୁରକ୍ଷାକୁ ଏବଂ ସେନା ରଣନୀତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ରାସ୍ତାକୁ ଡବଲ ଲେନ୍ କରିବା ନିମନ୍ତେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କ ସହ ସହମତ ହୋଇଛନ୍ତି। ଏବେ ସୀମା ସୁରକ୍ଷା ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଚାଇନା ସହ ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍ଏସି) ନିକଟରେ ବିବାଦ ବଢୁଛି। ଏଥିନିମନ୍ତେ ଉକ୍ତ ରାସ୍ତା ନିର୍ମାଣର ଗୁରୁତ୍ୱ ରହିଛି। ସୈନ୍ୟ ଏବଂ ଅସ୍ତ୍ରଶସ୍ତ୍ର ପରିବହନକୁ ସହଜ କରିବା ନିମନ୍ତେ ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼, ସୂର୍ଯ୍ୟ କାନ୍ତ ଏବଂ ବିକ୍ରମ ନାଥଙ୍କ ଖଣ୍ଡପୀଠ



#### ଡବଲ ଲେନ୍ ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି

ଏହି ପ୍ରକଳ୍ପକୁ ଅନୁମତି ଦେଇଛନ୍ତି।

୨୦୨୦ ସେପ୍ଟେମ୍ବର ୮ର ଆଦେଶକୁ ସୁପ୍ରିମକୋର୍ଟ ସଂଶୋଧନ କରିଛନ୍ତି। ପାହାଡ଼ିଆ ଅଞ୍ଚଳରେ ରାସ୍ତାର ଚଉଡ଼ା ୫.୫ ମିଟର କରିବା ପାଇଁ ୨୦୧୮ରେ ସଡ଼କ ପରିବହନ ଏବଂ ଓ ରାଜପଥ ମନ୍ତ୍ରଣାଳୟ ଆଣିଥିବା ସର୍କୁଲାରକୁ ମାନିବା ନିମନ୍ତେ ପୂର୍ବ ନିର୍ଦ୍ଦେଶରେ କୁହାଯାଇଥିଲା। ଏବେ ତାହାକୁ ୧୦ ମିଟରକୁ ବଢ଼ାଇବାକୁ କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଥିଲା। ଅନ୍ୟପକ୍ଷରେ ପରିବେଶର ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଏ. କେ. ସିକ୍ରିଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। କମିଟି ଦ୍ୱାରା ଦିଆଯାଇଥିବା ସୁପାରିସଗୁଡ଼ିକ ପାଳନ କରାଯିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ରହିଛି।

## ମ୍ୟୁଟେଶନ ପଟ୍ଟା ବଣ୍ଟନ

କାଶୀନଗର,(ଡି.ଏନ.ଏ.):ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ନିର୍ଦ୍ଦେଶରେ ସରକାରଙ୍କ ସେବା ପ୍ରାଧିକରଣ ପ୍ରକାରେ ସୋମବାର କାଶୀନଗର ତହସିଲ ତରଫରୁ ରାଜସ୍ୱ ରଥ ପରିକ୍ରମା କରି ସିଆଳି ପଞ୍ଚାୟତ ହରିପୁର ଗ୍ରାମର ୧୫ ଜଣଙ୍କୁ ମ୍ୟୁଟେଶନ ପଟ୍ଟା ବଣ୍ଟନ କରାଯାଇଥିଲା। ସ୍ଥାନୀୟ ଅତିରିକ୍ତ ତହସିଲଦାର ଗୋପାଳକୃଷ୍ଣ ଅଧିକାରୀଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗର ସୁପରଭାଇଜର ଆନନ୍ଦ ପ୍ରଧାନ, ଆରଆଇ ସସ୍ମିତା ଦାଶ ପ୍ରମୁଖ ବଣ୍ଟନ କାର୍ଯ୍ୟ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା କର୍ମକର୍ତ୍ତା ଚୟନ

ବ୍ରହ୍ମପୁର ଅଫିସ,୧୪।୧୨-ବ୍ରହ୍ମପୁର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖା ପକ୍ଷରୁ ସାଧାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଡ. ସୁବ୍ରତ କୁମାର ସାହୁ ଅଧକ୍ଷତା କରିଥିଲେ। ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଭାରତର ସର୍ବୋଚ୍ଚ ସେନାଧକ୍ଷ ଜେନେରାଲ ବିପିନ୍ ରାୱତ ଏବଂ ତାଙ୍କ ସ୍ତ୍ରୀଙ୍କ ସମେତ ଅନ୍ୟ ସେନା ଅଧିକାରୀଙ୍କ ହେଲିକପ୍ଟର ଦୁର୍ଘଟଣାଜନିତ ମୃତ୍ୟୁ ଯୋଗୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ସଭାପତି ଡ. ସୁବ୍ରତ କୁମାର ସାହୁ ସମ୍ମିଳନୀ ଶାଖାର କର୍ମକର୍ତ୍ତା ଚୟନ ପାଇଁ ସଭାକୁ ଅବଗତ କରାଇଥିଲେ। ସଭାରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ସମର୍ଥନ ଜଣାଇ ସଭାପତି ଭାବରେ ଡ. ସୁବ୍ରତ କୁମାର ସାହୁଙ୍କ ସମେତ ପୂର୍ବ କର୍ମକର୍ତ୍ତା କମିଟି ପୁନର୍ବାର କାର୍ଯ୍ୟ କରିବା ପାଇଁ ମତପ୍ରକାଶ କରି ଗୃହୀତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ପାତ୍ର, ନବୀନ କୁମାର ପଟ୍ଟନାୟକ, ରାଧା ଚରଣ ନାୟକ, ଡ.ବନମାଳୀ ପାଣିଗ୍ରାହୀ, ଗୋପାଳ କୃଷ୍ଣ ପାଢ଼ୀ, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ମହମ୍ମଦ ଆସ୍‌ଲାମ୍, ଭବାନୀ ଶଙ୍କର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ ପରିଚାଳନାରେ ସହଯୋଗ କରିଥିଲେ।

### ଅଭିଭାବକ-ଶିକ୍ଷକ ସମ୍ମିଳନୀ

ଦିଗପହଣ୍ଡି,୧୪।୧୨(ଡି.ଏନ.ଏ.):ଦିଗପହଣ୍ଡି ବ୍ଲକ ଏସ୍.ଟିକରପଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ସୋମବାର ଅଭିଭାବକ-ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡ.ବିଜୟ୍ ଚନ୍ଦ୍ର ମହାରଣା ବୈଠକରେ ଅଧକ୍ଷତା କରିଥିବା ବେଳେ ବ୍ଲକ ସହଶିକ୍ଷା ଅଧିକାରୀ ବିଶ୍ରବା ପାଇକ ଏବଂ ସିଆରସିସି ନରସିଂହ ପ୍ରସାଦ ପାଠୀ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଏଥିରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅନୁଷ୍ଠିତ ବେସ୍ ଲାଇନ୍ ପରୀକ୍ଷାର ଅଗ୍ରଗତି, ବିଦ୍ୟାଳୟ୍ ରୂପାନ୍ତରଣ କାର୍ଯ୍ୟର ଅନୁଧାନ, କୋଭିଡ୍ ନିୟମ ଅନୁପାଳନ ପୂର୍ବକ ପିଲାଙ୍କୁ ନିୟମିତ ବିଦ୍ୟାଳୟ୍ ପ୍ରେରଣ ଆଦି ବିଷୟ୍ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଶିକ୍ଷକ ଚୂଡ଼ାମଣି ଦଳେଇ, ଭଗବାନ ରାଉତ, ପ୍ରଫୁଲ୍ଲ ସ୍ୱାଇଁ, ରାଜଲକ୍ଷ୍ମୀ ବେହେରା, ସୀମାଞ୍ଚଳ ଗୌଡ, କୁନି କୁମାରୀ ଦେବୀ, ଗୀତା ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଟିକିରିପଡ଼ାରେ ପୁଷ୍ଟି ଦିବସ ପାଳିତ

ବଲସକୁମ୍ପା,୧୪।୧୨-କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ସୁଦ୍ରୁକୁମ୍ପା ପଞ୍ଚାୟତ ଟିକିରିପଡ଼ା ଗ୍ରାମରେ ପୁଷ୍ଟି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ମହିଳା ଶିଶୁ ବିକାଶ ବିଭାଗ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ବିଭିନ୍ନ ଗାଁର ଶତାଧିକ ମହିଳା ଗ୍ରୁପ୍ ଓ ଜନସାଧାରଣ ଯୋଗ ଦେଇଛନ୍ତି। ମେଳାରେ ୧୦ ପ୍ରକାର ଖାଦ୍ୟଶସ୍ୟ ପରିବା, ଭିଟାମିନ୍ ଜାତୀୟ୍ ଖାଦ୍ୟ, ଫଳ, ଦୁଗ୍ଧ ପ୍ରଭୃତିରୁ ମିଳୁଥିବା ପୁଷ୍ଟିସାର ସମ୍ପର୍କରେ ସଚେତନ କରାଯିବ। ଏହା ସହିତ ମହିଳା, ଗର୍ଭବତୀ ମାଆଙ୍କ ପାଇଁ ଉପଯୁକ୍ତ ଖାଦ୍ୟ ସମ୍ପର୍କରେ ମଧ ସଚେତନ କରାଯିବ। କାର୍ଯ୍ୟକ୍ରମରେ ଓଡ଼ିଶା ଜୀବିକା ମିଶନ୍, ଶକ୍ତିର କୃଷି ମିତ୍ର, ପ୍ରାଣୀ ମିତ୍ର, ଏମ୍‌ବିକେ, ସିଆରପି, ଅଙ୍ଗନୱାଡି ଓ ଆଶା କର୍ମୀ ପ୍ରମୁଖ ସହାୟତା କରୁଛନ୍ତି। ଏ ସମ୍ପର୍କରେ ଆଶା ବାଳମତୀ ବେହେରା, ସିଆରପି ଆରତି ପ୍ରଧାନ ବାର୍ତ୍ତା ଦେଇଥିଲେ।

### ସେନାଧିକାରୀଙ୍କୁ ଶ୍ରଦ୍ଧାଞ୍ଜଳି ଲାଗି କ୍ୟାଣ୍ଡେଲ ଶୋଭାଯାତ୍ରା

କବିସୂର୍ଯ୍ୟନଗର,୧୪।୧୨(ଡି.ଏନ.ଏ.): ଗତ ବୁଧବାର ସେନା ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ସିଡିଏସ୍ ବିପିନ ରାୱତ, ତାଙ୍କ ସ୍ତ୍ରୀ, ଓଡ଼ିଆ ପୁଅ ରାଣାପ୍ରତାପ ଦାସ ସମେତ ସମସ୍ତ ୧୩ଜଣ ମୃତକଙ୍କ ଉଦ୍ଦେଶ୍ୟରେ ମା' ଦକ୍ଷିଣକାଳୀ ଯୁବକ ସଂଘ, କବିସୂର୍ଯ୍ୟ ସ୍ୱେଚ୍ଛାସେବୀ ସଂଘ, ବରିଷ୍ଠ ନାଗରିକ, ଦେଶପ୍ରେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସ୍ଥାନୀୟ୍ ବନଦେବୀ ମନ୍ଦିର କୃଷକ ନେତ୍ରୀ ଇ.ମାହେଶ୍ୱରୀ ଦୋରାଙ୍କ ପୌରୋହିତ୍ୟରେ ସାମୂହିକ ଦୀପଦାନ, ପ୍ରାର୍ଥନା, କ୍ୟାଣ୍ଡେଲ ଯାତ୍ରା, ଶ୍ରଦ୍ଧାଞ୍ଜଳି ଅନୁଷ୍ଠିତ ହୋଇଥିଲା। ଏଥିରେ କବିସୂର୍ଯ୍ୟ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଜି.ଶମ୍ଭୁଲିଙ୍ଗମ ଆଚାରୀ, ବସନ୍ତ କୁମାର ସେନାପତି, ନିଶିକାନ୍ତ ଗୌଡ଼, ସୁନୀଲ ପ୍ରଧାନ, ଟୁନା ଡାକୁଆ, ବ୍ରହ୍ମାନନ୍ଦ ଆଚାରୀ, ସୁଶାନ୍ତ ବେହେରା, ରଞ୍ଜନ ବିଶୋୟୀ, ପ୍ରଦୀପ ଚୋଧୁରୀ, ବବୁଲ ନାହାକ, ସରୋଜ ଜେନା, ବିଶିଷ୍ଟ ସାମାଜିକ କର୍ମୀ ଶ୍ୱେତ ଓ ଅବସର ସୈନିକ ସଂଘ ସଭାପତି ଡା.କଂଗ୍ରେସ ପ୍ରଧାନ ଦୋରା ସାମିଲ ହୋଇଥିଲେ।

# ଜାନୁୟାରୀ ସୁଦ୍ଧା ବାଲ୍ୟବିବାହ ମୁକ୍ତ ହେବ ଗଞ୍ଜାମ

## ସମସ୍ତ କାର୍ଯ୍ୟାଳୟ ତମାଖୁମୁକ୍ତ ହେବ : ଜିଲାପାଳ

ଛତ୍ରପୁର,୧୪।୧୨(ଡି.ଏନ୍.ଏ.)

ଆସନ୍ତା ଜାନୁୟାରୀ ମାସରେ ଗଞ୍ଜାମକୁ ବାଲ୍ୟବିବାହ ମୁକ୍ତ ଜିଲା ଭାବେ ଘୋଷଣା କରାଯିବ। ଯେଉଁଠାରେ ବାଲ୍ୟ ବିବାହ ହେଉଥିବା ଜଣାପଡ଼ିଲେ ସ୍ଥାନୀୟ ଅଧିକାରୀଙ୍କୁ ଦାୟୀ କରାଯିବ। ଏହାକୁ ଦୃଷ୍ଟିରେ ରଖି ସମସ୍ତେ ଠିକ୍ କାର୍ଯ୍ୟ କରିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବାଲ୍ୟ ବିବାହ ସମ୍ପର୍କରେ ପ୍ରଥମ ସୂଚନା ପ୍ରଦାନକାରୀଙ୍କୁ ଜିଲାପାଳ ନିଜେ ସମ୍ମାନିତ କରିବେ ବୋଲି ଜଣାଇଛନ୍ତି।

ଲିଙ୍ଗ ଅନୁପାତ ରିପୋର୍ଟରେ ଗଞ୍ଜାମ ଜିଲାରେ ଗତ ୫ ବର୍ଷ ମଧ୍ୟରେ ଝିଅଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁସାରେ ୨୦୧୫-୧୬ ଆର୍ଥିକ ବର୍ଷର ଗଣନା ଅନୁସାରେ ଲିଙ୍ଗଗତ ଜନ୍ମ ପ୍ରତି ହଜାରେ ପୁରୁଷରେ ୮୦୧ ପଏଣ୍ଟ ଥିଲା । ଗତ ୨୦୨୦-୨୧ ରିପୋର୍ଟ ଅନୁଯାୟୀ ଏହା ୮୫୫ ପଏଣ୍ଟକୁ ବୃଦ୍ଧି ପାଇଛି। ମଙ୍ଗଳବାର ଜିଲାପାଳ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ତଥା ଜିଲା ଶିଶୁ ସୁରକ୍ଷା କମିଟିର ସମୀକ୍ଷା ବୈଠକରେ ଅଧକ୍ଷତା କରି ଏହି ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି, ଶିଶୁ ଓ ମହିଳା ବିକାଶ ଯୋଜନା ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ସମୟରେ ଝିଅମାନଙ୍କ ସହିତ ବୈଠକ କରି ସେମାନଙ୍କୁ ସଚେତନ କରାନ୍ତୁ। ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ଜିଲାରେ ଶତକଡା ୨୯ ପ୍ରତିଶତ ଶିଶୁ ବିବାହ ଥିଲା। ନିର୍ଭୟା କଢି କାର୍ଯ୍ୟର ସଫଳ ରୂପାୟନ ପରେ ହୋଇଥିବା ଜାତୀୟ ସର୍ବେକ୍ଷଣ ୫ ଅନୁସାରେ ଏହା ୨୧ ପଏଣ୍ଟକୁ ଖସି ଆସିଛି । ଉପଜିଲାପାଳ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ପ୍ରମୁଖ ପ୍ରତି ମାସରେ ମହିଳା ଓ ଶିଶୁ ବିକାଶ ଯୋଜନାର ସମୀକ୍ଷା କରିବାକୁ କୁହାଯାଇଛି। ଭତ୍ତା ଏବଂ ରାଶନ କାର୍ଡ ସକାଶେ କୌଣସି ବ୍ୟକ୍ତି ଯେପରି ଜିଲା କାର୍ଯ୍ୟାଳୟକୁ ଆସିବେ ନାହିଁ ସେମାନେ ନିଜ ଅଞ୍ଚଳରେ ସେହି ସବୁ ସୁବିଧା ହାସଲ କରିବେ ସେଥିସକାଶେ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲାର ସମସ୍ତ କାର୍ଯ୍ୟାଳୟ ସଫା ସୁତୁରା ରହିବ। ସମସ୍ତ କାର୍ଯ୍ୟାଳୟ ତମାଖୁମୁକ୍ତ ହେବ। କୌଣସି କର୍ମଚାରୀଙ୍କ ତମାଖୁ ସେବନ ଅଭ୍ୟାସ ଥିଲେ ସେଥିରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । କାର୍ଯ୍ୟାଳୟଗୁଡିକୁ ଜିଲାପାଳ ପରିଦର୍ଶନ କରି ଏହାର ତଦାରଖ କରିବେ ବୋଲି ଜଣାପଡ଼ିଛି।

## ଭିଶୋଇଙ୍କୁ ଆକ୍ରମଣ କରି ଶାଳକ ଗିରଫ

ବ୍ରହ୍ମପୁର ଅଫିସ,୧୪।୧୨

ଭିଣୋଇଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ବ୍ରହ୍ମପୁର ବଡବଜାର ପୋଲିସ ତାଙ୍କ ଶାଳକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଲକ୍ଷ୍ମୀନୃସିଂହ ସାହିର ବଚନ ଓରଫ କୃଷ୍ଣଚନ୍ଦ୍ର ମହାରଣା। ପୋଲିସ ଅଭିଯୁକ୍ତଙ୍କ ଠାରୁ ଘଟଣା ବେଳେ ବ୍ୟବହୃତ ଲୁହ ଛଡ଼ ଜବତ କରିଛି। ମାମଲା ନମ୍ବର ୨୫୪/୨୧ ରେ ବଚନଙ୍କୁ ମଙ୍ଗଳବାର ପୋଲିସ କୋର୍ଟ ଚାଲାଣ କରିଥିବା ନେଇ ସୂଚନା ଦେଇଛି। ଘଟଣାରୁ ପ୍ରକାଶ ଯେ, ଗତ ୩ ବର୍ଷ ତଳେ ବଚନଙ୍କ ଭଉଣୀଙ୍କୁ ପ୍ରେମ ବବାହ କରିଥିଲେ ପ୍ରଶାନ୍ତ କୁମାର ଚୌଧୁରୀ। ପ୍ରଶାନ୍ତ ମଧ ଲକ୍ଷ୍ମୀନୃସିଂହ ସାହିରେ ରୁହନ୍ତି। ଭଉଣୀଙ୍କୁ ପ୍ରଶାନ୍ତ ପ୍ରେମ ବିବାହ କରିଥିବାରୁ ଉଭୟ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ସୋମବାର ସକାଳେ ପ୍ରଶାନ୍ତ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ବଚନ ଏକ ଲୁହା ଛଡ଼ ଧରି ସେଠାରେ ପହଞ୍ଚିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ବଚନ ଧରିଥିବା ଲୁହା ଛଡ଼ରେ ଭିଣୋଇ ପ୍ରଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଫଳରେ ପ୍ରଶାନ୍ତଙ୍କ ମୁଣ୍ଡ ଫାଟି ଯାଇଥିଲା। ଗୁରୁତର ଅବସ୍ଥାରେ ପ୍ରଶାନ୍ତଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ବଚନଙ୍କୁ ମଙ୍ଗଳବାର କାବୁ କରିଥିଲା ବୋଲି କହିଛି।

## କଂଗ୍ରେସ, ଭାଜପା ଛାଡ଼ି ବହୁ କର୍ମୀ ବିଜେଡିରେ ସାମିଲ



କାର୍ଯ୍ୟକ୍ରମରେ ବିଜେଡି ନେତୃବୃନ୍ଦ ଓ କର୍ମୀ।

ଆର.ଉଦୟଗିରି,୧୪।୧୨ (ଡି.ଏନ.ଏ.)

### ମୋହନା ବ୍ଲକ

ଗଜପତି ଜିଲା ମୋହନା ବ୍ଲକ ଅଡବା ଜୋନ-୮ ଅନ୍ତର୍ଗତ କଂଗ୍ରେସ ଓ ଭାଜପାର ବହୁ ବରିଷ୍ଠ କର୍ମୀ ଦଳ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ପ୍ରାୟ ପଚିଶରୁ ଊର୍ଦ୍ଧ୍ୱ ଆଗ ଧାଡ଼ିର ନେତା ସାମିଲ ହୋଇଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଅଡବା ହରଭଙ୍ଗୀ ଜଳସେଚନ ପ୍ରକଳ୍ପ ମଧ୍ୟରେ ହୋଇଥିବା ମିଶ୍ରଣ ପର୍ବରେ ବ୍ଲକ ସଭାପତିଙ୍କ ସଭାପତିତ୍ୱରେ ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ମୋହନା ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଏମ୍. ଜଗଦୀଶ ରାଓ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ପୂର୍ଣ୍ଣବାସୀ ଗମାଙ୍ଗ, ଆର.ବିଜୟ କୁମାର, ନର୍ମଦା ଦଳାଇ, ଜିଲା ଉପସଭାପତି ଦଣ୍ଡାସୀ ସାହୁ, ବଲ୍ଲୀନା ଅଧିକାରୀ, ପ୍ରକାଶ ନାୟକ, ହଡ଼ିଆ କନ୍ଧ, ଲିଙ୍ଗରାଜ ପୂଜାରୀ, ରାହୁଲ ଦତ୍ତ, ଝୁମୁରି ବୀର, ଫିରୋଜ ପଟ୍ଟନାୟକ, ମଧୁସୂଦନ ନାୟକ, ଶିବ ସାହୁ, ବିଶ୍ୱଜିତ ତ୍ରିପାଠୀ, ଲାଜରେ ମାଝି, ଶୁଖି ଶବର ପ୍ରମୁଖ ଉପସ୍ଥିତ ରହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଗାଁ ଗାଁ ବୁଲି ପ୍ରଚାର କରିବା ସହ ଜିଲା ପରିଷଦ ୮ ଅଡବା ଜୋନ୍ ନିମନ୍ତେ ଆଶାୟୀ ପାର୍ଥୀଙ୍କଠାରୁ ଦରଖାସ୍ତ ଗ୍ରହଣ କରିଥିଲେ।

# ବ୍ରହ୍ମପୁର ଏସ୍‌ପି ଅଫିସ ଆଗରେ କଂଗ୍ରେସର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୧୪।୧୨

ବ୍ରହ୍ମପୁର ଏସ୍‌ପିଙ୍କ ଅଫିସ ଆଗରେ ମଙ୍ଗଳବାର କଂଗ୍ରେସ କର୍ମୀ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦେଇଥିଲେ। ଗତ ଶୁକ୍ରବାର ଭୁବନେଶ୍ୱରସ୍ଥ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପୋଲିସ ବେନିୟମ ଭାବେ ପଶି କର୍ମୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିବା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନରେ ମହିଳା, ଯୁବ ଓ ଛାତ୍ର ଆଦି ଛାମୁଆ ସଂଗଠନର ନେତ୍ରୀ, ନେତା ଓ କର୍ମୀ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ। ଆନ୍ଦୋଳନରେ ଜଣାଶୁଣା କଂଗ୍ରେସ ନେତା ଓ କର୍ମୀଙ୍କୁ ଦେଖିବାକୁ ମିଳିନଥିଲା। ନୂଆ ଜିଲା କମିଟି ଉପସଭାପତି ମହେଶ୍ୱର ପାତ୍ର ନେତୃତ୍ୱ ନେଇଥିଲେ। ସମ୍ପାଦକ ଦଣ୍ଡପାଣି ପାତ୍ର, ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ବଜନା ପଣ୍ଡାଙ୍କ ସମେତ ତାଙ୍କ ଟିମ୍‌ର ଅନ୍ୟ କର୍ମକର୍ତ୍ତା ଓ କର୍ମୀ, ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବିଶୋୟୀ, ଛାତ୍ର କଂଗ୍ରେସ ନେତା ଦେବାଶିଷ ମହାନ୍ତି ଓ କୃଷକ ନେତା ପଦ୍ମଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।




ଏସପି ଅଫିସ ଆଗରେ କଂଗ୍ରେସର ବିକ୍ଷୋଭ ଓ ଧାରଣା ।

## ଋଣ ଛାଡ଼ ଦାବି କଲା କିଷାନ କଂଗ୍ରେସ

ହିଞ୍ଜିଳିକାଟୁ,୧୪।୧୨(ଡି.ଏନ.ଏ.)

ବାତ୍ୟା ଜୱାଦ ଓ ଅଦିନିଆ ବର୍ଷାରେ ହିଞ୍ଜିଳିକାଟୁ ବ୍ଲକର କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଦାବି ନେଇ କିଷାନ କଂଗ୍ରେସ ପକ୍ଷରୁ ସୋମବାର ଏକ ରାଲି କରାଯାଇଛି। ପ୍ରଦେଶ କିଷାନ କଂଗ୍ରେସ ସମ୍ପାଦକ ପଦ୍ମଚରଣ ସାହୁଙ୍କ ନେତୃତ୍ୱରେ କଂଗ୍ରେସର କର୍ମୀ ନେତା ଓ ଋଷିକୂଲ୍ୟା ରୟତ ମହାସଭାର ବହୁ ଚାଷୀ ଏଥିରେ ସାମିଲ ହୋଇଥିଲେ। ସେମାନେ ତହସିଲଦାର ଓ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀ ଋଣ ଛାଡ଼, ଭାଗଚାଷୀଙ୍କୁ କ୍ଷତିପୂରଣ, ଧାନ କିଣା ସମୟସୀମା ବୃଦ୍ଧି, ଧାନର ମାନକୁ କୋହଳ, ଧାନ କଟନି ଛଟନିକୁ ବନ୍ଦ କରିବା ଆଦି ଦାବି ଉଲ୍ଲେଖ ରହିଛି।

# ଏମ୍‌କେସିଜିରେ କୁକୁର ଖାଇଲା ନବଜାତ ଶିଶୁ ମୃତଦେହ

ବ୍ରହ୍ମପର ଅଫିସ,୧୪।୧୨

ବ୍ରହ୍ମପୁର ବଡ ମେଡିକାଲ ପରିସରରେ ମଙ୍ଗଳବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ମଧ୍ୟାହ୍ନରେ ଗୋଟିଏ କୁକୁର ନବଜାତ ଶିଶୁର ମୃତଦେହ ଖାଉଥିବା ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା। ନବଜାତ ଶିଶୁଟିକୁ କେଉଁଠି କୁକୁର ମେଡିକାଲ ପରିସରକୁ ଆଣିଲା ସେ ନେଇ ଜାଣିବା ପାଇଁ ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ଏମ୍‌କେସିଜି ମେଡିକାଲର ଆଉଟ୍‌ଡୋରରୁ ପୁରୁଣା ଇନ୍‌ଡୋର ଯିବା ମୁଖ୍ୟ ଚଲାପଥରେ କୁକୁର ଏକ ନବଜାତ ଶିଶୁ ମୃତଦେହ ଖାଉଥିଲା। ଲୋକଙ୍କୁ ଦେଖି କୁକରଟି ସେଠାରୁ ମୃତଦେହ ଛାଡ଼ି ପଳାଇଥିଲା। ଏମକେସିଜି ମେଡିକାଲରେ ନବଜାତ ଶିଶୁର ମୃତଦେହ କୁକର ଖାଇବା ନୂଆ କଥା ନୁହେଁ। ବିଭିନ୍ନ ସମୟରେ ଏମକେସିଜି ମେଡିକାଲରେ ଜଣେ ମା, ଛୁଆ ଜନ୍ମ ଦେବା ପରେ ଯଦି ମୃତ୍ୟୁ ହୋଇଯାଏ ତେବେ ସେହି ମୃତ ଶିଶୁଟିକୁ ତାଙ୍କ ପରିବାର ମେଡିକାଲର ନିଛାଟିଆ ଜାଗାରେ ଫୋପାଡ଼ି ଚାଲି ଯାଉଛନ୍ତି। ଫଳରେ ଉକ୍ତ ମୃତ ନବଜାତ ଶିଶୁଟିକୁ କୁକୁର ଖାଇଦେଇଥାଏ। ଘଟଣାକୁ ନେଇ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର କୁହନ୍ତି, ଏଭଳି ଘଟଣା ତାଙ୍କ ଦୃଷ୍ଟିକୁ ଆସିଛି। ଉକ୍ତ ମୃତ ଶିଶୁଟି ଏମ୍‌କେସିଜି ମେଡିକାଲର ନୁହେଁ, ବରଂ ବାହାରେ ଥିବା କୌଣସି ନର୍ସିଂହୋମ୍‌ର ହୋଇଥିବା ସେ ସନ୍ଦେହ କରୁଛନ୍ତି। କାରଣ ନର୍ସିଂହୋମ୍‌ଗୁଡିକର ନିଜସ୍ୱ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ନ ଥିବାରୁ ନବଜାତ ଶିଶୁର ମୃତଦେହକୁ ସେମାନେ କୌଣସି ପରିତ୍ୟକ୍ତ ସ୍ଥାନରେ ଫୋପାଡ଼ି ଦେଇଥାନ୍ତି।

ଶିଶୁ ଜନ୍ମ ପରେ ମୃତ୍ୟୁ ଘଟିଲେ ଯଦି ତାକୁ ପରିବାର ଲୋକେ ଘରକୁ ନେବାକୁ ଚାହାନ୍ତି ତେବେ ସେମାନେ ଲିଖିତ ଭାବେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇବେ। ଏନେଇ ପୂର୍ବରୁ ସେ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ପରିବାର ଲୋକ ମୃତ ଶିଶୁକୁ ନେବାକୁ ଅନିଚ୍ଛା ପ୍ରକାଶ କରନ୍ତି ତେବେ ଉକ୍ତ ମୃତ ଶିଶୁଟିକୁ ଇନ୍ସେରନାଟରରେ ପକାଇ ଦିଆଯାଇଥାଏ ବୋଲି ମିଶ୍ର କହିଛନ୍ତି।

# ମାଟିତଳୁ ମହିଳାଙ୍କ ମୃତଦେହ ଜବତ, ସ୍ୱାମୀ ଅଟକ

ଛତ୍ରପୁର,୧୪।୧୨(ଡି.ଏନ.ଏ.)

ଛତ୍ରପୁର ଥାନା ଅନ୍ତର୍ଗତ ମୁନିଷିପେଣ୍ଠ ଗ୍ରାମରେ ବଧୂହତ୍ୟା କରାଯାଇଥିବା ଅଭିଯୋଗ ପରେ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ୧୨ ତାରିଖରେ ବଧୂ ତଥା ମୁନିଷିପେଣ୍ଠ ଗ୍ରାମ ଡେରାସାହିର ଟି. ଲକ୍ଷ୍ମୀଙ୍କ ମୃତଦେହକୁ ପୋତି ଦିଆଯାଇଥିଲା। ତାଙ୍କ ବାପଘର ଲୋକଙ୍କ ଅଭିଯୋଗ ପରେ ମଙ୍ଗଳବାର ମୃତଦେହକୁ ପୋତା ଯାଇଥିବା ସ୍ଥାନରୁ ଖୋଳି ବାହାର କରାଯାଇଛି। ଗତ ୭ ବର୍ଷ ପୂର୍ବେ ବ୍ରହ୍ମପୁର ବଡବଜାର ଥାନା ଲକ୍ଷ୍ମୀନୃସିଂହ ସାହିର ୟୁ. ଶଶିରେଖାଙ୍କ ଝିଅ ଲକ୍ଷ୍ମୀଙ୍କର ମୁନିଷିପେଣ୍ଠ ଡେରାସାହିର ଟି.ମୋହନ ସହ ବିବାହ ହୋଇଥିଲା। ସେମାନଙ୍କ ୬ ବର୍ଷର ଏକ ପୁଅ ଏବଂ ୧୧ ମାସର ଝିଅ ରହିଛି। ପାରିବାରିକ କଳହରୁ ଗତ ୧୨ ତାରିଖରେ ଲକ୍ଷ୍ମୀ ଆତ୍ମହତ୍ୟା କରିଥିଲେ। ଶାଶୁଘର ଲୋକେ ପ୍ରଥା ଅନୁଯାୟୀ ମୃତଦେହକୁ ମୁନିଷିପେଣ୍ଠ ଶ୍ମଶାନ ନିକଟ ଏକ ଡୁଠରେ ପୋତି ଦେଇଥିଲେ। ହେଲେ ଲକ୍ଷ୍ମୀଙ୍କ ମା' ଶିଶିରେଖା ଝିଅକୁ ହତ୍ୟା କରି କାହାକୁ ନ ଜଣାଇ ପୋତି ଦିଆଯାଇଥିବା ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନା ସବ୍‌ଇନ୍ସପେକ୍ଟର ସିଲୁ ଧଳ, ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଜସ୍ମିନ୍ କୁମାର ପ୍ରଧାନ ଏବଂ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ମୁନିଷିପେଣ୍ଠ ଗ୍ରାମ ଶ୍ମଶାନ ନିକଟରୁ ମାଟି ଖୋଳି ମୃତଦେହ ଜବତ କରାଯାଇଥିଲା। ଲକ୍ଷ୍ମୀଙ୍କ ସ୍ୱାମୀ ମୋହନଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଆରମ୍ଭ କରିଛି। ଜବତ ମୃତଦେହକୁ ବ୍ରହ୍ମପୁର ଏଫ୍‌ଏମସିକୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ସୂଚନା ମିଳିଛି।

# ୨୪୭ ଏସ୍‌ଏଚ୍‌ଜିକୁ ଋଣ ବଣ୍ଟନ କଲେ ମନ୍ତ୍ରୀ




ଏସ୍‌ଏଚଜି ଗ୍ରୁପକୁ ଋଣ ଟଙ୍କା ଚେକ୍ ବଣ୍ଟନ କରୁଛନ୍ତି ଅତିଥି ।

ଗୋପାଳପୁର,୧୪।୧୨(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ପରିସରରେ ମଙ୍ଗଳବାର ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ବ୍ଲକ ପରିସରସ୍ଥ ସଦ୍‌ଭାବନା କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ଼.ଗୋପବନ୍ଧୁ ଦାସ, ରଙ୍ଗେଇଲୁଣ୍ଡା ବିଡିଓ ପ୍ରସନ୍ନ ପାତ୍ର ଓ ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ ଯୋଗ ଦେଇଥିଲେ। ବିପିଏମ୍ ଅଜୟ କୁମାର ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ମିଶନ ଶକ୍ତି ଯୋଜନାରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ୨୪୭ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି)କୁ ୬ କୋଟି ୪୨ ଲକ୍ଷ ୨୦ ହଜାର ଟଙ୍କାର ଋଣ ବଣ୍ଟନ କରାଯାଇଥିଲା। ଋଣ ଟଙ୍କା ଠିକ୍ ବିନିଯୋଗ କରି ଉପଯୁକ୍ତ ସମୟରେ ପରିଶୋଧ କଲେ ସୁଧ ଛାଡ଼ ସହ ଗୋଷ୍ଠୀ ବ୍ୟବସାୟ ଦ୍ୱାରା ଆର୍ଥିକ ଅଭିବୃଦ୍ଧି ହୋଇପାରିବ ଏବଂ ଏହାଦ୍ୱାରା ମହିଳାମାନଙ୍କ ଜୀବନ ଜୀବିକା ସମୃଦ୍ଧ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଏବିଡିଓ ତ୍ରିପତି ବାଲାଜୀ ସାମନ୍ତରାୟ, ପିଏ ମନମୋହନ ପାତ୍ର, ବିଏଲସି ପବିତ୍ରା ଦୋରା, ଚିତ୍ରସେନ ନାୟକ ଓ ରୋଜାରାଣୀ ପଟ୍ଟନାୟକଙ୍କ ସମେତ କର୍ମଚାରୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଜମିରୁ ପାଣି ନିଷ୍କାସନ ଦାବିରେ ରାସ୍ତା ଅବରୋଧ

ଧରାକୋଟ,୧୪।୧୨(ଡି.ଏନ୍.ଏ.)

ଧରାକୋଟ ବ୍ଲକ ଗୋଲା ଦାମୋଦର ପଲ୍ଲୀ ଗ୍ରାମର ଧାନ ଜମିରେ ବାହାଡାଗୁଡା ହ୍ରଦ ପାଣି ଦୀର୍ଘ ଦଶ ଦିନ ହେଲା ଲହଡି ଭାଙ୍ଗୁଛି। ଏହା ପ୍ରତିବାଦରେ ଶତାଧିକ ମହିଳା ଓ ପୁରୁଷ ଚାଷୀ ଗ୍ରାମ ନିକଟ ୫୯ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଖବର ପାଇ ଧରାକୋଟ ତହସିଲଦାର କବିରାଜ ପ୍ରଧାନ, ଥାନା ଅଧିକାରୀ ଉମାକାନ୍ତ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଜଳସେଚନ ବିଭାଗର କର୍ମଚାରୀ ଏହାର ସ୍ଥାୟୀ ପ୍ରତିକାର ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଛି।

# ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ

ଶେରଗଡ/ଧରାକୋଟ/ ଜଗନ୍ନାଥପ୍ରସାଦ,୧୪।୧୨(ଡି.ଏନ.ଏ.)

ଶେରଗଡ ବ୍ଲକ ଅଲାରିଗଡ଼ ଓ ଗୋବିନ୍ଦପୁରରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଆରମ୍ଭ କରିଛନ୍ତି। ଅଲାରିଗଡ଼ରେ ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ବିଡ଼ିଓ ଶମ୍ଭୁନାଥ ନନ୍ଦ ସଭା ସଂଯୋଜନା କରିଥିଲେ। ଏଠାରେ ହିତାଧିକାରୀଙ୍କୁ ହେଲ୍‌ଥ କାର୍ଡ ବଣ୍ଟନ ପରେ ଗୋବିନ୍ଦପୁର ଓ କୁମାରପାଣି ପଞ୍ଚାୟତରେ ମଧ କାର୍ଡ଼ ବଣ୍ଟନ କରାଯାଇଛି। ସେହିପରି ଧରାକୋଟ ବ୍ଲକରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିଛନ୍ତି। ଧରାକୋଟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରଥମେ ହିତାଧିକାରୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଞ୍ଜୁକ୍ତା ପଟ୍ଟନାୟକଙ୍କୁ ହେଲଥ କାର୍ଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଡିଓ ଡେନିସ ବେହେରା ସଭାପତିତ୍ୱ କରିଥିବା ବେଳେ ବିଜେଡିର ରାଜ୍ୟ ଉପଦେଷ୍ଟା ତଥା ପୂର୍ବତନ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧକ୍ଷ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଜଗନ୍ନାଥପ୍ରସାଦ ବ୍ଲକର ୮ ପଞ୍ଚାୟତରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଗୀତାଞ୍ଜଳି ବେହେରା, ବିଡ଼ିଓ ଅନୁପ ପଣ୍ଡା, ତହସିଲଦାର ମନୋଜ ତ୍ରିପାଠୀ, ବିପ୍ର ଚରଣ ବାରିକ, ଉପାଧକ୍ଷ ହିମାଂଶୁ ବାରିକ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ଶେରଗଡ଼ ବ୍ଲକ ଅଲାରିଗଡ଼ରେ ଜିଲାପାଳ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି।

## ସମୁଦ୍ର ପଥରେ ଆନ୍ଧ୍ରକୁ ମଦ ଚାଲାଣ, ୨ ଅଟକ

ଗଞ୍ଜାମ,(ଡି.ଏନ.ଏ.)/ ରମ୍ଭା,୧୪।୧୨

ଗଞ୍ଜାମ ଜିଲାରୁ ବିଭିନ୍ନ ସମୟରେ ସମୁଦ୍ରପଥ ଦେଇ ଡଙ୍ଗା ଦ୍ୱାରା ବହୁ ପରିମାଣର ନକଲି ଦେଶୀମଦ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ସୋମବାର ଭୋରରେ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରମ୍ଭା ଥାନାଧିକାରୀ ଦୀପ୍ତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଆନ୍ଧ୍ର ଚାଲାଣ ହେଉଥିବା ପ୍ରାୟ ଦୁଇ ହଜାର ଲିଟର ମଦ ଜବତ କରିବା ସହ ଦୁଇ ଜଣଙ୍କୁ ଡ଼ଙ୍ଗା ମଧ୍ୟରୁ ଆଣି ଅଟକ ରଖିଛି। ରମ୍ଭା ଥାନା ଅନ୍ତର୍ଗତ ପୋଡମପେଟା ସମୁଦ୍ରକୂଳରେ ଡଙ୍ଗାରେ ୩୦ଟି ଜରି ବସ୍ତାରେ ଏହି ପାଉଚ ମଦ ଚାଲାଣ ହେବାକୁ ଥିଲା। ଏହି ଘଟଣାରେ ପୋଡମପେଟା ଓଡିଆରପି କଲୋନୀର ୨ ଜଣଙ୍କୁ ପୋଲିସ ଅଟକ ରଖି ଏହାର ମାଷ୍ଟରମାଇଣ୍ଡ କିଏ ତାର ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ଗଞ୍ଜାମ ଓ ରମ୍ଭା ଥାନା ଅଞ୍ଚଳରେ ଅଗସ୍ତିନୁଆଁଗାଁ, ଗୋଖରକୁଦା ଓ ରମ୍ଭା ଅଞ୍ଚଳରେ ୩ଟି ଲାଇସେନ୍ସପ୍ରାପ୍ତ ମଦ ଭାଟି ରହିଛି। ଛତ୍ରପୁର ଅବକାରୀ ବିଭାଗକୁ ଭାଟି ମାଲିକ ସେମାନଙ୍କ ସେଲିଂ ଅନୁସାରେ ତଥ୍ୟ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ତେବେ କେଉଁ ଭାଟିରୁ ୯ ହଜାର ପ୍ୟାକେଟ ମଦ ପ୍ରସ୍ତୁତ ହୋଇ ଆନ୍ଧ୍ର ଚାଲାଣ ହେଉଥିଲା ନା ଏହା ନକଲି ମଦ ସେ ନେଇ ରମ୍ଭା ଥାନା ପୋଲିସ ଖୋଳତାଡ଼ କରୁଛି ।

## OFFICE OF THE MEDICAL OFFICER I/C, C.H.C., SINAPALI, DIST. NUAPADA

Letter No.429 Email: bpmsusinapali@gmail.com Date: 11.12.2021

**CORRIGENDUM**

No.E-729:- Apropos to Advertisement Letter No.-704/Dt-06.12.2021 and published The Pioneer newspaper (NP Code 101026), Dharitri newspaper (NP Code 320003), Nitidin newspaper (NP Code 320927) and detailed advertisement uploaded on Nuapada district website (http://www.nuapada.nic.in) is notified for information of all concerned that the following changes has been made as per decision of selection committee.

1. In Tender Paper bearing page no.04 point no. 06, 07 and 08 is not required, therefore these three points are cancelled from the Tender Paper.
2. In Tender Paper bearing page no.04 point no. 01 inspite of Rupees-6720/- is Rs.2000/- which is Tender Paper Cost.

**Sd./- Medical Officer I/c**
OIPR-10162/11/0001/2122 **CHC, Sinapali, Dist.- Nuapada**

## OFFICE OF THE PANCHAYAT SAMITI, GOLAMUNDA

Letter No.3219 dt.12.12.2021
No.i-258 **BID IDENTIFICATION NO.-2/2021-22**

| | | | Class of Contr-actor | Approx. Amount put to tender (Rs. in lakh) |
|---|---|---|---|---|
| 1 | Name of the work & estimated cost: | Construction of Govt. Up-graded High School, Makundapur, Golamunda | 'B' & 'A' | 63.56 |
| 2 | Cost of tender paper: | 10000.00 (Ten Thousand) | | |
| 3 | Period of completion: | 6 calendar months | | |
| 4 | Date and time of availability of bid document | From 13.12.2021 Dt.20.12.2021 till 17.00 hours | | |
| 5 | Last date/Time for receipt of bid | Dt.22.12.2021 till 17.00 hours | | |
| 6 | Name and address of the Officer Inviting Bid: | BDO, Golamunda | | |
| 7 | Date of Opening | Dt.24.12.2021 | | |

Further details can be seen from the e-procurement portal **www.kalahandi.nic.in**

**Sd./- Block Development Officer, Golamunda**
OIPR-19173/11/0002/2122

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, Balasore

(District Programme Management Unit, NHM)
E-mail: dpmubal@gmail.com

**Short Tender Call Notice**

**Advt. No. 20379/Cvil/NHM, Bls. of 2021-22.** **Date 10.12.2021**

No.E-726:- Sealed Tenders (Percentage Rates) in conformity with the DTCN are invited from the **"D" & "C"** and **"C" & "B"** class Contractors registered with the State Govt. for Execution of **04 nos.** of civil works of **Rs.13.00 lakhs** to **Rs. 26.00 lakhs** for Extension and Construction of UPHC and Drug Store Building under Sadar and Nilgiri Blocks in the Dist. of Balasore for the year of 2021-22. The tender documents (DTCN & BOQ) can be obtained from district NIC website (**www.baleswar.nic.in**) from **Dated: 10.12.2021 to 21.12.2021 up to 5 P.M.** The last date for tenders will received on **Dated: 21.12.2021 up to 5 P.M.** and opened on **Dated: 22.12.2021 at 03.30P.M.** and Address to **Office of the Chief District Medical & Public Health Officer, Balasore** through **Registered post/Speed Post/Courier Service** only. The incomplete Bid in any form is liable for rejection. The detail terms and conditions can be downloaded at NIC Website (**www.baleswar.nic.in**). The authority has reserve the right to cancel the tender without assigning any reason thereof.

**Sd./- Chief District Medical & Public Health Officer**
OIPR-10032/11/0017/2122 **BALASORE**

## OFFICE OF THE MUNICIPAL COUNCIL, KEONJHARGARH

email- keonjharm.hud@rediffmail.com

**Invitation for Bids (IFB) 'e' Procurement NOTICE**

**Bid Identification No. KGM-11/2021-22**

**Letter No. 7914/KGM/Date. 10.12.2021**

No.C-1576:- On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Double single system, through e-Procurement.

1. Nature of work- **Development of Park**
2. No. of Work- **01 No.**
3. Value of works: **Rs.8,539,212/-**
4. Date & Time of availability of Bid document in the portal: From **13.12.2021** at **11.00 A.M.** upto **23.12.2021** at **5.00 P.M.**
5. Last date & time of submission of bid in portal- upto 5 P.M. of **23.12.2021**
6. Date of Opening of bid in portal **27.12.2021** at 11.00 A.M.
7. Name & address of the officer Inviting Bid- EO, Keonjhargarh Municipality.

Further details can be seen from Website: **www.tendersorissa.gov.in**

**Sd./- Executive Officer**
OIPR-13115/11/0014/2122 **Keonjhargarh Municipality**

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA

E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada

**Office Order No. 4053** **Date: 13.12.2021**
**No. O-1316**

**1st Corrigendum to National Competitive Bidding**

**e-Procurement Notice No. 3711/OMBADC (Balance Road) Works Dt.26.11.2021**

Due to unavoidable circumstances the important dates of tendering process for Balance work of OMBADC Road work are being changed as follows.

| Procurement Officer | Bid Identification No. | Availability of tender On-line for bidding | | | | Last date & Time of seeking Tender Clarification | | Opening of Technical Bid | | Opening of Financial Bid | |
|---|---|---|---|---|---|---|---|---|---|---|---|
| | | From | | To | | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| Chief Construction Engineer Rural Works Circle, Baripada | RoadOnline N.C.B. No-200 | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to | Previously fixed on | Presently changed to |
| | | 06.12.2021 at 11.00 am | 21.12.2021 At 11.00 am | 20.12.2021 up to 5.00 pm | 30.12.2021 up to 5.00 pm | 18.12.2021 up to 5.00 pm | 29.12.2021 up to 5.00 pm | 21.12.2021 up to 11.00 am | 31.12.2021 up to 11.00 am | 29.12.2021 up to 11.00 am | Will be intimated later |

All other terms and conditions remain unchanged.

**OIPR-25130/11/0035/2122** **Sd./- Er. N.V. H Rao, Chief Construction Engineer, R.W. Circle, Baripada**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS CIRCLE, CUTTACK

email: serw_ctc@yahoo.com

**No.:- Tender Online RWC - 25/21** **Letter No.-3613** **Date 09.12.2021**
**No. O-1325:-**

**e-Procurement NOTICE**

1. **Name of the work** : Construction of 6 nos 'E' Type Quarter of Rural works division office Cuttack at A.G. Colony 2021-22
2. **Class of contractor** : B & A Class contractor
3. **Time for Completion** : As specified in the **Column-5 of the Annuexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC - 25/21 | 14.12.2021 at 11.30 A.M. | 23.12.2021 to 05.00 P.M. | 22.12.2021 up to 02.00 P.M. | 24.12.2021 at 11.30 A.M. | Will be intimated later on |

Further details can be seen from the website **www.tendersorissa.gov.in**

OIPR-25097/11/0029/2122 **Sd./- Chief Construction Engineer, Rural Works Circle, Cuttack**

## STATE INSTITUTE FOR RURAL DEVELOPMENT & PANCHAYATI RAJ

**PR & DW Department, Govt. of Odisha**
**Gopabandhu Nagar, Unit - VIII, Bhubaneswar**

No.i-263

**TENDER CALL NOTICE**

**No. 2148** **Date : 10.12.2021**

Sealed tenders are invited in the prescribed format from the intending registered Service Providers / Firms having valid and up to date Income Tax Registration, PAN and registration under GST Act. for providing Annual Maintenance service of Air Conditioners & Stabilizers to SIRD & PR, Bhubaneswar for the year 2022.The firm should have successful track record. Interested / firms / agencies may visit the office website **www.sirdodisha.nic.in/** for downloading the details of ToR such as tender documents, specification, terms and conditions etc. Further addendum / corrigendum/ cancellation can be seen in the office website only. The tender should reach addressing **Director, SIRD & PR, Near Stewart School, Unit-VIII, Gopabandhu Nagar, Bhubaneswar – 751 012** with the requisite documents through Registered / Speed Post / Courier Service within the scheduled date and time mentioned below:-

**Last date for receipt of Bid : 28.12.2021 up to 5:00 P.M**

**Date & Time of Opening**

**Technical Bid : 29.12.2021 at 11:30 AM**

**Financial Bid : 29.12.2021 at 03.30 PM**

Sd/-
OIPR-19012/11/0003/2122 **Director**

## DIRECTORATE OF MEDICAL EDUCATION & TRAINING, ODISHA

**WALK-IN INTERVIEW FOR ASST. PROFESSOR, SENIOR RESIDENT TUTOR & JUNIOR RESIDENT IN ALL GOVT. MCHs OF THE STATE**

**No. 16336 dt.13.12.2021**

**No. E-730:-** Eligible candidates are invited to Walk-in Interview for recruitment to the posts of Asst. Professors, Senior Residents, Tutors and JR in all Govt. MCHs of the state on contractual/deputation basis. The details of Posts, Mode of recruitment, Remuneration, Qualifications etc. is available in the website of DMET, Odisha i.e. **www.dmetodisha.gov.in.**

**Sd./- Addl. Director, Medical Education & Training, Odisha**
OIPR-10016/11/0024/2122

## OFFICE OF THE NOTIFIED AREA COUNCIL, DHAMNAGAR

Pin-756117 (Odisha), Tel. No.-06786-236056
E-mail: dhamnagarnac-bdk@gov.in/dhamnagar.nac@gmail.com

No.2614 Date: 04.12.2021

**"e" Procurement Notice**

**Bid Identification No.-05/DNRNAC/2021-2022**

No.C-1569:- Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

| | | | |
|---|---|---|---|
| 1. | Name of the Work | : | Civil const. works as mentioned in DTCN. |
| 2. | No. of Works | : | 30 (Thirty) Nos . |
| 3. | Estimated Cost | : | As per DTCN |
| 4. | Period of Completion | : | Two Calendar Months |
| 5. | Date and Time of Bidding | : | 08.12.2021 (10:00 AM) |
| 6. | Last date and Time for receipt of bids in the portal | : | 18.12.2021 upto 5:00 PM |
| 7. | Submission of Original Document | : | 20.12.2021 to 21.12.2021 upto 5:00 PM |
| 8. | Bids received online shall be opened on | : | 22.12.2021 at 11:00 AM onwards |
| 9. | Name and address of the officer inviting Bid | : | Executive Officer, Dhamnagar NAC |

Further details can be seen from the procurement portal i.e. **www.tendersodisha.gov.in**

**Sd./- Executive Officer, Dhamnagar NAC**
OIPR-13197/11/0002/2122

## OFFICE OF THE REGULATED MARKET COMMITTEE, ANANDAPUR

**AT/PO-SALAPADA, DIST-KEONJHAR, PIN NO-758020**
E-mail ID: rmc.anandapur@gmail.com

**Bid Identification No. 01 /RMC, Anandapur/2021-22**
**Tender Call Notice No. 694 Dtd. 10.12.2021**

No.H-46:-

| | | | |
|---|---|---|---|
| 1. | Name of the work | : | Civil Work |
| 2. | Number of Works | : | 10 |
| 3. | Estimated Cost | : | Rs. 2.08 Lakh to Rs.59.31 Lakh |
| 4. | Period of Completion | : | 01(One) to 06 (Six) Calendar Months |
| 5. | Date & Time of availability of Bid Documents in the portal | : | From 15.00 hours of 13.12.2021 to 17.30 hours of 27.12.2021. |
| 6. | Last Date & time for receipt of Bids in the portal: | : | By 17.30 hours of 27.12.2021 |
| 7. | Date of Opening of Bid | : | At 11.00 AM of 28.12.2021 |
| 8. | Name and Address of the Officer Inviting Bid. | : | Sub-Collector,Anandapur-cum-chairman, RMC,Anandapur |

Further details can be seen from the e-Procurement Portal i.e. www.tendersodisha.gov.in

**Sd./- Sub-Collector, Anandapur-cum-Chairman, RMC, Anandapur**
OIPR-07056/11/0001/2122

Your classified advertisement published in Dharitri will be listed free in Dharitri online edition :
**www.dharitri.com**




## OFFICE OF THE EXECUTIVE ENGINEER, MAYURBHANJ (R&B) DIVISION, BARIPADA

**INVITATION FOR BIDS (IFB) 35/2021-22**
E-mail: bpd_eerb@rediffmail.com

**2nd CORRIGENDUM TO BID IDENTIFICATION NO. EE-35/2021-22**

No. B-792: Due to unavoidable circumstnaces the critical dates of online bidding & opening of bids has been changed as follows:

| Existing Dates | Revised Dates |
|---|---|
| Online bidding from 10.00 A.M. of 07.12.2021 to 17.12.2021 upto 4.00 P.M. | Online bidding from 10.00 A.M. of 07.12.2021 to 14.12.2021 upto 5.00 P.M. |
| Opening of Online received bids at 11.00 A.M. on Dated: 18.12.2021 | Opening of online received bids at 11.00 A.M. on dated 15.12.2021 |

All other terms & conditions are remained unchanged.

**Sd./- Executive Engineer**
**OIPR-34060/11/0015/2122** **Mayurbhanj (R&B) Division**

**TENDER CALL NOTICE**

## ROURKELA GOVT. HOSPITAL, ROURKELA

**Letter No.: 3934** **Date: 10.12.2021**

No. E-728:- Sealed tenders are invited from registered manufacturers / authorized distributors/dealers for Rate Contract Orthopedics Implant supply at Rourkela Government Hospital, Rourkela. Details regarding the terms & conditions & specifications may be downloaded from www.sundergarh.nic.in & submit in the office of the undersigned. The tender should reach in the office of the undersigned 04.01.2022 up to 5 PM through speed post, registered post/ courier services only along with all relevant documents. The tender will be opened in the conference hall of office of the Director on 05.01.2022 at 12:30 PM in presence of the quotationer or their authorized representatives. The undersigned reserves the right to reject or cancel any or all the tenders without assigning any reason thereof at any stage of tender process.

**Sd./- Director, Rourkela Govt. Hospital**
OIPR-10158/11/0002/2122

## OFFICE OF THE DEPUTY DIRECTOR SIMILIPAL SOUTH WILDLIFE DIVISION, BARIPADA

**PHONE: 06792-259126, FAX: 06792-256705,**
**e-mail: dfo.similipalsouthwl@odisha.gov.in**

**QUOTATION CALL NOTICE**

**No. 5343** **Date: 10.12.2021**

No. MM-290:- Sealed Quotations are invited from reputed manufacturers/ distributors/ authorized dealers for supply of Uniforms, Shoes, Cap & Belt as per specification and size for use of the Protection Assistant engaged in different Anti-poaching Camps under Similipal South WL Division.

| | | |
|---|---|---|
| Last Date and time of Receipt of Quotation documents | - | 21.12.2021 upto 02.00 PM |
| Date and time of opening Quotation | - | 21.12.2021 at 04.00 P.M. |

For more details please log into www.similipal.org

**Sd./- Deputy Director,**
**Similipal South WL Division, Baripada**
OIPR-08127/11/0010/2122

## ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ରକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ରାଉରକେଲା
## OFFICE OF THE DIVISIONAL FOREST OFFICER CUM WILDLIFE WARDEN

**ROURKELA FOREST DIVISION, ROURKELA, SUNDARGARH, ODISHA**
**Phone No. 0661-2664637, Fax No. 0661-2664638**

**No. MM-287** **e-mail: dforourkela.od@gov.in**
**Order No. 487** **Dtd.10.12.2021**

**INVITATION FOR BIDS (IFB)**

**E-Procurement Bid Identification No. RKL-F.E. & C.C.-01/2021-22 Dtd.10.12.2021**

1. Name of work : Construction of Boundary Wall
2. No. of works : 01 No.
3. No. of Covers : Single Cover
4. Estimated Cost : Rs.6.23 lakhs
5. Period of Completion : Three Calendar Months
6. Date & time of availability of bid documents in portal : From 10.00 A.M. of dated 13.12.2021 to 05.00 P.M. of dated 22.12.2021
7. Last date/time for receipt of bids in the portal : Upto 5.00 P.M. of 22.12.2021
8. Date of opening of bid documents : At 11.30 A.M. of 24.12.2021
9. Class of Contractor : "D" & "C" Class Contractor
10. Name and address of Officer Inviting Bid : Divisional Forest Officer, Rourkela Forest Division

Further, details can be seen from the e-Procurement portal **www.tenderodisha.gov.in**. The Addendum/Corrigendum if any will be hosted in the website only.

**Sd./- Divisional Forest Officer, Rourkela Forest Division**
**OIPR-08044/11/0007/2122**

GOVERNMENT OF ODISHA **No. O-1324**

## OFFICE OF THE SUPERINTENDING ENGINEER, RURAL WORKS DIVISION, BARIPADA

**e-mail: rw_mayurbhanj@yahoo.co.in**

**e-Procurement Tender Call Notice No. Online 14/RWD/BPD/2021-22**

1. Name of the Work : Building Works
2. Total No. of Works : 21 Nos.
3. Estimated Cost : Approx. Estimated Cost Rs.0.50 lakhs to Rs.25.33 lakhs
4. Class of Contractor : 'D' & 'C' & 'B'
5. Period of Completion : 1 (One) & 3 (Three) Calendar Months
6. Other Details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Baripada | 14 (Online)/ RWD-BPD of 2021-22 | Dt.16.12.21 at 11.00 A.M. | Dt.22.12.21 upto 5.00 P.M. | Dt.21.12.21 upto 5.00 P.M. | Dt.23.12.21 at 11.00 A.M. |

Further details can be seen from the website **www.tendersorissa.gov.in.**

**OIPR-25057/11/0018/2122** **Sd./- Superintending Engineer, R.W. Division, Baripada**

## ODISHA PUBLIC SERVICE COMMISSION

**ADVERTISEMENT No.23 OF 2021-22**

**Recruitment to the posts of Odisha Judicial Service Examination, 2021**

**WEBSITE - https://opsc.gov.in**

**No. D-234:-** Online applications are invited from the prospective candidates through the Proforma application to be made available on the Website of the Commission (https//:**www.opsc.gov.in**) for recruitment to the posts of Civil Judges in Odisha Judicial Service, 2021 under Law Department in the pay scale of Rs.27700-770-33090-920-40450-1080-44770/- with usual dearness and other allowances as may be sanctioned by the Government of Odisha from time to time as admissible.

**2. VACANCY POSITION:** As per requisition filed by the Law Department, Government of Odisha, out of a total of **53 (17-w)** vacancies, 06 (02-w) post reserved for SEBC, 12(04-w) for SC, 09(03-w) for ST category and 04(01-w) for PWD candidates.

**3. AGE:** As per the upper age limit relaxation communicated by the Law Department Letter No. 2316/L, dt.01.12.2021, the upper age limit of the candidate should not be more than 35 years by 1st of August 2020 and must not be below 23 years of age on the 1st day of August, 2021, which implies that the candidate must not have been born earlier than 2nd August, 1985 and not later than 1st August, 1998.

**4. EDUCATIONAL QUALIFICATION:** A candidate must be a graduate in Law of a University or Institution recognized by the Government.

**5. METHOD OF SELECTION:** The selection of candidates for recruitment to the cadre of Civil Judges shall be made through competitive examination, which shall consist of three parts; viz- Preliminary Written Examination, Main Written Examination and Interview as per the provisions of the Odisha Superior Judicial Service & Odisha Judicial Service Rules, 2007 ( as amended from time to time).

**6. EXAMINATION FEE:** A candidate is required to pay a non-refundable and non-adjustable fee of **Rs. 500/- (Rupees five hundred)** only.

**The link for registration/ re-registration and payment of examination fees shall be available from 21.12.2021 to 20.01.2022 (Note: 27.01.2022 is the last date for submission of Registered Online Application).**

The candidates are advised to visit the Website of the Commission at **https://opsc.gov.in for detailed information for applying to the above post.**

**CUTTACK** **Sd./- SECRETARY**
**DATE- 13.12.2021** **ODISHA PUBLIC SERVICE COMMISSION**
**CUTTACK**
OIPR-12002/11/0165/2122

## ODISHA SPACE APPLICATIONS CENTRE (ORSAC)

**Dept. of Science & Technology, Govt. of Odisha**
Bhubaneswar-751 023

**Tender No. 16/2021**

**No. CAD-2268:-** Odisha Space Applications Centre (ORSAC) invites sealed tenders from reputed, established and reliable MSME registered firms/ OEM having service infrastructure at Bhubaneswar for CAMC of Addressable Fire Detection and Alarm System & Fire Suppression system. For details, please visit website http://www.odisha.gov.in and ORSAC website http://www.orsac.gov.in or ORSAC office for the tender papers.

OIPR-28007/11/0012/2122 **CHIEF EXECUTIVE**

## NATIONAL HYDROLOGY PROJECT
## STATE PROJECT MANAGEMENT UNIT (SPMU), ODISHA
## NATIONAL COMPETITIVE BIDDING THROUGH e-Procurement NOTICE INVITING TENDER

**BID REF. No. : NHP/OD-GW/PZM/TW/2021-22/19R Date: 10/12/2021**
**NHP PIP CODE:A1.2.03**
**PP PACKAGE No. : NHP-2021-2022-OD-584062**

No. A-729:- The Chief Engineer & Director, Directorate of Ground Water Development & Nodal Officer (NHP Odisha), Bhubaneswar, Odisha invites tenders through e-procurement platform from eligible bidders for following works under National Hydrology Project (NHP).

| Sl. No. | Description | Details |
|---|---|---|
| 1. | Name of the Work | CONSTRUCTION OF PIEZOMETERS (TUBE WELLS) -200 (TWO HUNDRED) Nos. WITH PLATFORM & PROTECTION BOX UNDER NHP |
| 2. | Estimated cost | INR 277.53 lakhs |
| 3. | Start Date of availability of bidding document online (Bidding Document download) | 14.12 .2021 From 11.00 Hrs |
| 4. | Last Date of availability of bidding document online (Bidding Document download/ Sale end Date) | 12.01.2022 up to 14.00 Hrs |
| 5. | Last date and time for online submission of bids (Bid Submission End date & Time) | 12.01.2022 up to 14.00 Hrs |
| 6. | Date & Time of online opening of bids (Bid Opening date)- Technical Part | 12.01.2022 at 15.00 Hrs |

Bidding will be conducted through the National Competitive Bidding (NCB) procedures agreed with World Bank. The bidding is open to all eligible bidders as defined in the Bank's Procurement Guidelines. Detailed Bidding document is available on **"www.tendersodisha.gov.in"** . Interested Bidders are advised to go through the provisions of the Bidding document and participate in the bidding process as per instructions given in the Bidding Document. Other details can be seen in the bidding document available in e-procurement portal **"www.tendersodisha.gov.in"**.

**Sd./- Chief Engineer & Director, GWD & Nodal Officer (NHP, Odisha)**
**HP Building, Delta Square, Unit-8, Bhubaneswar**
OIPR-32407/11/0011/2122 **E-mail: odishagwhp3@gmail.com**

## OFFICE OF THE MUNICIPAL COUNCIL, BALANGIR

**No. 5547/BM** **Dt.10.12.2021**

**e-Procurement Notice**

**BID IDENTIFICATION NUMBER - BLGR MPTY/07 (01-77) 2021-22**

No. C-1753: Bid documents consisting of work, estimated cost, cost of tender paper, EMD, time of completion, class of contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the work : Civil construction work as mentioned in DTCN
2. No. of works : 77 (Seventy Seven) Nos.
3. Estimated Cost : Rs.3.00 lakhs to 20.00 lakhs
4. Period of Completion : 45 (Forty five) days
5. Date and time of Online Bidding : From 11.00 A.M. of 13.12.2021 to 5.00 P.M. of 22.12.2021
6. Online bids shall be open on : 24.12.2021 at 11.30 A.M.
7. Name & address of the Officer Inviting Bid : Executive Officer, Balangir Municipality
8. Further details can be seen from the website **www.tenderorissa.gov.in.**
9. Further any addendum/corrigendum/clarification issued in connection with the tenders shall be uploaded in the above website and no newspaper advertisement shall be given. Bidders are advised to visit the website regularly for obtaining all such details.

**Sd./- Executive Officer, Balangir Municipality**
**OIPR-13167/11/0011/2122**

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, DRAINAGE CIRCLE, UNIT-8, BHUBANESWAR-751012

No.A-727

**e-Procurement Notice No.- SEDC-BBSR-09/2021-22**
**e-mail id:- sedrainagebbsr12@gmail.com**

| | | | |
|---|---|---|---|
| 1. | Name of works | : | **Item No. 1) Construction of Sluice over sunamuhin River Near Narsinghpatna at 1234 m. Item No. 2) Renovation by Dredging Method of Juajore Nallah from RD 00 km to 4.95 km and Hatia nallah from RD 00 km to 2.70 km under DOAB-XV in Kanasa Block and Satyabadi Constituency.** |
| 2. | Nature of Work | : | **Item No.1**. Sluice Construction **Item No.2**. Renovation through Dredging |
| 3. | Total number of Packages | : | **2 nos. individual packages.** |
| 4. | Estimated Cost | : | **Item No. 1. Rs.5,49,91,246.00 Item No. 2. Rs.7,68,34,174.00** |
| 5. | Bid Identification No. | : | 1) SEDC-BBSR/DD-PURI-31/2021-22 2) SEDC-BBSR/DD-PURI-32/2021-22. |
| 6. | Period of Completion | : | As per DTCN |
| 7. | Availability of Tender On-Line | : | **14.12.2021, 14.30 Hours to 29.12.2021, 16.00 Hours.** |
| 8. | Date of opening of Technical Bid | : | **30.12.2021 at 11.30** hours in the O/o the Additional Chief Engineer, Drainage Circle, Unit-8, Bhubaneswar. |
| 9. | Class of Contractor | : | **A, Special and Super Class** |
| 11. | Bid Security | : | Bid Security Declaration |
| 12. | Cost of Tender paper | : | **Rs.10,000/-** |
| 13. | Procurement Officer | : | Additional Chief Engineer, Drainage Circle, Unit-8, Bhubaneswar - 751012 |

Further details can be seen from the Govt. website www.tendersorissa.gov.in. Addendum / Corrigendum/ Cancellation if any required will be published only in Govt. website www.tendersorissa.gov.in

**Sd./- Additional Chief Engineer, Drainage Circle, Bhubaneswar**
OIPR-32375/11/0005/2122

## GOVERNMENT OF ODISHA
## STEEL & MINES DEPARTMENT
## DIRECTORATE OF GEOLOGY, ODISHA

**BHU-BIGYAN BHAWAN, BHUBANESWAR-751001**

**TENDER CALL NOTICE**

No.G-12:- The Director of Geology, Odisha, Bhu-Bigyan Bhawan, Unit-V, Bhubaneswar-751001, invites separate Sealed Tenders on behalf of the Governor of Odisha, in two bid system (Technical Bid and Price Bid) from financially capable National and International agencies, fulfilling the eligibility criteria for taking up required quantity of Diamond Core Drilling of Khalpadar Graphite Prospect, Rayagada district of Odisha during the year 2021-22, in conformity with the General Terms and Conditions as laid down in tender document.

The detail Tender Schedule, Term & Conditions, Cost of the Tender Document, EMD etc. shall be available in the departmental Website **http://www.orissaminerals.gov.in**. There will be no manual sale of tender document. Interested bidders are requested to download the tender schedule from the website. The **last date of receipt of tenders** in the Directorate of Geology, Odisha, Bhubaneswar is **10.01.2022 up to 5.30 PM** which shall be **opened on 12.01.2022 at 11.00 AM.**

A **Pre-bid Conference shall be held on 24th December 2021 at 11.00 AM** in the Conference Hall of the Directorate of Geology, Odisha. All the prospective bidders / tenderers are requested to kindly attend the pre-bid Conference. All the prospective bidders / tenderers are requested to kindly submit their queries (with envelope bearing Tender No. and date on top and **marked "Queries for Pre-bid Conference" or by e-mail with subject "Queries for Pre-bid Conference"** so as to reach the Directorate of Geology, Odisha latest by **23rd December 2021 / 4.30 P.M.** The details of the bidding process are as follows:

| Sl. No. | Bidding Schedule | Deadline |
|---|---|---|
| 1. | Date of Commencement of Process | **14.12.2021 / 10.00 A.M.** |
| 2. | Date/ time of pre-bid conference | **24.12.2021/ 11.00 A.M.** |
| 3. | Last date / time for submission of tender | **10.01.2022/ 5.30 P.M.** |
| 4. | Date / time for opening of tender | **12.01.2022 / 11.00 A.M.** |

**E-mail address for raising the Queries: dirgeol.odisha@gmail.com.**

The Director shall answer the queries during the Pre-bid Conference.

Director of Geology, Odisha reserves the right to accept / reject all or a part of the Tenders without assigning any reason thereof.

**Sd/-10.12.2021**
**OIPR-30003/11/0006/2122** **Director of Geology, Odisha**

## ମାଓବାଦୀ ପ୍ରଭାବିତ ଅଞ୍ଚଳକୁ ଆର୍ଥିକ ସହଯୋଗ ଲୋଡ଼ା: ସସ୍ମିତ

ନୂଆଦିଲ୍ଲୀ,୧୪।୧୨: ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ମାଓବାଦୀ ଉପଦ୍ରୁତ ଅଞ୍ଚଳର ଅର୍ଥନୈତିକ ବିକାଶ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ମଙ୍ଗଳବାର ପରାମର୍ଶ ଦେଇଛନ୍ତି। ରାଜ୍ୟ ସଭାରେ ଶୂନ କାଳରେ ଅଭିଭାଷଣ ଦେଇ ସସ୍ମିତ କହିଥିଲେ ଯେ ଓଡ଼ିଶାରେ ମାଓବାଦୀ କାର୍ଯ୍ୟକଳାପ ବହୁ ପରିମାଣରେ ହ୍ରାସ ପାଇଛି। ହେଲେ ଏହାକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ଆଣିବାକୁ ହେଲେ ଏହି ସବୁଅଞ୍ଚଳରେ ବିକାଶମୂଳକ ପ୍ରକଳ୍ପ ଗ୍ରହଣ କରିବାର ଆବଶ୍ୟକ ରହିଛି। ଗତ ସେପ୍ଟେମ୍ବରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଓବାଦୀ ଦମନ ପାଇଁ ଅନେକ ପ୍ରସ୍ତାବ ଦେଇଥିଲେ। ଯଦି କେନ୍ଦ୍ର ସରକାର ତାହା ବିଚାରକୁ ନେବେ ତେବେ ଓଡ଼ିଶାରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଇବାରେ ସହାୟକ ହୋଇପାରିବ ବୋଲି ସସ୍ମିତ କହିଥିଲେ। ଏନ୍ଏଚ୍ ୩୨୬ର ଜୟପୁରରୁ ମୋଟୁ ଭାୟା ମାଲ୍କାନଗିର ଭଦ୍ରାଞ୍ଚଳମ୍ ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ ଆବଶ୍ୟକ। ଯାହାକି ଏହା ପୂର୍ବ ଭାରତର ଛତିଶଗଡ଼, ଝାଡ଼ଖଣ୍ଡକୁ ଦକ୍ଷିଣ ଭାରତର ବାଙ୍ଗାଲୋର ଏବଂ ହାଇଦ୍ରାବଦକୁ ଯୋଡ଼ିବାକୁ ଏକ ସମାନ୍ତରାଳ ରାସ୍ତା ଯୋଗାଇବ। ଏହାଦ୍ୱାରା ଏହି ଅଞ୍ଚଳର ଅର୍ଥନୈତିକ ବିକାଶ ହୋଇପାରିବ ବୋଲି ସସ୍ମିତ କହିଛନ୍ତି।

# ୩ ମାସରେ ଭିଜିଲାନ୍ସ ଜାଲରେ ୮ ପୋଲିସ କର୍ମଚାରୀ

ଭୁବନେଶ୍ୱର,୧୪।୧୨(ବ୍ୟୁରୋ)

ଜନସାଧାରଣଙ୍କ ସେବା ପାଇଁ ପୋଲିସ ବିଭାଗ ରହିଛି। ଅପରାଧ ଓ ଆଇନଶୃଙ୍ଖଳା ରୋକିବା ସହ ସାଧାରଣ ଲୋକଙ୍କ ଅଭିଯୋଗକୁ ଗ୍ରହଣ କରି ତାହାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ରହିଛି। ହେଲେ କେତେଜଣ ପୋଲିସ କର୍ମଚାରୀ ଖାକି ପୋଷାକର ଫାଇଦା ନେଇ ଦୁର୍ନୀତି କରୁଛନ୍ତି। ଲାଞ୍ଚ କାରବାର କରି କୋଟିକୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରୁଛନ୍ତି। ଆଉ ନିର୍ଦ୍ଦିଷ୍ଟ କିଛି ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସାଧାରଣରେ ପୋଲିସର ଭାବମୂର୍ତ୍ତି ନଷ୍ଟ ହେଉଛି। ଗତ ୩ମାସରେ ଭିଜିଲାନ୍ସ ଦ୍ୱାରା ୮ ପୋଲିସ ଧରାପଡ଼ି ଗିରଫ ହେବା ପୋଲିସ ବିଭାଗର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସେପ୍ଟେମ୍ବର ୨୨ରେ ମାଲକାନଗିରି ଜିଲା ମୋଟୁ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ କଟକ ଜିଲା ଫୁଲନଖରା ଯାଉଥିବାବେଳେ ଖୋର୍ଦ୍ଧା ଏସ୍‌ପି ଅଫିସ୍ ନିକଟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଅଟକାଇଥିଲା। ତାଙ୍କ କାର୍ ଯାଞ୍ଚ କରାଯିବାରୁ ୫ଶହ ଟଙ୍କିଆ ଥିବା ପ୍ରାୟ ୨ ଲକ୍ଷ ୮୦ ହଜାର ଟଙ୍କା ମିଳିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ସେହିପରି ଏକ ଜମିବାଡ଼ି ମାମଲାରେ ଜଣେ ଅଭିଯୋଗକାରୀଙ୍କଠାରୁ

### ଲାଞ୍ଚୁଆ, ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ପାଇଁ ବଦନାମ ମୁଣ୍ଡାଉଛି ପୋଲିସ ବିଭାଗ

ସେପ୍ଟେମ୍ବର ୨୬ରେ ପୁରୀ ଜିଲା ଗୋପ ଥାନା ଏଏସ୍ଆଇ ରାଧେଶ୍ୟାମ ନାୟକ ୨ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ରବିବାର ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଅନ୍ୟ ଏକ ଘଟଣାରେ ଅନୁଗୋଳ ଜିଲା ବନ୍ତଳା ଥାନା ଏସ୍ଆଇ ପ୍ରମୋଦ କୁମାର ନାଏକ ନଭେମ୍ବର ୧୨ରେ ଭିଜିଲାନ୍ସ ଜାଲରେ ଧରାପଡ଼ିଥିଲେ। ଏକ ଜବତ ବାଇକ୍ ଥାନାରୁ ଛାଡିଦେବାକୁ ୬ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ନଭେମ୍ବର ୩୦ରେ ବରଗଡ଼ ବରହାଗୋଡ଼ା ଚେକ୍‌ଗେଟ୍ ନିକଟରେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଅଧିକାରୀ ବିନୋଦ ବିହାରୀ ନାୟକଙ୍କ କାର୍‌କୁ ଅଟକାଇ ଭିଜିଲାନ୍ସ ଟିମ୍ ଯାଞ୍ଚ କରି ସିଟ୍ ତଳୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା। ଏପରି କି ତାଙ୍କ ବଙ୍ଗୋମୁଣ୍ଡା ସରକାରୀ ବାସଭବନରେ ଚଢ଼ାଉ କରାଯାଇ ୩ ଲକ୍ଷ ୮୦ ହଜାର ଟଙ୍କା ଜବତ କରାଯାଇଥିଲା। ତେବେ ମୋଟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସେ କେଉଁଠୁ ଆଣିଲେ ତାହାର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା। ନଭେମ୍ବର ୩୦ରେ ବରଗଡ଼ ଜିଲା ଭେଡେନ ଥାନା ରୁଷୁଡ଼ା ଆଉଟ୍‌ପୋଷ୍ଟର କନଷ୍ଟେବଲ ରଞ୍ଜନ କୁମାର ପ୍ରଧାନ ପଣ୍ଡକିପାଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ୭ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିଲେ।

ସେହିପରି ବହୁ ଚର୍ଚ୍ଚିତ ମନୀଷ ଅନୁରାଗ ହତ୍ୟା ମାମଲା ପରେ ବିବାଦ ଘେରକୁ ଆସିଥିଲେ କନଷ୍ଟେବଲ ପ୍ରସନ୍ନ ବେହେରା। ବିନା ଲାଇସେନ୍ସରେ ବାର୍ ଚଳଉଥିବା ସହ ପ୍ରସନ୍ନ ଦୁର୍ନୀତିରେ ବଢ଼ିଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଏହାପରେ ୨୮ ଅକ୍ଟୋବରରେ ଭିଜିଲାନ୍ସ ଟିମ୍ ତାଙ୍କ ବାସଭବନ ଓ ବ୍ୟବସାୟିକ ଅନୁଷ୍ଠାନ ସମେତ ୫ ସ୍ଥାନରେ ଚଢାଉ କରି କୋଟି କୋଟି ଟଙ୍କାରେ ତମାଣ୍ଡୋରେ ଆଲିଶାନ୍ ଫର୍ନିଚର୍ ଶୋ' ରୁମ୍‌ରେ ଦାମୀ ଦାମୀ ସାମଗ୍ରୀ ସହ କୋଠା ଏବଂ ଗାଡ଼ି ଜବତ ହୋଇଥିଲା। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନଭେମ୍ବର୨୯ରେ ଭିଜିଲାନ୍ସ ଅଧିକାରୀ ବ୍ରହ୍ମପୁର ପୋଲିସ ଜିଲାର କନଷ୍ଟେବଲ ସୁଦର୍ଶନ ପ୍ରଧାନଙ୍କ ବାସଭବନ ସମେତ ଅନ୍ୟ ସ୍ଥାନରେ ଚଢ଼ାଉ କରିଥିଲେ। ତାଙ୍କ ଠାରୁ ସମୁଦାୟ ୧ କୋଟି ୬୯ କୋଟି ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯିବାପରେ ଗିରଫ କରିଥିଲା।

### କିଛି କର୍ମଚାରୀଙ୍କ ପାଇଁ ବିଭାଗର ଭାବମୂର୍ତ୍ତି ନଷ୍ଟ ହେବ ନାହିଁ



ପୋଲିସ ବିଭାଗରେ ବିଭିନ୍ନ ପଦବୀରେ ପ୍ରାୟ ୮୫ ହଜାର କର୍ମଚାରୀ ଅଛନ୍ତି। ଯେତେ ଭଲ ଭାବେ ବିଲରେ ଚାଷ କଲେ ମଧ ବାଲୁଙ୍ଗା କିଛି ରହିଥାଏ। ସେହିଭଳି କେତେଗୁଡ଼ିଏ ବାଲୁଙ୍ଗା ପୋଲିସ ବିଭାଗରେ ଅଛନ୍ତି, ଯେଉଁମାନେ ଧରାପଡ଼ିଛନ୍ତି। ତାଙ୍କୁ ଆଉ ଏକ ବିଭାଗ ଧରିଛି। ଏହାର ମାନେ ବିଭିନ୍ନ ବିଭାଗ ସହ ପୋଲିସ ବିଭାଗ ଉପରେ ମଧ ଭିଜିଲାନ୍ସ କଡ଼ା ନଜର ରଖିଛି। କେତେଜଣ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ପାଇଁ ପୋଲିସ ବିଭାଗର ଭାବମୂର୍ତ୍ତି କାହିଁକି ନଷ୍ଟ ହେବ? ବିଭିନ୍ନ କ୍ଷେତ୍ରରେ ପୋଲିସ କର୍ମଚାରୀମାନେ ବହୁ କଷ୍ଟରେ ନିଜ ଦାୟିତ୍ୱ ଠିକ୍ ଭାବେ ସମ୍ପାଦନ କରୁଛନ୍ତି।

- ବିପିନ୍ ବିହାରୀ ମିଶ୍ର, ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ

### ଦୁର୍ନୀତିକୁ ଏକ ଜିରୋ ଟଲରାନ୍ସ ନୀତି ଭାବେ ଗ୍ରହଣ କରାଯାଉ



ଅଧିକ କ୍ଷମତା ଯାହା ପାଖରେ ରହିବ, ସେ କ୍ଷମତାର ଦୁରୁପଯୋଗ ହେବାର ଆଶଙ୍କା ସେତେ ଅଧିକ। ତେଣୁ ତାହାର ପରିଣତି ସାଧାରଣ ଲୋକ ଭୋଗ କରିବେ। ପୋଲିସ ବିଭାଗରେ ଯେଉଁ ଦୁର୍ନୀତି ହେଉଛି, ଏହା ଏକ ବଡ଼ ଅଂଶର ଲକ୍ଷଣ ମାତ୍ର। ଦୁର୍ନୀତିକୁ ଏକ ଜିରୋ ଟଲରାନ୍ସ ବୋଲି ସରକାର ନୀତି ଘୋଷଣା କରିବା ଦରକାର। ଖାଲି କନଷ୍ଟେବଲ ବା ଇନ୍ସପେକ୍ଟରସ୍ତରରେ ଦୁର୍ନୀତି ହେଉନାହିଁ, ବରଂ ବଡ଼ବଡ଼ିଆଙ୍କଠାରୁ ଇନ୍ସପେକ୍ଟରଙ୍କ ପର୍ଯ୍ୟନ୍ତ ଦୁର୍ନୀତି କେବଳ କ'ଣ କନଷ୍ଟେବଲଙ୍କ ଠାରୁ ଇନ୍ସପେକ୍ଟର ପର୍ଯ୍ୟନ୍ତ କି? ଉପରସ୍ତରରେ କ'ଣ ଦୁର୍ନୀତି ହେଉନି କି? ଭିଜିଲାନ୍ସ ଛୋଟ ମାଛକୁ ଧରି ବାହାବା ନେଉଥିବାବେଳେ ବଡ଼ ମାଛକୁ ଧରୁନାହାନ୍ତି। ତେଣୁ ଦୁର୍ନୀତି ନିବାରଣ ବିଭାଗ ମଧ ସ୍ୱଚ୍ଛତା ବଜାୟ ରଖିବା ଆବଶ୍ୟକ।

-ବିଶ୍ୱପ୍ରିୟ କାନୁନ୍‌ଗୋ, ବରିଷ୍ଠ ମାନବାଧିକାର କର୍ମୀ

## ପ୍ରଥମ ପୃଷ୍ଠାରୁ...

### ଅର୍ଥଚିନ୍ତା କମାଇଛି ...

ହସ୍ପିଟାଲରେ ଭଲ ଚିକିତ୍ସା ପାଇ ପାରିବେ। ଏଥିପାଇଁ ଟଙ୍କାଟିଏ ଖର୍ଚ୍ଚ କରିବାକୁ ପଡିବ ନାହିଁ। ସରକାରୀ ହସ୍ପିଟାଲରେ ଡାଏଲିସିସ୍‌ଠାରୁ ଆରମ୍ଭ କରି ସିଟି ସ୍କାନ, ଏମ୍ଆର୍ଆଇ ପରି ଉତ୍ତମ ସେବା ମିଳୁଛି। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠି କରୋନା ସମୟରେ ସବୁ ରୋଗୀଙ୍କ ପାଇଁ ଟେଷ୍ଟିଂ ଠାରୁ ଆରମ୍ଭ କରି ଟ୍ରିଟମେଣ୍ଟ ପର୍ଯ୍ୟନ୍ତ ସବୁଖର୍ଚ୍ଚ ରାଜ୍ୟ ସରକାର ବହନ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପୋଲିସ ଟ୍ରେନିଂ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମିଳିତ ଭାବେ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ। ୩ ମନ୍ତ୍ରୀ ନିଜ ନିଜ ଭାଷଣରେ ରାଜ୍ୟର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଭିଡିଓ କନଫେରେନ୍ସରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଜିଲାପାଳ ପୋମୋ ଟୁଡୁ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ପିଡି ଡିଆର୍‌ଡିଏ ସୁବାସ ଚନ୍ଦ୍ର ରାୟ,ଉପଜିଲାପାଳ ଲଗ୍ନଜିତ୍ ରାଉତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ମାର୍ଟକାର୍ଡର ସଚେତନତା ରଥକୁ ୩ ମନ୍ତ୍ରୀ ପତାକା ହଲାଇ ଉଦ୍‌ଘାଟନ କରିଥିଲେ। ସିନେ କଳାକାର କୁନା ତ୍ରିପାଠୀ ଓ ବିଜେଡି ମୁଖପାତ୍ର ସୁଲତା ଦେଓ ମଞ୍ଚ ପରିଚାଳନା କରିଥିଲେ।

ଏହାପରେ ମୁଖ୍ୟମନ୍ତ୍ରୀ ଜଗତ୍‌ସିଂହପୁର ଜିଲାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ଏଥିସହ ୭୯୪ କୋଟି ଟଙ୍କାରେ ୩୬୨ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଆୟୋଜିତ ଭିଡିଓ କନଫେରେନ୍ସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଲେ, ଜଗତ୍‌ସିଂହପୁର ଆମ ରାଜ୍ୟର ଏକ ଆଗୁଆ ଜିଲା। କୃଷି, ଶିଳ୍ପ ଆଦି ସବୁ କ୍ଷେତ୍ରରେ ଉନ୍ନତ। ଜିଲାରେ ସରକାରୀ ଯୋଜନାଗୁଡିକ ସଫଳ ଭାବେ କାର୍ଯ୍ୟକାରୀ ହେଉଛି। ରାଜ୍ୟ ସରକାର ପିଇବା ପାଣି ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଜଗତ୍‌ସିଂହପୁର ଓ ପାରାଦୀପ ସହରରେ ଶତ ପ୍ରତିଶତ ପରିବାରକୁ ପାଇପ ପାଣି ଯୋଗାଇ ଦିଆଯାଇଛି। ଏବେ ଗାଁଗୁଡିକରେ ପାଇପ ପାଣି ଯୋଗାଣ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପର ଶୁଭାରମ୍ଭ କରାଗଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜଗତସିଂହପୁରର ପ୍ରାୟ ୬ ଲକ୍ଷ ଲୋକଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଗାଇ ଦିଆଯିବ। ନୂଆ ବ୍ୟବସ୍ଥାରେ ହସ୍ପିଟାଲରେ ସ୍ମାର୍ଟ କାର୍ଡ ବ୍ୟତୀତ କାହାରିକୁ ଅନ୍ୟ କିଛି କାଗଜପତ୍ର ଦେବାକୁ ପଡିବ ନାହିଁ। ଏହି ଯୋଜନାରେ ପ୍ରତି ପରିବାର ପାଇଁ ୫ ଲକ୍ଷ ଓ ମା'ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ରହିଛି। ସ୍ୱାସ୍ଥ୍ୟ ଆମ ସମସ୍ତଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ। ପରିବାରରେ କେହି ଅସୁସ୍ଥ ହେଲେ ଅନେକଙ୍କ କ୍ଷେତ୍ରରେ ଚିକିତ୍ସା ପାଇଁ ଟଙ୍କା ଯୋଗାଡ କରିବା ସବୁଠାରୁ ବଡ଼ ଚିନ୍ତାର ବିଷୟ ହୋଇଥାଏ। ଆଉ ଏହି ସମସ୍ୟା ଆଉ ରହିବ ନାହିଁ। ଏବେ ପିଏଚ୍‌ସିଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସବୁଠି ମାଗଣା ସ୍ୱାସ୍ଥ୍ୟ ସୁବିଧା ମିଳୁଛି। ପ୍ରତ୍ୟେକ ସୁସ୍ଥ ରହିଲେ ପରିବାର, ରାଜ୍ୟ ଓ ଦେଶର ମଙ୍ଗଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି. କେ. ପାଣ୍ଡିଆନ ଉପସ୍ଥିତ ଥିଲେ।

ଜଗତ୍‌ସିଂହପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରଶାନ୍ତ ମୁଦୁଲି, ଜିଲାପାଳ ପାରୁଲ ପଟୱାରି, ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ତଥା ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ ଏବଂ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏହାକୁ ସଂଯୋଜନା କରିଥିଲେ।। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### 'ଓମିକ୍ରନ୍‌ରୁ ସୁରକ୍ଷା ...

ସେମାନେ ଅନୁଧ୍ୟାନ କରୁଛନ୍ତି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ ମଧ୍ୟ ଗାଁଗୁଡ଼ିକରେ ଟିକା ନେଇ ନ ଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ଗାଁରେ କେହି ଲୋକ ଟିକା ନେଇନାହାନ୍ତି, ତା'ହେଲେ ସେମାନେ ସଂକ୍ରମିତ ହେବେ ଏବଂ ଅନ୍ୟମାନଙ୍କୁ ସଂକ୍ରମିତ କରିବେ। ଏପର୍ଯ୍ୟନ୍ତ ରାଜ୍ୟରେ ୪ କୋଟି ୬୨ ଲକ୍ଷ କୋଭିଡ୍ ଡୋଜ୍ ଦିଆ ସରିଲାଣି। ୮୭.୪ ପ୍ରତିଶତ ପ୍ରଥମ ଡୋଜ୍ ଦିଆସରିଛି। ଏବେ ବି ପ୍ରାୟ ୪୦ ଲକ୍ଷ ଲୋକ ଆଦୌ ଟିକା ନେଇ ନ ଥିବା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷେ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ଜଣେ ବ୍ୟକ୍ତି ଓମିକ୍ରନ୍ ସଂକ୍ରମିତ ହେବା ପରେ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ଓଡ଼ିଶା ସୀମାରେ ସଜାଗ ରହିବା ପାଇଁ ସରକାର ନିର୍ଦ୍ଦେଶ ଦେବା ପରେ ସୀମାଗୁଡ଼ିକରେ ସତର୍କତା ବଢ଼ିଛି। ଆନ୍ଧ୍ରପ୍ରଦେଶରେ କାମ କରୁଥିବା ଗଜପତି ଜିଲାର ବହୁ ଓଡ଼ିଆ ଚଳିତ ମାସରେ ଘରକୁ ଫେରିବେ ବୋଲି ଜଣାପଡ଼ିଛି। ତେଣୁ ଏଥିପ୍ରତି ଗଜପତି ଜିଲା ପ୍ରଶାସନ ସଜାଗ ରହିଛି। ପାରଳାଖେମୁଣ୍ଡି ସୀମା ସମେତ ଜିଲାର ଅନ୍ୟାନ୍ୟ ସ୍ଥାନରେ ଟେଷ୍ଟିଂ ବଢ଼ାଯିବା ସହ ଦୈନିକ ଟିକାକରଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଆନ୍ଧ୍ରକୁ ସଂଯୋଗ କରୁଥିବା ରାସ୍ତା ନାକା ପଏଣ୍ଟରେ ମଧ ଟେଷ୍ଟିଂ କରାଯାଉଛି।

ସେହିପରି ରାଜ୍ୟରେ ଗତ ୨୪ଘଣ୍ଟାରେ ୧୭୫ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ କ୍ୱାରାଣ୍ଟାଇନରୁ ୧୦୧ ଏବଂ ଲୋକାଲ୍ କେସ୍ ୭୪ ରହିଛି। ଏମାନଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ବୟସ୍କ ୩୦ ଜଣ ରହିଛନ୍ତି। ଏବେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧୦,୫୧,୯୨୭ରେ ପହଞ୍ଚି ଥିବାବେଳେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୩୭କୁ ବୃଦ୍ଧି ପାଇଛି।

### ଜନ ଆନ୍ଦୋଳନ ହେଉ ...

ନବନିର୍ମିତ କାଶୀ ବିଶ୍ୱନାଥ କରିଡରର ଉଦ୍‌ଘାଟନ କରିଥିଲେ। ଗଙ୍ଗା ଆରତି ଦେଖିବା ପରେ ସେ ବାରାଣସୀରେ ଚାଲିଥିବା ଭିତ୍ତିଭୂମି ବିକାଶ କାର୍ଯ୍ୟଗୁଡ଼ିକୁ ଦେଖିବା ପାଇଁ ଆକସ୍ମିକ ପରିଦର୍ଶନ କରିଥିଲେ। ମଧ୍ୟରାତ୍ରିରେ ମୋଦି ଗୋଡାଉଲିଆ କ୍ରସିଂ ଦେଖିବାକୁ ଯାଇଥିଲେ। ଏଥିସହ କାଶୀ ବିଶ୍ୱନାଥ ଧାମ କରିଡର ଓ ମନ୍ଦିର କମ୍ପ୍ଲେକ୍ସକୁ ପୁଣିଥରେ ବୁଲି ଦେଖିଥିଲେ। ପ୍ରଧାନମନ୍ତ୍ରୀ ରାତି ୧ଟା ୧୩ରେ ନୂଆକରି ବିକଶିତ ରେଲୱେ ଷ୍ଟେଶନକୁ ଚାଲି ଚାଲି ଯାଇଥିଲେ। ସେଠାରେ ଯାତ୍ରୀଙ୍କ ପାଇଁ କେଉଁ ସବୁ ସୁବିଧା ବିକଶିତ କରାଯାଇଛି ସେସବୁ ପଚାରି ବୁଝିଥିଲେ। ମୋଦି ସୋମବାର ରାତିରେ ଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କ ସହ ଏକ ବୈଠକ କରିଥିଲେ। ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀମାନେ ସୁଶାସନ ଉପରେ ପ୍ରେଜେଣ୍ଟେଶନ ଦେଇଥିବା ଜଣାପଡ଼ିଛି। ଏଥିରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟ କେତେଜଣ ପଦାଧିକାରୀ ମଧ ଉପସ୍ଥିତ ଥିଲେ। ପରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ କାଶୀ ବିଶ୍ୱନାଥ କରିଡର ବୁଲି ଦେଖିଥିଲେ। ବୈଠକରେ ସାମିଲ ହୋଇଥିବା ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଅରୁଣାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ଆସାମ, ନାଗାଲାଣ୍ଡ, ମଣିପୁର, ତ୍ରିପୁରା, ଗୁଜରାଟ, ଗୋଆ ମୁଖ୍ୟମନ୍ତ୍ରୀ ଏବଂ ବିହାରର ୨ ଓ ଅରୁଣାଚଳ ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ମଙ୍ଗଳବାର ଅଯୋଧ୍ୟା ଯାଇ ରାମଲାଲାଙ୍କୁ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ସିକିମ, ମେଘାଳୟ, ମିଜୋରାମ, କର୍ନାଟକ ଓ ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ ମଧ ଅଯୋଧ୍ୟା ଦର୍ଶନରେ ଯିବେ ବୋଲି ଜଣାପଡ଼ିଛି।

### କୋଟିଆରେ ହେବ ...

ଅନୁମତି ଦେଇଛନ୍ତି। ଗଞ୍ଜେଇପଦରଠାରେ ଆଦିବାସୀ ଜାତି ଓ ଜନଜାତି ଉନ୍ନୟନ ସଂସ୍ଥା ପକ୍ଷରୁ ନିର୍ମାଣ ହୋଇଥିବା କୋଠାଗୁଡ଼ିକୁ ଅସ୍ଥାୟୀ ଭାବରେ ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟ ପାଇଁ ବ୍ୟବହାର କରାଯିବ। ଏଠାରେ ଓଡ଼ିଆ ଓ ଇଂରାଜୀ ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଥିବା ଜଣାପଡିଛି। ଏହି ବିଦ୍ୟାଳୟ ଦ୍ୱାରା କୋଟିଆ ପଞ୍ଚାୟତ ସହ ପଟ୍ଟାଙ୍ଗୀ ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ଛାତ୍ରୀଛାତ୍ରମାନେ ଶିକ୍ଷାଲାଭ କରିପାରିବେ। ଏଠାରେ ଏପରି ବିଦ୍ୟାଳୟ ଖୋଲିବା ଫଳରେ ତେଲୁଗୁ ଭାଷାରେ ପାଠ ପଢିବା ପାଇଁ ଆନ୍ଧ୍ରମୁହାଁ ହେଉଥିବା କୋଟିଆ ଅଞ୍ଚଳର ଛାତ୍ରୀଛାତ୍ର ଏଠାରେ ଇଂରାଜୀ ମାଧ୍ୟମରେ ପଢିବା ପାଇଁ ଆଗ୍ରହୀ ହେବେ ବୋଲି ଆଶା ପ୍ରକାଶ କରାଯାଉଛି।

## ଅଧିକ ସଂଖ୍ୟକ ବୌଦ୍ଧିକ ସମ୍ପଦ ସୃଷ୍ଟିକୁ ଗୁରୁତ୍ୱ

**ପରିଚାଳନା ମାର୍ଗଦର୍ଶିକା ଉନ୍ମୋଚିତ**

ଭୁବନେଶ୍ୱର, ୧୪।୧୨(ବ୍ୟୁରୋ): ରାଜ୍ୟରେ ବୌଦ୍ଧିକ ସମ୍ପଦ (ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟିଜ୍) ସୃଷ୍ଟି ଏବଂ ସମ୍ପୃକ୍ତ ପରିବେଶର ବିକାଶ ନିମନ୍ତେ ବିଜ୍ଞାନ ଓ କାରିଗରୀ ବିଭାଗ ସହାୟତା ଦେଉଛନ୍ତି। ଜନସଚେତନତା ସୃଷ୍ଟି ପାଇଁ ୧୦ ଲକ୍ଷ, ପେଟେଣ୍ଟ ପଞ୍ଜୀକରଣ ପାଇଁ ୪୦ ହଜାର, ଆର୍ଟର୍ନି ଦେୟ ୨୦ ହଜାର, ଜିଆଇ ପଞ୍ଜୀକରଣ ପାଇଁ ୧୦ ହଜାର ଓ ଦକ୍ଷତା ବିକାଶ ତଥା ତାଲିମ କର୍ମଶାଳା ଆୟୋଜନ ପାଇଁ ୬୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯାଉଛି ବୋଲି ବିଭାଗୀୟ ସଚିବ ମନୋଜ କୁମାର ମିଶ୍ର କହିଛନ୍ତି। ମଙ୍ଗଳବାର 'ରାଜ୍ୟରେ ବୌଦ୍ଧିକ ସମ୍ପଦ ପରିବେଶର ପ୍ରୋତ୍ସାହନ' ଶୀର୍ଷକ କର୍ମଶାଳାରେ ଯୋଗଦେଇ ସଚିବ ମିଶ୍ର ଯୋଗଦେଇ ଏହି ସୂଚନା ଦେବା ସହ ଅଧିକ ସଂଖ୍ୟକ ବୌଦ୍ଧିକ ସମ୍ପଦ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ବୌଦ୍ଧିକ ସମ୍ପଦ ସୃଷ୍ଟି, ଏହାର ବିକାଶ ଓ ପରିବେଶ ପ୍ରୋତ୍ସାହନ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୌଦ୍ଧିକ ସମ୍ପଦ ଅଧିକାର ପରିଚାଳନା (ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟିଜ୍ ରାଇଟ୍‌ସ ମ୍ୟାନେଜମେଣ୍ଟ) ସମ୍ପର୍କିତ ମାର୍ଗଦର୍ଶିକାର ମୁଦ୍ରିତ ଏବଂ ଡିଜିଟାଲ୍ ସଂସ୍କରଣ ମଧ ଉନ୍ମୋଚିତ ହୋଇଥିଲା। କର୍ମଶାଳାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ପଦାଧିକାରୀ, ବୁଦ୍ଧିଜୀବୀ, ଗବେଷକ ତଥା ଶିଳ୍ପ ଏବଂ ଷ୍ଟାର୍ଟଅପ୍ ସମ୍ପୃକ୍ତ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।


**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା - ରବି ୨୦୨୧**

**ରା.ଉଦୟଗିରି ବ୍ଲକ, ଜିଲ୍ଲା- ଗଜପତି**

ରା.ଉଦୟଗିରି ବ୍ଲକର ସମସ୍ତ କୃଷକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଚଳିତ ରବି ଋତୁରେ ଧାନ, ବିରି, ମୁଗ ଏବଂ ଚିନାବାଦାମ ଫସଲକୁ ବୀମା ପାଇଁ ନିର୍ଦ୍ଧାରିତ କରାଯାଇଛି।
ଏହି ଯୋଜନାରେ ହେକ୍ଟର ପିଛା ବୀମା ଦେୟ ଯଥାକ୍ରମେ ଟଙ୍କା **873.75 (1.5%)** ଧାନ ପାଇଁ, ଟଙ୍କା **495 (1.5%)** ବିରି ପାଇଁ, ଟଙ୍କା **495 (1.5%)** ମୁଗ ପାଇଁ ଏବଂ ଟଙ୍କା **858.75 (1.5%)** ଚିନାବାଦାମ ପାଇଁ ରଖାଯାଇଛି। ତେଣୁ ସମସ୍ତ କୃଷକମାନଙ୍କୁ ଅନୁରୋଧ ସେମାନେ ନିକଟସ୍ଥ ଜାତୀୟକରଣ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ଲ୍ୟାମ୍ପସ କିମ୍ବା ଜନସେବା କେନ୍ଦ୍ର ଜରିଆରେ ବୀମା ଦେୟ ଏବଂ କାଗଜପତ୍ର ଦାଖଲ କରି ଫସଲକୁ ବୀମାଭୁକ୍ତ କରାନ୍ତୁ।
ଏହି ଯୋଜନାରେ ଅଧିକ ସୂଚନା ପାଇବା ନିମନ୍ତେ ନିକଟସ୍ଥ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ କିମ୍ବା ବୀମା କମ୍ପାନୀ (HDFC ଏରଗୋ)ର **ଟୋଲ୍ ଫ୍ରି ନଂ. ୧୮୦୦-୨୬୬୦-୭୦୦**କୁ କଲ୍ କରନ୍ତୁ।

**ସୌଜନ୍ୟ: ସହକାରୀ କୃଷି ଅଧିକାରୀ, ରା. ଉଦୟଗିରି (ଗଜପତି)**



No. L-109

**DIRECTORATE OF AGRICULTURE & FOOD PRODUCTION, ODISHA, BHUBANESWAR**

**EXPRESSION OF INTEREST (EOI)**

**Expression of Interest (EOI) for Engagement of Block level Facilitating Agency for "Special Programme for Promotion of Integrated Farming" in Odisha**

Expression of Interest (EOI) is invited by the Directorate of Agriculture & Food Production, Odisha, Bhubaneswar from the experienced and interested organisation/agencies for engagement of block level facilitating agency for the selected blocks of **Mayurbhanj, Bolangir, Kandhamal & Kalahandi** district under the Special Programme for Promotion of Integrated Farming in Odisha. Interested organization/agencies are required to submit proposal in sealed envelope super scribed as **Application for engagement of block level Facilitating Agency for "Special Programme for Promotion of Integrated Farming in Odisha"** For ____________ Block of ____________ District as per the enclosed application format by registered/Speed post. Proposal through e-mail will not be entertained in this regard. The Eol should be addressed to Office of the Chief District Officer Mayurbhanj/ Bolangir/ Kandhamal/Kalahandi. Last date for receipt of proposal is 30.12.2021 upto1.00 pm and the same shall be opened on the same day at 3.30pm. in the presence of authorized signatory and representatives. The Application form and details terms & condition are available in the Official websites of **www.odisha.gov.in/ www.agrisnetodisha.ori.nic.in.**

The Authority shall not be responsible for any sort of postal delay and proposal received beyond scheduled date and time shall not entertained & out rightly be rejected. The authority reserves the right to cancel /reject any or all the EOI without assigning any reason thereof.

Sd/-
Director of Agriculture & Food Production, Odisha

OIPR-01034/11/0039/2122



**OFFICE OF THE NOTIFIED AREA COUNCIL, BUGUDA**

**"e" PROCUREMENT NOTICE**

**Tender Reference No. BUG-NAC-07-2021-22**
**Tender Call Notice No.-2118 / Date: 13.12.2021**

Bid documents consisting of plans, specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www. tendersodisha.gov.in

1. Name of the work: Civil works as mentioned in Notice Board.
2. No. of works: 17 Nos.
3. Bid value: Rs.251000/- to Rs.1950000/-.
4. Period of completion 180 days.
5. Date and time of availability of the bid documents in the portal: 13.12.2021 at 11 A.M. to 5.30 P.M. of Dt.23.12.2021.
6. Last date of / time for receipt of bids in original at office : 24.12.2021 upto 2 P.M.
7. Bids received on line shall be opened on : 24.12.2021 at 3 P.M.
8. Name and address of the officer inviting bid: Executive Officer, N.A.C., Buguda

Further details can be seen from the procurement portal: www. tendersodisha.gov.in

Sd./- Executive Officer, N.A.C., Buguda, Ganjam



**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

No.CAD-2275

**E-PROCUREMENT NOTICE**

**Bid document No.: OMC/E-PROC/CMC/57/2021** **dated 13.12.2021**

| | | |
|---|---|---|
| 1. | Name of the work | Selection of agency for providing Safety Management System Software along with Annual Support (through e-tendering) |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any or all bids without assigning any reason thereof.

OIPR-30005/11/0156/2122 **Head (C&P)**



**OFFICE OF THE SUPERINTENDING ENGINEER RWSS DIVISION, BHUBANESWAR**
**PLOT NO. 1214 (P), AT: TAPOVAN**
**P.O.: KHANDAGIRI, BHUBANESWAR-30**
**Tel.- (0674) 2384108, E-Mail: eebbsrrwss@gmail.com**

**Govt. of Odisha e-Procurement Notice**
**RFP Identification Notice No.16 of 2021-22**

**DETAILS OF REQUEST FOR PROPOSAL**

No.O-1318:- The Superintending Engineer, RWS&S Division, Bhubaneswar on behalf of the Governor of Odisha invites quotations for supply, errection, testing and commissioning of capsule type Electric transaction Elevator from Original manufacturers like Jhonson/ OTIS / Schindler for the Office of "JALA 'O' PARIMAL BHAWAN". The bid submitted through e-procurement in single cover system according to norm of e-procurement to be received online as detailed below.

| | | |
|---|---|---|
| 1. | No. of work | Supply, errection, testing and commissioning of capsule type Electric transaction Elevator from Original manufacturers like Jhonson/ OTIS/ Schindler for the office of "JALA 'O' PARIMAL BHAWAN" |
| 2. | No. of tender | 1 No. |
| 3. | Cost of RFP document | Rs.10000.00 |
| 4. | Class of Supplier | Manufacturing company / Authorized dealer / Distributor |
| 5. | Date & time of availability of bid document in portal | 14.12.2021 at 4.00 P.M. to 23.12.2021 upto 3.00 P.M. |
| 6. | Date & time of seeking tender clarification | 14.12.2021 at 4.00 P.M. to 18.12.2021 upto 3.00 P.M. during office hour |
| 7. | Date & time of opening of tender | 24.12.2021 at 11.00 A.M. in the O/o S.E. RWSS Divn., Bhubaneswar |
| 8. | Time of completion | 90 days |

9. The bidders have to participate in online bidding only. Further details can be seen from the website https://www.tendersorissa.gov.in. Corrigendum if any shall only be published in website mentioned. In place of EMD bid security declaration form to be submitted.

Sd./- SUPERINTENDING ENGINEER
RWS&S DIVSION, BHUBANESWAR
OIPR-25011/11/0006/2122



**ଓଡ଼ିଶା ସରକାର / GOVERNMENT OF ODISHA**
**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୋପ**
**OFFICE OF THE PANCHAYAT SAMITI, GOP**
**DISTRICT - PURI, PIN-752110**
Email: ori-gop@nic.in

No. **TENDER CALL NOTICE NO. 03/2021** Date: 14.12.2021

The Block Development Officer, Gop, Puri invites sealed tenders on behalf of Government of Odisha from registered and eligible contractors of the state P.W.D. (R&B)/ Water resource/Rural Works/M.I./C.P.W.D. for the following work eventually to be drawn up in the PWD F-2 forms in conformity with the detail tender call notice. The bidders may submit bid for the following work:

| SL No. | Name of the work | Name of the GP/ Block | Tendered amount (in Rs.) | Cost of Tender Paper (in Rs.) | EMD (in Rs.) | Time Period of completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of New Non-Residential Building (Office), Gop Block, Puri | Gop/Gop | Rs. 26,12,711.00 | Rs. 6000.00 | Rs. 26,127.00 | 4 Calendar months | "B" & "C" |
| 2 | Construction of Repair Maintenance of Old Non-Residenital New Building (Office) WEO, BSSO And RWSS Section Gop Block, Puri. | Gop/Gop | Rs. 18,06,028.00 | Rs. 6000.00 | Rs. 18,060.00 | 3 Calendar months | "C" & "D" |
| 3 | Construction of Mini Stadium at Nigamananda High School, Gop, Dist. Puri | Gop/Gop | Rs. 17,44,028.00 | Rs. 6000.00 | Rs. 17,440.00 | 3 Calendar months | "C" & "D" |

1) **Sale/ Receipt / Opening of the Tender Papers:-** The tender specification can be obtained from the Block Development Officer, Gop on payment towards the cost of tender papers as mentioned above (Non- refundable) in shape of Bank Draft /Bankers in and around Gop on any working day from **14/12/2021 to 23/12/2021** for the above mentioned work. The tender document will be sold during the above mentioned period between **10.00 A.M. to 05.00 P.M.** on working days only. The tenderers have to submit the sealed papers mentioning the name of the work over the envelope in complete shape through **Registered Post/Speed Post/Drop Box at Block Campus, Gop**. Only by directly sending to the B.D.O, Gop in his Official Postal address. Tender papers received through Courier Services will not be entertained. The last date of receipt of tender papers is from **14/12/2021 to 23/12/2021** during office period. The undersigned will not be responsible for postal delay if any or nonreceipt of the papers in time. The tender papers shall be opened on **24/12/2021 at 3 P.M.** in the **Block Campus, Gop** in presence of the tenderers or their authorized representatives having written authorization for the purpose and tender committee.
2) **Earnest Money Deposit: -** The E.M.D is to be deposited in shape Post Office Short Term Deposit/Term Deposit/ N.S.C/ KVP/Deposit Receipt of any nationalized bank duly pledged in favor of Block Development Officer, Gop. The Tender Papers without required amount of E.M.D. will not be considered and transfer or adjustment of E.M.D. is inadmissible.
3) **Document to be attached:-** The Following document should be furnished with the tender papers failing which tender will be liable to rejection, a) E.M.D pledged in favor of The Block Development Officer, Gop, b)Attested copy of contractor Registration certificate, c) Attested copy of PAN card, GST Registration Certificate, d) Attested copy of valid Caste Certificate issued by competent authorities in case of SC/ST, contractors desirous of availing preference, e) Affidavit as regards the fact of availing award of work without submission of E.M.D/I.S.D. during the current financial year in case of Engineer Contractors desirous of availing exemption of E.M.D.
4) Submission of more than one tender paper by a bidder for a single work will be liable for rejection of all such tender papers.
5) The undersigned reserves the right either to reject any or all tenders or cancel the entire process without assigning the reason thereof.

**Sd /- Block Development Officer, Gop**


See Career Appointment on every Wednesday & Saturday

ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର,୧୫ ଡିସେମ୍ବର, ୨୦୨୧



## ଏସ୍‌ପି ଅଫିସ ଆଗରେ କଂଗ୍ରେସର ବିକ୍ଷୋଭ

ପାରଳାଖେମୁଣ୍ଡି,(ଡି.ଏନ୍.ଏ.):ଭୁବନେଶ୍ୱର କଂଗ୍ରେସ କାର୍ଯ୍ୟାଳୟ ଭିତରେ ପଶି ପୋଲିସ ମାଡ ମାରିବା ଘଟଣା ପ୍ରତିବାଦରେ ରାଜ୍ୟବ୍ୟାପୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ ଡାକରା ଦିଆଯାଇଥିଲା। ଏହି କ୍ରମରେ ଗଜପତି ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଏକ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାପତି ତଥା ମୋହନା ବିଧାୟକ ଦାସରଥି ଗମାଙ୍ଗଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜେଡ଼ି ବିରୋଧରେ ନାରାବାଜି କରିବା ସହ ମମିତା ମେହେର ଘଟଣାରେ ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଥିଲେ। ବିକ୍ଷୋଭରେ ବସନ୍ତ କୁମାର ପଣ୍ଡା, ସୂର୍ଯ୍ୟନାରାୟଣ ପାତ୍ର, ଈଶ୍ୱର ମାଝୀ,ସଞ୍ଜୟ ଅଧିକାରୀ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଫିଲ୍ମ ଷ୍ଟାଇଲରେ ଦୁର୍ଘଟଣା, ବର୍ତ୍ତିଲେ କାର୍ ଚାଳକ

ବୁଗୁଡ଼ା,୧୪।୧୨(ଡି.ଏନ.ଏ.)-ପୂରା ଫିଲ୍ମ ଷ୍ଟାଇଲରେ ଘଟିଲା ଦୁର୍ଘଟଣା,ହେଲେ ସୌଭାଗ୍ୟବଶତଃ ବର୍ତ୍ତିଗଲେ କାର ଚାଳକ ନୟାଗଡ଼ ଥାନା ଦୂରୁଦୁରା ଗ୍ରାମର ବ୍ୟାଙ୍କ କର୍ମଚାରୀ ଭବାନୀ ପ୍ରସାଦ ସାହୁ। ଭବାନୀ ନିଜ କାର ଚଳାଇ ବ୍ରହ୍ମପୁର ଯାଉଥିବା ବେଳେ ମଙ୍ଗଳବାର ସକାଳ ୬ଟାରେ ବୁଗୁଡ଼ା ଥାନା ଅନ୍ତର୍ଗତ ବି.କରଡ଼ାବାଡ଼ି ଗ୍ରାମ ନିକଟରେ ଘଟିଲା ଦୁର୍ଘଟଣା। ଭବାନୀ ଦ୍ରୁତ ଗତିରେ ଆସୁଥିବା ବେଳେ ତାଙ୍କର ଆଖି ଲାଗିଯିବାରୁ କାରଟି ରାସ୍ତା କଡରେ ଥିବା ଏକ କଲଭର୍ଟରେ ବାଜି ପ୍ରାୟ ୬ ଫୁଟ ଉପରକୁ ଉଠି ଏକ କଦମ୍ବ ଗଛରେ ବାଡେଇ ହେବା ସହ ନାଳ ଆର ପଟକୁ ଯାଇ ଓଲଟି ପଡିଥିଲା। ସେହି ସମୟରେ ସାଇକେଲରେ ବିଲକୁ ଯାଉଥିବା ଟଭାପଲ୍ଲୀ ଗ୍ରାମର ଅର୍ଜୁନ ପ୍ରଧାନ ତାଙ୍କ ଉପରକୁ କାରଟି ମାଡି ଆସୁଥିବା ଦେଖି ସେ ସାଇକେଲ ଛାଡି ଡେଇଁ ପଡିବାରୁ ବର୍ତ୍ତିଯାଇ ଥିଲେ ହେଁ ସାଇକେଲ ଉପରେ କାର ଚଢ଼ିଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଭବାନୀଙ୍କୁ ବୁଗୁଡ଼ା ମେଡିକାଲ ଆଣିଥିଲେ।

### ଆଦର୍ଶ ବିଦ୍ୟାଳୟର ଜରୁରୀ ବୈଠକ

ବୁଗୁଡ଼ା,୧୪।୧୨(ଡି.ଏନ.ଏ.)-ବୁଗୁଡା ବ୍ଲକ ଆଦର୍ଶ ବିଦ୍ୟାଳୟ ଗୋଲିଆଠାରେ ଅଧକ୍ଷ ସିଦ୍ଧାର୍ଥ ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରା, ସହ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ ଚନ୍ଦ୍ର ସେନାପତି, ସିଆରସିସି ବାୟା ସେଠୀ, ଅଭିଭାବକ, ଗାଡି ମାଲିକ ଓ ଚାଳକ, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ପ୍ରଥମେ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଉକ୍ତ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଯୁବରାଜ ସେଠୀଙ୍କ ଅକାଳ ବିୟୋଗରେ ବୈଠକରେ ଦୁଃଖ ପ୍ରକାଶ କରିବା ସହ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସ୍କୁଲ୍ କମିଟିର ସଭାପତି ଡ.ଅମ୍ବିକା ବିଷୋୟୀଙ୍କ ଆଗତ ପ୍ରସ୍ତାବ ଅନୁସାରେ ସମସ୍ତ ଗାଡି ଚାଳକମାନେ ସଡକ ସୁରକ୍ଷା ନିୟମ ଅନୁସାରେ ଗାଡି ଚଳାଇବାକୁ ସହମତି ପ୍ରକାଶ ପାଇଥିଲା। ଶେଷରେ ଶିକ୍ଷକ ବିଘ୍ନରାଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଟାଏକୋଣ୍ଡୋ କଲର ବେଲ୍ଟ ପ୍ରତିଯୋଗିତା

ଦିଗପହଣ୍ଡି,୧୪।୧୨(ଡି.ଏନ.ଏ.)- ଦିଗପହଣ୍ଡି ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ସଭା ଗୃହରେ ଏକାଡେମୀ ପକ୍ଷରୁ ୨ୟ କଲର ବେଲ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ସଂସଦ ସମ୍ପାଦକ ଆଲୋକ ବିଷୋୟୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଆନ୍ତର୍ଜାତିକ ରେଫରି ପ୍ରଶିକ୍ଷକ କେ. ମନୋଜ ପ୍ରଧାନ ପରୀକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷକ ବାସୁ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ୩୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀର ପ୍ରଶିକ୍ଷକ ଇ.ଲଳିତ କୁମାର, ହୋପ୍ ଟାଏକୋଣ୍ଡୋ ଏକାଡେମୀ ପ୍ରଶିକ୍ଷକ ସି .ଏଚ. ପ୍ରସାଦ, ବ୍ରହ୍ମପୁର ଟାଏକୋଣ୍ଡୋ ଏକାଡେମୀର ପ୍ରଶିକ୍ଷକ ଜନଜ ମହାରଣା, ଆନ୍ତର୍ଜାତିକ କ୍ରୀଡାବିତ୍ ରୁଦ୍ର ନାରାୟଣ ବେହେରା ଓ ପି.ଅଭିମନ୍ୟୁ ରେଡ୍ଡୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ

ଜି.ଉଦୟଗିରି,୧୪।୧୨(ଡି.ଏନ.ଏ.)- ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନାର ଦିନିକିଆ କାର୍ଯ୍ୟକ୍ରମ ରବିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଅଧାପିକା ସୁଧାରାଣୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମହିଳା ମହାବିଦ୍ୟାଳୟର ଅଧକ୍ଷ ଶିବରାମ ସାହୁ ଉଦ୍‌ଘାଟନ କରିଥିଲେ। ୫୦ ଜଣ ଛାତ୍ରୀ ଏହି ଶିବିରରେ ଭାଗ ନେଇ ମହାବିଦ୍ୟାଳୟ ପରିସରକୁ ସଫା ସୁତୁରା କରିଥିଲେ। ଅଧାପିକା ଡ. ବବିତା ରାଣୀ ପଟ୍ଟନାୟକ, ଅଧାପିକା ମିନତୀ କୁମାରୀ ଦାଶ, ଅଧାପିକା ସସ୍ମିତା ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ସ୍ୱଚ୍ଛତାର ଆବଶ୍ୟକତା ଉପରେ କହିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷରେ ଯୋଜନା ଅଧିକାରିଣୀ ଅଧାପିକା ସୁଧାରାଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କଲେଜରେ ଆଡମିଶନ ନାଁରେ ୨ଲକ୍ଷ ୩୯ ହଜାର ଠକେଇ

### ମହଙ୍ଗା ପଡ଼ିଲା ସୋସିଆଲ ମିଡିଆ ବିଜ୍ଞାପନ

ହିଞ୍ଜିଳିକାଟୁ,୧୪।୧୨(ଡ଼ି.ଏନ୍.ଏ) :

ବ୍ରହ୍ମପୁରସ୍ଥିତ ଏକ ଇଞ୍ଜିନିୟରିଂ କଲେଜରେ କମ ଟଙ୍କାରେ ପୁଅର ଆଡ଼ମିଶନ କରାଇ ଦେବା ଲୋଭ ଦେଖାଇ ଜଣେ ମହିଳା ବଇଁଚବଣିଆ ଚୈତନ୍ୟ ମାର୍ଗ ବାସିନ୍ଦା ବସନ୍ତ ପୋଲାଇଙ୍କ ଠାରୁ ୨ଲକ୍ଷ ୩୯ହଜାର ଟଙ୍କା ଠକେଇ କରିଛନ୍ତି। ସୋସିଆଲ ମିଡ଼ିଆରେ ପ୍ରକାଶିତ ଏକ ବିଜ୍ଞାପନ ଜାଲରେ ପଡ଼ି ବସନ୍ତ ଟଙ୍କା ହରାଇଛନ୍ତି। ଏ ନେଇ ସେ ହିଞ୍ଜିଳି ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ପୋଲିସ ନଂ.୬୪୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଆଇଆଇସି ଅଭିମନ୍ୟୁ ଦାଶ କହିଛନ୍ତି।

ପ୍ରକାଶ ଯେ, ବସନ୍ତଙ୍କ ପୁଅ ଯୁକ୍ତ ୨ପାଶ ପରେ ବ୍ରହ୍ମପୁରର ଏକ କଲେଜରେ ବି-ଟେକ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହି ସମୟରେ ମୋବାଇଲରେ ହ୍ୱାଟ୍‌ସଆପ ଦ୍ୱାରା ଲଞ୍ଚପ୍ୟାଡ଼ କ୍ୟାରିଅର କନସଲଟାନ୍ସି ରାଉରକେଲା ଦ୍ୱାରା ପ୍ରକାଶିତ ହେବା ଭଳି ଏକ ବିଜ୍ଞାପନରେ ପ୍ରଭାବିତ ହୋଇ ବସନ୍ତ ସେଥିରେ ଥିବା ଫୋନ ନମ୍ବରରେ ଯୋଗାଯୋଗ କରିଥିଲେ। ଜଣେ ମହିଳା ନିଜକୁ ଉକ୍ତ କନସଲଟାନ୍ସିର କର୍ମଚାରୀ ପରିଚୟ ଦେଇ ବ୍ରହ୍ମପୁର ଉକ୍ତ କଲେଜରେ ପଛୁଆ ବର୍ଗ ସଂରକ୍ଷଣ କୋଟାରେ କମ୍ ଡୋନେସନରେ ଆଡମିଶନ କରାଇଦେବାକୁ କହିଥିଲେ। ତାଙ୍କ କହିବା ପ୍ରକାରେ ବସନ୍ତ ଗତ ଅଗଷ୍ଟ ମାସରେ ଝାଡ଼ଖଣ୍ଡ ବିଷ୍ଣୁପୁର ଏସବିଆଇ ଶାଖାର ଏକ ଆକାଉଣ୍ଟକୁ ନିଜ ଆକାଉଣ୍ଟରୁ ୮କିସ୍ତିରେ ୨,୩୯,୬୫୨ଟଙ୍କା ଟ୍ରାନ୍ସଫର କରିଥିଲେ। ୮କିସ୍ତିରେ ଟଙ୍କା ଟ୍ରାନ୍ସଫର ପରେ ବସନ୍ତ ଓ ତାଙ୍କ ପୁଅ କଲେଜରେ ଆଡ଼ମିଶନ ନେଇ ବାରମ୍ବାର ସମ୍ପୃକ୍ତ ମହିଳାଙ୍କୁ ଯୋଗଯୋଗ କରିଥିଲେ ମଧ୍ୟ ସେ ବିଳମ୍ବ କରିଥିଲେ। କଲେଜର ଆଡ଼ମିଶନ ତାରିଖ ଅତିକ୍ରାନ୍ତ ପରେ ବି ମହିଳା ଜଣକ ବସନ୍ତଙ୍କ ଟଙ୍କା ନ ଫେରାଇବାରୁ ସେ ଠକାମୀର ଶିକାର ହୋଇଥିବା ଜାଣି ପାରିଥିଲେ।

## ପଦାର୍ଥ ବିଜ୍ଞାନ ବିଭାଗ ଆଲୋଚନାଚକ୍ର



ଆଲୋଚନାରେ ଭାଗ ନେଇଥିବା ଅତିଥିମାନେ ।

ଭଞ୍ଜନଗର,୧୪।୧୨(ଡି.ଏନ୍.ଏ.):

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ଛାତ୍ରଙ୍କୁ ମଧ ସ୍ୱାଗତ କରାଯାଇଥିଲା। ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ଡ. ରବିନ୍ଦ୍ର ନାଥ ପାଳ, ବିଭୂତି ଭୂଷଣ ପାଣିଗ୍ରାହୀ, ପ୍ରାଧାପକ ସାତ୍ୱିକି ସାହୁ, ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିଭାଗୀୟ ମୁଖ୍ୟ ଅଧାପିକା ସସ୍ମିତା ଦାସ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀ ସନ୍ଧ୍ୟାରାଣୀ, ସୋନାଲି ପଣ୍ଡା, ପୂଜା ସ୍ୱାଇଁ, ସୁନିତା ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଅଧାପିକା ପ୍ରତିଧ୍ୱନି ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପିକା ସୁବ୍ରାଶ୍ରୀ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ପାନ ଦୋକାନୀଙ୍କୁ ହତ୍ୟା ଧମକ ମାମଲା, ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୧୪।୧୨(ଡି.ଏନ.ଏ.)

ଦିଗପହଣ୍ଡି ଥାନା ଫାସିଗୁଡା ଗ୍ରାମରେ ଜଣେ ପାନ ଦୋକାନୀଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ଅଭିଯୋଗରେ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଫାସିଗୁଡା ଗ୍ରାମର ମୁନା ନାୟକ ଓରଫ ଲଣ୍ଡା। ଥାନା ମାମଲା ନଂ.୩୩୦/୨୧ରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗତ ସୋମବାର ସକାଳେ ଫାସୀଗୁଡ଼ା ଗ୍ରାମର ରମେଶ ଚନ୍ଦ୍ର ବେହେରାଙ୍କ ପାନ ଦୋକାନ ନିକଟକୁ ଯାଇ ଅଭିଯୁକ୍ତ ମୁନା ଦୋକାନ ଉଠାଇବା ପାଇଁ କହିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ, ଦୋକାନ ଜାଳିଦେବା ସହ ହତ୍ୟା ଧମକ ଦେଇଥିବା ରମେଶ ଏତଲା ଦେଇଥିଲେ।

## ଭାଜପା ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ବୁଗୁଡା,୧୪।୧୨(ଡି.ଏନ.ଏ.)

ବୁଗୁଡା ବ୍ଲକ ଖୋଲଖାଲି ଗ୍ରାମ ବଡଦାଣ୍ଡରେ ମଙ୍ଗଳବାର ଭାଜପା ପକ୍ଷରୁ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବ ନେତା କାର୍ତ୍ତିକ କୁମାର ମଙ୍ଗାଳଙ୍କ ଆବାହକତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ, ବୁଗୁଡା ଏନ୍ଏସି ପ୍ରାକ୍ତନ ଉପନଗରପାଳ ଇ.ସୁବ୍ରତ କୁମାର ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଅରୁଣ କୁମାର ପଣ୍ଡା, ଯୁବ ମୋର୍ଚ୍ଚା ଉପସଭାପତି କେଦାର ମହାରଣା, ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର, ନଗର ମଣ୍ଡଳ ସଭାପତି ସୂର୍ଯ୍ୟ ନାରାୟଣ ମହାନ୍ତି, କରଚୁଲୀ ମଣ୍ଡଳ ସଭାପତି ବିଷ୍ଣୁ ଚରଣ ପ୍ରଧାନ, ମାଣିତରା ମଣ୍ଡଳ ସଭାପତି ସୁଶାନ୍ତ କୁମାର ଡାକୁଆ, ହରିକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ।

## ସ୍ମାର୍ଟ ସ୍କୁଲ କାର୍ଯ୍ୟ, ଇକୋ ରିଟ୍ରିଟ ଦେଖିଲେ ଜିଲାପାଳ


ଜିଲାପାଳ ଡ.ବୃନ୍ଦା ଡି. କିରିକୁଟି ସ୍ମାର୍ଟ ସ୍କୁଲ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

ଦାରିଙ୍ଗବାଡ଼ି,୧୪।୧୨(ଡି.ଏନ.ଏ)

କନ୍ଧମାଳ ଜିଲାପାଳ ଡ.ବୃନ୍ଦା ଡି. ମଙ୍ଗଳବାର ଦାରିଙ୍ଗବାଡ଼ି ବ୍ଲକ ଗସ୍ତରେ ଆସି ପ୍ରସ୍ତାବିତ ସ୍ମାର୍ଟ ସ୍କୁଲ କାର୍ଯ୍ୟ ଓ ବୁଧବାର ଆରମ୍ଭ ହେବାକୁ ଥିବା ଇକୋ ରିଟ୍ରିଟ ବୁଲି ଦେଖିଥିଲେ। ଜିଲାପାଳ ପ୍ରଥମେ ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ ନିର୍ମିତ ସମସ୍ତ ସାମାଜିକ ସୁରକ୍ଷା ଏବଂ ବିଭିନ୍ନ ବ୍ୟବସ୍ଥା ପରଖିବା ସହ ବାଲିଗୁଡ଼ା ଉପଜିଲାପାଳ ଶୁଭଙ୍କର ମହାପାତ୍ର, ବିଡିଓ ଗଦାଧର ପାତ୍ର, ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସେ ବ୍ଲକରେ ପ୍ରସ୍ତାବିତ ୭ଟି ସ୍ମାର୍ଟ ସ୍କୁଲ ମଧ୍ୟରୁ ଦାରିଙ୍ଗବାଡ଼ି ଆଦର୍ଶ ବିଦ୍ୟାଳୟ ଏବଂ କିରିକୁଟି ସରକାରୀ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟ ବୁଲି ଦେଖିଥିଲେ । ଉକ୍ତ ଅଞ୍ଚଳରେ ଛାତ୍ରୀଛାତ୍ରମାନଙ୍କ ଫୁଟବଲ୍, ଭଲିବଲ୍, କବାଡ଼ି ଆଦି କ୍ରୀଡ଼ା ପ୍ରତି ଆଗ୍ରହ ରହିଥିବା ବେଳେ ଏକାଧିକ ବିଦ୍ୟାଳୟରେ ଖେଳପଡ଼ିଆ ପାଇଁ ସ୍ଥାନ ସମସ୍ୟା ଦେଖାଯାଉଥିବା ଉପସ୍ଥିତ ଅଧିକାରୀମାନେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲାପାଳଙ୍କ ଗସ୍ତ ବେଳେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ତୁଷାର ରଞ୍ଜନ ସେଠି, ଘନଶ୍ୟାମ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଓଏସ୍ଏପି ଯବାନଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

## ଡିଜିପି ଅଫିସ ସମ୍ମୁଖରେ ମହିଳାଙ୍କ ଧାରଣା

କଟକ ଅଫିସ,୧୪।୧୨:

ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳର ଜଣେ ମହିଳା ବଳାତ୍କାରର ଶିକାର ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସଠାରୁ ନ୍ୟାୟ ନ ମିଳିବାରୁ ମହିଳା ଜଣକ ନିଜର ୨ ଶିଶୁଙ୍କୁ ଧରି ମଙ୍ଗଳବାର କଟକସ୍ଥିତ ଡିଜିପି ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ତୁରନ୍ତ ନ୍ୟାୟ ପ୍ରଦାନ ସହ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଦଣ୍ଡ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୮ ତାରିଖ ସନ୍ଧ୍ୟାରେ ରମ୍ଭା ଅଞ୍ଚଳର ମହିଳା ଜଣକ ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଓଡ଼ିଶା ସ୍ପେଶାଲ ଆର୍ମ୍ଡ ପୋଲିସ(ଓଏସ୍ଏପି) ତୃତୀୟ ବାଟାଲିୟନର ଜଣେ ଯବାନ ତାଙ୍କ ଘରେ ପଶି ଦୁର୍ବ୍ୟବହାର ସହ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣଙ୍କ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ସମ୍ପୃକ୍ତ ଯବାନଙ୍କୁ ଅଟକ ରଖିବା ସହ ମହିଳାଙ୍କ ଡାକ୍ତରୀ ମାଇନା କରାଇଥିଲା। ପରେ ପୋଲିସ ଉକ୍ତ ଯବାନଙ୍କୁ ଛାଡି ଦେଇଥିବା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ତେଣୁ ନ୍ୟାୟ ପାଇଁ ସେ ଡିଜିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ନୃସିଂହାନନ୍ଦଙ୍କୁ ଶିଶିର ବିନ୍ଦୁ ସମ୍ମାନ


ଅତିଥିଙ୍କ ଗହଣରେ ନୃସିଂହାନନ୍ଦ।

ଫୁଲବାଣୀ ଅଫିସ, ୧୪।୧୨

କନ୍ଧମାଳ ଜିଲାର ଶିକ୍ଷାବିତ୍ ତଥା କବି ନୃସିଂହାନନ୍ଦ ମହାପାତ୍ରଙ୍କୁ ଝାରଖଣ୍ଡରେ ପଣ୍ଡିତ ଦୁର୍ଗାଚରଣ କର ସାହିତ୍ୟ ସଂସଦ ପକ୍ଷରୁ ଚଳିତ ବର୍ଷର ଶିଶିର ବିନ୍ଦୁ ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ଅତିଥିମାନେ ତାଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ସେମାନେ ମହାପାତ୍ରଙ୍କ ସମାଜସେବା, ସାହିତ୍ୟ ସୃଷ୍ଟି ଉପରେ ଆଲୋକପାତ କରିଥିଲେ । ରାଜ୍ୟ ବାହାରେ ପୁରସ୍କୃତ ହୋଇଥିବାରୁ ଜିଲାର ବିଭିନ୍ନ ସାହିତ୍ୟିକମାନଙ୍କ ତରଫରୁ ମହାପାତ୍ରଙ୍କୁ ଶୁଭେଚ୍ଛା ଜଣାଯାଇଛି। ମହାପାତ୍ର ଏବେ ଫୁଲବାଣୀ ସରକାରୀ ଆଇଟିଆଇରେ ତାଲିମ ଅଧିକାରୀ ଅଛନ୍ତି।

## ଜ୍ୟୋତର୍ବିଜ୍ଞାନ ପ୍ରତିଭା ସନ୍ଧାନ ପ୍ରତିଯୋଗିତାରେ ୨ ଛାତ୍ରୀ ବିଜୟୀ

ପାରଳାଖେମୁଣ୍ଡି,୧୪।୧୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ନିରୁପମା ପଟ୍ଟନାୟକ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀ ବିରଜା ଜେନା ଯୁବ ଜ୍ୟୋର୍ତିବିଜ୍ଞାନ ପ୍ରତିଭା ସନ୍ଧାନ ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି। ପଠାଣି ସାମନ୍ତ ପ୍ଲାନିଟୋରିୟମ ସହିତ ମିଳିତ ଭାବରେ ଟାଟା ଷ୍ଟିଲ ଯୁବ ଜ୍ୟୋର୍ତିବିଜ୍ଞାନ ପ୍ରତିଭା ସନ୍ଧାନର ପ୍ରତିଯୋଗିତା ଭର୍ଚ୍ଚୁଆଲରେ ଗତ ୧୨ଓ ୧୩ ତାରିଖରେ ହୋଇଥିଲା। ପ୍ରତିଯୋଗୀମାନଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ମାଧ୍ୟମରେ ବିଶେଷଜ୍ଞମାନଙ୍କ ଏକ ଚୟନକାରୀ ଦଳ ମୂଲ୍ୟାୟନ କରିଥିଲେ। ଏଥିରେ ବରିଷ୍ଠ ବିଭାଗରେ ନିରୁପମା ଓ କନିଷ୍ଠ ବିଭାଗରେ ବିରଜା ବିଜୟୀ ହୋଇଛନ୍ତି। ପ୍ରିନ୍ସିପାଲ ସୁନିତା ପାଣିଗ୍ରାହୀ ଓ ଅନ୍ୟ ଶିକ୍ଷକ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗଜପତି ପ୍ରଥମ


ପୁରସ୍କାର ସହ କୃତୀ ପ୍ରତିଯୋଗୀ।

ଆର.ଉଦୟଗିରି, ୧୪।୧୨(ଡି.ଏନ.ଏ.)

ଭୁବନେଶ୍ୱର ୟୁନିଟ୍ ୩ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ସ୍କାଉଟ ଓ ଗାଇଡର ନୃତ୍ୟସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ କେଏମ ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ସମଗ୍ର ରାଜ୍ୟରେ ଏହି ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରା, ଜିଲା କ୍ରୀଡା ଅଧିକାରୀ ସଞ୍ଜୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀ ଏହି ସଫଳତା ହାସଲ କରିଛନ୍ତି। ଏହାର ଶ୍ରେୟ ଜିଲା ଶିକ୍ଷାଧିକାରୀଙ୍କୁ ଦେଇଛନ୍ତି। ଜିଲା ସ୍କାଉଟ ଓ ଗାଇଡ କମିସନର ପ୍ରଫୁଲ କୁମାର ମାହାନ୍ତି, ତାଲିମ କମିସନର ସୁରେଶ ପାତ୍ର, କିଶୋର ଚନ୍ଦ୍ର ଦାସ ଏବଂ ବିଦ୍ୟାଳୟର ଗାଇଡ ଶିକ୍ଷକ ପ୍ରହ୍ଲାଦ ସିଆଳ ଓ କର୍ମଚାରୀ ରୁନୁ ରଇତଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମ୍ପୂର୍ଣ୍ଣ ସହଯୋଗରେ ସଫଳତା ହାସଲ କରିଥିବା ହେତୁ ସମସ୍ତଙ୍କୁ ପ୍ରଧାନ ଶିକ୍ଷକ କୃତଜ୍ଞତା ଜଣାଇଛନ୍ତି। ନୃତ୍ୟ ଦଳରେ ଧରୀତ୍ରି ନାୟକ, ପ୍ରମିଳା ନାୟକ, ଜୟନ୍ତୀ ଗମାଙ୍ଗ, ପ୍ରିୟଙ୍କା ମଣ୍ଡଳ, ସୁମିତ୍ରା ବଡରଇତ, ଗୀତାଞ୍ଜଳି ପୂଜାରୀ, ବିଦ୍ୟାବତୀ ନାୟକ, ବିକି ବଡମୁଣ୍ଡି, ରୁଚିତ୍ରା ରଇତ, ପୁଷ୍ପାବତୀ ନାୟକ, ଶିବାନୀ ରାଇକା ଅଂଶଗ୍ରହଣ କରିଥିଲେ।

## ଓଡ୍ର ସାହିତ୍ୟ ସଂସଦର ସାଧାରଣ ଅଧିବେଶନ

ଶେରଗଡ,୧୪।୧୨(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଓଡ୍ର ସାହିତ୍ୟ ସଂସଦର ସାଧାରଣ ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧାପକ ଦାଶରଥି ଭୂୟାଁ, ଓକିଲ ପ୍ରଦୀପ୍ତ ଚନ୍ଦ୍ର ସିଂହ, ଅଧାପକ ସଞ୍ଜୟ କୁମାର ଷଡ଼ଙ୍ଗୀ, ରଜନୀ କାନ୍ତ ପାଢ଼ୀ, ଚିନ୍ମୟ ରଞ୍ଜନ ମିଶ୍ର, ଶୁଭଶ୍ରୀ ନାୟକ ଓ ବନ୍ଦନା ମିଶ୍ର ଯୋଗ ଦେଇ ସାହିତ୍ୟର ବିଭିନ୍ନ ଦିଗ ଆଲୋକପାତ କରିଥିଲେ। କୃତୀ ସାହିତ୍ୟକ ଓ କବିମାନଙ୍କୁ ପୁରସ୍କାର ଦିଆଯାଇଥିଲା।

## ୨୨ ପରିବାର ଦେଖିଲେ ବିଜୁଳି ଆଲୁଅ

ଭଞ୍ଜନଗର,୧୪।୧୨(ଡି.ଏନ.ଏ)

ଦେଶର ସମସ୍ତ ଘରକୁ ବିଜୁଳି ସେବା ଯୋଗାଇ ଦିଆଯାଇଛି ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । କିନ୍ତୁ ତାହା କାଗଜ କଲମରେ ଥିବା ଭଳି ମନେ ହେଉଛି । ଭଞ୍ଜନଗର ବ୍ଲକ ଦଦରାଲୁଣ୍ଡା ପଞ୍ଚାୟତ ମିଟ୍ରିକିଆ, ତଡ଼ମା ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପହଞ୍ଚି ପାରିନାହିଁ। ଏହିଭଳି ପରିସ୍ଥିତିରେ ରବିବାର ହେଲ୍ପ ଇଣ୍ଡିଆ ପକ୍ଷରୁ ମିଟ୍ରିକିଆ ଗ୍ରାମରେ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଛି। କିଛିଦିନ ପୂର୍ବେ ଉକ୍ତ ଗ୍ରାମକୁ ହେଲ୍ପ ଇଣ୍ଡିଆ ପରିବାରର ସଦସ୍ୟମାନେ ବୁଲିବାକୁ ଯାଇଥିଲେ। ପାହାଡ଼ ଘେର ମଧ୍ୟରେ ଥିବା ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସେବା ପହଞ୍ଚି ନଥିବା କର୍ମକର୍ତ୍ତାମାନେ ଜାଣିବା ପରେ ସୋମବାର ସୋଲାର ଲାଇଟ ବ୍ୟବସ୍ଥା କରିଥିଲେ। ଏହି ସମୟରେ ଜିଲା ସଭାପତି ଶିବ ଶଙ୍କର ପ୍ରଧାନ, ପ୍ରତିଷ୍ଠାତା ପ୍ରଶାନ୍ତ ମହାନ୍ତି, ମୁଜାଗଡ଼ ସରପଞ୍ଚ ଶିବ ଶଙ୍କର ପ୍ରଧାନ, ମୁଜାଗଡ଼ ସଦସ୍ୟ ବଳରାମ ସାହୁ, ଦିପୁ ଡାକୁଆ, ସରୋଜ ବିଷୋୟୀ, ଅଜୟ ନାୟକ, ଲିପୁ ଡାକୁଆ, ମଣ୍ଟୁ ନାୟକ, ନାରାୟଣ ନାୟକ, ଜଗନ୍ନାଥ ପ୍ରଧାନ, ଆଶିଷ ଗୌଡ଼,ବାପି, ସୁଶିଲ, ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ତଡ଼ମା ଗ୍ରାମରେ ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଗ୍ରାମରେ ମଧ ବିଦ୍ୟୁତ୍ ଏବଂ ଶିକ୍ଷା ବ୍ୟବସ୍ଥା ନଥିବାରୁ ଚଳିତ ମାସ ଶେଷ ସୁଧା ସୋଲାର ଲାଇଟ୍ ବ୍ୟବସ୍ଥା କରାଯିବ। ଏଥିସହ ଜଣେ ବେସରକାରୀ ଶିକ୍ଷକଙ୍କୁ ଶିକ୍ଷାଦାନ ପାଇଁ ସଙ୍ଗଠନ ପକ୍ଷରୁ ପଦକ୍ଷେପ ନିଆଯାଉଛି ।

## ଜିଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥିଙ୍କ ଦ୍ୱାରା ବିଜେତା ଦଳକୁ ପୁରସ୍କୃତ କରାଯାଉଛି ।

ବଲସକୁମ୍ପା,୧୪।୧୨

ଖଜୁରିପଡ଼ା ବ୍ଲକ୍ ଦୁତିମେଣ୍ଡି ଗ୍ରାମ ପଞ୍ଚାୟତ ଅଧୀନ ସମ୍ବେପଦର ବାବା ସୋମନାଥ ଯୁବକ ସଂଘ ତରଫରୁ ଜିଲା ସ୍ତରୀୟ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କନ୍ଧମାଳ ଜିଲାର କୋଣ ଅନୁକୋଣରୁ ବଛା ବଛା ଟିମ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦୁଇ ଦିନିଆ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଫୁଲବାଣୀ ଦଳ ବିଜେତା ହୋଇଥିବା ବେଳେ ଫିରିଙ୍ଗିଆ ଦଳ ଉପବିଜେତା ହୋଇଥିଲା ଏବଂ ବଉଦ ଜିଲା ଶାନ୍ତି ଶୃଙ୍ଖଳା ଟିମ୍ ଭାବେ ମନୋନୀତ ହୋଇଥିଲେ। ଉକ୍ତ ପ୍ରତିଯୋଗିତାକୁ ମଧୁସୂଦନ ବେହେରା (ରୁନା) ଏବଂ ପ୍ରଶାନ୍ତ ସାହୁ ମୁଖ୍ୟ ପରିଚାଳନା କରିଥିବା ବେଳେ ଯଶବନ୍ତ ନାରାୟଣ ସାହୁ, ଗଗନ ମଲ୍ଲିକ, ଶୁଭ୍ରାଂଶୁ ଶେଖର ନାୟକ ଏବଂ ବାଦଲ ସେଠୀ ସହଯୋଗ କରିଥିଲେ। ଖେଳଟିକୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶମହେନ୍ଦ୍ରନାଥ ମୁର୍ମୁ ଉଦ୍‌ଘାଟନ କରିଥିବା ବେଳେ ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ଖଜୁରିପଡ଼ା ବିଡିଓ ରବୀନ୍ଦ୍ରନାଥ କହଁର ଯୋଗଦେଇ ସମ୍ମାନିତ ଅତିଥି ଭାବେ ଅନନ୍ତ କୁମାର ଦିଗାଲ, ଖବରଦାତା ବିଦୁର ବେହେରା, ସମୀର ପ୍ରସାଦ ଝାଙ୍କର ଯୋଗଦେଇଥିଲେ। ପ୍ରତିଯୋଗିତାରେ କମିଟି ତରଫରୁ ବିଜେତା ଦଳକୁ ପୁରସ୍କାର ରାଶି ୩୩୦୧ ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଦଳକୁ ପୁରସ୍କାର ରାଶି ୩୦୦୦ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

## ଜଳ ସମ୍ପଦ ଯନ୍ତ୍ରୀଙ୍କ କୃଷ୍ଣସାଗର ଜଳ ଭଣ୍ଡାର ଅନୁଧ୍ୟାନ

କାଶୀନଗର,୧୪।୧୨(ଡି.ଏନ.ଏ.)

ଗଜପତି ଜିଲାର କୃଷି ଓ କୃଷକର ହିତ ନିମନ୍ତେ ବିଭିନ୍ନ ଜଳଭଣ୍ଡାର ସୀତାସାଗର, ରାମ ସାଗର, କୃଷ୍ଣ ସାଗର ବଡ଼ ବଡ଼ ଜଳଭଣ୍ଡାର ମାନ ନିର୍ମାଣ କରିଥିଲେ ପାରଳା ମହାରାଜା। କାଶୀନଗର ବଡ଼ ଜଳଭଣ୍ଡାର ତଥା ଭାତହାଣ୍ଡି କୃଷ୍ଣ ସାଗରର ପୁନରୁଦ୍ଧାର ନିମନ୍ତେ ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଲିଙ୍ଗରାଜ ଗୌଡ଼, ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର, ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଅଧୀକ୍ଷଣ ଯନ୍ତ୍ରୀ ଯାମିନୀକାନ୍ତ ଦାସ ପ୍ରମୁଖ ଉକ୍ତ ସାଗର ନିକଟରେ ମଙ୍ଗଳବାର ପହଞ୍ଚି ପୁନରୁଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି।

## ବିଜେଡିର ସାଙ୍ଗଠନିକ ବୈଠକ

ପୋଲସରା,୧୪।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ପୋଲସରା ବ୍ଲକ ମହାଲିଙ୍ଗେଶ୍ୱର ଶୈବପୀଠରେ ମଙ୍ଗଳବାର ବିଜେଡିର ସାଙ୍ଗଠନିକ ବୈଠକ କଣଛାଇ ସରପଞ୍ଚ ପାଣ ନାହାକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଣଛାଇ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ଓ ବିଜେଡି ଆଗାମୀ ପଞ୍ଚାୟତ ନିର୍ବାଚନରେ କିଭଳି ବିଜୟୀ ହେବ ସେଥିନେଇ ଆଲୋଚନା ହୋଇଥିଲା। ଦୀର୍ଘ ବର୍ଷ ହେବ କଣଛାଇ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟାଳୟଟିଏ ମଧ୍ୟ ନ ଥିଲା। ତାହା ସାକାର ହୋଇଛି ବୋଲି କଣଛାଇ ଗ୍ରାମର ଜୁରିଆ ଗୌଡ଼, ହାତୀପାଦପଲ୍ଲୀର ସୁବାସ ନାହାକ, ଶିବରାମ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ପ୍ରକାଶ କରିଥିଲେ।

# ଗାଈଙ୍କୁ ଫାଟୁଆ ରୋଗ



ଶୀତଦିନରେ ଗାଈଙ୍କଠାରେ ଭୂତାଣୁ ଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ। ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏସମୟରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ। ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଏବଂ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ। ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଅଁଡ଼ାର ବନ୍ଦୋବସ୍ତ କଲେ ଛେଳିଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ। ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ।

# ଫଳ ଗଛର ଯତ୍ନ



ଅମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ। ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହ କରି ଠିକ୍ ଭାବରେ ଗାତ କରି ଲଗାନ୍ତୁ। ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲିଜାଗା ପୂରଣ କରନ୍ତୁ। ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ।

# ସୂର୍ଯ୍ୟମୁଖୀ ବିହନ ବୁଣୁଥିଲେ...



ସୂର୍ଯ୍ୟମୁଖୀର ଉନ୍ନତ କିସମ ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ଲାଗି ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଉନ୍ନତ କିସମ ସକାଶେ ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ପାଇଁ ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ। ଏହାର ଉନ୍ନତ କିସମଗୁଡ଼ିକ ମଧ୍ୟରେ ରହିଛି ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା– କେ.ବି.ଏସ୍.ଏଚ୍.–୧, କେ.ବି.ଏସ୍.ଏଚ୍.–୪୪, ପି.ଏ.ସି.–୩୬, ଏମ୍.ଏସ୍.ଏଫ୍.ଏଚ୍.–୮ ଏବଂ ଜ୍ୱାଳାମୁଖୀ। ଉନ୍ନତ କିସମ ଲାଗି ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ। ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନ କରି ବୁଣନ୍ତୁ।

# ଅମଳ ବୃଦ୍ଧି ପାଇଁ ଲୁଣା ମାଟି ପରିଚାଳନା

**ଡ. ରବୀନ୍ଦ୍ର କୁମାର ନାୟକ**

"ମାଟିରେ ଲବଣ ଅଂଶ ଅଧିକ ହେଲେ ମାଟିର ଗଠନ ବାଧାପ୍ରାପ୍ତ ହୁଏ। ମାଟିର ଛିଦ୍ରର ଆକାର ଓ ପ୍ରକାରରେ ପରିବର୍ତ୍ତନ ଫଳରେ ଜଳ, ବାୟୁ, ଖାଦ୍ୟ ଉତ୍ପାଦନ ଓ ଫସଲ ଚେର ବୃଦ୍ଧିରେ ଅସୁବିଧା ହୁଏ। ଖରା ଓ ଶୀତଦିନିଆ ଫସଲ ଆବଶ୍ୟକ ପରିମାଣର ଜଳ ପାଇପାରେ ନାହିଁ। ଫସଲକୁ ଖାଦ୍ୟ ଉପାଦାନ ସନ୍ତୁଳିତ ପରିମାଣରେ ମିଳିବାରେ ସମସ୍ୟା ସୃଷ୍ଟି ହୁଏ"



ଅଧିକ ପରିମାଣର ଲୁଣ ଥାଇ ଫସଲ ବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରୁଥିବା ମାଟିକୁ ଲୁଣିମାଟି କୁହାଯାଏ। ଆମ ରାଜ୍ୟର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ



ଯଥା ବାଲେଶ୍ୱର, ଭଦ୍ରକ ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାରେ ପ୍ରାୟ ୨ ଲକ୍ଷ ୫୪ ହଜାର ହେକ୍ଟର ଜମିରେ ଲୁଣିମାଟି ଦେଖାଯାଏ। ବଙ୍ଗୋପସାଗର, ଚିଲିକା ହ୍ରଦ ଏବଂ ସମୁଦ୍ରତଟ, ନଦୀ ଓ ନାଳ କୂଳରେ ଏ ପ୍ରକାର ମାଟି ଦେଖାଯାଏ।

ଲୁଣିପାଣି ଚାଷ ଜମିରେ ମାଡ଼ିଯିବା ଫଳରେ ମାଟିରେ ଲୁଣ ଜମିଯାଏ। ପ୍ରକୃତିରେ ଏହି ପ୍ରକ୍ରିୟା ହଜାର ହଜାର ବର୍ଷ ଧରି ଚାଲିଅଛି। ସମୁଦ୍ର କୂଳିଆ ଅଞ୍ଚଳରେ ବନ୍ଧ, ରାସ୍ତା, କେନାଲ ଇତ୍ୟାଦି ନିର୍ମାଣ ଫଳରେ ସମୁଦ୍ର ଜୁଆର ପାଣି ଜମିରେ ମାଡ଼ିବା ପରିମାଣ କମିଲାଣି। କିନ୍ତୁ ଏହି ଅଞ୍ଚଳରେ ନଳକୂପ ଓ ଗଭୀର ନଳକୂପ ମାଧ୍ୟମରେ ଉଠାଜଳସେଚନ ଦ୍ୱାରା ଭୂଗର୍ଭସ୍ଥ ଜଳରେ ଥିବା ଲୁଣ ମାଟି ଉପର ସ୍ତରକୁ ଚାଲି ଆସୁଛି। ସେହିପରି ଖାଲ ଜମିରେ ସେଚିତ ଜଳରେ ଥିବା ଲୁଣ ସଞ୍ଚୟ ହୋଇ କିଛି ବର୍ଷ ପରେ ଲୁଣି ମାଟିରେ ପରିବର୍ତ୍ତିତ ହେଉଛି।

ମାଟିରେ ଲୁଣ ପରିମାଣ ଅଧିକ ହେଲେ ମାଟିର ଗଠନ ବାଧାପ୍ରାପ୍ତ ହୁଏ। ମାଟିର ଛିଦ୍ରର ଆକାର ଓ ପ୍ରକାରରେ ପରିବର୍ତ୍ତନ ଫଳରେ ଜଳ, ବାୟୁ, ଖାଦ୍ୟ ଉତ୍ପାଦନ ଓ ଫସଲ ଚେର ବୃଦ୍ଧିରେ ଅସୁବିଧା ହୁଏ। ଖରା ଓ ଶୀତଦିନିଆ ଫସଲ ଆବଶ୍ୟକ ପରିମାଣର ଜଳ ପାଇପାରେ ନାହିଁ। ଫସଲକୁ ଖାଦ୍ୟ ଉପାଦାନ ସନ୍ତୁଳିତ ପରିମାଣରେ ମିଳେନାହିଁ। ଫଳରେ ଅମଳ କମିଯାଏ, ଉତ୍ପାଦର ମାନ ହ୍ରାସ ପାଏ। କେତେକ ଫସଲ ଆଦୌ ଲୁଣାମାଟିରେ ହୋଇପାରେ ନାହିଁ। ମଞ୍ଜି ଗଜା ହୁଏ ନହିଁ।

**ଲୁଣି ମାଟିର ପରିଚାଳନା:**

ମାଟି ଏକ ଅମୂଲ୍ୟ ପ୍ରାକୃତିକ ସମ୍ପଦ। ଲୁଣି ମାଟିରେ ଫସଲ ଖାଦ୍ୟ ଉପାଦାନ ଗଚ୍ଛିତ ହୋଇଥାଏ। କିନ୍ତୁ ଲୁଣର ପ୍ରଭାବରେ ଏହା ଫସଲକୁ ଠିକ୍ ଭାବରେ ମିଳିପାରେ ନାହିଁ। ସୁତରାଂ ବିଭିନ୍ନ ଉପାୟରେ ଲୁଣର ପ୍ରଭାବ କମାଇଲେ ଏ ପ୍ରକାର ମାଟିରୁ ଭଲ ଅମଳ ମିଳିପାରିବ। ଏଠାରେ ଏସମ୍ପର୍କିତ କେତେକ ଉପାୟ ଉଲ୍ଲେଖ କରାଯାଇଅଛି।

**ଆଡ଼ିବନ୍ଧ ନିର୍ମାଣ:** ସମୁଦ୍ର, ହ୍ରଦ ବା ଜୁଆରିଆ ନଦୀ କୂଳରେ ଆଡ଼ିବନ୍ଧ, ରାସ୍ତା ଇତ୍ୟାଦି ନିର୍ମାଣ କଲେ ଲୁଣିଆ ପାଣି ସହଜରେ ଚାଷ ଜମିକୁ ପଶିପାରିବ ନାହିଁ।

- ପ୍ରତି ବିଲ/କ୍ଷେତ ଚାରିପଟେ ୧ ଫୁଟ୍ ଉଚ୍ଚର ହିଡ଼ ପ୍ରତ୍ୟେକ ବର୍ଷ ଦେବା ବା ମରାମତି କରିବା ଜରୁରୀ। ଏହା ଫଳରେ ବର୍ଷାଜଳ ବାନ୍ଧିହୋଇ ରହିବ ଓ ଲୁଣା ପାଣି ଜମି ଭିତରକୁ ପ୍ରବେଶ କରିପାରିବ ନାହିଁ।
- ନଦୀ ଓ ନାଳରେ ସ୍ଲୁଇସ୍‌ଗେଟ୍ ବସାଇବା ଆବଶ୍ୟକ। ଏହାଦ୍ୱାରା ଜୁଆର ସମୟରେ ଗେଟ୍ ବନ୍ଦ କରି ଲୁଣି ପାଣିକୁ ଜମି ଭିତରକୁ ପଶିବା ନିଷେଧ କରାଯାଇପାରିବ।
- ଶୀତ କିମ୍ବା ଖରାବେଳେ ମାଟି ଉପରେ ଠାଏ ଠାଏ ଜମା ହୋଇଥିବା ଲୁଣକୁ କ୍ଷେତ ବାହାରକୁ ନେଇଯିବା ଆବଶ୍ୟକ।
- ଖରାଟିଆ ଚାଷ କରିବା ଦରକାର, ଫଳରେ ଖରାଦିନେ ଭୂଗର୍ଭସ୍ଥ ଜଳରେ ଥିବା ଲୁଣ ବାଷ୍ପିଭବନ ପ୍ରଭାବରେ ମାଟିର ଉପର ସ୍ତରକୁ ଆସିପାରି ନ ଥାଏ। ଅଧିକନ୍ତୁ , ଚାଷଜମି ଅଧିକ ବର୍ଷା ଜଳକୁ ଧରିରଖେ। ଫଳରେ ଲୁଣ ପରିମାଣ କମ୍ ହୋଇଥାଏ।
- ଏକରକୁ ୫ କୁଇଣ୍ଟାଲ ଶଢ଼ା ଗୋବର ଖତ ପ୍ରୟୋଗ କରିବା ଆବଶ୍ୟକ। କାଦୁଅ ହଳ ସମୟରେ ମାଟିରେ ୪–୫ କୁଇଣ୍ଟାଲ କଞ୍ଚା ତେନ୍ତୁଳିପତ୍ର, କଦଳୀପତ୍ର, ଆଜୋଲା କିମ୍ବା ଅନ୍ୟାନ୍ୟ ପତ୍ର ବ୍ୟବହାର କରାଯାଇପାରେ।
- ଧାନ ଚାଷ ପାଇଁ ଏକରକୁ ୧୦ କିଲୋ ଧନିଚା ମଞ୍ଜି ବୁଣି ୪୫ ଦିନ ପରେ ମାଟିରେ ମିଶାଇଲେ ଲୁଣା ଅଂଶ କମ୍ ହୁଏ।
- ଏକରକୁ ୨–୩ କିଲୋ ନୀଳହରିତ୍ ଶୈବାଳ ଧାନ ରୋଇବା ସମୟରେ ବ୍ୟବହାର କରାଯାଇପାରେ।
- ଜୀବାଣୁ ସାର ଫସ୍‌ଫରସ ଦ୍ରବକ+ ରାଇଜୋବିୟମ୍/ଆଜୋଟୋବ୍ୟାକ୍ଟର +ଜିଆଖତ ୧:୧:୧୦ ଅନୁପାତରେ ଏକରକୁ ୨ କୁଇଣ୍ଟାଲ ହିସାବରେ ପ୍ରୟୋଗ କରାଯିବା ଦରକାର।
- ଖରାଦିନେ /ଶୀତ ଦିନେ ଉଚ୍ଚା ସିଆରରେ ଫସଲ ଲଗାଇବା ଜରୁରୀ। ଫଳରେ ଲୁଣା ପ୍ରଭାବରୁ ଫସଲର ଚେର ରକ୍ଷା ପାଇଥାଏ।



- ଦୁଇହୁଡ଼ା ମଝିରେ ୨–୩ ମିଟର ବ୍ୟବଧାନରେ ମାଟି ମାଠିଆ ପୋତି ପାଣି ଦେଲେ, ମଧୁର ପାଣି ପ୍ରଭାବରେ ଲୁଣ ଅଂଶ କମ୍ ହୁଏ ଓ ଫସଲ ଭଲ ବଢ଼ିଥାଏ।
- ପାକଳ ତଳି (୩୦–୪୬୫ ଦିନର) ଧାନ ରୋଇଲେ ଏହା ଲୁଣି ଅବସ୍ଥାକୁ ଅଧିକ ସହିପାରେ।
- ଲୁଣି ସହଣୀ ଧାନ କିସମ ଯଥା: ଲୁଣା ସଖି, ଲୁଣା ସମ୍ପଦ, ଲୁଣା ବରିହା, ଲୁଣା ସୁବର୍ଣ୍ଣ, ଲୁଣିଶ୍ରୀ, ଗେଟୁ, ମାଛକଣ୍ଟା, ପାଟେଣୀ ଇତ୍ୟାଦି ଧାନ ଚାଷ କଲେ ଅଧିକ ଅମଳ ମିଳିଥାଏ।
- ଶୀତ/ଗ୍ରୀଷ୍ମ ଋତୁରେ ଲୁଣି ସହଣୀ ଫସଲ ଯଥା ବୁଟ, ମକା, ଗହମ, ବାଜରା, ଫେସି, ଅଳସୀ, କୁସୁମୀ, ପୋଇ, ଓଲକୋବି, ଗାଜର, ମୂଳା, ଟମାଟୋ, ଲଙ୍କା ଓ କଲରା ଇତ୍ୟାଦି ଚାଷ କରାଯାଇପାରେ।
- ଲୁଣ ଅଂଶ କମ୍ କରିବା ପାଇଁ ଏକରକୁ ୧ କୁଇଣ୍ଟାଲ ଜିପସମ୍ ପ୍ରୟୋଗ କରିବା ଜରୁରୀ।

ଏପରି ଉପାୟରେ ଚାଷକଲେ ଲୁଣା ଜମିରୁ ମଧ୍ୟ ଅଧିକ ଅମଳ ମିଳିଥାଏ। ତା' ସହ ଚାଷୀ ଅଧିକ ଲାଭ ମଧ୍ୟ ପାଇଥାଏ।

–ପ୍ରାଧ୍ୟାପକ, ମୃତ୍ତିକା ବିଜ୍ଞାନ ବିଭାଗ
ଓୟୁଏଟି, ଭୁବନେଶ୍ୱର

# ନୂଆ ପରିଚୟ ଦେଇଛି ଧନିଆ ଚାଷ

**ସଫଳ ଚାଷୀ**
**ବିନେଶ ବେହେରା**

କେନ୍ଦୁଝର ଜିଲା ସଦର ବ୍ଲକ ଟିକରପଡା ଗ୍ରାମର ବିନେଶ ବେହେରା। ପତ୍ନୀ ସରୋଜିନୀ ଓ ଛୋଟପୁଅ ବର୍ଷିକୁ ନେଇ ତାଙ୍କର ସଂସାର। ବହୁଦିନରୁ ବିନେଶଙ୍କ ବାପା ଲୋଚନ ବେହେରା ନିଜର ଗ୍ରାମ ନିକଟରେ ଥିବା ୪ ଏକର ଜମିରେ ଚାଷ କାର୍ଯ୍ୟ କରି ପରିବାର ଚଳାଉଥିଲେ। ଏହି ଚାଷ କାର୍ଯ୍ୟରେ ବିନେଶ ତାଙ୍କୁ ସାହାଯ୍ୟ କରୁଥିଲେ । ତେବେ ଗତବର୍ଷଠାରୁ ବିନେଶ ଅଳ୍ପ କିଛି ଜମିରେ ଧନିଆ ଚାଷ କରି କିଛି ରୋଜଗାର କରିଥିଲେ। କିନ୍ତୁ ଚଳିତ ବର୍ଷ ନିଜ ୪ ଏକର ଜମିରେ ଅତ୍ୟାଧୁନିକ ପ୍ରଣାଳୀରେ ଧନିଆ ଚାଷ କରିଛନ୍ତି। ତା' ସହ ନିଜ ଗ୍ରାମର ଅନ୍ୟମାନଙ୍କଠାରୁ ୪ ଏକର ଜମି ଲିଜ୍‌ରେ ଆଣି ବନ୍ଧାକୋବି, ଫୁଲକୋବି, ବାଇଗଣ ଓ ବିଲାତି ମଧ୍ୟ ଚାଷ କରିଛନ୍ତି। ଏ ସମ୍ପର୍କରେ ବିନେଶ କହନ୍ତି, 'ଚଳିତ ବର୍ଷ ପ୍ରାୟ ଦେଢ଼ କୁଇଣ୍ଟାଲ ଧନିଆ ବିହନ କିଣି ୪ ଏକର ଜମିରେ ବୁଣିଥିଲି। ଏହି ଚାଷ ପାଇଁ ପ୍ରାୟ ୬୦/୭୦ଜଣ ଶ୍ରମିକଙ୍କୁ ନିୟୋଜିତ କରିଥିଲି। ଚଳିତ ବର୍ଷ ନଭେମ୍ବର ଦ୍ୱିତୀୟ ସପ୍ତାହରେ ପ୍ରଥମ ଥର ଧନିଆପତ୍ର



ଅମଳ କରି ପ୍ରାୟ ୪୫ହଜାର ଟଙ୍କାରେ ବିକ୍ରି କରିଥିଲି। କଟକର ଛତ୍ରବଜାର, ଭଦ୍ରକ, ବାଲେଶ୍ୱର ଆଦି ଅଞ୍ଚଳର ବ୍ୟବସାୟୀ ମୋ ନିକଟରୁ ଧନିଆପତ୍ର କ୍ରୟ କରିଥାଆନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୦କୁଇଣ୍ଟାଲ ଧନିଆପତ୍ର ତୋଳାଯାଇ କିଲୋ ପ୍ରତି ଆନୁମାନିକ ୫୦ଟଙ୍କାରେ ବିକ୍ରି ସରିଛି। ପ୍ରାୟ ଆହୁରି ୧୦୦ କୁଇଣ୍ଟାଲ ପାଖାପାଖି ଧନିଆପତ୍ର ଅମଳ ହେବାର ଲକ୍ଷ୍ୟ ରହିଛି। ତେବେ ମଝିରେ ମଝିରେ ବର୍ଷା ଧନିଆପତ୍ର ଚାଷରେ ବାଧକ ସାଜିଛି। ହେଲେ ମନୋବଳକୁ ଦୃଢ଼ କରି ମୋ ଲକ୍ଷ୍ୟ ପଥରେ ଆଗେଇ ଚାଲିଛି।' ଅନ୍ୟପକ୍ଷରେ ବନ୍ଧାକୋବି, ଫୁଲକୋବି, ବିଲାତି, ବାଇଗଣ ପ୍ରଭୃତି ବିକ୍ରି କରି ନିଜକୁ ଆତ୍ମନିର୍ଭରଶୀଳ କରିପାରିଛନ୍ତି ସେ। ତେବେ ଉନ୍ନତ ପ୍ରଣାଳୀରେ ଧନିଆ ପତ୍ର ଚାଷ ବିନେଶଙ୍କୁ ସ୍ଥାନୀୟ ଅଞ୍ଚଳରେ ଏକ ନୂଆ ପରିଚୟ ଦେଇଛି। କେବଳ ସେତିକି ନୁହେଁ ଚାଷ କ୍ଷେତ୍ରରେ ଏହି ଅଞ୍ଚଳରେ ସେ ଯୁବପିଢ଼ିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

– ଦୀପକ ମିଶ୍ର

# ଚାଷୀଙ୍କ ପାଇଁ...



- ଆମ୍ବ ବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ ରୁ ୧୫ ଦିନ ପୂର୍ବରୁ ୦.୩ ମି.ଲି. ଇମିଡ଼ାକ୍ଲୋପ୍ରିଡ୍‌କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ। ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହିତ ଆଉଥରେ ସିଞ୍ଚନ କରନ୍ତୁ। ଅଷ୍ଟପଦୀରୁ ରକ୍ଷା ପାଇବା ପାଇଁ ୨୦ ଗ୍ରାମ୍ ସଲ୍‌ଫେକ୍ସ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ପିଆଜ ତଳିଗୁଡ଼ିକ ୧୨–୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ। ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରି ପଟାଳି ପ୍ରସ୍ତୁତ କରନ୍ତୁ ।
- ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ।
- ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ। ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଆବଶ୍ୟକ। ଆଖୁ ଗଛକୁ ଏକ ଧାରୁଆ କଟୁରିରେ ଭୂମି ପତନ ସହ ସମାନ କରି କାଟି ଦିଅନ୍ତୁ।

# ଡାଲିଜାତୀୟ ଫସଲରେ ସାର ପ୍ରୟୋଗ

ମୁଗ, ବିରି ଓ ବୁଟ ଲାଗି ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ। ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ। ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍–ପି–କେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ। ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ସମ୍ଭାବନା ଅଛି। ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ। ମଟର ଓ ବୁଟର ଝାଉଁଳା ରୋଗର ଦମନ ଲାଗି ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଚିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନା ଜୋଲ ମିଶାଇ ସିଞ୍ଚନ କରନ୍ତୁ।



ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ସକାଶେ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ। ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ। ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ।

# କପାରେ ବକରା ପୋକ ଦମନ

କପାରେ ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ତା' ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ। ପ୍ରଥମ ଥର ଏବଂ ପ୍ରତିଥର ତୋଳା ଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ବୁଧବାର, ଡିସେମ୍ବର ୧୫/୨୦୨୧ Berhampur, Wednesday, December 15/ 2021

# କୋରିଆ ସହ ଡ୍ର ରଖିଲା ଭାରତ



ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଢାକା, ୧୪।୧୨ (ପି.ଟି.):** ଗତଥରର ଚାମ୍ପିୟନ ଭାରତ ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ନିଜର ପ୍ରଥମ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଅନୁଷ୍ଠିତ ଭାରତ-ଦକ୍ଷିଣ କୋରିଆ ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା। ଭାରତ ପ୍ରଥମାର୍ଦ୍ଧରେ ମ୍ୟାଚକୁ

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ନିୟନ୍ତ୍ରଣରେ ରଖିଥିବାବେଳେ କୋରିଆ ଦ୍ୱିତୀୟାର୍ଦ୍ଧରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ବୁଧବାର ବାଂଲାଦେଶ ବିପକ୍ଷରେ ଖେଳିବ।

ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ସଫଳତାପରେ ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଖେଳୁଥିବା ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ମ୍ୟାଚର ୪ର୍ଥ ମିନିଟରେ ଲଳିତ ଉପାଧ୍ୟାୟ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ୧୮ତମ ମିନିଟରେ ହରମନପ୍ରୀତ ସିଂ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଚାପର ବଶବର୍ତ୍ତୀ ହେବାସତ୍ତ୍ୱେ କୋରିଆ ଲଢୁଆ ପ୍ରଦର୍ଶନ କରି ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳ ପକ୍ଷରୁ ଜୋଙ୍ଗୟୁନ ଜାଙ୍ଗ ୪୧ ଏବଂ ଶୁଙ୍ଗୟୁନ କିମ୍ ୪୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମାଲେସିଆର ଜଣେ ଖେଳାଳି କରୋନା ଭାଇରସରେ ସଂକ୍ରମିତ ହେବାପରେ ଏହି ଦଳ ୨ ଦିନ ପୂର୍ବରୁ ଟୁର୍ନାମେଣ୍ଟରୁ ଓହରି ଯାଇଥିଲା। ମାଲେସିଆ ଓହରି ଯିବାପରେ ଟୁର୍ନାମେଣ୍ଟ ଏବେ ୫ ଦଳ ବିଶିଷ୍ଟ ହୋଇ ଯାଇଛି। ଭାରତ ଓ କୋରିଆକୁ ଛାଡ଼ିଦେଲେ ଟୁର୍ନାମେଣ୍ଟର ଅନ୍ୟ ୩ ଦଳ ହେଲେ ଆୟୋଜକ ବାଂଲାଦେଶ, ପାକିସ୍ତାନ ଓ ଜାପାନ।

# ଛୁଟି ପାଇଁ ଆବେଦନ କରିନାହାନ୍ତି କୋହଲି

**ନୂଆଦିଲ୍ଲୀ, ୧୪।୧୨ (ପି.ଟି.):** ଆସନ୍ତା ଦକ୍ଷିଣ ଆଫ୍ରିକା ଟୁର୍ ସମୟରେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ନ ଖେଳି ଟେଷ୍ଟ ଅଧିନାୟକ ବିରାଟ କୋହଲି ଛୁଟିରେ ଯାଇପାରନ୍ତି ବୋଲି ଯାହା ଶୁଣିବାକୁ ମିଳୁଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ତାହାକୁ ଖଣ୍ଡନ କରିଛନ୍ତି। କୋହଲି ଏପର୍ଯ୍ୟନ୍ତ ଛୁଟି ପାଇଁ ଅନୁରୋଧ କରି ନ ଥିବା ସେ କହିଛନ୍ତି। କୋହଲିଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହା ଡିସେମ୍ବର ୨୬ରେ ସେଞ୍ଚୁରିଅନରେ ଆରମ୍ଭ ହୋଇ ଜାନୁୟାରୀ ୧୫ରେ କେପ୍ ଟାଉନ୍‌ଠାରେ ତୃତୀୟ ଓ ଫାଇନାଲ ଟେଷ୍ଟ ସହ ସିରିଜ ଶେଷ ହେବ। ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଜାନୁୟାରୀ ୧୯ରୁ ଆରମ୍ଭ ହେବ। ବାମ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରୀ ଦର୍ଶାଇ ଉପଅଧିନାୟକ ରୋହିତ ଶର୍ମା ଟେଷ୍ଟ ସିରିଜରୁ ଓହରି ଯାଇଛନ୍ତି। ଖବର ଅନୁସାରେ ଟେଷ୍ଟ ସିରିଜ ପରେ କୋହଲି ନିଜ ପରିବାର ସହ ଛୁଟି କଟାଇବାକୁ ଚାହୁଁଛନ୍ତି। ହେଲେ ଦିନିକିଆ ସିରିଜରୁ ଓହରିଯିବା ଲାଗି ସେ ଏପର୍ଯ୍ୟନ୍ତ ଅନୁଷ୍ଠାନିକ ଭାବେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କିମ୍ବା ସମ୍ପାଦକ ଜୟ ଶାହାଙ୍କ ନିକଟକୁ କୌଣସି ଆନୁଷ୍ଠାନିକ ଅନୁରୋଧ ପତ୍ର ଲେଖି ନ ଥିବା ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା କହିଛନ୍ତି।

# ଓଡ଼ିଶା ଏଫ୍‌ସିର ଦ୍ୱିତୀୟ ପରାଜୟ

**ଭାସ୍କୋ, ୧୪।୧୨:** ତିଳକ ମୈଦାନ ଗ୍ରାଉଣ୍ଡରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ) ମ୍ୟାଚରେ ଜାମସେଦପୁର ଏଫ୍‌ସି ୪-୦ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସିର ୫ ମ୍ୟାଚରୁ ଏହା ଦ୍ୱିତୀୟ ପରାଜୟ। ବିଜୟୀ ଦଳ ପକ୍ଷରୁ ଗ୍ରେଗ୍ ଷ୍ଟିୱାର୍ଟ ୪, ୨୧ ଓ ୩୫ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ପିଟର ହାର୍ଟଲେ ୩ୱ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଏହି ପରାଜୟ ସହ ଓଡ଼ିଶା ଏଫ୍‌ସି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଖସିଛି। ଅନ୍ୟପକ୍ଷରେ ଜାମସେଦପୁର ୬ ମ୍ୟାଚରୁ ୩ୟ ବିଜୟ ସହ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

# ସିମୋନ ବାଇଲ୍ସ ଆଥ୍‌ଲେଟ ଅଫ୍ ଦି ଇୟର



**ନ୍ୟୁୟର୍କ, ୧୪।୧୨ (ଏପି):** ସିମୋନ ବାଇଲ୍ସ ଟାଇମ୍ସ ୨୦୨୧ ଆଥ୍‌ଲେଟ୍ ଅଫ ଦି ଇୟର ବିବେଚିତ ହୋଇଥିବା ମାଗାଜିନ ତରଫରୁ ଘୋଷଣା କରାଯାଇଛି। ନିକଟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଜିମ୍ନାଷ୍ଟ ତାଙ୍କ ମାନସିକ ସ୍ୱାସ୍ଥ୍ୟ ଭଲ ରଖିବାକୁ ଯାଇ ଟୋକିଓ ଅଲିମ୍ପିକ୍ସରେ ୪ଟି ଇଭେଣ୍ଟର ଫାଇନାଲରୁ ଓହରିଯାଇଥିଲେ। ୪ଥର ଅଲିମ୍ପିକ ପଦକ ବିଜୟିନୀ ୨୪ ବର୍ଷୀୟା ବାଇଲ୍ସ ଏହା ସତ୍ତ୍ୱେ ଟୋକିଓ ଗେମ୍ସରେ ଏକ ଟିମ୍ ଅଲରାଉଣ୍ଡ ରୌପ୍ୟ ଏବଂ ବାଲାନ୍ସ ବିମ୍‌ରେ ଏକ ବ୍ରୋଞ୍ଜ ପାଇଥିଲେ। ଏହାର ମାସକ ପରେ ସେ ୟୁଏସ୍ ସିନେଟରେ ଏକ ଶୁଣାଣି ସମୟରେ ଆମେରିକାର ପୂର୍ବତନ ଜିମ୍ନାଷ୍ଟିକ୍ ଡାକ୍ତର ଲାରି ନାସାରଙ୍କ ଯୌନ ଶୋଷଣ ସ୍କାଣ୍ଡାଲର ଭାବପ୍ରବଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ବାଇଲ୍ସଙ୍କ ସମେତ ଶତାଧିକ ଆଥ୍‌ଲେଟ ଏଫ୍‌ବିଆଇ, ୟୁଏସଏ ଜିମ୍ନାଷ୍ଟିକ୍ସ ଓ ୟୁଏସ୍ ଅଲିମ୍ପିକ ଓ ପାରା ଅଲିମ୍ପିକ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ସେଥିରୁ କୌଣସି ସୁଫଳ ମିଳି ନ ଥିଲା।

# ପଞ୍ଜାବର ବୃହତ୍ ସ୍କୋର

**ଭୁବନେଶ୍ୱର, ୧୪।୧୨:** ପୁଣେରେ ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ଚାଲିଥିବା କୁଚ ବିହାର ଟ୍ରଫି କ୍ରିକେଟ ମ୍ୟାଚ୍ ଦ୍ୱିତୀୟ ଦିବସରେ ପହଞ୍ଚିଛି। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ମଙ୍ଗଳବାର ଦ୍ୱିତୀୟ ଦିବସରେ ୯ ଉଇକେଟରେ ୪୭୨ ରନ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ଓଡ଼ିଶା ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୯ ଓଭରରେ ଗୋଟିଏ ଉଇକେଟ ହରାଇ ୯୧ ରନ ସଂଗ୍ରହ କରିଛି। ଓଡ଼ିଶାର ଅଂଶୁମାନ ସାହୁ ୩୬ ରନକରି ଆଉଟ ହୋଇଥିବା ବେଳେ ଦୀନେଶ କୁମାର ମାଝି ୪୫ ରନକରି ଅପରାଜିତ ରହିଛନ୍ତି। ୯ ଉଇକେଟ ହାତରେ ଥାଇ ଓଡ଼ିଶା ଏବେ ୩୮୧ ରନ ପଛରେ ପଡିଛି।

# ସିନ୍ ନଦୀରେ ହେବ ଉଦ୍‌ଘାଟନୀ

**ପ୍ୟାରିସ୍, ୧୪।୧୨:** ୨୦୨୪ ପ୍ୟାରିସ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ସ୍ୱତନ୍ତ୍ର ଭାବେ ଆୟୋଜନ ହେବ। ବିଶ୍ୱପ୍ରସିଦ୍ଧ ଏଫିଲ ଟାୱାର ପଛପଟେ ସିନ୍ ନଦୀ ଉପରେ ଉଦ୍‌ଘାଟନୀ ଉତ୍ସବର ଝଲକ ଦେଖିବାକୁ ମିଳିବ। ନଦୀ ଉପତ୍ୟକାରେ ଅସ୍ତଗାମୀ ସୂର୍ଯ୍ୟ

## ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ



ଏକ ବିରାଟ ସ୍ୱର୍ଣ୍ଣ ପଦକ ସଦୃଶ ଦୃଶ୍ୟମାନ ହେଉଥିବା ବେଳେ ସିନ୍ ନଦୀ ଉପରେ ହଜାର ହଜାର ଅଲିମ୍ପିକ୍ ଆଥଲେଟମାନେ ବୋଟ୍ ଉପରେ ବସି ସୂର୍ଯ୍ୟଙ୍କ ଆଡକୁ ଅଗ୍ରସର ହେବେ। ନିଶ୍ଚିତ ଭାବେ ଏହି ଦୃଶ୍ୟ ସାରା ବିଶ୍ୱର କ୍ରୀଡ଼ା ପ୍ରଶଂସକଙ୍କୁ ବିମୋହିତ କରିବ। ସୋମବାର ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଓପନିଂ ସେରିମନି ଭିଜନ ଉନ୍ମୋଚିତ ହୋଇଛି। ଭିନ୍ନ ଭାବେ ଆୟୋଜିତ ହେବାକୁ ଥିବା ଏହି ଉଦ୍‌ଘାଟନୀ ଉତ୍ସବକୁ ନଦୀ ଉପକୂଳରେ ହଜାର ହଜାର ଦର୍ଶକ ସ୍ୱାଧୀନ ଭାବେ ମାଗଣାରେ ଦେଖିପାରିବେ ଓ ଅଲିମ୍ପିକ ଇତିହାସରେ ପ୍ରଥମଥର ପାଇଁ ଏଭଳି ହେବାକୁ ଯାଉଛି ବୋଲି ଆୟୋଜକମାନେ କହିଛନ୍ତି। ପୂର୍ବରୁ ପାରମ୍ପରିକ ଭାବେ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥାଏ। କିନ୍ତୁ ଏଥର ଏହି ଉତ୍ସବ ଷ୍ଟାଡିୟମ ବାହାରକୁ ଯିବ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି। ୨୦୨୪ ଜୁଲାଇ ୨୬ରେ ଆୟୋଜନ ହେବାକୁ ଥିବା ଏହି ଉତ୍ସବରେ ସିଟି ଅଫ୍ ଲାଇଟ୍ ଅର୍ଥାତ ପ୍ୟାରିସ୍‌କୁ ସମ୍ପୂର୍ଣ୍ଣ ଭାବେ ଚିତ୍ରଣ କରାଯିବ। ପ୍ୟାରିସର ସଂସ୍କୃତି ଓ ଲୋକମାନେ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ନଦୀ ଜଳ ଉପରେ ୨୦୦ ଦଳର ଆଥଲେଟମାନେ ଶେଷରେ ନୁହେଁ, ଉତ୍ସବ ଆରମ୍ଭରେ ପରେଡ କରିବେ। ୬ କି.ମି. ବ୍ୟାପୀ ରାସ୍ତାରେ ୬ ଲକ୍ଷ ଲୋକ ଏହାକୁ ଦେଖିବା ସହ ଉପଭୋଗ କରିବେ।


ପୁରୁଣା ଗଣ୍ଠି ଯନ୍ତ୍ରଣା କାରଣରୁ ବିବ୍ରତ ରୋଗୀମାନଙ୍କ ପାଇଁ ଭଲ ଖବର







ଡା. ଅର୍ଥୋ ହିଁ କାହିଁକି କିଣିବେ?

ସମ୍ପୂର୍ଣ୍ଣ ଭାରତରେ ମିଳିଛି ପରିଣାମ

Rajasthan — ମହମ୍ମଦ ଜାବେଦ କୁରେଶୀ, ୨୯ ବର୍ଷ ଲେଖିଛନ୍ତି ଯେ କିଛିଦିନ ତଳେ ମୋର ଆକ୍ସିଡେଣ୍ଟ ହୋଇ-ଯାଇଥିଲା। ଔଷଧ ସେବନ ବନ୍ଦ କରିବା ପରେ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ରହିବାକୁ ଲାଗିଲା। ମୁଁ ବହୁତ ଚିନ୍ତିତ ରହୁଥିଲି। ଦିନେ ମୋ ସାଙ୍ଗ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ। ମୁଁ ତାହାକୁ ବ୍ୟବହାର କଲି। ଏବେ ଯନ୍ତ୍ରଣା କ'ଣ ତାହା ମୁଁ ଭୁଲିଯାଇଛି।

Bihar — ନନ୍ଦ କିଶୋର ବିଶ୍ୱକର୍ମା, ବୟସ ୪୦ ବର୍ଷ, ଅନେକ ସମୟ ଧରି ମୁଁ ଗଣ୍ଠି ଯନ୍ତ୍ରଣା ସମସ୍ୟାରେ ପୀଡ଼ିତ ଥିଲି । ଚଲାବୁଲା କଲାବେଳେ ଆଣ୍ଠୁରୁ ଶବ୍ଦ ବାହାରୁଥିବାର ଅନୁଭବ ହେଉଥିଲା । ବନ୍ଧୁଙ୍କ କଥା ମାନି ମୁଁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ଦୈନିକ ସେବନ ଆରମ୍ଭ କଲି । ମୋତେ ଏହାଦ୍ୱାରା ବହୁତ ଲାଭ ମିଳିଲା। ଆଜି ମୁଁ ନିର୍ବିଘ୍ନରେ ବସାଉଠା କରିପାରୁଛି ।

Gujarat — ମୋ ନାମ ଲକ୍ଷ୍ମୀ ବେନ ସୋଲଙ୍କି, ବୟସ ୫୨ ବର୍ଷ। ମୁଁ ସିଲେଇ କାମ କରେ। ଦୁଇ ବର୍ଷ ଧରି ମୋ ଗୋଡ଼ ଓ ଗୋଇଠିରେ ଭୟଙ୍କର ବ୍ୟଥା ରହୁଥିଲା। ପରେ ମୁଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ଜାଣିଲି। ମାତ୍ର ପଚାଶ ଦିନର ବ୍ୟବହାର ଦ୍ୱାରା ମୋତେ ବହୁତ ଓ ଉତ୍ତମ ଉପଶମ ମିଳିପାରିଛି। ଆପଣଙ୍କୁ ଥ୍ୟାଙ୍କସ କହିବାକୁ ଚାହୁଁଛି ।

Haryana — ସଞ୍ଜୁ କୁମାର, ୩୩ ବର୍ଷ, ଲାଇବ୍ରେରିରେ କାମ କରନ୍ତି। ସେ ଲେଖିଛନ୍ତି ଯେ ୩-୪ ବର୍ଷ ଧରି ମୋ କାନ୍ଧ ଓ ବେକରେ ବ୍ୟଥା ରହୁଥିଲା। ଚିକିତ୍ସା ବି କରାଇଲି, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ମୁଁ ଖବରକାଗଜରେ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି । ମୁଁ ନିର୍ଦ୍ଦେଶ ଅନୁଯାୟୀ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ସକାଳେ ଓ ସନ୍ଧ୍ୟାରେ ବ୍ୟବହାର କଲି। ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ।

Uttar Pradesh — ତାରିକ ମେହମୁଦ ୬୬ ବର୍ଷୀୟ ବ୍ୟବସାୟୀ ଅଟନ୍ତି। ସେ ପତ୍ର ଲେଖି ଜଣାଇଛନ୍ତି ଯେ ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା ମୋତେ ଅସ୍ତବ୍ୟସ୍ତ କରି ରଖିଥିଲା। ମହଙ୍ଗା ଔଷଧର ରେଜଲ୍ଟ ମଧ୍ୟ ଶୂନ୍ୟ। କିନ୍ତୁ ଯେବେ ମୁଁ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ପ୍ରୟୋଗ କରିବା ଆରମ୍ଭ କଲି, ମୁଁ ବହୁତ ଭଲ ହୋଇଯାଇଛି। ମୁଁ ମୋର ସମସ୍ତ ପରିଚିତଙ୍କୁ ଡା. ଅର୍ଥୋ ବିଷୟରେ ନିଶ୍ଚୟ କହିଥାଏ।

Gujarat — ଭାସ୍କର ବ୍ରଜଲାଲ ସୋଲଙ୍କି ୭୧ ବର୍ଷୀୟ ଅବସରପ୍ରାପ୍ତ ଅଧ୍ୟାପକ ଅଟନ୍ତି। ସେ ଲେଖିଛନ୍ତି ଯେ ଅନେକ ବର୍ଷ ଧରି ଉଠ-ବସ ହେବା ସମୟରେ ଆଣ୍ଠୁରୁ ଶବ୍ଦ ବାହାରୁଥିଲା ଓ ବିଛଣାରୁ ଉଠିବାର ବଳ ମଧ୍ୟ ରହୁ ନ ଥିଲା। ମୁଁ ଧନ୍ୟବାଦ କହିବାକୁ ଚାହୁଁଛି ଓ ଆପଣଙ୍କ ମାଧ୍ୟମରେ ସମସ୍ତଙ୍କୁ ଜଣାଇବାକୁ ଚାହୁଁଛି ଯେ ଡା. ଅର୍ଥୋ ଆୟୁର୍ବେଦିକ ତେଲ ଓ କ୍ୟାପ୍‌ସୁଲ ନିଶ୍ଚୟ ବ୍ୟବହାର କରିବା ଉଚିତ।

Rajasthan — ଲୋକେଶ କୁମାର ମାଲାଓ୍ୱତ ୨୦ ବର୍ଷ, ସେ ପତ୍ର ଲେଖି ଜଣାଇଛନ୍ତି ଯେ ଏତେ କମ୍ ବୟସରୁ ହିଁ ସେ ବେକ ଯନ୍ତ୍ରଣାରେ ପୀଡ଼ିତ ହୋଇଯାଇଥିଲେ। ଚିକିତ୍ସାରୁ କିଛି ଫରକ ପଡ଼ିଲା ନାହିଁ । କିନ୍ତୁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ଲଗାତର ଦୁଇରୁ ତିନି ମାସ ବ୍ୟବହାର କରିବା ଦ୍ୱାରା ଆଜି ସେ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁଛନ୍ତି ଏବଂ ପୂର୍ବାପେକ୍ଷା ଉତ୍ତମ ଜୀବନ ଯାପନ କରୁଛନ୍ତି ।

Maharashtra — ଶାନ୍ତାରାମ ଛବେସିଙ୍ଗେ ରାଜପୁତ ୬୧ ବର୍ଷୀୟ ରିଟାୟର୍ଡ ପ୍ରଧାନ ଅଧ୍ୟାପକ ଅଟନ୍ତି। ସେ ଲେଖିଛନ୍ତି କି ମୁଁ ତିନି ବର୍ଷ ହେଲା ଗଣ୍ଠି ବ୍ୟଥାକୁ ନେଇ ଦୁଃଖିତ ଥିଲି। ଯେବେ ମୁଁ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖିଲି ତେବେ ସେହିଦିନ ତାକୁ କିଣିଆଣିଲି। ଆଜି ମାତ୍ର ପାଞ୍ଚ ମାସର କମ୍ପ୍ଲିଟ୍ କୋର୍ସ ଦ୍ୱାରା ଅଣ୍ଟା ଓ ଗଣ୍ଠି ବ୍ୟଥାରୁ ବହୁତ ଆରାମ ମିଳିଛି ।

Maharashtra — ଦତ୍ତାତ୍ରେୟ ବିନାୟକ ଦୀକ୍ଷିତ୍ ୬୮ ବର୍ଷୀୟ ସମାଜସେବୀ। ମୁଁ ଅନେକ ସମୟ ଧରି ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା କାରଣରୁ ଦୁଃଖିତ ଥିଲି ଓ ମହଙ୍ଗା ଔଷଧ ମଧ୍ୟ ପ୍ରଭାବହୀନ ଥିଲା। ବୟସ ବଢ଼ିଚାଲିଥିଲା, କିନ୍ତୁ ଯନ୍ତ୍ରଣା କମୁ ନ ଥିଲା। ଦିନେ ମୋ ବନ୍ଧୁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ କହିଲେ । ୪୦ ଦିନ ବ୍ୟବହାର କରିବା ପରେ ମୋ ଯନ୍ତ୍ରଣା ଭଲ ହୋଇଯାଇଛି।

Maharashtra — ବିଜୟ ବସନ୍ତରାଓ ଭୋଁସଲେ, ୭୧ ବର୍ଷୀୟ ରିଟାୟର୍ଡ ଜୀବନ ଜିଉଁଛନ୍ତି। ବିଗତ ୬ ବର୍ଷ ଧରି ତାଙ୍କ ଆଣ୍ଠୁରେ ବ୍ୟଥା ରହୁଥିଲା। ଫୁଲିଯିବା କାରଣରୁ ସେ ଚଲାବୁଲା ମଧ୍ୟ କରିପାରୁ ନ ଥିଲେ। ଦିନେ ଖବରକାଗଜରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖି ସେହିଦିନ ସମ୍ପୂର୍ଣ୍ଣ ସୂଚନା ହାସଲ କରି ଡା. ଅର୍ଥୋ ବ୍ୟବହାର କଲେ । ଆଜି ସେ ବହୁତ ଖୁସି ଅଛନ୍ତି ।

Maharashtra — ଆନନ୍ଦା ଲକ୍ଷ୍ମଣ ଗୁଜଲାଓ୍ୱର ୬୪ ବର୍ଷୀୟ ଅବସରପ୍ରାପ୍ତ କର୍ମଚାରୀ। ବିଗତ ଚାରି-ପାଞ୍ଚ ବର୍ଷ ଧରି ତାଙ୍କ ଆଣ୍ଠୁରେ ବହୁତ ପୀଡ଼ା ରହୁଥିଲା। ଦିନେ ଜଣେ ତାଙ୍କ ପଡ଼ୋଶୀଙ୍କ କଥା ମାନି ସେ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ କଲେ ଏବଂ ଡା.ଅର୍ଥୋ ତେଲର ଦୁଇ-ଦୁଇଟି କ୍ୟାପ୍‌ସୁଲ ତିନି ମାସ ପର୍ଯ୍ୟନ୍ତ ବ୍ୟବହାର କଲେ। ଆଜି ସେ ଖୁସି।

Uttar Pradesh — ମୁମ୍‌ତାଜ ବେଗମ ୬୭ ବର୍ଷୀୟ ହାଉସ୍ ଓ୍ୱାଇଫ୍ ଅଟନ୍ତି। ବିଗତ ୩ ବର୍ଷ ହେଲା ଆଣ୍ଠୁ ଓ ଗୋଡ଼ ବ୍ୟଥା କାରଣରୁ ଚଲାବୁଲା କରିପାରୁ ନ ଥିଲେ। ସବୁ ଚିକିତ୍ସା କରାଇଲେ, କିନ୍ତୁ କିଛି ଫରକ ପଡ଼ିଲା ନାହିଁ। ଦିନେ ଟିଭିରୁ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ଆଡ୍ ଦେଖିଲେ। ସେ ବଜାରରୁ ତାହାକୁ ମଗାଇ ନିର୍ଦ୍ଦେଶ ଅନୁସାରେ ପ୍ରୟୋଗ କଲେ। ଏବେ ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ଉପଶମ ପାଇଛନ୍ତି।

Madhya Pradesh — ପଣ୍ଡିତ ଲକ୍ଷ୍ମୀ ନାରାୟଣ ସତ୍ୟାର୍ଥୀ ୬୪ ବର୍ଷୀୟ ଶିକ୍ଷକ ଓ ଚିକିତ୍ସକ। ସେ ଲେଖନ୍ତି କି ୩-୪ ବର୍ଷ ହେଲା ମୋ ଆଣ୍ଠୁ, କହୁଣି ଓ ହାତରେ ବହୁତ ପୀଡ଼ା ରହୁଥିଲା। ମୁଁ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ୍ କଲି ଓ ଡା.ଅର୍ଥୋର ୨-୨ କ୍ୟାପ୍‌ସୁଲ ସେବନ କଲି। ୫ ମାସ ମଧ୍ୟରେ ହିଁ ମୋତେ ଗଣ୍ଠିର ଭୟଙ୍କର ଯନ୍ତ୍ରଣାରୁ ମୁକ୍ତି ମିଳିଗଲା।

Odisha — ଚନ୍ଦ୍ରମଣି ବେଉରିଆ ୭୧ ବର୍ଷୀୟ ଅବସରପ୍ରାପ୍ତ ବ୍ୟକ୍ତି। ସେ ଲେଖିଛନ୍ତି ଯେ, ସେ ବିଗତ ଅନେକ ବର୍ଷ ଧରି ଗଣ୍ଠି ଯନ୍ତ୍ରଣା କାରଣରୁ ବ୍ୟଥିତ ଥିଲେ। କିନ୍ତୁ ଡା. ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ସନ୍ଧ୍ୟାରେ ହାଲୁକା ହାତରେ ମାଲିସ୍ କଲେ ଓ ଦୈନିକ ଡା.ଅର୍ଥୋର ଦୁଇ-ଦୁଇଟି କ୍ୟାପ୍‌ସୁଲ ସେବନ କରି ତାଙ୍କ ଜୀବନ ପୂର୍ବାପେକ୍ଷା ଉନ୍ନତ ହୋଇଯାଇଛି। ଏଥିପାଇଁ ସେ ଡା.ଅର୍ଥୋକୁ ହାର୍ଦ୍ଦିକ କୃତଜ୍ଞତା ଜଣାଇଛନ୍ତି।

Punjab — ସୋହନ ଲାଲ ଗୁପ୍ତା ୬୮ ବର୍ଷୀୟ ରିଟାୟର୍ଡ ଅଧ୍ୟାପକ ଅଟନ୍ତି। ସେ ଲେଖନ୍ତି ଯେ ବିଗତ ୨ ବର୍ଷ ଧରି କାନ୍ଧ ଓ ଗଣ୍ଠିରେ ଅସହନୀୟ ଯନ୍ତ୍ରଣା ରହୁଥିଲା। ଦିନେ ଟିଭିରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖି ଅତ୍ୟନ୍ତ ପ୍ରଭାବିତ ହେଲି। ମୁଁ ନିର୍ଦ୍ଦେଶ ଅନୁସାରେ ଏହାକୁ ବ୍ୟବହାର କରିବା ଆରମ୍ଭ କଲି। ୨ ମାସରେ ହିଁ ଗଣ୍ଠି ବ୍ୟଥା ଅପେକ୍ଷାକୃତ ଭଲ ହୋଇଯାଇଛି ।

Rajasthan — କଲ୍ୟାଣ ପ୍ରସାଦ ଜୋଷୀଙ୍କୁ ୫୨ ବର୍ଷ ଓ ସେ ପୂଜାପାଠ କରନ୍ତି। ବିଗତ ୩ ବର୍ଷ ଧରି ପିଠି ଓ ଆଣ୍ଠୁର ଯନ୍ତ୍ରଣା କାରଣରୁ ବହୁତ ଚିନ୍ତିତ ଥିଲେ। ଦିନେ ସେ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲେ। ସେ ଏହାକୁ ତିନି ମାସ ବ୍ୟବହାର କଲେ। ସେ ଲେଖନ୍ତି କି ତିନି ମାସରେ ହିଁ ତାଙ୍କର ତିନିବର୍ଷର ଯନ୍ତ୍ରଣା ସମ୍ପୂର୍ଣ୍ଣ ଭଲ ହୋଇଗଲା।

Rajasthan — ରାମକରନ ଖିଂଚି ୭୪ ବର୍ଷୀୟ ଆଣ୍ଠୁ ବ୍ୟଥା କାରଣରୁ ଚିନ୍ତିତ ଥିଲେ। ସବୁ ପ୍ରକାର ଚିକିତ୍ସା କରାଇଲେ କିନ୍ତୁ ବ୍ୟଥା କିଛି ସମୟ ପାଇଁ ବନ୍ଦ ହୋଇ ପୁନର୍ବାର ଆରମ୍ଭ ହୋଇଯାଉଥିଲା। କିନ୍ତୁ ଆୟୁର୍ବେଦିକ ଡା. ଅର୍ଥୋ ତେଲ, କ୍ୟାପ୍‌ସୁଲର ୩-୪ ମାସ ବ୍ୟବହାର ଦ୍ୱାରା ସେ ଆଜି ବହୁତ ସୁସ୍ଥ ହୋଇଯାଇଛନ୍ତି। ଆଜି ତାଙ୍କୁ କୌଣସି ପ୍ରକାର ଇଂରାଜୀ ଔଷଧର ଆବଶ୍ୟକତା ପଡୁନାହିଁ ।

Maharashtra — ଶାନ୍ତାବାଈ ଉତ୍ତମ ରାଓ ବଂସୋଡ଼ ୬୭ ବର୍ଷୀୟ ଗୃହିଣୀ। ସେ ଲେଖନ୍ତି ଯେ ବିଗତ ୧ ବର୍ଷ ଧରି ମୋ ଗୋଡ଼ ଓ ଆଣ୍ଠୁରେ ବହୁତ ପୀଡ଼ା ରହୁଥିଲା। ଡାକ୍ତରଙ୍କୁ ଦେଖାଇଲି କିନ୍ତୁ ଆରାମ ମିଳିଲା ନାହିଁ । ଦିନେ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ, କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ମେଡିକାଲ ଷ୍ଟୋର୍‌ରୁ ମଗାଇଲି। ମାତ୍ର ୨ ମାସରେ ହିଁ ମୋତେ ପୀଡ଼ାରୁ ଉପଶମ ମିଳିଗଲା ।

Rajasthan — ମୋଟ ସିଂହ ୭୬ ବର୍ଷର ଅଟନ୍ତି ଓ ଚାଷବାସ କାମ କରନ୍ତି। ବିଗତ ୧୦ ବର୍ଷ ଧରି ଆଣ୍ଠୁ ବ୍ୟଥା କାରଣରୁ ବ୍ୟଥିତ ଥିଲେ । ମହଙ୍ଗା ଔଷଧ ମଧ୍ୟ ଖାଇଲେ କିନ୍ତୁ ରେଜଲ୍ଟ ଶୂନ୍ୟ । ତାଙ୍କର ଜଣେ ବନ୍ଧୁ ତାଙ୍କୁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବାକୁ ପରାମର୍ଶ ଦେଲେ । ଆୟୁର୍ବେଦିକ ଡା.ଅର୍ଥୋ ଦୈନିକ ବ୍ୟବହାର ଦ୍ୱାରା ଆଜି ତାଙ୍କୁ ଗଣ୍ଠି ବ୍ୟଥାର ସମସ୍ୟା ଆଉ ନାହିଁ ।

Odisha — ମୁଁ ଗୀତା ପ୍ରକାଶ ଚନ୍ଦ୍ର ମିଶ୍ର, ୬୫ ବର୍ଷୀୟ ରିଟାୟର୍ଡ ବ୍ୟାଙ୍କ ମ୍ୟାନେଜର ତଥା କରାଟେରେ ବ୍ଲାକ୍ ବେଲ୍ଟ ଅଟେ । କିନ୍ତୁ ବିଗତ ଦଶ ବର୍ଷ ଧରି ମୋର ଉଭୟ ଆଣ୍ଠୁ ଓ କାନ୍ଧରେ ତୀବ୍ର ଯନ୍ତ୍ରଣା ରହିବାକୁ ଲାଗିଥିଲା । ମୁଁ ଡା.ଅର୍ଥୋ ଆୟୁର୍ବେଦିକ ତେଲ ଗଣ୍ଠି ଓ ଆଣ୍ଠୁରେ ମାଲିସ କଲି ଏବଂ ୨-୨ କ୍ୟାପ୍‌ସୁଲ ସକାଳେ- ସନ୍ଧ୍ୟାବେଳେ ସେବନ କଲି । କିଛି ସପ୍ତାହରେ ହିଁ ଆଜି ମୋତେ ବହୁତ ଆରାମ ମିଳିଯାଇଛି ।

ଜରୁରୀ ସୂଚନା — 'ଡା. ଅର୍ଥୋ'ର ସମସ୍ତ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି ହୋଇଥାଏ। ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ। ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ